# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୪/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, April 4/2025 | Page 14 | ₹ 7.00

୫୧ଶ ଭାଗ ୧୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 129 | ମୂଲ୍ୟ ₹୭/-





“ ନରେନ୍ଦ୍ର ମୋଦି ହେଉଛନ୍ତି ସେହି ପ୍ରଧାନମନ୍ତ୍ରୀ, ଯିଏ ଗୋଟିଏ ଦେଶ ଗୋଟିଏ ଆଇନର କଥା କୁହନ୍ତି। ତାଙ୍କ ସରକାର ଆଇନ ଆଣିବା କ୍ଷେତ୍ରରେ କାହିଁକି ଚୟନାତ୍ମକ ଆଭିମୁଖ୍ୟ ଗ୍ରହଣ କରୁଛନ୍ତି? ସେମାନେ ବିବାଦର ସମାଧାନ କ୍ଷମତା ଜିଲାପାଳଙ୍କୁ କାହିଁକି ଦେଇଛନ୍ତି? ସରକାର ଭିତରେ କୌଣସି ବିବାଦ ଦେଖାଦେଲେ, ତାହା ସରକାର ସମାଧାନ କରିଥାନ୍ତି। ୱାକ୍‌ଫ ବିଲ୍‌ରେ କରାଯାଇଥିବା ବ୍ୟବସ୍ଥା କେତେ ଯଥାର୍ଥ? -କପିଲ ସିବଲ, ରାଜ୍ୟ ସଭା ସଦସ୍ୟ

## ସଂକ୍ଷେପରେ

### ୪୦୦ ଏକର ଜଙ୍ଗଲରେ ଗଛକଟାକୁ ସୁପ୍ରିମକୋର୍ଟଙ୍କ ରୋକ

ହାଇଦ୍ରାବାଦ, ୩।୪

ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲାସ୍ଥିତ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ନିକଟରେ ଥିବା ୪୦୦ ଏକରର କାଞ୍ଚା ଗଚିବ୍‌ୱଲି ଜଙ୍ଗଲରେ ଗଛ କଟାଯିବାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ସହ ନେଇଛନ୍ତି। ଗଛ କଟାଯିବା ପ୍ରକ୍ରିୟାକୁ ତୁରନ୍ତ ବନ୍ଦ କରିବାକୁ ଗୁରୁବାର ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସମ୍ପୃକ୍ତ ଅଞ୍ଚଳରେ କୌଣସି ପ୍ରକାରର ଗଛ କଟାଯିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ତେଲଙ୍ଗାନା ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଘଟଣାସ୍ଥଳକୁ ଯାଇ ତୁରନ୍ତ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିବାକୁ ଜଷ୍ଟିସ୍ ବି.ଆର୍. ଗଭାଇ ଓ ଜଷ୍ଟିସ୍ ଆଗଷ୍ଟିନ୍ ଜର୍ଜ ମସୀହଙ୍କ ଖଣ୍ଡପୀଠ ତେଲଙ୍ଗାନା ହାଇକୋର୍ଟଙ୍କ ରେଜିଷ୍ଟ୍ରାର (ଜୁଡିସିଆଲ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ କାଞ୍ଚା ଗଚିବ୍‌ୱଲି ଜଙ୍ଗଲରେ ଗଛ କଟାଯିବାକୁ ବିରୋଧ କରି ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗୁରୁବାର ଅନଶନ ଆରମ୍ଭ କରିଛନ୍ତି। ଜଙ୍ଗଲକୁ ସଫା କରାଯିବା ପାଇଁ ନିୟୋଜିତ ମେଶିନକୁ ଘଟଣାସ୍ଥଳରୁ ହଟାଯିବା ଦାବିରେ ସେମାନେ ଅନଶନ କରିଛନ୍ତି।

### ତୁର୍କୀରେ ଫସିଛନ୍ତି ୨୦୦ ଭାରତୀୟ ଯାତ୍ରୀ

**ବିମାନର ଜରୁରୀ ଅବତରଣ**

ନୂଆଦିଲ୍ଲୀ, ୩।୪

ମେଡିକାଲ ଏମର୍ଜେନ୍ସି କାରଣରୁ ଲଣ୍ଡନରୁ ମୁମ୍ବାଇ ଅଭିମୁଖେ ଆସୁଥିବା ଭର୍ଜିନ୍ ଆଟଲାଣ୍ଟିକ୍‌ର ଏକ ବିମାନକୁ ତୁର୍କୀର ଡିୟାରବାକିର ଏୟାରପୋର୍ଟରେ ଜରୁରୀ ଅବତରଣ କରାଯାଇଛି। ଫଳରେ ୨୦୦ରୁ ଊର୍ଦ୍ଧ୍ୱ ଭାରତୀୟ ଯାତ୍ରୀ ୧୬ ଘଣ୍ଟାରୁ ଅଧିକ ସମୟ ହେଲା ଉକ୍ତ ବିମାନବନ୍ଦରରେ ଫସିରହିଛନ୍ତି। ଉକ୍ତ ଏୟାରପୋର୍ଟ ବିମାନ ପରିଚାଳନା ପାଇଁ ଉପଯୁକ୍ତ ନୁହେଁ। ଅବତରଣ ସମୟରେ ବିମାନରେ ବୈଷୟିକ ତ୍ରୁଟି ଥିବା ଯାତ୍ରୀମାନଙ୍କୁ କୁହାଯାଇଥିଲା। ତେବେ ଭୟଭୀତ କାରଣରୁ ଜଣେ ଯାତ୍ରୀଙ୍କୁ ପ୍ୟାନିକ୍ ଆଟାକ ହେବାରୁ ବିମାନକୁ ଜରୁରୀ ଅବତରଣ କରାଯାଇଥିବା ଜଣାପଡ଼ିଥିଲା। ଅଟକି ରହିଥିବା ଯାତ୍ରୀମାନଙ୍କ ସୁବିଧା ପାଇଁ ବିମାନ ବନ୍ଦର କର୍ତ୍ତୃପକ୍ଷ ଓ ଅନ୍ୟ ଅଧିକାରୀମାନଙ୍କ ସହ ତୁର୍କୀସ୍ଥିତ ଭାରତୀୟ ଦୂତାବାସ ଯୋଗାଯୋଗ କରିଛି।

### ଆମେରିକାରୁ ଆମଦାନୀ ଗାଡ଼ି ଉପରେ ୨୫% ଟାରିଫ ଲଗାଇଲା କାନାଡା

ନୂଆଦିଲ୍ଲୀ, ୩।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର କାନାଡା ସମେତ ୧୮୦ ଦେଶ ଉପରେ ରେସିପ୍ରୋକାଲ ଟାରିଫ ବା ପାରସ୍ପରିକ ଶୁଳ୍କ ଲଗାଇଥିଲେ। ଗୁରୁବାର ଏହାର ପ୍ରତି ଜବାବରେ ଆମେରିକାରୁ ଆମଦାନୀ ହେଉଥିବା କେତେକ ଯାନବାହନ ଉପରେ କାନାଡା ୨୫% ଟାରିଫ ଲଗାଇଛି। ଆମେରିକା–ମେକ୍ସିକୋ–କାନାଡା ବାଣିଜ୍ୟିକ ଚୁକ୍ତିରେ ଆସୁ ନ ଥିବା ସମସ୍ତ ଯାନବାହନ ଉପରେ ୨୫% ଟାରିଫ ଲାଗୁ କରାଯାଇଥିବା ନେଇ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନେ ଘୋଷଣା କରିଛନ୍ତି। କାର୍ନେଙ୍କ ଏହି ଟାରିଫ୍ ଘୋଷଣାକୁ ନେଇ ଉଭୟ ଆମେରିକା ଓ କାନାଡା ମଧ୍ୟରେ ବାଣିଜ୍ୟିକ ଉତ୍ତେଜନା ବୃଦ୍ଧି ପାଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

### କୂଅରେ ବିଷାକ୍ତ ଗ୍ୟାସ୍: ୮ ମୃତ

ଖଣ୍ଡୱା, ୩।୪

ମଧ୍ୟପ୍ରଦେଶର ଖଣ୍ଡୱା ଜିଲା ଅନ୍ତର୍ଗତ କୋଣ୍ଡାଭାଟ ଗ୍ରାମରେ ଗୁରୁବାର କୂଅ ସଫା କରିବାକୁ ଯାଇଥିବା ୮ ଜଣ ଲୋକ ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ବାର୍ଷିକ ଗଙ୍ଗୌର ମାତା ଉତ୍ସବ ଚାଲିଥିବାରୁ ମୂର୍ତ୍ତି ବିସର୍ଜନ ପାଇଁ କୂଅ ସଫା କରିବାକୁ ପ୍ରଥମେ ୫ ଜଣ ପ୍ରବେଶ କରିଥିଲେ। ସେମାନେ କୂଅରୁ ନ ବାହାରିବାରୁ ଅନ୍ୟ ୩ ଜଣ ଭିତରକୁ ଯାଇଥିଲେ। ତେବେ ସମସ୍ତେ କୂଅରେ ଫସିଯାଇଥିଲେ ବୋଲି ଖଣ୍ଡୱା ଜିଲାପାଳ ରିଶଭ ଗୁପ୍ତା ଓ ଏସ୍‌ପି ମନୋଜ କୁମାର ରାୟ କହିଛନ୍ତି। କୂଅରୁ ବିଷାକ୍ତ ଗ୍ୟାସ୍ ନିର୍ଗତ ହେଉଥିବାରୁ ସେମାନଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ କର୍ମଚାରୀ, ସ୍ଥାନୀୟ ପୋଲିସର ଦୀର୍ଘ ୪ ଘଣ୍ଟାର ଉଦ୍ୟମ ସତ୍ତ୍ୱେ କାହାକୁ ଉଦ୍ଧାର କରାଯାଇ ପାରି ନ ଥିଲା। ଶେଷରେ ସେମାନଙ୍କ ମୃତଦେହକୁ ବାହାର କରାଯାଇଥିଲା। କୂଅଟି ପ୍ରାୟ ବର୍ଷେ ହେଲା ବ୍ୟବହୃତ ନ ହୋଇ ପରିତ୍ୟକ୍ତ ଥିବାରୁ ସେଥିରେ ବିଷାକ୍ତ ଗ୍ୟାସ୍ ସୃଷ୍ଟି ହୋଇଥିଲା।



ମୁମ୍ବାଇର ହାଣ୍ଡିୱାଲା ମସ୍‌ଜିଦରେ ଇସ୍‌ଲାମିକ୍ ଉଲେମାମାନେ ୱାକ୍‌ଫ ସଂଶୋଧନ ବିଲ୍ ବିରୋଧରେ ବିକ୍ଷୋଭ କରୁଛନ୍ତି।



କୋଲକାତାରେ କଂଗ୍ରେସ କର୍ମୀ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ନୀତୀଶ, ନାଇଡୁଙ୍କୁ କିପରି ମନାଇଲା ଭାଜପା

## ୱାକ୍‌ଫ ବିଲ୍


ନୀତୀଶ କୁମାର


ଏନ୍. ଚନ୍ଦ୍ରବାବୁ ନାଇଡୁ

ନୂଆଦିଲ୍ଲୀ, ୩।୪

ଦୀର୍ଘ ୨୭ ଘଣ୍ଟା ଧରି ବିତର୍କ ଚାଲିବା ପରେ ସଂସଦର ଅନୁମୋଦନ ଲାଭ କରିଥିବା ୱାକ୍‌ଫ ସଂଶୋଧନ ବିଧେୟକ, ୨୦୨୫କୁ ନେଇ ଶେଷ ପର୍ଯ୍ୟନ୍ତ ସସ୍‌ପେନ୍ସ ଜାରି ରହିଥିଲା। ଗୁରୁବାର ବିଳମ୍ବିତ ରାତିରେ ସହଯୋଗୀ ଦଳଗୁଡ଼ିକର ସମର୍ଥନ କ୍ରମେ ଏହା ପାରିତ ହୋଇଥିଲା। ଦେଖିବାକୁ ଗଲେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ପାରମ୍ପରିକ ଭାବେ ମୁସଲମାନ ଭୋଟ ବ୍ୟାଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ। ଏନ୍‌ଡିଏ ସରକାରରେ ସାମିଲ ଥିବା ଏହି ୨ ସହଯୋଗୀ ଦଳ ଏକକ ଦେୱାନୀ ସଂହିତା (ୟୁସିସି) ସମେତ ମୁସଲମାନଙ୍କ ସ୍ୱାର୍ଥରକ୍ଷା କଥା ଉଠିଲେ ଭାଜପାଠାରୁ ଭିନ୍ନମତ ପୋଷଣ କରିଥାଆନ୍ତି। ତେବେ ୱାକ୍‌ଫ ସଂଶୋଧନ ବିଲ୍ ପ୍ରସଙ୍ଗରେ ଭାଜପା ଉଭୟ ଟିଡିପି ଏବଂ ଜେଡିୟୁର ସମର୍ଥନ ହାସଲ କରିବାରେ କିପରି ସକ୍ଷମ ହେଲା ସେନେଇ ବର୍ତ୍ତମାନ ଚର୍ଚ୍ଚା ଜାରି ରହିଛି। ଟିଡିପି ଏବଂ ଜେଡିୟୁ ବିବାଦୀୟ ୱାକ୍‌ଫ ସଂଶୋଧନ ବିଲ୍‌କୁ ସମର୍ଥନ କରିବା ରାଜନୈତିକ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ୨୦୨୪ ଅଗଷ୍ଟରେ ଲୋକ ସଭାରେ ୱାକ୍‌ଫ ବିଲ୍ ଆଗତ କରାଯିବା ପୂର୍ବରୁ କେନ୍ଦ୍ରର ବରିଷ୍ଠ ମନ୍ତ୍ରୀମାନେ ଏହାର ଗୁରୁତ୍ୱ ସମ୍ପର୍କରେ ୨ ଦଳକୁ ଅବଗତ କରାଇଥିଲେ। ସେମାନେ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି ଏବଂ ଜୟନ୍ତ ଚୌଧରୀଙ୍କ ରାଷ୍ଟ୍ରୀୟ ଲୋକ ଦଳ ସହ ମଧ୍ୟ ପରାମର୍ଶ କରିଥିଲେ। ବିରୋଧୀ ଦଳଗୁଡ଼ିକ ୱାକ୍‌ଫ ବିଲ୍‌କୁ ଧ୍ରୁବୀକରଣର ଅସ୍ତ୍ର ଭାବେ ଅଭିହିତ କରୁଥିବାବେଳେ ଭାଜପା ବିଲ୍‌ର ଆବଶ୍ୟକତା ସମ୍ପର୍କରେ ସହଯୋଗୀ ଦଳଗୁଡ଼ିକୁ ବୁଝାଇଥିଲା। ଏଥିସହ ମୁସଲମାନ ସମ୍ପ୍ରଦାୟର ସ୍ୱାର୍ଥ ସୁରକ୍ଷା ଏବଂ ମହିଳାଙ୍କ ଅଧିକାର ସୁନିଶ୍ଚିତ କରାଯିବା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲା। ୱାକ୍‌ଫ ସମ୍ପତ୍ତି ଓ ରାଜ୍ୟ ସରକାରଙ୍କ ଅଧିକାରରେ ହସ୍ତକ୍ଷେପକୁ ନେଇ ଅଂଶୀଦାର ଦଳଗୁଡ଼ିକ ଚିନ୍ତାବ୍ୟକ୍ତ କରିବାରୁ ଏହାକୁ ଜେପିସିକୁ ପଠାଯାଇଥିଲା। ଜେପିସି ଏଥିରେ ୧୪ଟି ସଂଶୋଧନକୁ ଗ୍ରହଣ କରିଥିଲା। ସଂଶୋଧନ ଭିତରେ ଜେଡିୟୁ ଏବଂ ଟିଡିପିର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରହିଥିଲା। ଜେଡିୟୁ ଜୋର୍ ଦେଇ କହିଥିଲା, ମସ୍‌ଜିଦ, ଦରଘା ଓ ଅନ୍ୟ ମୁସଲିମ୍ ଧର୍ମପୀଠଗୁଡ଼ିକ ଉପରେ ନୂଆ ଆଇନକୁ ପିଛିଲା ଭାବେ ଲାଗୁକରା ନ ଯାଉ। ସେହିପରି ଟିଡିପି ୱାକ୍‌ଫ ସମ୍ପତ୍ତି ଉପରେ ରାଜ୍ୟର ସ୍ୱାୟତ୍ତତା ବଜାୟ ରଖିବା ପାଇଁ ଜିଦ୍ ଧରିଥିଲା। ସଂଶୋଧିତ ବିଲ୍‌ରେ ଏହା ସନ୍ନିବେଶିତ କରାଯାଇଥିବାରୁ ଟିଡିପି, ଜେଡିୟୁ, ଏଲ୍‌ଜେପି, ଆର୍‌ଏଲ୍‌ଡି ଏବଂ ହିନ୍ଦୁସ୍ଥାନ ଆୱାମ ମୋର୍ଚ୍ଚା ଉକ୍ତ ବିଲ୍‌କୁ ସମର୍ଥନ କରିଥିଲେ।

### ଦ୍ୱନ୍ଦ୍ୱର ମଞ୍ଜି ବୁଣୁଛି ଭାଜପା: ଖାର୍ଗେ

ୱାକ୍‌ଫ ସଂଶୋଧନ ବିଲ୍ ଜରିଆରେ ଭାଜପା ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ହଇରାଣ କରିବା ପାଇଁ ଲକ୍ଷ୍ୟ ରଖିଛି। ୧୯୯୫ ଆଇନରେ ପରିବର୍ତ୍ତନ ଅଣାଯାଇଥିଲେ ତାହା ଗ୍ରହଣୀୟ ହୋଇଥାନ୍ତା। ବର୍ତ୍ତମାନର ବିଲ୍‌ରେ କିଛି ନ ଥିବାରୁ ଏହାକୁ ଲୋକେ ବିରୋଧ କରୁଛନ୍ତି। ଶାସକ ଦଳ ଉକ୍ତ ବିଲ୍‌କୁ ମୁସଲମାନ ସମ୍ପ୍ରଦାୟର ବିଭିନ୍ନ ବର୍ଗଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟିକାରୀ ବିଜ ବୁଣୁଛି ବୋଲି ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ସମାଲୋଚନା କରିଥିଲେ। ସେହିପରି ୱାକ୍‌ଫ ସମ୍ପତ୍ତି ପରିଚାଳନା ପାଇଁ ଉଦ୍ଦିଷ୍ଟ ବୋର୍ଡରେ ଅଣମୁସଲିମ୍‌ମାନଙ୍କୁ ସଦସ୍ୟ ରୂପେ ସ୍ଥାନ ଦେବା ଦୁର୍ଭାଗ୍ୟଜନକ। ରାମମନ୍ଦିର ଟ୍ରଷ୍ଟ ଓ ତିରୁପତି ମନ୍ଦିର ଟ୍ରଷ୍ଟ ଭଳି ହିନ୍ଦୁ ଟ୍ରଷ୍ଟଗୁଡ଼ିକରେ ମୁସଲମାନମାନଙ୍କୁ ରଖାଯାଉ ନ ଥିବାବେଳେ ୱାକ୍‌ଫ ବୋର୍ଡରେ ଅନ୍ୟ ଧର୍ମର ଲୋକଙ୍କୁ କାହିଁକି ସାମିଲ ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ସେ ପ୍ରଶ୍ନ କରିଥିଲେ।

### ବିଲ୍‌କୁ ନେଇ ମୁସଲମାନ ସମ୍ପ୍ରଦାୟ ଚିନ୍ତିତ: ମୁନା ଖାଁ



ନୂଆଦିଲ୍ଲୀ, ୩।୪

କେନ୍ଦ୍ର ସରକାର ଗୁରୁବାର ରାଜ୍ୟ ସଭାରେ ଆଗତ କରିଥିବା ୱାକ୍‌ଫ ସଂଶୋଧନ ବିଧେୟକ, ୨୦୨୫କୁ ନେଇ ମୁସଲମାନ ସମ୍ପ୍ରଦାୟର ଲୋକେ ଚିନ୍ତିତ ହୋଇପଡ଼ିଥିବା ରାଜ୍ୟ ସଭାରେ ବିଜେଡି ସଦସ୍ୟ ମୁଜିବୁଲ୍ଲା (ମୁନା) ଖାଁ କହିଛନ୍ତି। ବିଲ୍ ସମ୍ପର୍କିତ ବିତର୍କ ବେଳେ ମୁନା କହିଥିଲେ, ୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ 'ସବ୍‌କା ସାଥ୍ ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ' ସ୍ଲୋଗାନ ଦେଇଥିଲେ। ବର୍ତ୍ତମାନ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ କାହିଁକି ଅବିଶ୍ୱାସ ଭାବ ଭରିହୋଇଯାଇଛି। ଏହି ବିଲ୍ ମୋଦି ସରକାରଙ୍କ ଉପରୋକ୍ତ ସ୍ଲୋଗାନର ପରିପନ୍ଥୀ। ମୁସଲିମ୍‌ମାନଙ୍କ ମଧ୍ୟରେ ରହିଥିବା ଭୟର ବାତାବରଣକୁ ସରକାର ଦୂର କରି ଦେଶରେ ସମାନ ନାଗରିକତ୍ୱର ଭାବନା ସୃଷ୍ଟି କରିବା ଉଚିତ ବୋଲି ମୁନା ମତ ଦେବା ସହ ବିଜେଡିର ଧର୍ମନିରପେକ୍ଷ ଓ ସମାବେଶୀ ସିଦ୍ଧାନ୍ତ ଆଧାରରେ ଦଳ ବିଲ୍‌କୁ ବିରୋଧ କରିବ ବୋଲି କହିଥିଲେ।

### ବିଲ୍‌କୁ ଦେବେଗୌଡ଼ାଙ୍କ ସମର୍ଥନ

ୱାକ୍‌ଫ ସଂଶୋଧନ ବିଲ୍‌କୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ମୁଖ୍ୟ ଏଚ୍.ଡି. ଦେବେଗୌଡ଼ା ସମର୍ଥନ କରିଛନ୍ତି। ରାଜ୍ୟ ସଭାରେ ଦେବେଗୌଡ଼ା କହିଛନ୍ତି, ଏହି ବିଲ୍ ଗରିବ ମୁସଲମାନମାନଙ୍କ ସ୍ୱାର୍ଥକୁ ସୁରକ୍ଷା ଦେଉଛି। ଏଥିରେ ସଂଖ୍ୟାଲଘୁଙ୍କ ଧର୍ମୀୟ କାର୍ଯ୍ୟକଳାପ ଉପରେ କୌଣସି ପ୍ରକାର ହସ୍ତକ୍ଷେପ କରାଯାଇ ନାହିଁ। ବରଂ ରାଜସ୍ୱ ଓ ପ୍ରଶାସନିକ ବ୍ୟାପାର ସହ ଏହା ଜଡ଼ିତ।



### ସୁପ୍ରିମକୋର୍ଟ ଯିବ ଡିଏମ୍‌କେ

ଚେନ୍ନାଇ, ୩।୪

ୱାକ୍‌ଫ ସଂଶୋଧନ ବିଲ୍‌କୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ଦୃଢ଼ ବିରୋଧ କରିବା ସହ ଏହା ବିରୋଧରେ ତାଙ୍କ ଦଳ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିବ ବୋଲି କହିଛନ୍ତି। ବୁଧବାର ଲୋକ ସଭାରେ ୱାକ୍‌ଫ ବିଲ୍ ଗୃହୀତ ହୋଇଥିବାବେଳେ ଗୁରୁବାର ତାମିଲନାଡୁ ବିଧାନସଭାରେ ଡିଏମ୍‌କେ ଏବଂ ଏହାର ସହଯୋଗୀ ଦଳର ସଦସ୍ୟମାନେ ଏହାକୁ ବିରୋଧ କରି କଳା ବ୍ୟାଜ୍ ପରିଧାନ କରିଥିଲେ। କେନ୍ଦ୍ର ସରକାର ୱାକ୍‌ଫ ବିଲ୍‌କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିନେବାକୁ ନିବେଦନ କରି ଗତ ସପ୍ତାହରେ ତାମିଲନାଡୁ ବିଧାନସଭାରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଭାଜପା ବ୍ୟତୀତ ଅନ୍ୟ ସବୁ ଦଳର ସଦସ୍ୟମାନେ ଉକ୍ତ ପ୍ରସ୍ତାବକୁ ସମର୍ଥନ କରିଥିଲେ। ଏହି ବିଲ୍ ଦେଶରେ ଧର୍ମୀୟ ସଦ୍‌ଭାବନାକୁ ବ୍ୟାଘାତ କରିବା ସହ ମୁସଲମାନ ସମ୍ପ୍ରଦାୟକୁ ପ୍ରଭାବିତ କରିବ। ସଂଖ୍ୟାଧିକ ରାଜନୈତିକ ଦଳର ବିରୋଧ ଏବଂ ପ୍ରସ୍ତାବ ଗୃହୀତ ହେବା ସତ୍ତ୍ୱେ ଲୋକ ସଭାରେ ବିଲ୍ ଗୃହୀତ ହେବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଷ୍ଟାଲିନ୍ କହିଛନ୍ତି।


ଏମ୍.କେ. ଷ୍ଟାଲିନ୍

### ୧୦୦ ମୂଷା ଖାଇ ହଜ୍‌କୁ ଗଲା ବିଲେଇ: ଗିରିରାଜ ସିଂ

ୱାକ୍‌ଫ ସଂଶୋଧନ ବିଲ୍‌କୁ ବିରୋଧ କରୁଥିବା କଂଗ୍ରେସକୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ଗୁରୁବାର କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ୨୦୧୩ରେ ବିଲ୍ ସଂଶୋଧନ ବେଳେ କଂଗ୍ରେସ କରିଥିବା ଭୁଲ୍‌କୁ ୱାକ୍‌ଫ ସମ୍ପତ୍ତିର ଉପଯୁକ୍ତ ପରିଚାଳନା ସକାଶେ ବର୍ତ୍ତମାନର ଏନ୍‌ଡିଏ ସରକାର ସୁଧାରୁଛନ୍ତି। କଂଗ୍ରେସ ପାର୍ଟିର ଇତିହାସ ଅନ୍ଧାର ରହିଥିଲା। ୨୦୧୩ରେ ନିର୍ବାଚନକୁ ଦୃଷ୍ଟିରେ ରଖି ସେମାନେ ଲୁଟେନ୍ସ ଦିଲ୍ଲୀରେ ରାତାରାତି ୱାକ୍‌ଫକୁ ୧୨୩ ସମ୍ପତ୍ତି ଦେଇଥିଲେ। ଏଥିରୁ ବୁଝାପଡୁଛି, ତୁଷ୍ଟୀକରଣ ରାଜନୀତିର ସୀମା କିଏ ଉଲ୍ଲଂଘନ କରିଛି। କଂଗ୍ରେସର ଆଚରଣ ବିରାଡ଼ି ୧୦୦ ମୂଷା ଖାଇ ହଜ୍ ଯାତ୍ରାରେ ଯିବା ସଦୃଶ ବୋଲି ଗିରିରାଜ ସମାଲୋଚନା କରିଛନ୍ତି।

## ରଣନୈତିକ ସହଭାଗିତା ସ୍ତରକୁ ବଢ଼ିବ ଭାରତ–ଥାଇଲାଣ୍ଡ ସମ୍ପର୍କ: ମୋଦି


ବ୍ୟାଙ୍କକ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଥାଇଲାଣ୍ଡ ପ୍ରତିପକ୍ଷ ପାଏଟୋଙ୍ଗ୍‌ଟାର୍ନ ଶିନାୱାତ୍ରା ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି।

ବ୍ୟାଙ୍କକ୍, ୩।୪

ଭାରତ ଏବଂ ଥାଇଲାଣ୍ଡ ସେମାନଙ୍କ ସମ୍ପର୍କକୁ ରଣନୈତିକ ସହଭାଗିତା ସ୍ତରକୁ ବଢ଼ାଇବା ପାଇଁ ଗୁରୁବାର ରାଜି ହୋଇଛନ୍ତି। ଭାରତ–ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଉଭୟ ଦେଶ ସ୍ୱାଧୀନ, ମୁକ୍ତ, ସମାବେଶୀ ଏବଂ ସ୍ୱାଧୀନ ଅନ୍ତର୍ଜାତୀୟ ନିୟମ କାର୍ଯ୍ୟକାରୀ ଚାହୁଁଥିବା ତଥା ବିସ୍ତାର ନୁହେଁ, ବିକାଶ ନୀତି ଉପରେ ବିଶ୍ୱାସ କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ପ୍ରତିନିଧି ସ୍ତରୀୟ ଆଲୋଚନାରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବଢ଼ାଇବା ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ଏହା ପରେ ଥାଇଲାଣ୍ଡ ପ୍ରତିପକ୍ଷ ପାଏଟୋଙ୍ଗ୍‌ଟାର୍ନ ଶିନାୱାତ୍ରାଙ୍କ ସହ ମୋଦି ମିଳିତ ଖବରଦାତା ସମ୍ମିଳନୀକୁ ଉପରୋକ୍ତ ସୂଚନା ଦେଇଛନ୍ତି। ଭାରତର ଉତ୍ତରପୂର୍ବାଞ୍ଚଳ ଏବଂ ଥାଇଲାଣ୍ଡ ମଧ୍ୟରେ ପର୍ଯ୍ୟଟନ, ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ରରେ ସହଯୋଗ ବଢ଼ାଇବାକୁ ଉଭୟ ଦେଶ ଗୁରୁତ୍ୱ ଦେଇଛନ୍ତି। ସେହିପରି ପାରସ୍ପରିକ ବାଣିଜ୍ୟ, ପୁଞ୍ଜିନିବେଶ ବଢ଼ାଇବା ଏବଂ ବ୍ୟବସାୟିକ ଆଦାନପ୍ରଦାନ ଉପରେ ଆଲୋଚନା ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏମ୍‌ଏସ୍‌ଏମ୍‌ଇ, ହସ୍ତତନ୍ତ ଏବଂ ହସ୍ତଶିଳ୍ପରେ ସହଯୋଗ ବୃଦ୍ଧି ନେଇ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଭାରତର 'ଆକ୍ଟ ଇଷ୍ଟ' ନୀତି ଏବଂ ଇଣ୍ଡୋ–ପାସିଫିକ୍ ଦୃଷ୍ଟିକୋଣରେ ଥାଇଲାଣ୍ଡର ସ୍ୱତନ୍ତ୍ର ସ୍ଥାନ ରହିଥିବା ମୋଦି କହିଛନ୍ତି। ମୋଦିଙ୍କ ଗସ୍ତ ଅବସରରେ ଥାଇଲାଣ୍ଡ ସରକାର ଅଷ୍ଟାଦଶ ଶତାବ୍ଦୀର ରାମାୟଣ ଭିତ୍ତିଚିତ୍ର ଆଧାରିତ ସ୍ୱତନ୍ତ୍ର ଡାକ ଟିକେଟ ଜାରି କରିଥିବାବେଳେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଶିନାୱାତ୍ରା ମୋଦିଙ୍କୁ ତ୍ରିପିଟକ ଭେଟି ଦେଇଛନ୍ତି।

### ଇସ୍ରାଏଲର ମିଶାଇଲ ମାଡ଼: ୫୫ ପାଲେଷ୍ଟିନୀୟ ମୃତ

ଡେର୍ ଅଲ୍ ବଲାହ୍, ୩।୪

ଗାଜା ଷ୍ଟ୍ରିପ୍‌ରେ ବୁଧବାର ମଧ୍ୟରାତ୍ରରେ ଇସ୍ରାଏଲର ମିଶାଇଲ ମାଡ଼ ଯୋଗୁ ୫୫ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଛି। ନାସେର ହସ୍ପିଟାଲରେ ୧୪ ମୃତଦେହ ଥିବାବେଳେ ଖାନ୍‌ୟୁନୁସ୍ ସ୍ଥିତ ୟୁରୋପିଆନ ହସ୍ପିଟାଲକୁ ୧୯ ମୃତଦେହ ଆସିଛି। ଗାଜା ସିଟିର ଅହଲି ହସ୍ପିଟାଲରେ ୨୧ ମୃତଦେହ ଥିବାବେଳେ ସେଥିମଧ୍ୟରୁ ୭ ଶିଶୁଙ୍କର ମୃତଦେହ ଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି।

## ଟ୍ରମ୍ପଙ୍କ ୨୬% ଟାରିଫ୍‌ର ପ୍ରଭାବ ଅନୁଧ୍ୟାନ କରୁଛି କେନ୍ଦ୍ର

ନୂଆଦିଲ୍ଲୀ, ୩।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତରୁ ଆମଦାନି ଦ୍ରବ୍ୟ ଓ ସେବା ଉପରେ ୨୬% ପାଲଟା ଶୁଳ୍କ ଲଗାଇଛନ୍ତି। ଭାରତୀୟ ରପ୍ତାନି ଉପରେ ଆମେରିକା ଟାରିଫ୍‌ର କି ପ୍ରକାର ପ୍ରଭାବ ପଡ଼ିବ, ତାହାର ଅନୁଧ୍ୟାନ କରାଯାଉଥିବା ଗୁରୁବାର କେନ୍ଦ୍ର ସରକାର କହିଛନ୍ତି। ଭାରତୀୟ ଶିଳ୍ପ ଏବଂ ରପ୍ତାନିକାରୀଙ୍କ ସମେତ ସମସ୍ତ ଷ୍ଟେକ୍‌ହୋଲ୍ଡରଙ୍କ ସହ ବିଚାରବିମର୍ଶ କରାଯାଇ ଟାରିଫ୍‌ଜନିତ ସ୍ଥିତି ଆକଳନ ସମ୍ପର୍କରେ ସେମାନଙ୍କ ମତାମତ ନିଆଯାଉଥିବା ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ କହିଛି। ଟ୍ରମ୍ପ ବୁଧବାର ରେସିପ୍ରୋକାଲ ଟାରିଫ୍ ଉପରେ ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ, ସମସ୍ତ ବାଣିଜ୍ୟ ସହଯୋଗୀଙ୍କ ଉପରେ ମୂଲ୍ୟ ଅନୁଯାୟୀ ୧୦ରୁ ୫୦% ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଲଗାଯାଇଛି। ୫ରୁ ବେସ୍‌ଲାଇନ ଶୁଳ୍କ ଲାଗୁ ହେବାକୁ ଥିବାବେଳେ ୯ରୁ ଅବଶିଷ୍ଟ ଦେଶଗୁଡ଼ିକ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଶୁଳ୍କ ଲାଗୁ କରାଯିବ। ଭାରତୀୟ ସାମଗ୍ରୀ ଉପରେ ୨୬% ଅତିରିକ୍ତ ଶୁଳ୍କ ଲାଗୁ ହୋଇଥିବାବେଳେ ଔଷଧ, ସେମିକଣ୍ଡକ୍ଟର ଏବଂ ଶକ୍ତିଉତ୍ପାଦ ଆଦି କେତେକ ସେକ୍ଟରକୁ ଶୁଳ୍କରୁ ମୁକ୍ତ କରାଯାଇଛି। ଟ୍ରମ୍ପ ଚାଇନା ଉପରେ ୩୪% ଟିକସ ଲଗାଇଥିବାବେଳେ ପାକିସ୍ତାନ ଉପରେ ୨୯%, ୟୁରୋପୀୟ ୟୁନିୟନ ଉପରେ ୨୦%, ଦକ୍ଷିଣ କୋରିଆ ଉପରେ ୨୫% ଶୁଳ୍କ ଲଗାଇଛନ୍ତି।

## ବିଦାହେଲେ ପଶ୍ଚିମବଙ୍ଗର ୨୫,୭୫୩ ଶିକ୍ଷକ

**ନିଯୁକ୍ତି ରଦ୍ଦ କଲେ ସୁପ୍ରିମକୋର୍ଟ**

ନୂଆଦିଲ୍ଲୀ/କୋଲକାତା, ୩।୪ (ପି.ଟି.)

ପଶ୍ଚିମବଙ୍ଗର ସରକାରୀ ଏବଂ ରାଜ୍ୟ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ୨୫,୭୫୩ ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟ ଗୁରୁବାର ରଦ୍ଦ କରିଛନ୍ତି। ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତି ଲାଗି ପଶ୍ଚିମବଙ୍ଗ ସ୍କୁଲ୍ ସର୍ଭିସ୍ କମିଶନଙ୍କ ଅଧୀନରେ ହୋଇଥିବା ସମ୍ପୂର୍ଣ୍ଣ ଚୟନ ପ୍ରକ୍ରିୟା କଳୁଷିତ ଓ ଭ୍ରଷ୍ଟ ବୋଲି ସର୍ବୋଚ୍ଚ ଅଦାଲତ କହିଥିବାବେଳେ ମମତା ବାନାର୍ଜୀଙ୍କ ସରକାରଙ୍କୁ ବଡ଼ ଝଟକା ଲାଗିଛି।

ସିଜେଆଇ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ କୋଲକାତା ହାଇକୋର୍ଟଙ୍କ ୨୦୨୪ ଏପ୍ରିଲ ୨୨ ତାରିଖର ରାୟକୁ ବଳବତ୍ତର ରଖିବା ସହ ୩ ମାସ ମଧ୍ୟରେ ସାନି ଚୟନ ପ୍ରକ୍ରିୟା ଆରମ୍ଭ କରିବାକୁ ତୃଣମୂଳ କଂଗ୍ରେସ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ରାୟରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ। ଠକାମି କରି ଏଭଳି ନିଯୁକ୍ତି ଦିଆଯାଇଥିବାରୁ ତାହା ରଦ୍ଦ ହେଲା ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ଖଣ୍ଡପୀଠଙ୍କ ମତରେ ସମ୍ପୂର୍ଣ୍ଣ ପ୍ରକ୍ରିୟା କଳୁଷିତ। ଏଥିରେ ବ୍ୟାପକ ଜାଲିଆତି ହୋଇଥିବା ବେଳେ ତାହାକୁ ଘୋଡ଼ାଇବାକୁ ଉଦ୍ୟମ ହୋଇଥିଲା। ଫଳରେ ଚୟନ ପ୍ରକ୍ରିୟା ପୂର୍ଣ୍ଣ ମାତ୍ରାରେ ନଷ୍ଟ ହୋଇଯାଇଛି, ଯାହାକୁ ସୁଧାରି ହେବ ନାହିଁ। ଯେଉଁ ପ୍ରାର୍ଥୀମାନେ ନିର୍ଦ୍ଦିଷ୍ଟ ଭାବେ ଦୋଷୀ ପ୍ରମାଣିତ ହୋଇନାହାନ୍ତି, ସେମାନେ ବହୁବର୍ଷ ଧରି ପାଇଥିବା ବେତନ ଫେରାଇବାକୁ ପଡ଼ିବ ନାହିଁ। ତେବେ ସେମାନଙ୍କୁ ସେବାରୁ ବହିଷ୍କାର କରାଯିବ। ସମ୍ପୂର୍ଣ୍ଣ ପରୀକ୍ଷା ପ୍ରକ୍ରିୟା ଏବଂ ଫଳାଫଳ ବ୍ୟର୍ଥ ଘୋଷିତ ହୋଇଥିବାରୁ କୌଣସି ପ୍ରାର୍ଥୀ ନିଯୁକ୍ତ ହୋଇପାରିବେ ନାହିଁ।


ମମତା ବାନାର୍ଜୀ

### ଅଦାଲତଙ୍କ ରାୟ ଗ୍ରହଣୀୟ ନୁହେଁ: ମମତା

ହାଇକୋର୍ଟଙ୍କ ପୂର୍ବ ରାୟକୁ ମମତା ବାନାର୍ଜୀଙ୍କ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ଉକ୍ତ ରାୟକୁ ଗୁରୁବାର କାଏମ ରଖିଥିବାବେଳେ ଏହାକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ମମତା କହିଛନ୍ତି। ମମତା କହିଛନ୍ତି, ୨୫,୭୫୩ ଶିକ୍ଷକଙ୍କ ନିଯୁକ୍ତିକୁ ରଦ୍ଦ କରାଯିବା ରାୟ ଗ୍ରହଣୀୟ ନୁହେଁ। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ସର୍ବୋଚ୍ଚ ଅଦାଲତ ରଦ୍ଦ କରିବା ଫଳରେ ପାଖାପାଖି ୨୬ ହଜାର ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ଅଡୁଆ ବଢ଼ିଛି। ଏଭଳି ସ୍ଥିତି ପାଇଁ ଦାୟୀ ମୁଖ୍ୟମନ୍ତ୍ରୀ ମମତା ତୁରନ୍ତ ଇସ୍ତଫା ଦିଅନ୍ତୁ ଓ ତାଙ୍କୁ ଗିରଫ କରାଯାଉ ବୋଲି ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଦାବି କରିଛନ୍ତି।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୪/୨୦୨୫ Bhubaneswar, Friday, April 4/2025




କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ ତ୍ରିଲୋଚନପୁରଠାରେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥକୁ ଗୁରୁବାର ହାଇୱା, ଟିପ୍ପର ସଂଘ ପକ୍ଷରୁ ୩ଦଫା ଦାବିରେ ଅବରୋଧ ଯୋଗୁ ଗାଡ଼ିମୋଟର ଅଟକି ରହିଛି।

# ବିଜେଡିର ବଦଳ ବେପାର

**ୱାକ୍‌ଫ ସଂଶୋଧନ ବିଲ୍‌କୁ ସକାଳେ କହିଲେ ନା, ସନ୍ଧ୍ୟାରେ କହିଲେ ହଁ**

**ବୁଧବାର ଲୋକ ସଭାରେ ପାରିତ ଏହି ବିବାଦୀୟ ବିଲ୍ ସଂଖ୍ୟାଲଘୁ ମୁସଲମାନମାନଙ୍କ ଅଧିକାର ଛଡ଼ାଇନେବ ବୋଲି ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକ ରାଜ୍ୟ ସଭାରେ ଏହା ବିରୋଧରେ ଭୋଟ ଦେବାକୁ ନିଷ୍ପତ୍ତି ନେଇଥିବାବେଳେ ବିଜେଡି ମଧ୍ୟ ସେମାନଙ୍କ ସହ ଏକମତ ହୋଇଥିଲା। ଉଚ୍ଚ ସଦନରେ ବିତର୍କ ଆରମ୍ଭରେ ବିଜେଡି ବିଲ୍ ବିରୋଧରେ ଭୋଟ ଦେବ ବୋଲି କହିଥିଲା। କିନ୍ତୁ ସନ୍ଧ୍ୟା ହେବାବେଳକୁ ବିଜେଡି ମତରେ ହଠାତ୍ ପରିବର୍ତ୍ତନ ଆସିଥିବା ଦେଖିବାକୁ ମିଳିଥିଲା। ଦଳ ପକ୍ଷରୁ ହୁଇପ୍ ଜାରି କରାଯାଇନାହିଁ। ରାଜ୍ୟ ସଭାରେ ଦଳର ସଦସ୍ୟମାନେ ନିଜ ବିବେକାନୁମୋଦିତ ଭୋଟ ଦେବେ ବୋଲି ବିଜେଡି ପକ୍ଷରୁ କୁହାଯାଇଥିଲା। ଘଡ଼ିକେ ଘୋଡ଼ା ଛୁଟିଲା ଭଳି ଦଳୀୟ ଆଭିମୁଖ୍ୟରେ ଏଭଳି ପରିବର୍ତ୍ତନକୁ ଦେଖି ଅନେକେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ବିରୋଧ ପରିବର୍ତ୍ତେ ସମର୍ଥନ କରିବା ଭଳି ନୀତି ଦଳ କାହିଁକି ଆପଣାଇଲା, ତା'ର ଭିତିରି ରହସ୍ୟ ଖୋଜିବାରେ ଲାଗିଛନ୍ତି ରାଜନୈତିକ ବିଶ୍ଳେଷକ।**

ଭୁବନେଶ୍ୱର,୩।୪(ସୁନିତ୍ ମିଶ୍ର)

ୱାକ୍‌ଫ୍ ବିଲ୍ ରାଜ୍ୟ ସଭାରେ ପାରିତହେବା ପୂର୍ବରୁ ବିଜେଡିର ରାଜନୈତିକ ଚରିତ୍ର ଆଉ ଥରେ ପଦାରେ ପଡ଼ିଯାଇଛି। ରାଜ୍ୟ ସଭାରେ ୱାକ୍‌ଫ୍ ବିଲ୍ ଉପରେ ସକାଳବେଳା ଚାଲିଥିବା ଆଲୋଚନାରେ ଭାଗନେଇ ବିଜେଡି ଏମ୍‌ପି ମୁଜିବୁଲ୍ଲା (ମୁନ୍ନା) ଖାଁ ଏହାକୁ ବିରୋଧ କରିଥିଲେ। ମୁନ୍ନା ଏହି ବିଲ୍ ବିରୋଧରେ ପ୍ରବଳ ଯୁକ୍ତି ମଧ୍ୟ ରଖିଥିଲେ। ହେଲେ ସନ୍ଧ୍ୟା ବେଳକୁ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ୱାକ୍‌ଫ୍ ବିଲ୍‌କୁ ନେଇ ତାଙ୍କ 'ଏକ୍ସ'ରେ କରିଥିବା ପୋଷ୍ଟ ଦେଖିବା ପରେ ପୁଣି ଥରେ ବିଜେଡି ଆଭିମୁଖ୍ୟକୁ ନେଇ ସବୁଆଡ଼ୁ ସମାଲୋଚନା ଆରମ୍ଭ ହୋଇଯାଇଛି। ଜଣଙ୍କ ସ୍ୱାର୍ଥକୁ ରକ୍ଷା କରିବା ଲାଗି ବିଜେଡିକୁ ରାଜ୍ୟ ସଭାରେ ଆଉ ଥରେ ବିକ୍ରି କରିଦିଆଗଲା ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ନିକଟରେ ଜଣେ ମହିଳା ଆଇଏଏସ୍ ଅଫିସର ଭିଆର୍‌ଏସ୍ ନେଇଛନ୍ତି, ଯିଏ ବିଜେଡି ସରକାର ସମୟରେ ବହୁ କ୍ଷମତାଶାଳୀ ଥିଲେ। ତାଙ୍କ ଭିଆର୍‌ଏସ୍ ଆବେଦନକୁ କେନ୍ଦ୍ରର ଏନ୍‌ଡିଏ ସମର୍ଥିତ ଭାଜପା ସରକାର କିନ୍ତୁ ତୁରନ୍ତ ଗ୍ରହଣ କରିନେଇଛନ୍ତି, ଯାହା ରାଜ୍ୟ ଭାଜପାର ବହୁ ନେତାଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରିଥିବା କଥା କୁହାଯାଉଛି। କିଛିଦିନ ତଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦିଲ୍ଲୀ ଯିବା, ସେଠାରୁ ଫେରିବା ମାତ୍ରେ ଉକ୍ତ ମହିଳା ଆଇଏଏସ୍ ଅଧିକାରୀଙ୍କ ଭିଆର୍‌ଏସ୍ ଆବେଦନ ତୁରନ୍ତ ଗ୍ରହଣ କରାଯିବା ବିଷୟ ସମସ୍ତେ ଅଳ୍ପ ବହୁତେ ବୁଝୁଥିଲେ। ☞ପୃଷ୍ଠା-୨

## ବିଲ୍‌କୁ ବିରୋଧ, ୨ ଜେଡିୟୁ ନେତାଙ୍କ ଇସ୍ତଫା

**ପାଟନା,୩।୪:** ୱାକ୍‌ଫ ସଂଶୋଧନ ବିଲ୍‌କୁ ସଂଯୁକ୍ତ ଜନତା ଦଳ (ଜେଡିୟୁ) ସମର୍ଥନ ଜଣାଇବା ପରେ ଏହାର ୨ ଜଣ ବରିଷ୍ଠ ନେତା ଗୁରୁବାର ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ମହମ୍ମଦ କାସିମ୍ ଅନ୍‌ସାରୀ ଏବଂ ମହମ୍ମଦ ନୱାଜ ମଲିକ। ବିଭିନ୍ନ ମହଲରୁ ୱାକ୍‌ଫ ବିଲ୍‌କୁ ବିରୋଧ କରାଯାଉଥିବାବେଳେ ବୁଧବାର ଲୋକ ସଭାରେ ଏହା ଉପରେ ଭୋଟ ବେଳେ ଏନ୍‌ଡିଏ ସହଯୋଗୀ ଜେଡିୟୁ ବିଲ୍ ସପକ୍ଷରେ ମତ ଦେଇଥିଲା। ଦଳର ସମର୍ଥନରେ ଆମେ ସହମତ ନୋହୁଁ ବୋଲି ଅନ୍‌ସାରୀ ଏବଂ ମଲିକ୍ କହିଛନ୍ତି। ସେମାନେ ଦଳର ନେତା ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନିକଟକୁ ଇସ୍ତଫାପତ୍ର ପଠାଇ ଦେଇଛନ୍ତି।

## ସମ୍ପତ୍ତି ଘୋଷଣା କରିବେ ସୁପ୍ରିମକୋର୍ଟ ବିଚାରପତି

ନୂଆଦିଲ୍ଲୀ,୩।୪



ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ସୁପ୍ରିମକୋର୍ଟର ସମସ୍ତ ୩୩ ବିଚାରପତି ନିଜ ନିଜ ସମ୍ପତ୍ତି ପରିମାଣ ଘୋଷଣା କରିବାକୁ ଯାଉଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନାଙ୍କ ନିକଟରେ ବିଚାରପତିମାନେ ସମ୍ପତ୍ତିର ବିବରଣୀ ପ୍ରଦାନ କରିବା ପରେ ଏନେଇ ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ। ଏପ୍ରିଲ ୧ରେ ପୂର୍ଣ୍ଣ ଅଦାଲତରେ ଏହି ନିଷ୍ପତ୍ତି ନିଆଯାଇଥିବା ସୂତ୍ରରୁ ଜଣାପଡ଼ିଛି। ତେବେ ଏହି ସଂକଳ୍ପନାମାର କପି ଏଯାଏ ସାର୍ବଜନୀନ ହୋଇନାହିଁ। ଗତ ମାର୍ଚ୍ଚ ୧୪ ରାତିରେ ଦିଲ୍ଲୀ ହାଇକୋର୍ଟର ତତ୍କାଳୀନ ବିଚାରପତି ଯଶୱନ୍ତ ବର୍ମାଙ୍କ ଘରେ ନିଆଁ ଲାଗିଥିବାବେଳେ ଅଗ୍ନିଶମ ବାହିନୀ ଲିଭାଇବାକୁ ଯାଇଥିଲେ। ସେଠାରେ ସେମାନେ ବିପୁଳ ପରିମାଣର ୫୦୦ ଟଙ୍କିଆ ନୋଟ୍ ଜଳିଯାଉଥିବା ଦେଖିଥିଲେ। ଏହି ପ୍ରସଙ୍ଗକୁ ନେଇ ବିବାଦ ହେବାରୁ ପରେ ତାଙ୍କୁ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି କରାଯାଇଛି। ଏହି ଘଟଣା ନ୍ୟାୟପାଳିକାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ସୁପ୍ରିମକୋର୍ଟ ବିଚାରପତିମାନଙ୍କ ସମ୍ପତ୍ତି ଘୋଷଣା କରାଯିବା ନେଇ ନିଷ୍ପତ୍ତି ହୋଇଛି। ଉଲ୍ଲେଖଯୋଗ୍ୟ, ୧୯୯୭ରେ ସୁପ୍ରିମକୋର୍ଟରେ ଏକ ପୂର୍ଣ୍ଣ ଅଦାଲତରେ ବିଚାରପତିମାନଙ୍କ ସମ୍ପତ୍ତି ଘୋଷଣା କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ତତ୍କାଳୀନ ସିଜେଆଇ ଜେ.ଏସ୍. ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏସମ୍ପର୍କିତ ସଂକଳ୍ପନାମା ପାରିତ ହୋଇଥିଲା। ପ୍ରତ୍ୟେକ ବିଚାରପତି ନିଜ, ସ୍ତ୍ରୀ/ସ୍ୱାମୀ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଓ ନିବେଶର ପରିମାଣ ସମ୍ପର୍କିତ ତଥ୍ୟ ସିଜେଆଇଙ୍କ ନିକଟରେ ଦାଖଲ କରିବେ ବୋଲି ଉକ୍ତ ସଂକଳ୍ପନାମାରେ ଉଲ୍ଲେଖ କରାଯାଇଥିଲା। ତେବେ ୨୦୧୮ ପରଠୁ ବ୍ୟକ୍ତିଗତ ଗୋପନୀୟତା ଆଳରେ ଆଉ ସମ୍ପତ୍ତି ଘୋଷଣା କରାଯାଇ ନାହିଁ। ୨୦୧୯ରେ ସୁପ୍ରିମକୋର୍ଟ ଏକ ରାୟରେ କହିଥିଲେ, ବିଚାରପତିମାନଙ୍କ ବ୍ୟକ୍ତିଗତ ସମ୍ପତ୍ତି ଓ ଋଣ ସମ୍ପର୍କିତ ତଥ୍ୟ ବ୍ୟକ୍ତିଗତ ସୂଚନା ନୁହେଁ।

ଆଜିର ସମ୍ପାଦକୀୟ
ଇସ୍ରାଏଲ ଯୁଦ୍ଧ ଅନ୍ତରାଳେ

## ମୁସ୍‌ଲିମ୍‌ଙ୍କ ଅଧିକାର ଛଡ଼ାଇନେବ ନାହିଁ ୱାକ୍‌ଫ ବିଲ୍: କେନ୍ଦ୍ର

ନୂଆଦିଲ୍ଲୀ,୩।୪

ୱାକ୍‌ଫ (ସଂଶୋଧନ) ବିଧେୟକ, ୨୦୨୫ ମୁସଲମାନମାନଙ୍କ ଅଧିକାରଗୁଡ଼ିକୁ ଛଡ଼ାଇନେବ ବୋଲି ବିରୋଧୀ ଆଣୁଥିବା ଅଭିଯୋଗକୁ ଗୁରୁବାର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଖଣ୍ଡନ କରିଛନ୍ତି। ଲୋକ ସଭାରେ ୱାକ୍‌ଫ (ସଂଶୋଧନ) ବିଲ୍ ପାରିତ ହେବାର ଦିନକ ପରେ ରାଜ୍ୟ ସଭାରେ ଉକ୍ତ ବିଧେୟକକୁ ଆଗତ କରି ରିଜିଜୁ କହିଛନ୍ତି, ଏହା ଏକ ସମାବେଶୀ ବିଲ୍। ଏଥିରେ ମୁସଲିମ ମହିଳାଙ୍କ ସଶକ୍ତୀକରଣ ଲକ୍ଷ୍ୟ ରଖାଯାଇଛି। ସେହିପରି ମୁସଲମାନ ସମ୍ପ୍ରଦାୟର ସବୁ ବର୍ଗଙ୍କ ଅଧିକାର ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

ଲୋକ ସଭାରେ ବୁଧବାର ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିତର୍କ ଚାଲିବା ପରେ ବିଳମ୍ବିତ ରାତିରେ ୱାକ୍‌ଫ ସଂଶୋଧନ ବିଲ୍ ୨୮୮-୨୩୨ ଭୋଟରେ ପାରିତ ହୋଇଥିଲା। ଉଚ୍ଚ ସଦନରେ ବିଲ୍‌କୁ ବିରୋଧ କରି କେତେଜଣ ବିପକ୍ଷ ସଦସ୍ୟ କଳାବ୍ୟାଜ୍ ପରିଧାନ କରିଥିଲେ। ବିଲ୍ ଆଗତ କରି ରିଜିଜୁ କହିଥିଲେ, ☞ପୃଷ୍ଠା-୨

## ଭୁବନେଶ୍ୱରରେ ଦୁଇ ଲୁଟେରାଙ୍କୁ ଏନ୍‌କାଉଣ୍ଟର





ଭୁବନେଶ୍ୱର,୩।୪(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଟଙ୍କପାଣି ବ୍ରିଜ୍ ନିକଟ ବାଙ୍କୁଆଳ ବାଲିଯାତ୍ରା ପଡ଼ିଆ ପାଖରେ ଗୁରୁବାର ରାତିରେ ପୋଲିସ ଏନ୍‌କାଉଣ୍ଟରରେ ଦୁଇ ଆନ୍ତଃରାଜ୍ୟ ଲୁଟେରା ଆହତ ହୋଇଛନ୍ତି। ସେମାନେ ହେଲେ ବିହାର କଟିଆର ଜିଲାର ମନୀଷ ☞ପୃଷ୍ଠା-୨

## ୨୨ ବର୍ଷ ପରେ ରାତି ପାହିଗଲା

ଭୁବନେଶ୍ୱର,୩।୪(ସୁନିତ୍ ମିଶ୍ର)

- **ସରିଲା ସପ୍ତଦଶ ବିଧାନସଭାର ୩ୟ ଅଧିବେଶନ**
- **୨୦୦୩ ନଭେମ୍ବର ୧୦ରୁ ୧୧ ସକାଳ ୮ଟା ପର୍ଯ୍ୟନ୍ତ ଚାଲିଥିଲା**
- **ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଏବଂ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ, ୨୦୨୫ ବିଲ୍ ପାରିତ**

ସପ୍ତଦଶ ବିଧାନସଭାର ୩ୟ ଅଧିବେଶନକୁ ଗୁରୁବାର ଭୋର୍ ସମୟରେ ବାଚସ୍ପତି ସୁରମା ପାଢ଼ୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ବୁଧବାର ଅପରାହ୍ଣରେ ଗୃହ ଆରମ୍ଭହେବା ମାତ୍ରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଏବଂ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ, ୨୦୨୫ ବିଲ୍ ଆଗତ କରାଯାଇଥିଲା। ଏହି ୨ ବିଲ୍ ଉପରେ ଆଲୋଚନା ପ୍ରାୟ ସାଢେ ୧୫ ଘଣ୍ଟା ଧରି ଚାଲିଥିଲା। ଗୃହ ବନ୍ଦ ହେଲା ବେଳକୁ ସକାଳ ୭ଟା ବାଜି ୬ ମିନିଟ୍ ହୋଇଥିଲା। ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଉପରେ କେବଳ ସାଢେ ୧୨ ଘଣ୍ଟା ଆଲୋଚନା ହୋଇଥିଲା। ଏହି ବିଲ୍ ଆଲୋଚନା ସମୟରେ ବିରୋଧୀ-ଶାସକ କେହି କାହାକୁ ଛାଡ଼ିବା ସ୍ଥିତିରେ ନ ଥିଲେ। ବିଧାନସଭା ସଦସ୍ୟ ଏବଂ କର୍ମଚାରୀମାନଙ୍କ ☞ପୃଷ୍ଠା-୨

## ମଣିଷ ନ ଥାଇ ଟିକସ

ୱାଶିଂଟନ, ୩।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ଭାରତ ସମେତ ଅନେକ ଦେଶ ଉପରେ ରେସିପ୍ରୋକଲ ଟାରିଫ୍ ବା ଟିକସ ଲଗାଇଛନ୍ତି। ତେବେ ଟ୍ରମ୍ପ୍ ଆଣ୍ଟାର୍କଟିକା ନିକଟ ମେନ୍‌ଲାଣ୍ଡ ଅଷ୍ଟ୍ରେଲିଆର ହର୍ଡ ଆଣ୍ଡ୍ ମାକ୍‌ଡୋନାଲ୍ଡ ଦ୍ୱୀପରେ ମଧ୍ୟ ୧୦% ଟାରିଫ୍ ଲଗାଇଛନ୍ତି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଠାରେ କେହି ମଣିଷ ରୁହନ୍ତି ନାହିଁ। ଅଷ୍ଟ୍ରେଲୀୟ ଟେରିଟୋରିରେ ସାମିଲ ଥିବାରୁ ଟ୍ରମ୍ପ୍‌ଙ୍କ ଟାରିଫ୍ ତାଲିକାରେ ଏହି ଦ୍ୱୀପକୁ ଯୋଡ଼ା ଯାଇଛି ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଅଷ୍ଟ୍ରେଲୀୟ ସରକାରଙ୍କ ଦ୍ୱାରା ପରିଚାଳିତ ହର୍ଡ ଆଣ୍ଡ୍ ମାକ୍‌ଡୋନାଲ୍ଡ ଦ୍ୱୀପକୁ ପୃଥିବୀର ସବୁଠାରୁ ନିର୍ଜନ ସ୍ଥାନ କୁହାଯାଇଥାଏ। ଅଷ୍ଟ୍ରେଲିଆର ବାହ୍ୟ ଅଞ୍ଚଳରେ ଥିବା ଏହି ଦ୍ୱୀପରେ ମଣିଷ ରୁହନ୍ତି ନାହିଁ ବରଂ ଏହା ପେଙ୍ଗୁଇନ୍, ସିଲ୍ ପରି ବିଭିନ୍ନ ପ୍ରକାରର ପ୍ରଜାତିଙ୍କ ଆଶ୍ରୟସ୍ଥଳୀ। ହର୍ଡ ଆଣ୍ଡ୍ ମାକ୍‌ଡୋନାଲ୍ଡ ଦ୍ୱୀପର ଅଧିକାଂଶ ଅଞ୍ଚଳ ଗ୍ଲେସିୟର ଦ୍ୱାରା ଆଚ୍ଛାଦିତ। ଅଷ୍ଟ୍ରେଲିଆର ପଶ୍ଚିମ ଉପକୂଳରେ ଥିବା ପର୍ଥ ସହରରୁ ବୋଟ୍ ଯୋଗେ ଏହି ଦ୍ୱୀପରେ ପହଞ୍ଚିବାକୁ ପ୍ରାୟ ୨ ସପ୍ତାହ ଲାଗିବ। ତେବେ ଗତ ପ୍ରାୟ ଦଶନ୍ଧି ଧରି ଏହି ଦ୍ୱୀପରେ କୌଣସି ମଣିଷଙ୍କ ପାଦ ପଡ଼ିନାହିଁ। ତେବେ ହର୍ଡ ଆଣ୍ଡ୍ ☞ପୃଷ୍ଠା-୨



ହର୍ଡ ଆଣ୍ଡ୍ ମାକ୍‌ଡୋନାଲ୍ଡ ଦ୍ୱୀପ



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଶହୀଦ ରଘୁ-ଦିବାକର ସ୍ମୃତି ସଂସଦ ପକ୍ଷରୁ ଶହୀଦ ରଘୁ ଦିବାକରଙ୍କ ୮୫ତମ ଫାଶୀ ଦିବସ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଜନକଲ୍ୟାଣ ନିକଟସ୍ଥ ପ୍ରତିମୂର୍ତ୍ତିସ୍ଥଳ, ୟୁନିଟ୍-୯, ସମୟ: ସକାଳ ୯ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ନାମଫଳକ ଅଭିଯାନ, ସ୍ଥାନ: ରସୁଲଗଡ଼ ଛକସ୍ଥିତ ସୁବାସ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିସ୍ଥଳ, ସମୟ: ଅପରାହ୍ନ ୫ଟା।
- ପୁସ୍ତକ ପାଠକାର୍ପଣ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଚିର ସଂଧାନର ମିଳିତ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଉଦ୍‌ଯାପନ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଭୁବନେଶ୍ୱର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ନୃତ୍ୟାୟନ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଗଙ୍ଗାଧର ମେହେର ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଶତବାର୍ଷିକୀ ପୂର୍ତ୍ତି ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡି ୩୩ ସୋର୍ଟ୍ସଆରେନାର ଉନ୍ମୋଚନ, ସ୍ଥାନ: ଓଡି ୩୩ ସୋର୍ଟ୍ସଆରେନା, ପଥରଗାଡ଼ିଆ, ସମୟ: ସନ୍ଧ୍ୟା ୭ଟା।

**କଟକ**
- ୫୪ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ଷ୍ଟଡି ସର୍କଲ ସମ୍ମିଳନୀ ଉଦ୍‌ଘାଟନ, ସ୍ଥାନ: କଟକ ମାତୃଭବନ ପରିସର, ସମୟ: ଅପରାହ୍ନ ୫ଟା ୩୦।
- ନାଟ୍ୟ ନିର୍ଦ୍ଦେଶକ ଉମେଶ ଦାଶଙ୍କ ନିର୍ଦ୍ଦେଶିତ ନାଟକ ମୁଖାଗ୍ନି ପରିବେଷଣ, ସ୍ଥାନ: ଜନତା ରଙ୍ଗମଞ୍ଚ, ବାଙ୍କାବଜାର, ସମୟ: ସନ୍ଧ୍ୟା ୭ଟା ୩୦।

**ଖୋର୍ଦ୍ଧା**
- ଶ୍ରୀରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସକାଳ ୭ଟା।
- ପ୍ରବଚନ, ଜ୍ଞାନଯଜ୍ଞ ଓ ଆଧ୍ୟାତ୍ମିକ ସମାରୋହ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦।

**ବାଲେଶ୍ୱର**
- ମା' ବାସନ୍ତୀ ଦୁର୍ଗା ପୂଜା ଉତ୍ସବ ଓ ଆଞ୍ଚଳିକ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: କୁଲିଗାଁ କଲେଜ ପଡ଼ିଆ, ରେମୁଣା, ସମୟ: ଦିବସବ୍ୟାପୀ।
- ମା' ବାସନ୍ତୀ ଦୁର୍ଗାଙ୍କ ସପ୍ତମୀ ପୂଜା, ସ୍ଥାନ: ଓଡ଼ିଆ ଶାସନ ବାସନ୍ତୀ ମଣ୍ଡପ, ରୂପସା, ସମୟ: ଦିବସବ୍ୟାପୀ।

**ଭଦ୍ରକ**
- ଶ୍ରୀରାମ କମିଟିର କଳସ ଶୋଭାଯାତ୍ରା, ସ୍ଥାନ: ଚାନ୍ଦବାଲି, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ଯଜ୍ଞ, ଚଣ୍ଡୀପାଠ, ସ୍ଥାନ: ଓଲଡାଙ୍ଗ ମଙ୍ଗଳା ମନ୍ଦିର, ବନ୍ତ, ସମୟ: ସକାଳ ୮ଟା।
- କଳସ ଶୋଭାଯାତ୍ରା, ସ୍ଥାନ: ରଘୁପୁର ଅଯୋଧ୍ୟା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ଗିଧିବସା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଢେଙ୍କିକୋଟ୍, ସମୟ: ସକାଳ ୯ଟା।

**ମୟୂରଭଞ୍ଜ**
- ରାଜାଲୋକା ତାରକ କ୍ଷେତ୍ର ଶ୍ରୀରାମ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ ଉପଲକ୍ଷେ ବିଗ୍ରହଙ୍କ ମହାସ୍ନାନ ଓ କଳସ ଶୋଭାଯାତ୍ରା,ସ୍ଥାନ: ରାଜାଲୋକା ରାମ ମନ୍ଦିର ପ୍ରାଙ୍ଗଣ, ଖାରପୋଖରିଆ,ସମୟ: ସକାଳ ୭ଟା।

**ବ୍ରହ୍ମପୁର**
- ଓଡିଆ ନାମ ଫଳକ ଅଭିଯାନ ସଚେତନତା ପଦଯାତ୍ରା,ସ୍ଥାନ: ରେଲୱେ ଷ୍ଟେଶନ,ସମୟ: ସକାଳ ୬ଟା ୩୦।

**ଗଞ୍ଜାମ**
- ଚବିଶି ପ୍ରହର ଅଖଣ୍ଡ ନାମଯଜ୍ଞ ଆରମ୍ଭ, ସ୍ଥାନ: ଶତୃସୋଲ ବୁଗୁଡ଼ା, ସମୟ: ସକାଳ ୭ ଟା।
- ଓଡ଼ିଆ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା, ସ୍ଥାନ: ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ, ସମୟ : ସକାଳ ୮ ଟା।

**ଗଜପତି**
- ପିଏମ୍ ଶ୍ରୀ ହେଲଥ କ୍ୟାମ୍ପ, ସ୍ଥାନ:ଏସଏସ୍‌ଡି ହାଇସ୍କୁଲ ମୋହନା, ସମୟ: ସକାଳ ୭ଟା।

**ଢେଙ୍କାନାଳ**
- ଢେଙ୍କାନାଳ ଜିଲା ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ଜିଲା ଓକିଲ ସଂଘ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା।

**କେନ୍ଦ୍ରାପଡ଼ା**
- ଖବରଦାତା ନାରାୟଣ ସାହାଣୀଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ହୋଟେଲ ଗୌରୀଶଙ୍କର, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

**ଯାଜପୁର**
- ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜିକରଣ ଆରମ୍ଭ,ସ୍ଥାନ : ଜନଶୁଣାଣି ପୋର୍ଟାଲ ଜରିଆରେ, ସମୟ : ପୂର୍ବାହ୍ନ ୧୧ଟା।

**ନୟାଗଡ଼**
- ୧୫ ଦିନିଆ ଦଣ୍ଡପର୍ବର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡ଼ା, ସିଦ୍ଧାମୂଳା, ରୟତ ଢ଼ୋଲମରା, ସମୟ: ଅପରାହ୍ନ ୨ଟା।
- ବାସନ୍ତୀକ ଦୁର୍ଗାପୂଜା, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଜଗନ୍ନାଥ ପ୍ରସାଦର ଦରଦା ଗାଁ, ସମୟ: ସକାଳ ୯ଟା।

**ରାୟଗଡ଼ା**
- ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଜିସିଡି ହାଇସ୍କୁଲ, ରାୟଗଡ଼ା, ସମୟ: ୮ଟା ।

**ନବରଙ୍ଗପୁର**
- ଓଡ଼ିଆ ନାମ ଫଳକ ଅଭିଯାନ ଓ ସଚେତନତା ପଦଯାତ୍ରା ଶୁଭାରମ୍ଭ, ସ୍ଥାନ: ଉମରକୋଟ, ସମୟ: ସକାଳ ୮ଟା।

**କୋରାପୁଟ**
- ଶାବର ଶ୍ରୀକ୍ଷେତ୍ରରେ ମା ବିମଳାଙ୍କ କାଳରାତ୍ରି ବେଶ, ସ୍ଥାନ:ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ: ସକାଳ ୭ଟା।
- ପ୍ରବେଶ ଉତ୍ସ ତୃତୀୟ ଦିନ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ପୂଜାରୀପୁଟ ବିଦ୍ୟାଳୟ, ସମୟ: ସକାଳ ୮ଟା।

**ମାଲକାନଗିରି**
- ଓଡ଼ିଆ ପକ୍ଷ ପାଳନ ସଚେତନତା ପଦଯାତ୍ରା, ସ୍ଥାନ:ବସ୍‌ଷ୍ଟାଣ୍ଡରୁ ଡିଏନ୍‌କେ ଖେଳ ପଡିଆ,ସମୟ:ସକାଳ ୮ ଟା ।

**ସମ୍ବଲପୁର**
- ସମ୍ବଲପୁର ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ସମାରୋହ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୯ଟା।
- ଶ୍ରୀଶ୍ରୀ ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଅବସରରେ ସୁନ୍ଦରାକାଣ୍ଡ, ସ୍ଥାନ: ଭତରାସ୍ଥିତ ଶଙ୍କର ମଠ ପରିସର, ସ୍ଥାନ: ପୂର୍ବାହ୍ନ ୧୧ଟା।

**ବଲାଙ୍ଗୀର**
- ଓଡ଼ିଆ ସାଇନ୍ ବୋର୍ଡ ପ୍ରଦର୍ଶନ ସଚେତନତା ରାଲି, ସ୍ଥାନ: ଡିଭିଜନାଲ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୬ଟା।

**ରାଉରକେଲା**
- ଚଇତି ଛଟ୍ ପୂଜାର ସନ୍ଧ୍ୟା ସକାଳ ଆରତୀ, ସ୍ଥାନ: କୋଏଲ ନଦୀ ଗୁପ୍ତୁଟୋଲା ଘାଟ, ସମୟ: ଭୋର୍ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଘଟ ସ୍ଥାପନ ଉତ୍ସବ, ସ୍ଥାନ: ସେକ୍ଟର-୧୬ ଦୁର୍ଗାପୁଜା ପଡିଆ, ସମୟ: ସକାଳ ୭ଟା।

**ବରଗଡ଼**
- ସମଲେଶ୍ୱରୀଙ୍କ ବାସନ୍ତିକ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସରକାରୀ ସ୍ତରରୁ ପ୍ରାପ୍ୟରେ ବାଧା ଉପୁଜିବା କାରଣକୁ ନେଇ ମାନସିକ ଅସ୍ଥିରତା ଦେଖାଦେବ। ବାରମ୍ବାର ଭ୍ରମଣ ହେତୁକ ଶାରୀରିକ ଅସୁସ୍ଥତା ହେବାର ସୂଚନା ରହିଛି। କୃତ୍ତିକା ନକ୍ଷତ୍ର କିଣା ବିକା ସମୟରେ ଜିନିଷ ପତ୍ର ପ୍ରତି ସତର୍କ ରହିବା ଭଲ ହେବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ, କିନ୍ତୁ ସଚେତନତା ଜରୁରୀ।

**ବୃଷ** ବିରକ୍ତିଭାବକୁ ରୁକ୍ଷଭାଷାରେ ପ୍ରୟୋଗ କରିବାରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ଆଜି ତରବରିଆ ପଦକ୍ଷେପ ନେଲେ ହଇରାଣ ହୋଇପାରନ୍ତି। ରୋହିଣୀ ନକ୍ଷତ୍ର ଆର୍ଥିକ ସମସ୍ୟା ଦୂର ହେବ, କିନ୍ତୁ କରଜ କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେ ଜଟିଳ ମନେ କରୁଛନ୍ତି ସେପରି କିଛି ହେବନି।

**ମିଥୁନ** ଶାରୀରିକ ଅସୁସ୍ଥତା ସାଙ୍ଗକୁ ମାନସିକ ଅସ୍ଥିରତା ପରିଲକ୍ଷିତ ହେବ। କିନ୍ତୁ ଯେକୌଣସି ପରିସ୍ଥିତିରେ ରହନ୍ତୁନା କାହିଁକି, ବିଜୟ ପ୍ରାପ୍ତି ନିଶ୍ଚିତ। ନିକଟତର ବନ୍ଧୁମାନେ ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ଆର୍ଦ୍ରା ନକ୍ଷତ୍ର ଆବଶ୍ୟକ ମନେକରୁଥିବା ଅର୍ଥ ଯଥା ସମୟରେ ପାଇବା ହେତୁ ଖୁସି ହେବେ।

**କର୍କଟ** ଆଜି କାମର ଚାପ ଏତେଦୂର ବୃଦ୍ଧିପାଇବ ଯେ ସ୍ଥିର ହୋଇ ରହିପାରିବେ ନାହିଁ। ପୁନର୍ବସୁ ନକ୍ଷତ୍ରକୁ ଅନ୍ୟମାନଙ୍କ ଅନୁରୋଧ କ୍ରମେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଯାତ୍ରା ସମୟରେ କିମ୍ବା ପ୍ରବାସରେ ଅଜଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ସିଂହ** ଆଜି ଯେମିତି ଯାହା ପାଇବାର ଆଶା ରଖିଛନ୍ତି ତାହା ନିଶ୍ଚିତ ପାଇପାରିବେ। କିନ୍ତୁ ମଘା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଟିକିଏ ନରମି କଥାବାର୍ତ୍ତା କରିବା ଭଲ ହେବ। ଦୀର୍ଘଦିନରୁ ବନ୍ଧୁଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପାରିବାରିକ କ୍ଷେତ୍ର ପୂର୍ବପରି ବଳବତ୍ତର ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ।

**କନ୍ୟା** ଆଜି ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଏକାଧିକ କାମରେ ଅନୁପ୍ରବେଶ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ବନ୍ଧୁମିଳନ ସାଙ୍ଗକୁ ମତାନ୍ତରଜନିତ ପରିସ୍ଥିତି ସୃଷ୍ଟି ହୋଇପାରେ। ସାମାଜିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ହସ୍ତା ନକ୍ଷତ୍ର କଳା, ସାହିତ୍ୟ, ସଂସ୍କୃତି, ସଙ୍ଗୀତ ଆସର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା** ଯାହାକୁ ଦେଖିବା ସକାଶେ ମନ ବ୍ୟାକୁଳିତ ହେଉଥିଲା ତାହାକୁ ଦେଖି ଭାବବିଭୋର ହୋଇପାରନ୍ତି। ଭାବପ୍ରବଣତାରେ ନିଜକୁ ନ ହଜାଇ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ। ବନ୍ଧୁ ଅସହଯୋଗ ପୋଷଣ କରି କାମକୁ ବିଗାଡି ଦେବାର ଅପଚେଷ୍ଟା କରିପାରନ୍ତି। ବିଶାଖା ନକ୍ଷତ୍ର ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ।

**ବିଛା** ଆଜି ସକାଳୁ ଅଟକି ରହିଥିବା କାମଟିକୁ ମନ ବଳାଇ ଅସ୍ଥିର ରହିବେ। ମନେମନେ ଚିନ୍ତା କରିଥିବା ବିଷୟକୁ ବନ୍ଧୁଙ୍କ ସମ୍ମୁଖରେ ପ୍ରକାଶ କରି ସାହାଯ୍ୟ ଲୋଡିପାରନ୍ତି। ସହକର୍ମୀଙ୍କ ସହ ମାନମନାନ୍ତର ଦେଖା ଦେଇପାରେ। ଅନୁରାଧା ନକ୍ଷତ୍ର ସକାଶେ ଯାତ୍ରା, ବାଣିଜ୍ୟ ଓ ପରିବହନରେ କିଛିନା କିଛି ସମସ୍ୟା ଉପୁଜିପାରେ।

**ଧନୁ** ପୂର୍ବଷାଢା ନକ୍ଷତ୍ର ସକାଶେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ସମ୍ଭାବନା ରହିଛି। ଅନ୍ୟମାନଙ୍କ ମନ ବୁଝିଲାଭଳି କଥାରେ ପଡି କୌଣସି କାମ କରିବା ଠିକ୍ ହେବନାହିଁ। ପୂର୍ବ କଳ୍ପିତ ଯୋଜନାକୁ ସାକାର କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରାଜନୀତି, ସାହିତ୍ୟ କ୍ଷେତ୍ରରେ ଚାପର ସମ୍ମୁଖୀନ ହେବେ।

**ମକର** ଈର୍ଷାପରାୟଣ ବନ୍ଧୁଙ୍କ ପ୍ରତିରୋଧ ଓ ଅସହଯୋଗ ମଧ୍ୟରେ ଆଗକୁ ବଢିବା କଷ୍ଟକର ହେବ। ଆବଶ୍ୟକ ଅର୍ଥର ଅଭାବକୁ ନେଇ ଦୁଶ୍ଚିନ୍ତା ବୃଦ୍ଧି ପାଇବ, କିନ୍ତୁ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଶ୍ରବଣା ନକ୍ଷତ୍ରର ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ରର ପ୍ରଗତିରେ ବାଧା ରହିବ ନାହିଁ। ତରବରିଆ ପଦକ୍ଷେପ ନେବା ଠିକ୍ ହେବନାହିଁ।

**କୁମ୍ଭ** ସମ୍ମୁଖରେ କିଛି ନ କହିପାରିଲେ ମଧ୍ୟ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସାଙ୍ଗକୁ ମନୋବଳ କ୍ରମଶଃ ବୃଦ୍ଧି ପାଇବ। ଶତଭିଷା ନକ୍ଷତ୍ର ସକାଶେ ଆଜି ଦିନଟିରେ ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ବହୁତ ଭଲ।

**ମୀନ** ପୂର୍ବଭାଦ୍ର ନକ୍ଷତ୍ର ସକାଶେ ଆଜିର ଆର୍ଥିକ ସ୍ଥିତି ଓ ମାନସିକ ପରିସ୍ଥିତି ଭଲ ରହିବ। ପରିସ୍ଥିତିର ତାଡନାରେ କଠୋର ପରିଶ୍ରମ ସାଙ୍ଗକୁ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ଏକାଧିକ କାମରେ ହାତ ଦେଇ ଅନୁତାପ କରିବେ। ଉପରିସ୍ଥଙ୍କ ଆଦେଶମୁତାବକ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

ଆଜି ଏପ୍ରିଲ ୪ ତାରିଖ, ଚୈତ୍ର ଶୁକ୍ଳ ସପ୍ତମୀ ଶୁକ୍ରବାର, ବାସନ୍ତିକ ସପ୍ତମୀ ପୂଜା, ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୧ ଗତେ, ଘ.୦୬।୩୦ ମଧ୍ୟେ, ଘ.୦୭।୧୯ ଗତେ, ଘ.୦୮।୪୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୭ ଗତେ, ଘ.୧୧।୪୯ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

## ୱାକ୍‌ଫ ସଂଶୋଧନ...

ସଂଖ୍ୟାଗରିଷ୍ଠ ସଦସ୍ୟ ଅଣମୁସଲିମ ହେବା ପ୍ରଶ୍ନ ଉଠୁନାହିଁ। ୨୦୦୪ରେ ୪.୯ ଲକ୍ଷ ୱାକ୍‌ଫ ସମ୍ପତ୍ତି ଥିବାବେଳେ ବର୍ତ୍ତମାନ ଏହା ୮.୭୨ ଲକ୍ଷରେ ପହଞ୍ଚିଛି। ପୂର୍ବ ସରକାରଗୁଡ଼ିକ ଅମଳରେ ଯେଉଁ କାର୍ଯ୍ୟ ବାକି ରହିଯାଇଥିଲା, ସେଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ନୂଆ ବିଲ୍ ଅଣାଯାଇଥିବା ଦର୍ଶାଇ ଏହାକୁ ଗୃହୀତ କରାଇବା ଲାଗି ରିଜିଜୁ ବିରୋଧୀ ଦଳଗୁଡ଼ିକର ସହଯୋଗ ଲୋଡ଼ିଥିଲେ। ପ୍ରାୟ ୧୪ ଘଣ୍ଟା ଧରି ବିତର୍କ ଚାଲିବା ପରେ ବିଧେୟକକୁ ଉଚ୍ଚ ସଦନର ମଞ୍ଜୁରୀ ମିଳିଥିବା ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ରାତି ୨ଟା ୩୩ ମିନିଟ୍‌ରେ ଘୋଷଣା କରିଥିଲେ।

ରାଜ୍ୟ ସଭାରେ ବର୍ତ୍ତମାନ ସଦସ୍ୟଙ୍କ ସଂଖ୍ୟା ୨୩୬। ବିଲ୍ ପାରିତ ହେବା ପାଇଁ ୧୧୯ ଭୋଟ ଆବଶ୍ୟକ ଥିବାବେଳେ ଏନ୍‌ଡିଏ ସଦସ୍ୟଙ୍କ ସଂଖ୍ୟା ୧୧୭ ରହିଛି। ତେବେ ୨ ଜଣ ମନୋନୀତ ଓ ୬ ସ୍ୱାଧୀନ ସଦସ୍ୟଙ୍କୁ ମିଶାଇଲେ ଏନ୍‌ଡିଏର ସଂଖ୍ୟାବଳ ହେଉଛି ୧୨୫। ସେମାନଙ୍କ ମଧ୍ୟରୁ ଭାଜପାର ୯୮, ଜେଡିୟୁ ୪, ଅଜିତ୍ ପାୱାରଙ୍କ ଏନ୍‌ସିପିର ୩, ଟିଡିପି ୨ ଏବଂ ଅନ୍ୟ ୧୦ ଛୋଟ ସହଯୋଗୀ ଦଳର ଜଣେ ଲେଖାଏ ସଦସ୍ୟ ରହିଛନ୍ତି। ଅନ୍ୟପକ୍ଷେ ଇଣ୍ଡିଆ ବ୍ଲକ୍‌ର ସଦସ୍ୟ ସଂଖ୍ୟା ହେଉଛି ୮୮। ସେମାନଙ୍କ ମଧ୍ୟରୁ କଂଗ୍ରେସର ୨୭ ସଦସ୍ୟ ଥିବାବେଳେ ଟିଏମ୍‌ସିର ୧୩, ଡିଏମ୍‌କେ ୧୦, ଆପ୍ ୧୦, ଆର୍‌ଜେଡି ୫, ଏସ୍‌ପି ୪, ସିପିଆଇଏମ୍ ୪ ଏବଂ ଜେଏମ୍‌ଏମ୍‌ର ୩ ସଦସ୍ୟ ରହିଛନ୍ତି। ଏମାନଙ୍କ ବ୍ୟତୀତ ବିଜେଡିର ୭, ୱାଇଏସ୍‌ଆର୍‌ସିପିର ୭ ସମେତ ଅଣଏନ୍‌ଡିଏ ଏବଂ ଅଣଇଣ୍ଡିଆ ଦଳଗୁଡ଼ିକର ସଦସ୍ୟଙ୍କ ସଂଖ୍ୟା ହେଉଛି ୨୩। ବିଲ୍ ଗୃହୀତ କରାଇବାରେ ଏଭଳି ସଦସ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା କୁହାଯାଉଛି।

ବିରୋଧୀଙ୍କ ପକ୍ଷରୁ ପ୍ରଥମେ କଂଗ୍ରେସ ସଦସ୍ୟ ସୟେଦ ନାସିର ହୁସେନ ବକ୍ତବ୍ୟ ରଖିବାକୁ ସୁଯୋଗ ପାଇଥିଲେ। ନାସିର କହିଥିଲେ, ମୁସଲମାନ ସମ୍ପ୍ରଦାୟକୁ ଟାର୍ଗେଟ କରିବା ପାଇଁ ଉଦ୍ଦିଷ୍ଟ ଏହି ବିଲ୍ ଅସାମ୍ବିଧାନିକ। ଭାଜପା ନିଜ ଭୋଟ ବ୍ୟାଙ୍କକୁ ସୁଦୃଢ଼ କରିବା ପାଇଁ ପ୍ରସ୍ତାବିତ ଆଇନକୁ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ଓ ସମାଜରେ ଧ୍ରୁବୀକରଣ ଲାଗି ବ୍ୟବହାର କରୁଛି। ଯୁଗ୍ମ ସଂସଦୀୟ କମିଟି (ଜେପିସି)ରେ ଥିବା ବିରୋଧୀ ସଦସ୍ୟଙ୍କ କୌଣସି ପ୍ରସ୍ତାବକୁ ଏଥିରେ ସାମିଲ କରାଯାଇ ନାହିଁ। ବରଂ ମୁସଲମାନମାନଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକରେ ପରିଣତ କରିବା ନେଇ ସବୁ ବ୍ୟବସ୍ଥା ଏଥିରେ କରାଯାଇଛି।

ବିରୋଧୀ ଦଳଗୁଡ଼ିକ ଉକ୍ତ ବିଲ୍‌କୁ ସଂଖ୍ୟାଲଘୁଙ୍କୁ ଟାର୍ଗେଟ ପାଇଁ ଉଦ୍ଦିଷ୍ଟ ବୋଲି ଅଭିଯୋଗ ଆଣିଥିବାବେଳେ ପରବର୍ତ୍ତୀ ସମୟରେ ବିରୋଧୀ ଏକତାରେ ଫାଟ ଦେଖାଦେଇଥିଲା। ପୂର୍ବରୁ ବିଜେଡି ବିଲ୍ ବିରୋଧରେ ଭୋଟ ଦେବ ବୋଲି କହିଥିଲା। କିନ୍ତୁ ପରେ ବିଜେଡି ହ୍ୱିପ୍ ଜାରି ନ କରିବାକୁ ନିଷ୍ପତ୍ତି ନେଇଥିଲା। ବିଜେଡି ସଦସ୍ୟମାନେ ନିଜ ବିବେକାନୁମୋଦିତ ଭୋଟ ଦେଇପାରିବେ ବୋଲି ଦଳ ପକ୍ଷରୁ କୁହାଯାଇଥିଲା। ଦଳର ଆଭିମୁଖ୍ୟରେ ଏପରି ପରିବର୍ତ୍ତନ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା।

ରାଜ୍ୟ ସଭାରେ ଗୃହର ନେତା ଜେ.ପି. ନଡ୍ଡା ବିଲ୍ ସପକ୍ଷରେ ମତ ରଖି କହିଥିଲେ, ୨୦୧୩ରେ ୟୁପିଏ ସରକାର ଅମଳରେ ଗଠିତ ଜେପିସିରେ ମାତ୍ର ୧୩ ସଦସ୍ୟ ରହିଥିଲେ। ମୋଦି ସରକାରଙ୍କ ଯୁଗ୍ମ ସଂସଦୀୟ କମିଟିରେ ୩୧ ସଦସ୍ୟ ରହିଛନ୍ତି। କଂଗ୍ରେସ ମୁସଲମାନ ମହିଳାଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକରେ ପରିଣତ କରିଦେଇଥିଲା। କିନ୍ତୁ ମୋଦି ସରକାର ତିନି ତଲାକ୍ ପ୍ରଥାକୁ ନିଷିଦ୍ଧ କରି ସେମାନଙ୍କୁ ମୁଖ୍ୟସ୍ରୋତକୁ ଆଣିଛନ୍ତି। ଗୃହର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏହାର ଜବାବରେ କହିଥିଲେ, ସରକାର ୱାକ୍‌ଫ ସଂଶୋଧନ ବିଲ୍ ଜରିଆରେ ସଂଘର୍ଷର ମଞ୍ଜି ବୁଣି ମୁସଲମାନମାନଙ୍କୁ ଦମନ କରିବାକୁ ଉଦ୍ୟମ ଚଳାଇଛନ୍ତି। ଭାଜପା ନେତୃବୃନ୍ଦ ମୁସଲମାନମାନଙ୍କ ସମ୍ପତ୍ତି ଛଡ଼ାଇ ନେଇ ନିଜ କର୍ପୋରେଟ ବନ୍ଧୁମାନଙ୍କୁ ହସ୍ତାନ୍ତର କରିବାକୁ ଚାହୁଁଛନ୍ତି। ଶାସକ ଦଳ ଦେଶରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ନଷ୍ଟ ନ କରୁ। କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ ଆହୁରି କହିଥିଲେ, ସରକାର ଏହି ତ୍ରୁଟିପୂର୍ଣ୍ଣ ବିଧେୟକକୁ ସମ୍ମାନର ପ୍ରସଙ୍ଗ ନ କରି ପ୍ରତ୍ୟାହାର କରି ନିଅନ୍ତୁ। ଭାଜପା ନେତୃତ୍ୱାଧୀନ ସରକାର କ୍ଷମତାକୁ ଆସିବା ପରଠୁ ସଂଖ୍ୟାଲଘୁଙ୍କ ମଙ୍ଗଳ ପାଇଁ ଆବଣ୍ଟିତ ୧୮,୨୭୪ କୋଟି ଟଙ୍କାରୁ ମାତ୍ର ୩,୫୭୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଅବଶିଷ୍ଟ ଅର୍ଥ ରାଜକୋଷକୁ ଫେରିଯାଇଥିବା ଖାର୍ଗେ ସମାଲୋଚନା କରିଥିଲେ। ସମାଜବାଦୀ ପାର୍ଟି (ଏସ୍‌ପି) ସଦସ୍ୟ ରାମଗୋପାଳ ଯାଦବ ବିତର୍କରେ ଭାଗନେଇ କହିଥିଲେ, ସରକାର ସବୁ ଧର୍ମକୁ ସମ୍ମାନ ଦେବା ଜରୁରୀ। ଭାରତକୁ ଏକଚ୍ଛତ୍ରବାଦୀ ରାଷ୍ଟ୍ରରେ ପରିଣତ ହେବାକୁ ଦିଆ ନ ଯାଉ। ଉଭୟ ଏନ୍‌ଡିଏ ଏବଂ ଇଣ୍ଡିଆ ବ୍ଲକ୍‌ର ସଦସ୍ୟମାନେ ବିତର୍କରେ ଭାଗନେବା ପରେ ଶେଷରେ ବିଳମ୍ବିତ ରାତିରେ ମତଦାନ କରାଯାଇଥିଲା।

## ବିଲ୍‌କୁ ବିରୋଧ, ୨ ଜେଡିୟୁ ନେତାଙ୍କ ଇସ୍ତଫା

**ପାଟନା,୩।୪:** ୱାକ୍‌ଫ ସଂଶୋଧନ ବିଲ୍‌କୁ ସଂଯୁକ୍ତ ଜନତା ଦଳ (ଜେଡିୟୁ) ସମର୍ଥନ ଜଣାଇବା ପରେ ଏହାର ୨ ଜଣ ବରିଷ୍ଠ ନେତା ଗୁରୁବାର ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ମହମ୍ମଦ କାସିମ୍ ଅନ୍‌ସାରୀ ଏବଂ ମହମ୍ମଦ ନୱାଜ ମଲିକ। ବିଭିନ୍ନ ମହଲରୁ ୱାକ୍‌ଫ ବିଲ୍‌କୁ ବିରୋଧ କରାଯାଉଥିବାବେଳେ ବୁଧବାର ଲୋକ ସଭାରେ ଏହା ଉପରେ ଭୋଟ ବେଳେ ଏନ୍‌ଡିଏ ସହଯୋଗୀ ଜେଡିୟୁ ବିଲ୍ ସପକ୍ଷରେ ମତ ଦେଇଥିଲା। ଦଳର ସମର୍ଥନରେ ଆମେ ସହମତ ନୋହୁଁ ବୋଲି ଅନ୍‌ସାରୀ ଏବଂ ମଲିକ୍ କହିଛନ୍ତି। ସେମାନେ ଦଳର ନେତା ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନିକଟକୁ ଇସ୍ତଫାପତ୍ର ପଠାଇ ଦେଇଛନ୍ତି।

## ବିଜେଡିର ବଦଳ...

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ଅଧ୍ୟକ୍ଷତାରେ ସୀମା ପୁନଃ ନିର୍ଦ୍ଧାରଣ କ୍ରିୟାନୁଷ୍ଠାନ କମିଟିର ବୈଠକ ହୋଇଥିଲା। ଏଥିରେ ଓଡ଼ିଶାରୁ ବିଜେଡି ଯୋଗ ଦେଇଥିଲା। ଏହି ବୈଠକ ପରେ ବିଜେଡି ପ୍ରଥମ ଥର ଲାଗି ନିଜର ଆଭିମୁଖ୍ୟ ବଦଳାଇଲା ବୋଲି ଶୁଣିବାକୁ ମିଳିଲା। ହେଲେ ଦିନ କେଇଟା ନ ଯାଉଣୁ ବିଜେଡି ଶାସନରୁ ଯିବା ଲାଗି ଯେଉଁ ଜଣେ ବ୍ୟକ୍ତିଙ୍କୁ ସମଗ୍ର ଓଡ଼ିଶା ଦୋଷ ଦେଉଛି ତାଙ୍କ ସ୍ତ୍ରୀଙ୍କ ସୁରକ୍ଷା ନବୀନଙ୍କ ପାଇଁ ପୁଣି ପ୍ରାଥମିକତା ହୋଇଯାଇଛି ବୋଲି ରାଜନୈତିକ ମହଲରେ ଆଉ ଥରେ କୁହାକୁହି ଆରମ୍ଭ ହେଲାଣି। ନବୀନଙ୍କ ପାଇଁ ଦଳୀୟ କର୍ମୀ ଏବଂ ସହଯୋଗୀଙ୍କ ଭବିଷ୍ୟତ ଗୁରୁତ୍ୱପୂର୍ଣ୍ଣ ନୁହେଁ। ତାହା ବଦଳରେ ଗୋଟିଏ ବ୍ୟକ୍ତିର ସନ୍ତୁଷ୍ଟି ଯଥେଷ୍ଟ ଅଧିକ ଗୁରୁତ୍ୱ ରଖୁଥିବା କଥା ସ୍ପଷ୍ଟ ବୁଝାପଡୁଛି।

ସୂଚନାଯୋଗ୍ୟ, ଲୋକ ସଭାରେ ବୁଧବାର ବିଳମ୍ବିତ ରାତିରେ ୱାକ୍‌ଫ ବିଲ୍ ପାରିତ ହୋଇଯାଇଛି। ୧୨ ଘଣ୍ଟା ଧରି ଏହି ବିଲ୍ ଉପରେ ଆଲୋଚନା ହେବା ପରେ ଭୋଟ କରାଯାଇଥିଲା। ବିଲ୍ ସପକ୍ଷରେ ୨୮୮ଟି ଭୋଟ ପଡ଼ିଥିବା ବେଳେ ବିରୋଧରେ ୨୩୨ଟି ଭୋଟ ପଡ଼ିଥିଲା। ଅର୍ଥାତ୍ ଲୋକ ସଭାରେ ଶାସକ ଏବଂ ବିରୋଧୀଙ୍କ ଭିତରେ ଦୂରତା ମାତ୍ର ୫୬କୁ ଖସିଆସିଲାଣି। ହେଲେ ଏଭଳି ସମୟରେ ବିଜେଡି ଲୋକ ସଭାରେ ସମ୍ପୂର୍ଣ୍ଣ ଜିରୋ ହୋଇସାରିଛି। ଏ ପର୍ଯ୍ୟନ୍ତ ବିଜେଡି ମୁଣ୍ଡରେ ବୁଦ୍ଧି ଉଦୟ ହୋଇନାହିଁ ବୋଲି ଚର୍ଚ୍ଚା ହେଉଛି। କିଛିଦିନ ତଳେ ସସ୍ମିତ ଏହା ଉପରେ କହିଥିଲେ, ବିଲ୍ ଉପରେ ବିରୋଧୀଙ୍କ ପ୍ରସ୍ତାବକୁ ଗୃହରେ ଗ୍ରହଣ କରାଯାଉଛି ନା ନାହିଁ ତା' ଉପରେ ବିଚାରକରିବା ପରେ କ'ଣ ନିଷ୍ପତ୍ତି ହେବ ତାହା ସ୍ଥିର କରାଯିବ। ହେଲେ ଗୁରୁବାର ସସ୍ମିତ ଉଲ୍ଲେଖ କରିଛନ୍ତି, ଏହି ବିଲ୍‌କୁ ବିବେକ ଅନୁସାରେ ଭୋଟ ଦେବାକୁ ନିଷ୍ପତ୍ତି ହୋଇଛି। ଏହା ଉପରେ କୌଣସି ହ୍ୱିପ୍ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିଜେଡିର କେତେଜଣ ରାଜ୍ୟ ସଭା ସଦସ୍ୟଙ୍କ ସହ ଧରିତ୍ରୀ ପକ୍ଷରୁ ଯୋଗାଯୋଗ କରିବାରୁ ସେମାନେ କହିଥିଲେ, ସସ୍ମିତ ମନଇଚ୍ଛା ଏହା କହିଥିବେ। ଦଳରୁ ପଚାରି ସେମାନେ ପ୍ରତିକ୍ରିୟା ରଖିବେ ବୋଲି କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ଆଉ ଟେଲିଫୋନ୍ ଉଠାଇଲେ ନାହିଁ। ଅର୍ଥାତ୍ ସେମାନଙ୍କ ଭିତରେ କୌଣସି ନିଷ୍ପତ୍ତି ହୋଇନାହିଁ ବୋଲି ଏହି କଥାରୁ ବୁଝାପଡୁଛି। ସସ୍ମିତ ନିଜ ମନରୁ ଏହି ନିଷ୍ପତ୍ତି ବାହାରକୁ ଛାଡ଼ି ନ ଥିବା କଥା ଜାଣିବା ପରେ ପ୍ରତିକ୍ରିୟା ରଖିବାକୁ କହୁଥିବା ବିଜେଡିର ଅନ୍ୟ ଏମ୍‌ପିମାନେ ଚୁପ୍‌ହୋଇଯିବାକୁ ବାଧ୍ୟ ହୋଇଛନ୍ତି।

## ୨୨ ବର୍ଷ ପରେ...

୬ ମିନିଟ୍ ହୋଇଯାଇଥିଲା। ଏହି ଅବସରରେ ଶାସକ ଏବଂ ବିରୋଧୀଙ୍କ ମଧ୍ୟରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଉପରେ ଘମାଘୋଟ ବିତର୍କ ଚାଲିଥିବା ଦେଖିବାକୁ ମିଳିଥିଲା। ତେବେ ଏହି ବିଲ୍‌ର ସାଢ଼େ ୧୨ ଘଣ୍ଟା ଆଲୋଚନା ମଧ୍ୟରୁ ବିଜେଡି ସଦସ୍ୟ ଏକୁଟିଆ ୩ଘଣ୍ଟା ୧୦ ମିନିଟ୍ ନିଜ ମତ ରଖିଥିଲେ। ବିରୋଧୀ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ପାସ୍ ନ କରାଇବା ଉପରେ ଜିଦ୍ ରଖିଥିବା ବେଳେ ଶାସକ ସଦସ୍ୟ କିନ୍ତୁ ଏହାର ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଏଭଳି ପରିସ୍ଥିତିରେ ଗୃହରେ ଦୁଇଟି ଯାକ ବିଲ୍ ପାସ୍‌ହେବା ସଙ୍ଗେ ସଙ୍ଗେ ଗୃହ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖିବାକୁ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କ ସମେତ ୨ ଜଣ ଶାସକ ଦଳ ସଦସ୍ୟ ଆଣିଥିବା ମୋଶନକୁ ବାଚସ୍ପତି ଅନୁମୋଦନ କରିଥିଲେ। ଅପରାହ୍ନରୁ ରାତି ପାହି ସକାଳ ହେବା ଯାଏଁ ବିଲ୍ ଉପରେ ଆଲୋଚନା ହେବା ଦୀର୍ଘବର୍ଷ ଭିତରେ ଦେଖିବାକୁ ମିଳି ନ ଥିଲା।

ଗତ ୨୨ ବର୍ଷ ତଳେ ଏଭଳି ଦୀର୍ଘ ସମୟ ଧରି ସକାଳ ପର୍ଯ୍ୟନ୍ତ ବିଲ୍‌କୁ ନେଇ ଚର୍ଚ୍ଚା ହେବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହାକୁ ନେଇ ସବୁଆଡ଼େ ଏବେ ଚର୍ଚ୍ଚା ମଧ୍ୟ ହେଉଛି। ଏହା ପୂର୍ବରୁ ୨୦୦୩ ନଭେମ୍ବର ୧୦ ତାରିଖରେ ଓଡ଼ିଶା ଅର୍ବାନ ପୋଲିସ ବିଲ୍ ଉପରେ ଗୃହରେ ହୋଇଥିବା ଆଲୋଚନା ଏହାର ଦିନକ ପରେ ୧୧ ତାରିଖ ସକାଳ ୮ଟା ସମୟରେ ଶେଷ ହୋଇଥିଲା। ଏହା ବିଧାନସଭା ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ଏହାପରେ ବୁଧବାର କରାଯାଇଥିବା ଆଲୋଚନା ମଧ୍ୟ ଦୀର୍ଘ ସମୟ ଧରି ହେବା ଘଟଣା ପରେ ଅନେକ ବିଧାୟକ ଏହା ସପକ୍ଷରେ ମତ ରଖିଛନ୍ତି। ସେପଟେ ଗୃହ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରାଯାଇଛି। ବିଧାନସଭା ଅଧିବେଶନ ଫେବୃଆରୀ ୧୩ରୁ ଆରମ୍ଭହୋଇ ୨ ଏପ୍ରିଲ ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟ ମଧ୍ୟରେ ମୋଟ୍ ୨୫ଟି କାର୍ଯ୍ୟଦିବସ ଅନୁଷ୍ଠିତ ହୋଇଛି। ୨ ଦିନ ସରକାରୀ କାର୍ଯ୍ୟ ଦିବସ ଭାବେ ପାଳିତ ହୋଇଛି। ଗୋଟିଏ ଦିନ ବେସରକାରୀ କାର୍ଯ୍ୟଦିବସ ପାଳିତ ହୋଇଛି। ୬ ଜଣଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ କରାଯାଇଛି। ୩୧୭୪ଟି ତାରକା ପ୍ରଶ୍ନ ଗ୍ରହଣ କରାଯାଇଥିଲା। ସେଥିରୁ ୫୪ଟି ପ୍ରଶ୍ନର ଉତ୍ତର ରଖାଯାଇଛି। ୪୨୬୧ଟି ଅଣତାରକା ପ୍ରଶ୍ନ ଗ୍ରହଣ କରାଯାଇଥିବା ବେଳେ ୫୬୫୫ଟି ଉତ୍ତର ରଖାଯାଇଛି। ୧୩ଟି ମୁଲତବୀ ପ୍ରସ୍ତାବ ଗ୍ରହଣ କରାଯାଇଛି। ୭ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ୪୪ଟି ରୁଲ୍ ନୋଟିଫିକେଶନ ଗୃହରେ ଆଗତ କରାଯାଇଛି। ୧୩ଟି ଆର୍ଥିକ ବର୍ଷ ରିପୋର୍ଟ ଗୃହରେ ଉପସ୍ଥାପିତ ହୋଇଛି। ୪୩ଟି କମିଟିର ରିପୋର୍ଟ ମଧ୍ୟ ଗ୍ରହଣ କରାଯାଇଛି। ୭ ଜଣ ମନ୍ତ୍ରୀ ଗୃହରେ ବିଭିନ୍ନ ବିଷୟ ଉପରେ ବିବୃତି ରଖିଛନ୍ତି। ୩ଟି ସରକାରୀ ବିଲ୍ ଗୃହରେ ପାରିତ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷର ବ୍ୟୟ ମଞ୍ଜୁର ବିଲ୍, ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଏବଂ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ, ୨୦୨୫ ବିଲ୍ ପାରିତ କରାଯାଇଛି। ଗୋଟିଏ ସରକାରୀ ରିଜୋଲେସନ ଗ୍ରହଣ କରାଯାଇଛି। ସନ୍ତୋଷ ଖଟୁଆ ଆଣିଥିବା ଏକ ବିଲ୍ ଉପରେ ଆଲୋଚନା ହୋଇଛି। ବେସରକାରୀ ସଭ୍ୟଙ୍କ ଦୁଇଟି ସଂକଳ୍ପ ଉପରେ ଆଲୋଚନା ହୋଇଛି। ୨୨ଟି ଖର୍ଚ୍ଚଦାବି ଆଲୋଚନା କରାଯାଇଛି। ଏହାସହ ୪ଟି ସିଏଜି ରିପୋର୍ଟ ଗୃହରେ ଉପସ୍ଥାପିତ ହୋଇଛି।

ଏହି ଅଧିବେଶନ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବା ଲାଗି ଥିବାବେଳେ ୩ଟି କାର୍ଯ୍ୟଦିବସ ପୂର୍ବରୁ ଏହାକୁ ବନ୍ଦ କରିଦିଆଯାଇଛି। ଅନ୍ୟପଟେ ୨୫ ଏବଂ ୨୬ ତାରିଖରେ ଗୃହରୁ ନିଲମ୍ବିତ ହୋଇଥିବା ସମସ୍ତ ୧୪ ଜଣ କଂଗ୍ରେସ ସଦସ୍ୟ ଆଉ ଆଲୋଚନାରେ ଭାଗ ନେଇପାରିନାହାନ୍ତି। ନାରୀ ସୁରକ୍ଷା ପ୍ରସଙ୍ଗରେ ଗୃହ ଭିତରେ ଏବଂ ବାହାରେ କଂଗ୍ରେସ ପ୍ରବଳ ସ୍ଲୋଗାନ୍ ଦେଉଥିଲା। ହେଲେ ଗୃହରେ ଘଣ୍ଟ, ଘଣ୍ଟା, ତୁରି ବଜାଇ ପ୍ରତିବାଦ କରିବା ଏବଂ ବିଶୃଙ୍ଖଳା କରିବା ଅଭିଯୋଗରେ ପ୍ରଥମେ ୧୨ ଜଣଙ୍କୁ ବାଚସ୍ପତି ୭ଟି କାର୍ଯ୍ୟଦିବସ ପାଇଁ ଗୃହରୁ ନିଲମ୍ବନ କରିଥିଲେ। ଏହାର ଦିନକ ପରେ ବାକି ୨ ଜଣଙ୍କୁ ୭ ଦିନ ଲାଗି ଗୃହରୁ ନିଲମ୍ବନ କରାଯାଇଥିଲା। ଏହା ପରଠାରୁ ଗୃହ ବିନା କଂଗ୍ରେସରେ ଚାଲିଥିଲା।

## ଭୁବନେଶ୍ୱରରେ ଦୁଇ...

କରାଯାଇଛି। ଘଟଣାସ୍ଥଳରୁ ପୋଲିସ ଟିମ୍ ଲୁଟେରାଙ୍କ ପଲ୍‌ସର ବାଇକ୍ ଓ ଦୁଇ ବନ୍ଧୁକ ଜବତ କରିଛି। ଏହି ଘଟଣାରେ ବଡ଼ଗଡ଼ ଥାନାରେ ଆର୍ମସ ଆକ୍ଟ ସହ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍)ର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରାଯାଇଛି। ତେବେ ଆହତ ଅଭିଯୁକ୍ତଦ୍ୱୟ ଖୋରା ଗ୍ୟାଙ୍ଗର ସଦସ୍ୟ ହୋଇଥିବାବେଳେ ସେମାନେ ବିହାର ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଓଡ଼ିଶାରେ ଲୁଟ୍ କରି ଆତଙ୍କ ଖେଳାଉଥିଲେ। କିଛିଦିନ ହେଲା ଲୁଟେରାଦ୍ୱୟ ଭୁବନେଶ୍ୱରରେ ଲୁଟପାଟ୍ କରିଥିବାରୁ ପୋଲିସର ଟାର୍ଗେଟ୍‌ରେ ଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତଦ୍ୱୟ ଟ୍ରେନ୍‌ରେ ଯାତାୟାତ କରୁଥିବାବେଳେ ବିଭିନ୍ନ ଷ୍ଟେଶନରୁ ବାଇକ୍ ଚୋରି କରୁଥିଲେ। ଉକ୍ତ ଚୋରା ବାଇକରେ ସହର ସାରା ବୁଲି ଲୁଟ୍ କରୁଥିଲେ। ପରେ ବାଇକକୁ ଷ୍ଟେଶନରେ ଥୋଇ ଘରକୁ ଚାଲିଯାଉଥିଲେ। ଗତ ମାର୍ଚ୍ଚ ୨୦ରେ ଲୁଟେରାଦ୍ୱୟ ଭୁବନେଶ୍ୱରରେ ୬ଟି ଲୁଟ୍‌କାଣ୍ଡ ଭିଆଇ ପୋଲିସର ଚିନ୍ତା ବଢ଼ାଇଥିଲେ। ସେଥିମଧ୍ୟରୁ ଶ୍ରୀଲିଙ୍ଗରାଜ ଥାନା, ମଞ୍ଚେଶ୍ୱର, କ୍ୟାପିଟାଲ, ଚନ୍ଦ୍ରଶେଖରପୁରରେ ଗୋଟିଏ ଓ ବଡ଼ଗଡ ଥାନା ଅଞ୍ଚଳରେ ଦୁଇ ମାମଲା ରହିଥିଲା। ସିସିଟିଭି ଫୁଟେଜ୍‌ରୁ ଲୁଟେରାଦ୍ୱୟଙ୍କୁ ପୋଲିସ ଚିହ୍ନଟ କରି ସେମାନଙ୍କ ଉପରେ କଡ଼ା ନଜର ରଖିଥିଲା। ଗୁରୁବାର ରାତି ପ୍ରାୟ ୧୦ଟାରେ ଲୁଟେରାଦ୍ୱୟ କଟକ-ପୁରୀ ବାଇପାସ ରୋଡରେ ବୁଲାବୁଲି କରୁଥିବା ପୋଲିସକୁ ସୂଚନା ମିଳିଥିଲା। ସ୍ପେଶାଲ ସ୍କ୍ୱାଡ୍ ନେତୃତ୍ୱରେ ପୋଲିସ ଟିମ୍ ଉଭୟଙ୍କୁ କାବୁ କରିବାକୁ ଜାଲ ବିଛାଇଥିଲା। ତେବେ ପୋଲିସ ଟିମ୍ ଖୋଜାଖୋଜି କରୁଥିବା ବେଳେ ସାଇମନ୍ଦିର ଛକ ନିକଟରେ ଲୁଟେରାଙ୍କ ସହ ଭେଟ ହୋଇଥିଲା। ପୋଲିସକୁ ଦେଖି ଲୁଟେରାଦ୍ୱୟ ଟଙ୍କପାଣି ବ୍ରିଜ୍ ଆଡ଼କୁ ଦ୍ରୁତଗତିରେ ବାଇକ୍ ମୁହାଁଇଥିଲେ। ପରେ ସେମାନେ ବାଙ୍କୁଆଳ ବାଲିଯାତ୍ରା ଆଡ଼କୁ ଯାଉଥିବାବେଳେ ଏକ ସିମେଣ୍ଟ ପାଚେରିରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସକୁ ଦେଖି ସେମାନେ ବନ୍ଧୁକ ଚଳାଇଥିଲେ। ଏହାର ଜବାବରେ ପୋଲିସ ମଧ୍ୟ ଗୁଳି ଚଳାଇଥିଲା। ଏହି ସମୟରେ ପରସ୍ପର ମଧ୍ୟରେ ୮ ରାଉଣ୍ଡ ଗୁଳି ବିନିମୟ ହୋଇଥିଲା। ଏହି ଗୁଳିମାଡ଼ରେ ପୋଲିସ ବର୍ତ୍ତି ଯାଇଥିବାବେଳେ ଲୁଟେରାଦ୍ୱୟ ଆହତ ହୋଇ ତଳେ ପଡ଼ିଥିଲେ। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ଗତ ମାର୍ଚ୍ଚ ୩ ତାରିଖ ପାହାନ୍ତାରେ କଟକ-ପୁରୀ ବାଇପାସ୍ ରୋଡ କେଶୁରା ନିକଟରେ ଆନ୍ତଃରାଜ୍ୟ ଏଟିଏମ୍ ଲୁଟେରା ଗ୍ୟାଙ୍ଗ ଓ ପୋଲିସ ଟିମ୍ ମୁହାଁମୁହିଁ ହୋଇଥିଲେ। ପୋଲିସ ଗୁଳିରେ ଜଣେ ଲୁଟେରା ଆହତ ହୋଇଥିବାବେଳେ ଦୁଇଜଣ ଧରାପଡ଼ିଥିଲେ। ସେହିପରି ଫେବୃଆରୀ ୧୭ ଭୋର ବେଳେ ଆପାର୍ଟମେଣ୍ଟ ଲୁଟେରାଙ୍କୁ ବାଲିଅନ୍ତା ଅଞ୍ଚଳରେ ପୋଲିସ ଏନ୍‌କାଉଣ୍ଟର କରିଥିଲା। ଏହି ସମୟରେ ୫ଜଣ ଖସି ପଳାଇଥିବା ବେଳେ ଜଣେ ଲୁଟେରା ଆହତ ହୋଇଥିଲେ।

## ମଣିଷ ନ ଥାଇ...

ମାକ୍‌ଡୋନାଲ୍ଡ ଦ୍ୱୀପରେ ଟାରିଫ୍ ଲଗାଯିବାକୁ ନେଇ ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ ଆନ୍ଥୋନି ଅଲ୍‌ବାନିଜ୍ ସମାଲୋଚନା କରି କହିଛନ୍ତି, ଏବେ ଏହି ପୃଥିବୀରେ କେହି ମଧ୍ୟ ସୁରକ୍ଷିତ ନୁହନ୍ତି। ତେବେ ଉକ୍ତ ଟାରିଫ୍‌ର ଜବାବରେ ପ୍ରତିକ୍ରିୟାଶୀଳ ହୋଇ ଅଷ୍ଟ୍ରେଲିଆ ଆମେରିକା ଉପରେ କୌଣସି ପାରସ୍ପରିକ ଶୁଳ୍କ ଲଗାଇବ ନାହିଁ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଟ୍ରମ୍ପ ବୁଧବାର ହ୍ୱାଇଟ ହାଉସରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧନ କରି ଆମେରିକା ପକ୍ଷରୁ ୧୮୦ ଦେଶ ଉପରେ ପାରସ୍ପରିକ ଶୁଳ୍କ ଲାଗୁ କରାଯାଇଥିବା ନେଇ ଘୋଷଣା କରିଥିଲେ।

## ସମ୍ପତ୍ତି ଘୋଷଣା କରିବେ ସୁପ୍ରିମକୋର୍ଟ ବିଚାରପତି

**ନୂଆଦିଲ୍ଲୀ,୩।୪:** ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ସୁପ୍ରିମକୋର୍ଟର ସମସ୍ତ ୩୩ ବିଚାରପତି ନିଜ ନିଜ ସମ୍ପତ୍ତି ପରିମାଣ ଘୋଷଣା କରିବାକୁ ଯାଉଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନାଙ୍କ ନିକଟରେ ବିଚାରପତିମାନେ ସମ୍ପତ୍ତିର ବିବରଣୀ ପ୍ରଦାନ କରିବା ପରେ ଏନେଇ ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ। ଏପ୍ରିଲ ୧ରେ ପୂର୍ଣ୍ଣ ଅଦାଲତରେ ଏହି ନିଷ୍ପତ୍ତି ନିଆଯାଇଥିବା ସୂତ୍ରରୁ ଜଣାପଡ଼ିଛି। ତେବେ ଏହି ସଂକଳ୍ପନାମାର କପି ଏଯାଏ ସାର୍ବଜନୀନ ହୋଇନାହିଁ। ଗତ ମାର୍ଚ୍ଚ ୧୪ ରାତିରେ ଦିଲ୍ଲୀ ହାଇକୋର୍ଟର ତତ୍କାଳୀନ ବିଚାରପତି ଯଶୱନ୍ତ ବର୍ମାଙ୍କ ଘରେ ନିଆଁ ଲାଗିଥିବାବେଳେ ଅଗ୍ନିଶମ ବାହିନୀ ଲିଭାଇବାକୁ ଯାଇଥିଲେ। ସେଠାରେ ସେମାନେ ବିପୁଳ ପରିମାଣର ୫୦୦ ଟଙ୍କିଆ ନୋଟ୍ ଜଳିଯାଉଥିବା ଦେଖିଥିଲେ। ଏହି ପ୍ରସଙ୍ଗକୁ ନେଇ ବିବାଦ ହେବାରୁ ପରେ ତାଙ୍କୁ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି କରାଯାଇଛି। ଏହି ଘଟଣା ନ୍ୟାୟପାଳିକାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ସୁପ୍ରିମକୋର୍ଟ ବିଚାରପତିମାନଙ୍କ ସମ୍ପତ୍ତି ଘୋଷଣା କରାଯିବା ନେଇ ନିଷ୍ପତ୍ତି ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାନ୍ତକାଠି**

**ପୁରୁଷ ବଚନ ଗୁରୁ ପରିମାଣ**
**ସ୍ତ୍ରୀଙ୍କ ବଚନ ବାଡ଼ି ତାଟି।**

ସାଧାରଣତଃ ପୁରୁଷଙ୍କ ବଚନ ଦୃଢ଼ ହୋଇଥାଏ। ସେହିପରି ସ୍ତ୍ରୀ ବା ମହିଳାଙ୍କ ବଚନ ଆବଦ୍ଧ କାନ୍ଥ ମଧ୍ୟରେ ସୀମିତ ରହିଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଦଦରା ଡଙ୍ଗା**
**ମଝି ନଈରେ ଦବ ଦଗା।**

ଦଦରା ଡଙ୍ଗାରେ ଯାତ୍ରା କରିବା ଆଦୌ ଉଚିତ୍ ହୋଇ ନ ଥିବାବେଳେ ସେଥିରେ ଯାତ୍ରୀର ଜୀବନ ପ୍ରତି ବିପଦ ଥିବାର ସମ୍ଭାବନା ରହିଥାଏ। ସେହିପରି ଯାହାର ସ୍ଥିତି ଦୁର୍ବଳ, ତାକୁ ଆଶ୍ରା କଲେ ନିଜେ ଅସୁବିଧାରେ ପଡ଼ିବା ହିଁ ସାର ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

**ଭକ୍ତକବି ଦାସ 'ଓଆର୍‌ଇଏଟି' ସଦସ୍ୟ**

ଭୁବନେଶ୍ୱର,(ସୁଚିସ୍ମିତା ସାହୁ): ରାଜ୍ୟ ସରକାରଙ୍କ ପକ୍ଷରୁ ଡ. ଭକ୍ତକବି ଦାସଙ୍କୁ ଓଡ଼ିଶା ରିଅଲ ଇଷ୍ଟେଟ ଆପିଲେଟ୍ ଟ୍ରିବ୍ୟୁନାଲ (ଓଆର୍‌ଇଏଟି)ର ବୈଷୟିକ/ପ୍ରଶାସନିକ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ଏ ସଂକ୍ରାନ୍ତରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ମାର୍ଚ୍ଚ ୨୮ରେ ଜାରି ବିଜ୍ଞପ୍ତି ଅନୁଯାୟୀ, ରିଅଲ ଇଷ୍ଟେଟ୍ ଆଇନ-୨୦୧୬ ଓ ନିୟମ-୨୮ (୫) ଅନୁଯାୟୀ ଗୁରୁବାର ରାଜ୍ୟ ସରକାର ଡ. ଦାସଙ୍କୁ ଏହି ନିଯୁକ୍ତି ଦେଇଛନ୍ତି।




# ରାଜ୍ୟ ଅର୍ଥନୈତିକ ପାୱାର ହାଉସ୍ ହେବ: ମନ୍ତ୍ରୀ ହରିଚନ୍ଦନ

## ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍ ୨୦୨୫ ପାରିତ

■ ରୋଡ୍ ଡେଭଲପମେଣ୍ଟ କର୍ପୋରେଶନ କରିଥିଲେ ଭଲ ହୋଇଥାଆନ୍ତା: ନଳିନୀ

ଭୁବନେଶ୍ୱର, ୩।୪(ସୁନିତ୍ ମିଶ୍ର)

ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନରେ ରାଜ୍ୟରେ ଦୃଢ଼ ଓ ସୁରକ୍ଷିତ ସଡ଼କ ଭିତ୍ତିଭୂମିର ବର୍ଦ୍ଧିତ ଆବଶ୍ୟକତା ପୂରଣ ପାଇଁ ଗୃହରେ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍-୨୦୨୫ ପାରିତ ହୋଇଛି। ଏହା ଉପରେ ଉତ୍ତର ରଖି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଗୋଟିଏ ରାଜ୍ୟ ଯେତେବେଳେ ଅର୍ଥନୈତିକ ପାୱାର ହାଉସ ହେବାକୁ ଲକ୍ଷ୍ୟ ରଖି କାର୍ଯ୍ୟ ଆରମ୍ଭକରେ ସେତେବେଳେ ଯୋଗାଯୋଗ ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ସଡକ ପରିବହନ ମନ୍ତ୍ରଣାଳୟ ଦିନକୁ ୩୪ କି.ମି. ରାସ୍ତା ନିର୍ମାଣ କରିବାର ଲକ୍ଷ୍ୟ ରଖି କାର୍ଯ୍ୟ କରୁଛି। ଭାଜପା ସରକାରକୁ ଆସିବା ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲୁ ରାଜ୍ୟରେ ୭୫ ହଜାର କି.ମି ବିଶ୍ୱସ୍ତରୀୟ ରାସ୍ତା ନିର୍ମାଣ କରିବୁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଗ୍ରହଣ କରିଛନ୍ତି। ସେଥିରୁ ୧୫ ହଜାର କି.ମି. ରାସ୍ତା ପୂର୍ତ୍ତ ବିଭାଗ କରିବ ବୋଲି ସ୍ଥିର ହୋଇଥିଲା। ଏହି କଥାକୁ ଆଖି ଆଗରେ ରଖି ୬ ହଜାର ୫୦୦ କି.ମି. ନୂତନ ଏକ୍ସପ୍ରେସ୍ ୱେ, ନାଶନାଲ ହାଇୱେ ଏବଂ ୪ ଲେନ୍ ବିଶିଷ୍ଟ ଷ୍ଟେଟ୍ ହାଇୱେ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହିସବୁ କାମ କରିବା ଲାଗି ଏକ ସ୍ୱୟଂଶାସିତ ବ୍ୟବସ୍ଥାର ଆବଶ୍ୟକତା ଅନୁଭବକରି ଓଡ଼ିଶା ରାଜ୍ୟ ରାଜପଥ ବିଲ୍ ୨୦୨୫ ଅଣାଯାଇଛି। ରାଜ୍ୟରେ ରାସ୍ତାର ନେଟ୍‌ୱର୍କର ସ୍ଥିତି ଯାହା ଅଛି, ସେଥିରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥାନ ୮ମରେ ରହିଛି। ସ୍ଥିତିକୁ ଉନ୍ନତ କରିବା ଲାଗି ଲକ୍ଷ୍ୟ ରଖି କାମ ଚାଲିଛି। ୨୦୩୬ ସୁଦ୍ଧା ଉତ୍ତର ପ୍ରଦେଶକୁ କାଟି ଦେଶରେ ସବୁଠାରୁ ଅଧିକ ରାସ୍ତା ଥିବା ରାଜ୍ୟରେ ପରିଣତ ହେବୁ। ଚଳିତ ବର୍ଷ ୨୯୯୦ କି.ମି. ରାସ୍ତା ନିର୍ମାଣ କରାଯାଇଛି। ବାକି ରହିଯାଇଥିବା ରାସ୍ତା କାମ କରିବା ଲାଗି ଯୋଜନା ସରିଛି। କମର୍ସିଆଲ ରାସ୍ତାକୁ ସଂଯୋଗ ପାଇଁ ଓଡ଼ିଶାର ରୋଡ୍ ନେଟ୍‌ୱର୍କକୁ ଯୋଡ଼ିବାକୁ କନ୍‌ସଲଟାଣ୍ଟ ନିଯୁକ୍ତ କରିଥିଲୁ। ରାଜ୍ୟ ରାଜପଥ ପ୍ରାଧିକରଣ ବ୍ୟବସ୍ଥା ୯ଟି ରାଜ୍ୟ ଉପଯୋଗକରି ସୁଫଳ ମଧ୍ୟ ପାଇଛନ୍ତି। ଏହା ପାରିତ ହେଲେ ଓଡ଼ିଶା ୧୦ମ ରାଜ୍ୟ ହେବ ବୋଲି ହରିଚନ୍ଦନ କହିଛନ୍ତି।

ସେ ଆହୁରି କହିଛନ୍ତି, ପୂର୍ତ୍ତ ଏବଂ ଓବିସିସି ଯେଉଁ ରାସ୍ତାଗୁଡିକ କରିବେ, ତାକୁ ଛାଡ଼ି ଅନ୍ୟ ରାସ୍ତା ସବୁ ଏହି ବିଲ୍ ଦ୍ୱାରା ଅନ୍ତର୍ଭୁକ୍ତ କରି କାର୍ଯ୍ୟକାରୀ କରିବୁ। ମାଇନିଂ ସେକ୍ଟରକୁ ପୋର୍ଟ ସହ ଯୋଗାଯୋଗ କରାଇବା ପ୍ରକ୍ରିୟା ଆରମ୍ଭ ହେବ। ରାସ୍ତା କଡ଼ର ଦୁଇ ପାର୍ଶ୍ୱରୁ ମନିଟାଇଜ ବ୍ୟବସ୍ଥା କରାଯିବ। ରାସ୍ତାକଡ଼ରେ ସିଟି ଡେଭଲପମେଣ୍ଟ, ଇଣ୍ଡଷ୍ଟ୍ରିଆଲ ପାର୍କ ଆଦି ଉନ୍ନତି କରାଯାଇପାରିବ। ଏଥିଲାଗି କର୍ପସ ଫଣ୍ଡ ରହିବ। ରାସ୍ତା ନିର୍ମାଣ ସମୟରେ ବିଦ୍ୟୁତ୍ ଖୁଣ୍ଟ ଉଠାଇବା ଲାଗି ୩ ଜଣ ସଚିବ ଦାୟିତ୍ୱରେ ରହିବେ। ରାସ୍ତାକଡ଼ରେ ଟେମ୍ପୋରାରି ବ୍ୟବସାୟିକ ବ୍ୟବହାର ଲାଗି ଜମି ରହିବ। ଯଦି ଏହାକୁ କେହି ଅବରୋଧ କରନ୍ତି ତେବେ ଏହା ବିରୋଧରେ ପେନାଲ୍‌ଟି ଲଗାଯିବ। ରାସ୍ତା ଉପରେ ଗାଡ଼ି ରଖିଲେ, ଜବରଦଖଲ କଲେ, ସେଠାରେ କିଛି ରାସ୍ତା ନଷ୍ଟ କଲେ ଫାଇନ୍ ଲଗାଯିବ ବୋଲି ସେ କହିଛନ୍ତି।

ମନ୍ତ୍ରୀ ହରିଚନ୍ଦନ ଆହୁରି କହିଛନ୍ତି, ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ନାମରେ ଏକ ସ୍ୱୟଂଶାସିତ ସଂସ୍ଥା ଗଠନ କରିବାର ବ୍ୟବସ୍ଥା ଅଛି। ୨୦୩୬ ଅନୁଯାୟୀ ସମ୍ପୂର୍ଣ୍ଣ ରାଜ୍ୟକୁ ଏକ ଅର୍ଥନୈତିକ ପାୱାର ହାଉସ୍ ଭାବେ ପରିଣତ କରିବାକୁ ବ୍ୟାପକ ଗୁରୁତ୍ୱ ଦିଆଯିବ। ରାଜ୍ୟ ସରକାର ନିର୍ମାଣ ବିଭାଗ ଅଧୀନରେ ୧୫,୦୦୦ କି.ମି. ବିଶ୍ୱସ୍ତରୀୟ ରାସ୍ତା ବିକଶିତ କରିବାର ଲକ୍ଷ୍ୟ ରଖି ବିଭିନ୍ନ ଉଚ୍ଚ ମୂଲ୍ୟର ରାସ୍ତା ପ୍ରକଳ୍ପଗୁଡ଼ିକୁ ସୁଗମ ଏବଂ ସାମଗ୍ରିକ ଭାବେ କାର୍ଯ୍ୟକାରୀ କରିବାକୁ ଚିନ୍ତା କରିଛନ୍ତି, ଯେଉଁଥିରେ ପ୍ରବେଶ ନିୟନ୍ତ୍ରିତ ହାଇ ସ୍ପିଡ୍ ହାଇୱେ କରିଡର, ଅନ୍ୟାନ୍ୟ ଆର୍ଟେରିଆଲ ଅର୍ଥନୈତିକ କରିଡର, ପ୍ରଥମ ମାଇଲ୍ ଏବଂ ଶେଷ ମାଇଲ୍ ସଂଯୋଗ ରାସ୍ତା ଅନ୍ତର୍ଭୁକ୍ତ ଯାହା ଦ୍ୱାରା ଉତ୍ପାଦନ କେନ୍ଦ୍ର ଏବଂ ସାମାଜିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ସଂଯୋଗୀକରଣରେ ଉନ୍ନତି ଆସିପାରିବ। ରାଜ୍ୟର ଉପରୋକ୍ତ ରାସ୍ତା ନେଟ୍‌ୱର୍କର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ କରିଡର ସହ ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନ, ପରିବେଶ ଏବଂ ଜଙ୍ଗଲ ମଞ୍ଜୁରୀ, ଉପଯୋଗିତା ସ୍ଥାନାନ୍ତର, ରାଜପଥରେ ଟ୍ରାଫିକ୍ ନିୟନ୍ତ୍ରଣ, ରାଜ୍ୟରେ ରାସ୍ତା ବ୍ୟବହାରକାରୀ ସୁରକ୍ଷା, ଜବରଦଖଲ ନିୟନ୍ତ୍ରଣ, ରାଜପଥର ବୈଜ୍ଞାନିକ ପରିଚାଳନା ସହିତ ଜଡିତ ବିଷୟଗୁଡ଼ିକ ପାଇଁ ଏକ ତ୍ୱରିତ ପଦ୍ଧତି ଆବଶ୍ୟକ ଥିଲା। ସଡ଼କ ଭିତ୍ତିଭୂମିର ପ୍ରଭାବୀ ପରିଚାଳନା, ଯୋଜନା, ବିକାଶ ଓ ରକ୍ଷଣାବେକ୍ଷଣ ନିମନ୍ତେ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ନାମରେ ଏକ ସ୍ୱୟଂଶାସିତ ସଂସ୍ଥା ପ୍ରତିଷ୍ଠା ସମ୍ପୂର୍ଣ୍ଣ ଦୂରଦୃଷ୍ଟି ସମ୍ପନ୍ନ ବିଧେୟକ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

ବିରୋଧୀ ସଦସ୍ୟ ନଳିନୀକାନ୍ତ ପ୍ରଧାନ କହିଛନ୍ତି, ୭୫ ହଜାର ରାସ୍ତା ଉନ୍ନତୀକରଣ ଲକ୍ଷ୍ୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିଲ୍‌ର ମୂଳ ଉଦ୍ଦେଶ୍ୟ ହେଉଛି ଏହାକୁ କମର୍ସିଆଲ କରି ଆର୍ଥିକ ସୁଯୋଗ ସୃଷ୍ଟି କରିବା। ଅନ୍ୟ କେତେକ ରାଜ୍ୟ ଷ୍ଟେଟ୍ ରୋଡ୍ ଡେଭଲପମେଣ୍ଟ କର୍ପୋରେଶନ କରିଛନ୍ତି, ଯାହା ରାଜ୍ୟ ସରକାର ଆଣୁଥିବା ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ୨୦୨୫ ବିଲ୍‌ଠାରୁ ଆହୁରି ଭଲ ହେବ ବୋଲି ସେ କହିଛନ୍ତି।

# ଆଶ୍ରମ ବିଦ୍ୟାଳୟ ଛାତ୍ରାବାସରେ ରାଗିଂ | ବ୍ଲେଡ୍‌ରେ କାଟି ଲୁଣ ମାରିଦେଲେ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ଉଦଳା(ସନ୍ତୋଷ କୁମାର ବାଛିନୀ),୩।୪

ନାବାଳକ ହୋଇ ମନରେ ଆପରାଧିକ ଚିନ୍ତା। ମଦ ପିଉଥିବା ଦେଖିଦେବାରୁ ରଚିଲେ ଲୋମଟାଙ୍କୁରା ଘଟଣା। ରାଗିଂ କରିବାକୁ ଯାଇ ୪ଜଣ ନବମ ଶ୍ରେଣୀ ଛାତ୍ର ଜଣେ ୬ଷ୍ଠ ଶ୍ରେଣୀର ଛାତ୍ରଙ୍କ ଶରୀରର ବିଭିନ୍ନ ସ୍ଥାନକୁ ବ୍ଲେଡ୍‌ରେ କାଟି କ୍ଷତ ସ୍ଥାନରେ ଲୁଣ ମାରିବା ସହ ବନ୍ଦ କୋଠରିରେ ନିର୍ଯାତନା ଦେବା ଆଲୋଡ଼ନ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବାସିପିଠାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ଉଚ୍ଚ ବିଦ୍ୟାଳୟ (ଏସ୍‌ଏସ୍‌ଡି)ରେ ଏଭଳି ସ୍ପର୍ଶକାତର ଘଟଣା ସାମ୍ନାକୁ ଆସିଛି। ରାଗିଂର ଶିକାର ୬ଷ୍ଠ ଶ୍ରେଣୀ ଛାତ୍ରଙ୍କ ପରିବାର ଲୋକେ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୦୭/୨୫) ରୁଜୁକରି ତନାଘନା ଚଳାଇଛି। ସୂଚନାଯୋଗ୍ୟ,


ରାଗିଂର ଶିକାର ଛାତ୍ର କ୍ଷତ ଚିହ୍ନ ଦେଖାଉଛନ୍ତି।

ବାରିପଦା ଭଞ୍ଜପୁର ଅଞ୍ଚଳର ଜଣେ ଛାତ୍ର ବାସିପିଠା ଏସ୍‌ଏସ୍‌ଡିରେ ରହି ୬ଷ୍ଠ ଶ୍ରେଣୀରେ ପଢୁଥିଲେ। ଗତ ଫେବୃଆରୀ ୧୪ ରାତି ୧୦ଟା ୩୦ରେ ନବମ ଶ୍ରେଣୀର ୪ଜଣ ଛାତ୍ର କୋଠାଘର ଛାତ ଉପରେ ଥିବା ସୋଲାର ସିଷ୍ଟମ ତଳେ ବସି ମଦ ପିଉଥିଲେ। ଏହା ଦେଖି ୬ଷ୍ଠ ଶ୍ରେଣୀ ଛାତ୍ର ଜଣକ ନିଜ ମୋବାଇଲରେ ଫଟୋ ଉଠାଇଥିଲେ। ପରଦିନ ଏ ବାବଦରେ ସେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପ୍ରଧାନ ଶିକ୍ଷକ ଦୀପ୍ତିକାନ୍ତ ଜେନା ଯାଞ୍ଚକରି ଖାଲି ମଦ ବୋତଲ ଓ ପିଲାଙ୍କଠାରୁ ଶହେରୁ ଊର୍ଦ୍ଧ୍ୱ ମୋବାଇଲ ଜବତ କରିଥିଲେ। ଏଥିରେ ରାଗିଯାଇ ମଦ ପିଇଥିବା ନବମ ଶ୍ରେଣୀର ଛାତ୍ରମାନେ ୬ଷ୍ଠ ଶ୍ରେଣୀର ଛାତ୍ରଙ୍କୁ ଲୁହାରଡ୍‌ରେ ନିଘୁଁକ ମାଡ଼ ମାରିଥିଲେ। ଏଥିସହ ବ୍ଲେଡ୍‌ରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ କାଟି କ୍ଷତ ସ୍ଥାନରେ ଲୁଣ ମାରିଥିଲେ। ଆଉ ଏହି ଘଟଣା ବାବଦରେ କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ବାର୍ଷିକ ପରୀକ୍ଷା ସରିବା ପରେ ୬ଷ୍ଠ ଶ୍ରେଣୀର ଛାତ୍ର ଜଣକ ମାର୍ଚ୍ଚ ୨୫ରେ ଘରକୁ ଯାଇଥିଲେ। ସ୍କୁଲ ଖୋଲିବା ପରେ ସେ ଆଉ ଆସିବା ପାଇଁ ରାଜି ହୋଇ ନ ଥିଲେ। ପରିବାର ଲୋକେ କାରଣ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

# ବିଭିନ୍ନ ଜିଲାରେ କାଳବୈଶାଖୀର ପ୍ରଭାବ

ଭୁବନେଶ୍ୱର,୩।୪ (ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ବିଭିନ୍ନ ଜିଲାରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳୁଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପୂର୍ବାନୁମାନ ଅନୁଯାୟୀ ଗୁରୁବାର କେନ୍ଦୁଝର, ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି, ସୁବର୍ଣ୍ଣପୁର, ନବରଙ୍ଗପୁର, ନୂଆପଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଏବଂ ସୁନ୍ଦରଗଡ଼ ଜିଲାର କିଛି ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ପରିଲକ୍ଷିତ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝରଗଡ଼ରେ ସର୍ବାଧିକ ୯.୮ ମିମି ବର୍ଷା ହୋଇଥିବା ରେକର୍ଡ କରାଯିବା ସହ ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ଓ ବିଜୁଳି ଜନଜୀବନକୁ ପ୍ରଭାବିତ କରିଛି। ଅନ୍ୟପଟେ ଖରା ଓ ଗୁଳୁଗୁଳି ରାଜ୍ୟବାସୀଙ୍କୁ ଅତିଷ୍ଠ କରିଛି। ଗୁରୁବାର ଦିନ ତାପମାତ୍ରା ବୌଦ୍ଧରେ ସର୍ବାଧିକ ୪୦ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା।

# ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଦୁର୍ନୀତି ମାମଲା | ରାଜା ଚକ୍ରଙ୍କ ଜାମିନ ଶୁଣାଣି ସ୍ଥଗିତ

ଭୁବନେଶ୍ୱର/ ବାଲେଶ୍ୱର, ୩।୪ (ସତ୍ୟଜିତ୍ ରାଉତ/ ବାଞ୍ଛାନିଧି ଦେ)

ଓଡ଼ିଶା ଖଣି ନିଗମ ସହିତ ସହବନ୍ଧିତ ଥିବା କେନ୍ଦୁଝର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ୍ ସୋସାଇଟି ଲିଃରେ ବହୁ କୋଟି ଟଙ୍କାର ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ବିଜେଡି ନେତା ସୌମ୍ୟଶଙ୍କର ଚକ୍ର ଓରଫ ରାଜା ଚକ୍ରଙ୍କ ଜାମିନ ଶୁଣାଣିକୁ ଗୁରୁବାର ବାଲେଶ୍ୱର ଓପିଆଇଡି କୋର୍ଟ ସ୍ଥଗିତ ରଖିଛନ୍ତି। ଜେଲରେ ଥିବା ରାଜା ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର ହୋଇଥିଲେ। ଉଭୟ ପକ୍ଷ ଓକିଲଙ୍କ ଯୁକ୍ତି ପରେ ଜାମିନ ପିଟିଶନ ଉପରେ ଶୁଣାଣି ହୋଇଥିଲା। ତେବେ କୋର୍ଟଙ୍କ ପକ୍ଷରୁ ମଗାଯାଇଥିବା ଆଉ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜକୁ ଇଓଡବ୍ଲ୍ୟୁ ତଦନ୍ତକାରୀ ଅଧିକାରୀ ଉପସ୍ଥାପନ କରିପାରି ନ ଥିଲେ। ଫଳରେ କୋର୍ଟ ରାଜାଙ୍କ ଜାମିନ ଶୁଣାଣିକୁ ସ୍ଥଗିତ ରଖିବା ସହ ଏହାକୁ ଆସନ୍ତା ୫ତାରିଖକୁ ଘୁଞ୍ଚାଇ ଦେଇଥିବା ସୂଚନା ମିଳିଛି। ଉକ୍ତ ଦସ୍ତାବିଜ୍ ଆସନ୍ତା ତାରିଖରେ ଦାଖଲ କରିବା ପାଇଁ ତଦନ୍ତ ଅଧିକାରୀଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ରାଜାଙ୍କ ଲିଙ୍କ୍ ନେଇ ଇଓଡବ୍ଲ୍ୟୁ ପକ୍ଷରୁ କୋଇଡା ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି।

# ଓଡ଼ିଆ ପକ୍ଷ ୱେବ୍‌ସାଇଟ୍ ଲୋକାର୍ପିତ

ଭୁବନେଶ୍ୱର,୩।୪ (ସୌମ୍ୟରଞ୍ଜନ ରାଉତ)

ରାଜ୍ୟରେ ପ୍ରଥମଥର ପାଇଁ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଆ ପକ୍ଷ ପାଳନକୁ ନେଇ ସ୍ୱତନ୍ତ୍ର ୱେବ୍‌ସାଇଟ୍ https://odiapakhya.com ଲୋକାର୍ପଣ କରାଯାଇଛି। ୱେବ୍‌ସାଇଟରେ ଓଡ଼ିଆ ପକ୍ଷ ପାଳନ ସମ୍ବନ୍ଧୀୟ ସବିସ୍ତୃତ ବିବରଣୀ ରହିଛି। ଏଥିସହ ଏପ୍ରିଲ ୧ରୁ ୧୪ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ପ୍ରଦାନ କରାଯାଇଛି। ୱେବ୍‌ସାଇଟ୍‌ରେ ପକ୍ଷ ପାଳନ ସମ୍ବନ୍ଧୀୟ କୁଇଜ ମଧ୍ୟ ରଖାଯାଇଛି। ଓଡ଼ିଶାର ବରପୁତ୍ର ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ବନ୍ଧୀୟ ପ୍ରଶ୍ନ ରହିଛି। ଏଥିସହ ନିଜ ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ଲକ୍, ଜିଲାରେ ଓଡ଼ିଆ ପକ୍ଷ ପାଳନ ପରିପ୍ରେକ୍ଷୀରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ସେଲ୍ଫି ଏହି ଓଡ଼ିଆ ପକ୍ଷ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିପାରିବେ। ସମସ୍ତେ ଏହି କୁଇଜ୍‌ରେ ଅଂଶଗ୍ରହଣକରି ନିଜର ଡିଜିଟାଲ ପ୍ରମାଣପତ୍ର ପାଇପାରିବେ।

# ପରିବେଶ ସଂରକ୍ଷଣ ପାଇଁ ରାହୁଲ ମହାରଣାଙ୍କୁ ନ୍ୟାଶନାଲ ୟୁଥ୍ ଆୱାର୍ଡ



ଭୁବନେଶ୍ୱର, (ବନ୍ଦନା ସେଠୀ) ୩।୪

ପରିବେଶ ସଂରକ୍ଷଣ ଲାଗି ଓଡ଼ିଶାର ରାହୁଲ ମହାରଣାଙ୍କୁ ୨୦୨୨-୨୩ ବର୍ଷ ନିମନ୍ତେ ସମ୍ମାନଜନକ ନ୍ୟାଶନାଲ ୟୁଥ୍ ଆୱାର୍ଡରେ ସମ୍ମାନିତ କରାଯାଇଛି। ୨୦୨୧-୨୨ ଏବଂ ୨୦୨୨-୨୩ ବର୍ଷ ପାଇଁ ଜାତୀୟ ସ୍ତରରେ ମୋଟ ୨୪ ଜଣ ପୁରସ୍କୃତ ହୋଇଥିବାବେଳେ ରାହୁଲ ସେମାନଙ୍କ ମଧ୍ୟରୁ ଅନ୍ୟତମ। ନୂଆଦିଲ୍ଲୀରେ ଗୁରୁବାର ଅନୁଷ୍ଠିତ ଏକ ଉତ୍ସବରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ରାହୁଲଙ୍କ ଘର ଖୋର୍ଦ୍ଧା ଜିଲାର ଆମ୍ବଡିହ ଗ୍ରାମରେ। ଓଡ଼ିଶାର ଉପକୂଳ ଅଞ୍ଚଳରେ ପ୍ଲାଷ୍ଟିକ୍ ବର୍ଜ୍ୟ ପରିଷ୍କାର କରିବା, ହେନ୍ତାଳ ବନର ପୁନରୁଦ୍ଧାର, ଜୈବ ବିବିଧତାର ସଂରକ୍ଷଣ ଏବଂ ଗୋଷ୍ଠୀ ସଚେତନତା ଦିଗରେ ଅସାଧାରଣ ଅବଦାନ ପାଇଁ ତାଙ୍କୁ ସମ୍ମାନିତ କରାଯାଇଛି। ପରିବେଶ ସୁରକ୍ଷା ପାଇଁ ତାଙ୍କର ଅକ୍ଲାନ୍ତ ଉଦ୍ୟମ ତାଙ୍କୁ ଜାତୀୟ ସ୍ୱୀକୃତି ଦେଇଛି। ଭୁବନେଶ୍ୱରରେ ଜଣେ ସୁରକ୍ଷା ଗାର୍ଡ ଭାବେ କାର୍ଯ୍ୟରତ ରାହୁଲ ତାଙ୍କ ବନ୍ଧୁମାନଙ୍କ ସହ ଅସ୍ତରଙ୍ଗ ଭ୍ରମଣ କରିବା ପରେ ୨୦୧୮ରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିଥିଲେ। ସମୁଦ୍ର ମୁହାଣରେ ବିପୁଳ ପରିମାଣରେ ବର୍ଜ୍ୟ ଜମା ହୋଇଥିବା ଦେଖି ସେ ମର୍ମାହତ ହୋଇଥିଲେ ଏବଂ ପ୍ରତି ରବିବାର ନିଜେ ଏହାକୁ ପରିଷ୍କାର କରିବା ଦାୟିତ୍ୱ ନେଇଥିଲେ। ସେବେଠାରୁ ଓଡ଼ିଶା ଉପକୂଳର ସୁରକ୍ଷା ପାଇଁ ତାଙ୍କର ତ୍ୟାଗ ଏହି କାର୍ଯ୍ୟରେ ସାମିଲ ହେବା ଲାଗି ଅନେକଙ୍କୁ ପ୍ରେରଣା ଦେଇଛି।

DADLS-09



ଓଡ଼ିଶା ସରକାର

ଅମର ଶହୀଦ ରଘୁ - ଦିବାକରଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୪ ଅପ୍ରେଲ, ୨୦୨୫

ସକାଳ ଘ.୮.୩୦ମିନିଟ୍ -
ଭୁବନେଶ୍ୱର ୟୁନିଟ୍ ୯, ରୋଡ଼ ନମ୍ବର – ୩ ସ୍ଥିତ ଶହୀଦ ରଘୁ–ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬.ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀମତୀ ସୁରମା ପାଢ଼ୀ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ସମ୍ମାନନୀୟ ଅତିଥି – ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ, ମାନ୍ୟବର ବିଧାୟକ, ଖଣ୍ଡପଡ଼ା
ମୁଖ୍ୟବକ୍ତା – ଶ୍ରୀ ନାରାୟଣ ମହାପାତ୍ର, ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଅଧକ୍ଷ, ଜିଲ୍ଲା ଖାଉଟି ଆୟୁକ୍ତ, ନୟାଗଡ଼
ସମ୍ମାନନୀୟ ବକ୍ତା – ଶ୍ରୀମତୀ ସୌଦାମିନୀ ପାଇକରାୟ, ଅଧ୍ୟାପିକା, ଗଡ଼ବାଣିକିଲୋ ମହାବିଦ୍ୟାଳୟ, ନୟାଗଡ଼
ଧନ୍ୟବାଦ ଅର୍ପଣ – ଶ୍ରୀଯୁକ୍ତ ଗୌରାଙ୍ଗ ନାୟକ, ସଂପାଦକ, ରାଜ୍ୟସ୍ତରୀୟ ଶହୀଦ ରଘୁ–ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱର

ସ୍ୱରସୁଧା ସଂଗୀତ ସଦନ ତରଫରୁ ଯୁବ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ

ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ–ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0494/2425



" ନୀରବ ରହିବା ଓ ନିଜର ଉଦ୍ଦେଶ୍ୟକୁ ପ୍ରକଟ ନ କରିବା ଗୋଟାଏ କଥା କିନ୍ତୁ ଉଦ୍ଦେଶ୍ୟ ନେଇ କିଛି କରିଥିବା ସ୍ଥଳେ- ମୁଁ ତାହା କରି ନାହିଁ ବୋଲି କହିବାଟା ନୀରବତା ନୁହେଁ- ଏହା ହିଁ ମିଥ୍ୟାଚାର । -ଶ୍ରୀମା

-ବାସନ୍ତିକ ଶ୍ରୀଦୁର୍ଗାଦେବ୍ୟାଃ ସପ୍ତମୀ ଓ ମହାଷ୍ଟମୀ ପୂଜା, ଶ୍ରୀ ଲିଙ୍ଗରାଜ ଦେବଙ୍କର ରଥ ପ୍ରତିଷ୍ଠା



# ଇସ୍ରାଏଲ ଯୁଦ୍ଧ ଅନ୍ତରାଳେ



ଇଆନ୍ ବୁରୁମା

ଇସ୍ରାଏଲର ରାଜଧାନୀ ତେଲ୍ ଆଭିଭର ରାସ୍ତାରେ କଫି ଓ ବ୍ରେଡ୍ ରୋଲ୍‌ର ଆନନ୍ଦ ନେଉଥିବା ନାଗରିକମାନେ ସେମାନଙ୍କଠାରୁ ୬୯ କି.ମି. ଦୂରରେ ଥିବା ଗାଜାର ଲୋକଙ୍କ ଉପରେ ହେଉଥିବା ବୋମାମାଡ଼ ଓ ଗୁଳିଗୋଳା ବର୍ଷଣ ସମ୍ପର୍କରେ ଚିନ୍ତା କରିବା କଷ୍ଟକର । ପୃଥିବୀରେ ସମାଜ ଅଧିକ ସୁସଂଗଠିତ ଓ ଉନ୍ନତ ହେଉଥିବା ମନେ ହେଉଥିଲେ ମଧ୍ୟ ଅନ୍ୟମାନଙ୍କ ଯନ୍ତ୍ରଣାକୁ ପାସୋରିଯିବା ଏବେ ସହଜ ହୋଇଯାଇଛି । କହିବାର ଅର୍ଥ ଏହା ନୁହେଁ ଯେ, ଇସ୍ରାଏଲ ନାଗରିକମାନେ ଯୁଦ୍ଧ ସମ୍ପର୍କରେ ଜାଣୁନାହାନ୍ତି କି ଅନୁଭବ କରୁନାହାନ୍ତି । ସେମାନେ ସବୁବେଳେ ଟିଭିରେ ଗାଜାର ଧ୍ୱଂସଲୀଳା ଏବଂ ଏ ସମ୍ପର୍କିତ ତାଜା ଖବର ଦେଖିପାରୁଛନ୍ତି । ଯୁଦ୍ଧକୁ ନେଇ କ୍ରୋଧ, ଏହାକୁ ଜାରି ରଖିବାରେ ବେଞ୍ଜାମିନ ନେତାନ୍ୟାହୁଙ୍କ ପଦକ୍ଷେପ ଏବଂ ଇସ୍ରାଏଲ ଗଣତନ୍ତ୍ରର ନ୍ୟାୟପାଳିକା ଓ ଅନ୍ୟ ସଂସ୍ଥାଗୁଡ଼ିକୁ ଦୁର୍ବଳକରି ରଖିବାରେ ତାଙ୍କ ଚେଷ୍ଟାକୁ ସବୁଠି ବିଶେଷକରି ତେଲ୍ ଆଭିଭରେ ଲୋକେ ସ୍ପଷ୍ଟଭାବେ ଅନୁଭବ କରିପାରୁଛନ୍ତି ।

ପ୍ରତିଦିନ ଯୁଦ୍ଧ ବିରୋଧୀ ପ୍ରତିବାଦ ବା ପ୍ରଦର୍ଶନ ଦେଖିବାକୁ ମିଳୁଛି । ଏହା ବ୍ୟତୀତ ନେତାନ୍ୟାହୁଙ୍କ ଏକଚ୍ଛତ୍ରବାଦ ପଥରେ ବାଧା ଦେଉଥିବା ସରକାରୀ ଅଧିକାରୀମାନଙ୍କୁ ଚାକିରିରୁ ବାହାର କରିଦିଆଯିବା ବିରୋଧରେ ମଧ୍ୟ ପ୍ରତିବାଦ ହେଉଛି । ଲୋକେ ପ୍ରଧାନମନ୍ତ୍ରୀ ଓ ତାଙ୍କ କ୍ୟାବିନେଟ୍‌ରେ ଥିବା ଚରମପନ୍ଥୀଙ୍କର ଏଭଳି କାର୍ଯ୍ୟକୁ ନିନ୍ଦା କରିବା ସହ ସେମାନଙ୍କୁ ଫାସିବାଦୀ ଓ ଯୁଦ୍ଧ ଅପରାଧୀ ଭାବେ ଦେଖୁଛନ୍ତି । ଟ୍ରମ୍ପ ଓ ନେତାନ୍ୟାହୁଙ୍କ ମଧ୍ୟରେ କାହାର କାହା ଉପରେ ଅଧିକ ପ୍ରଭାବ ରହିଛି ତାହାକୁ ନେଇ ମଧ୍ୟ ଆଲୋଚନା ହେଉଛି । ଇସ୍ରାଏଲ ଡିଫେନ୍ସ ଫୋର୍ସର ଜଣେ ପୂର୍ବତନ ଫାଇଟର ପାଇଲଟ ମୋତେ କହିଥିଲେ, ସେ ଯୁଦ୍ଧରେ ଆଉ ଭାଗ ନେବେ ନାହିଁ ଏବଂ ସେ ଏ ବିଷୟକୁ ଗ୍ରହଣ କରନ୍ତି ନାହିଁ । ଅନ୍ୟ ଜଣେ କହିଥିଲେ,ତାଙ୍କ ପୁଅଙ୍କୁ ସେନାରେ ଯୋଗଦେବା ଲାଗି ଯଦି ଡାକନ୍ତି ତେବେ ସେ ଇସ୍ରାଏଲ ଛାଡ଼ିଚାଲିଯିବେ । ନୈରାଶ୍ୟ ମଧ୍ୟରେ ଥିବା ଜଣେ ଲେଖକଙ୍କ ସହ ମୁଁ ମଧ୍ୟ କଥା ହୋଇଥିଲି ଏବଂ ସେ କହିଥିଲେ, ଇସ୍ରାଏଲୀ, ଆରବୀୟ ଓ ଇହୁଦୀମାନଙ୍କ ମଧ୍ୟରେ ଥିବା ଘୃଣା ଯୋଗୁ ତାଙ୍କ ଦେଶ ଖଣ୍ଡ ବିଖଣ୍ଡିତ ହୋଇଯିବ । ଅନେକ ଯୁଦ୍ଧ ବିରୋଧୀ ପ୍ରତିବାଦକାରୀ ଏବଂ ଗଣତନ୍ତ୍ର ସପକ୍ଷବାଦୀ ଆଶ୍କିଭିଷ୍ଟ ବାହାର ଦୁନିଆରୁ ଅଲଗା ହୋଇଯାଉଥିବା ଅନୁଭବ କରୁଛନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବାକୁ ମନାକରିବା ହିଁ ଇସ୍ରାଏଲର କଳା ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ଥିବା ଅନ୍ତର୍ଜାତୀୟ ସମ୍ପର୍କକୁ ଛିନ୍ନ କରୁଛି । ଉଦାରବାଦୀ ଇସ୍ରାଏଲୀ ଅନୁଭବ କରନ୍ତି ଯେ, ଦେଶରେ ଶତ୍ରୁତାପୂର୍ଣ୍ଣ ଶକ୍ତି ଯଥା ନିଜ ସରକାର ଓ ଚରମ ଜାତୀୟତାବାଦୀ ସମର୍ଥକଙ୍କ ମଧ୍ୟରେ ସେମାନଙ୍କ ପ୍ରଭାବ ହ୍ରାସ ପାଉଛି । ପାଲେଷ୍ଟିନୀୟଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା କାର୍ଯ୍ୟକୁ ବିଶ୍ୱବାସୀ ନିନ୍ଦା କରୁଛନ୍ତି । ଏହା ନିଶ୍ଚିତ ଯେ, ଏଭଳି



ଭାବନାକୁ ଭୁଲ୍ ବୁଝାଯାଉଛି କିମ୍ବା ଅଣଦେଖା କରାଯାଉଛି ।

ତେବେ ଇସ୍ରାଏଲରେ ହେଉଥିବା ଯୁଦ୍ଧ ବିରୋଧୀ ଏବଂ ଗଣତନ୍ତ୍ର ସପକ୍ଷବାଦୀ ସବୁ ପ୍ରଦର୍ଶନରେ ପ୍ରଭାବ ନ ଥିବା ସ୍ପଷ୍ଟ ହେଉଛି । 'ସରକାର ପଣବନ୍ଦୀଙ୍କୁ ଫେରାଇ ଆଣୁ 'ଲେଖା ଥିବା ବ୍ୟାନରଗୁଡ଼ିକ ସବୁଠି ଦେଖାଯାଉଛି । ଇସ୍ରାଏଲ ରାଜନୀତିରେ ବାମ ଓ ଦକ୍ଷିଣପନ୍ଥୀ ଲୋକେ ହଳଦିଆ ରିବନ୍ ପିନ୍ଧୁଛନ୍ତି । ତେଲ୍ ଆଭିଭ ମ୍ୟୁଜିୟମ ଅଫ୍ ଆର୍ଟ ବାହାରେ ଲଗାଯାଇଥିବା ଚିତ୍ରକଳା ବ୍ୟଥିତ ଇସ୍ରାଏଲୀଙ୍କର ପଣବନ୍ଦୀ ସମ୍ପର୍କିତ ଭାବନାକୁ ପ୍ରକାଶ କରୁଛି, ଯେଉଁମାନଙ୍କ ମଧ୍ୟରୁ ଅନେକଙ୍କର ଗାଜା ଟନେଲ ମଧ୍ୟରେ ମୃତ୍ୟୁ ହୋଇସାରିଲାଣି ।

ଟେଲିଭିଜନ ଆଲୋଚନା କାର୍ଯ୍ୟକ୍ରମରେ ଲୋକମାନେ ଯୁଦ୍ଧ ଜାରି ରହିବାକୁ ନିନ୍ଦା କରୁଛନ୍ତି । କାରଣ ଏହା ଯୋଗୁ ଅବଶିଷ୍ଟ ଇସ୍ରାଏଲୀ ପଣବନ୍ଦୀଙ୍କ ମୃତ୍ୟୁର କାରଣ ହୋଇପାରେ ବୋଲି ସେମାନେ ଭାବୁଛନ୍ତି । ପ୍ରଦର୍ଶନ ବେଳେ ଯଦିଓ ଗାଜାର ଧ୍ୱସ୍ତ ବିଧ୍ୱସ୍ତ ଘର ଓ ରାସ୍ତାର ଛବି ଦେଖାଯାଉଛି , ତଥାପି ସେଥିରେ ପାଲେଷ୍ଟାଇନ୍ ନାଗରିକଙ୍କ ମୃତ୍ୟୁ, ଗୁରୁତର ଆହତ କିମ୍ବା ଘରୁ ବାହାର କରିଦିଆଯାଉଥିବା ତଥା ଭୋକିଲାଙ୍କ ଚିତ୍ର ନାହିଁ । ଇସ୍ରାଏଲର ଖବରକାଗଜ ହାରେଜ ଏବେ ସୁଦ୍ଧା ଏସବୁ ସମ୍ପର୍କିତ ରିପୋର୍ଟ ପ୍ରକାଶ କରୁଛି । କିନ୍ତୁ ଏହାକୁ ଇସ୍ରାଏଲ ଜନସଂଖ୍ୟାର ପ୍ରାୟ ୪ ପ୍ରତିଶତ ନାଗରିକ ପଢ଼ନ୍ତି । ଅବଶିଷ୍ଟ ଲୋକ ପାଲେଷ୍ଟନୀୟଙ୍କ ଯନ୍ତ୍ରଣା ସମ୍ପର୍କରେ ଚିନ୍ତା କରୁନାହାନ୍ତି ଏବଂ ଏଭଳି ଘଟୁଛି ବୋଲି ସେମାନେ ବିଶ୍ୱାସ ନ କରିବା ବି ସ୍ୱାଭାବିକ । ସବୁଠୁ ଖରାପ ବିଷୟ ହେଉଛି, ଏହି ବିଷୟକୁ ଉତ୍ଥାପନ କରିବାକୁ ଅନେକ ଇସ୍ରାଏଲୀ ଚାହୁଁନାହାନ୍ତି ଏବଂ ସେମାନେ ଏହାକୁ ଇହୁଦୀ ବିରୋଧୀ ବୋଲି ସୂଚିତ କରୁଛନ୍ତି । ଜେରୁଜେଲମରେ ଏକ ଯୁଦ୍ଧ ବିରୋଧୀ ପ୍ରଦର୍ଶନ ସମ୍ପର୍କରେ ଶୁଣିଥିଲି, ଯେଉଁଠାରେ ପୀଡ଼ିତ ପାଲେଷ୍ଟିନୀୟଙ୍କ ବିଷୟରେ ଆଲୋଚନା ଆରମ୍ଭ କରିବାକୁ ଯାଉଥିବା ଜଣେ ପ୍ରଦର୍ଶନକାରୀଙ୍କଠାରୁ ମାଇକ୍ରୋଫୋନ ଛଡ଼ାଇନିଆଯାଇଥିଲା ।

ଜେରୁଜେଲମ୍‌ରେ ମୁଁ ଜଣେ ମଧ୍ୟମ ବୟସ୍କ ବ୍ୟକ୍ତିଙ୍କୁ ଭେଟିଥିଲି । ସେ ନେତାନ୍ୟାହୁଙ୍କର ତଥା ଯୁଦ୍ଧର ତୀବ୍ର ବିରୋଧୀ । ସେ ଆରବୀୟ ଭାଷା କହନ୍ତି ଓ ଗରିବଙ୍କ ପାଇଁ ଏକ ଦାତବ୍ୟ ସଙ୍ଗଠନ ଆରମ୍ଭ କରିଛନ୍ତି । ତାଙ୍କର ଏହି ସେବା କାର୍ଯ୍ୟ ଆରବୀୟଙ୍କୁ ଲାଭ ଦେଇଛି କି ନାହିଁ ବୋଲି ତାଙ୍କୁ ମୁଁ ଯେତେବେଳେ ପଚାରିଲି ସେତେବେଳେ ସେ ଦୀର୍ଘ ଶ୍ୱାସନେଇ କହିଲେ, ସେ ଚାହିଁଥିଲେ ଏହା ସମ୍ଭବ ହୋଇଥାନ୍ତା । ତା'ପରେ ସେ ବୁଝାଇଲେ ଯେ, ପାଲେଷ୍ଟିନୀୟମାନେ ଶାନ୍ତି ଚାହାନ୍ତି ବୋଲି କହିଥିଲେ । କିନ୍ତୁ ସେମାନେ ସମସ୍ତେ ୭ ଅକ୍ଟୋବର ୨୦୨୩ ରେ ହତ୍ୟା ଓ ଅପହରଣ ହୋଇଥିବା ୧୨,୦୦୦ ଇସ୍ରାଏଲୀଙ୍କ ଘଟଣାକୁ ସମର୍ଥନ କରିଥିଲେ । ସେହିଦିନ ଯାହା ଘଟିଥିଲା ତାହା ଇହୁଦୀମାନଙ୍କ ଗଣହତ୍ୟାକୁ ସ୍ମରଣ କରାଇଦେଇଥିଲା । ଏଭଳି ଲୋକଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିବା କେବେ ସମ୍ଭବ ହୋଇପାରେ ?

ଏହି ଦୃଷ୍ଟିକୋଣକୁ ଧର୍ମାନ୍ଧତା କିମ୍ବା ବର୍ଣ୍ଣବୈଷମ୍ୟ ଭାବି ସହଜରେ ଅସ୍ୱୀକାର କରାଯାଇପାରିବ ନାହିଁ । ତାଙ୍କ ଦୃଷ୍ଟିକୋଣ ଇସ୍ରାଏଲରେ ବ୍ୟାପକ ଭାବେ ଶେୟାର କରାଯାଇଛି । ପାଲେଷ୍ଟିନୀୟଙ୍କ ଉପରେ ଇସ୍ରାଏଲୀଙ୍କ ଦମନ ଓ ସେମାନଙ୍କ ଉତ୍ପୀଡ଼ନ ପ୍ରତି ଉଦାସୀନତା ପଛରେ ଅନେକ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି । କିନ୍ତୁ ୭ ଅକ୍ଟୋବର ଦୁଃଖଦ ଘଟଣାକୁ ଏଡ଼ାଇଯିବା ବୋକାମି । ଏଭଳି କ୍ରୂରତାକୁ ନେଇ ଇସ୍ରାଏଲର ଇହୁଦୀମାନେ ବହୁ ଶତାବ୍ଦୀର ଉତ୍ପୀଡ଼ନ, ହତ୍ୟା ଓ ଅପମାନକୁ ସ୍ମରଣକଲେ ହିଁ ସେମାନେ ଶେଷରେ ସୁରକ୍ଷିତ ରହିବେ ବୋଲି ନିଶ୍ଚିତ କରିଛନ୍ତି । ଏପରିକି ଯଦି ନେତାନ୍ୟାହୁ ଜଣେ କମ୍ ନିରାଶବାଦୀ ନେତା ଭାବେ ତାଙ୍କ ସରକାର ବଜାୟ ରଖିବା ପାଇଁ ଯୁଦ୍ଧ ଜାରି ରଖିଥିବା କୁହାଯାଉଛି । ହେଲେ ସରକାର ବାହାରେ ଦୁର୍ନୀତି ଓ ହେରଫେର ମାମଲାରେ ବିଚାରର ସମ୍ମୁଖୀନ ହେବେ ଏବଂ ସମ୍ଭବତଃ ଦୋଷୀ ହୋଇପାରନ୍ତି । ରାଜନୈତିକ ପତନକୁ ଦୃଷ୍ଟିରେ ରଖି ସେ ଇହୁଦୀଙ୍କ ଉତ୍ପୀଡ଼ନର ଦୀର୍ଘ କାହାଣୀକୁ ବ୍ୟବହାର କରିବାରେ ସେ ଇସ୍ରାଏଲର ଏକମାତ୍ର ପ୍ରଧାନମନ୍ତ୍ରୀ ନୁହନ୍ତି । ୧୯୬୧ରେ ଡାଭିଡ୍ ବେନ ଗୁରିଅନ୍ ଏଭଳି କରିଥିଲେ । କିନ୍ତୁ ନେତାନ୍ୟାହୁ ତାଙ୍କ ପୂର୍ବାଧିକାରୀଙ୍କ ତୁଳନାରେ ଅଧିକ କରିଛନ୍ତି । ପାଲେଷ୍ଟିନୀୟ ବିଶେଷକରି ହମାସ୍ ଇହୁଦୀଙ୍କ ଅସ୍ତିତ୍ୱ ପ୍ରତି ବିପଦ ଏବଂ ସେ ହିଁ ଦ୍ୱିତୀୟ ଗଣହତ୍ୟାରୁ ସେମାନଙ୍କୁ ରକ୍ଷା କରିପାରିବେ ବୋଲି ଏକ ଧାରଣାକୁ ଅଧିକ ବ୍ୟାପକ କରିଛନ୍ତି । କିନ୍ତୁ ଅକ୍ଟୋବର ୭ ଆକ୍ରମଣ ଘଟଣା ନେତାନ୍ୟାହୁଙ୍କ ଲୋକପ୍ରିତା ହ୍ରାସର କାରଣ ହୋଇଛି । କିନ୍ତୁ ଇହୁଦୀ ଅସ୍ତିତ୍ୱ ପ୍ରତି ବିପଦ ରହିଛି ବୋଲି ତାଙ୍କର ଯେଉଁ ଦୃଷ୍ଟିକୋଣ ରହିଛି ତାହାକୁ ଅଧିକାଂଶ ଇସ୍ରାଏଲୀ ପ୍ରଚାର କରୁଛନ୍ତି । ତେବେ ବଞ୍ଚିବାର ସଂଗ୍ରାମରେ ଶତ୍ରୁ ପ୍ରତି ଦୟାର କୌଣସି ସ୍ଥାନ ନାହିଁ ।

**ପ୍ରତିଷ୍ଠିତ ଲେଖକ**

# ବିଶ୍ୱ ବାଣିଜ୍ୟ ଯୁଦ୍ଧର ପ୍ରଭାବ



ଡ. ଶ୍ରୀନିବାସ ଦାଶ

ବର୍ତ୍ତମାନ ବିଶ୍ୱ ଅର୍ଥନୀତି ଗଭୀର ଅସ୍ଥିରତା ଓ ଅନିଶ୍ଚିତତାର ଏକ ଜଟିଳ ପରିବେଶ ମଧ୍ୟରେ ଗତି କରୁଛି । ବିଶ୍ୱବ୍ୟାପୀ ଚାଲିଥିବା ବାଣିଜ୍ୟଯୁଦ୍ଧ, ବିଶେଷତଃ ଆମେରିକା ଓ ଚାଇନା ମଧ୍ୟରେ ଚାଲିଥିବା ବାଣିଜ୍ୟ ଦ୍ୱନ୍ଦ୍ୱ, ବ୍ରେକ୍ସିଟ୍‌ରେ ୟୁରୋପରେ ସୃଷ୍ଟି ହୋଇଥିବା ଅର୍ଥନୈତିକ ଅସ୍ଥିରତା ଏବଂ ନୂଆ ବିଶ୍ୱ ଅର୍ଥନୀତିର ଆକୃତି ଗଠନ ଭାରତ ସହିତ ସମସ୍ତ ବିକାଶଶୀଳ ଦେଶମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଛି । ଏହି ପ୍ରଭାବର ସର୍ବାଧିକ ପ୍ରଭାବ ପଡ଼ିଛି ମାନବ ସମ୍ପଦ ବିଶେଷକରି କର୍ମଜୀବୀ ଶ୍ରେଣୀ ଉପରେ । ବିଶ୍ୱବ୍ୟାପୀ ବାଣିଜ୍ୟଯୁଦ୍ଧର ପ୍ରଧାନ କାରଣ ହେଉଛି ରାଷ୍ଟ୍ରମାନଙ୍କ ମଧ୍ୟରେ ଥିବା ଅଧିକ ନିୟନ୍ତ୍ରଣ ଓ ରକ୍ଷାନୀତି । ଯେପରି କି ଆମେରିକା ଚାଇନା ଉପରେ ଅନେକ ରକ୍ଷାଶୁଳ୍କ ଲାଗୁ କରିଛି ଓ ତାହା ପ୍ରତିବଦଳରେ ଚାଇନା ମଧ୍ୟ ଆମେରିକୀୟ ପଦାର୍ଥ ଉପରେ ଅତିରିକ୍ତ ଶୁଳ୍କ ଘୋଷଣା କରିଛି । ଏହି ବ୍ୟବହାର ବିଶ୍ୱ ଅର୍ଥନୀତି ଉପରେ ଚାପ ପକାଇଛି । ଏହି ବିଶ୍ୱ ବାଣିଜ୍ୟଯୁଦ୍ଧର ପ୍ରଭାବ ଭାରତର କର୍ମଜୀବୀଙ୍କ ଉପରେ ପଡ଼ିଛି । ଟେକ୍ସଟାଇଲ ଏବଂ ଗାର୍ମେଣ୍ଟ ଶିଳ୍ପ ଭାରତର ଦ୍ୱିତୀୟ ସବୁଠାରୁ ବଡ଼ କର୍ମ ସୃଷ୍ଟିକାରୀ ଶିଳ୍ପ । ଏଠାରେ ପ୍ରାୟ ୪୫ଲକ୍ଷ କର୍ମଚାରୀ ନିଯୁକ୍ତ ଅଛନ୍ତି, ଯେଉଁଥିରୁ ୭୦% ମହିଳା । ବିଶ୍ୱ ବଜାରରେ ଅସ୍ଥିରତା ଓ ଦେଶଗତ ଅଧିକ ଟ୍ୟାରିଫ ହାର ବୃଦ୍ଧିରୁ ୨୦୨୩ରେ ଏହି ସେକ୍ଟରରେ ପ୍ରାୟ ୮.୫% ନିଯୁକ୍ତି ହ୍ରାସଘଟିଛି । ଭାରତର ଆଇଟି ତଥା ବିପିଓ ସେକ୍ଟର ଆନ୍ତର୍ଜାତିକ ଗ୍ରାହକ ଉପରେ ନିର୍ଭର କରୁଥିବାରୁ, ବିଶ୍ୱ ବ୍ୟବସ୍ଥାରେ ଆସୁଥିବା ପ୍ରଭାବ ଏଠି ମଧ୍ୟ ଦେଖାଯାଉଛି । ଆମେରିକା H୧B ଭିଜା ନୀତି ଓ 'ଆମେରିକା ପ୍ରଥମ' ନୀତି ଯୋଗୁ ଭାରତର ସଫ୍ଟୱେର ରପ୍ତାନିଭିତ୍ତିକ କମ୍ପାନୀଗୁଡ଼ିକ ଅନେକ କଠିନ ସ୍ଥିତିରେ ଅଛନ୍ତି । ଏହି ସେକ୍ଟରରେ ୨୦୨୨-୨୩ ମଧ୍ୟରେ ନୂଆ ନିଯୁକ୍ତି ୫.୨% ହ୍ରାସ ହୋଇଛି । ୨୦୨୩ରେ ଭାରତର ସମ୍ପୂର୍ଣ୍ଣ ରପ୍ତାନୀ ମୂଲ୍ୟ ୬୦୦ ବିଲିଅନ ଡଲାରରୁ ୫୫୫ ବିଲିଅନ ଡଲାରକୁ ଖସିଯାଇଛି (ବାଣିଜ୍ୟ ମନ୍ତ୍ରଣାଳୟ ରିପୋର୍ଟ) । ୟୁରୋପ ଓ ଆମେରିକାକୁ ହେଉଥିବା ରପ୍ତାନୀ ୭.୪% କମିଛି, ଯାହାଠାରୁ ଏହି ଅଞ୍ଚଳରେ ନିର୍ଭର କରୁଥିବା କର୍ମଜୀବୀଙ୍କ ଓଭରଟାଇମ, ବୋନସ ଓ ନିଯୁକ୍ତି ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଛି । ଚାଇନା ଉପରେ ଆଧାରିତ ଉପାଦାନ ଅଂଶ ଉପରେ ଭାରତର ଅଧିକ ନିର୍ଭରତା ଓ ବିଶ୍ୱ ଭିତରେ ଅଧିକ ଟାରିଫ୍ ଓ ନୀତିଗତ ବାଧା ଥିବାରୁ ଏହି ସେକ୍ଟର ମଧ୍ୟ ଅସ୍ଥିରତା ଅନୁଭବ କରୁଛି । ଏହି ସେକ୍ଟରରେ ୨୦୨୩ ମଧ୍ୟରେ କାମ ହରାଇଥିବା କର୍ମଚାରୀ ସଂଖ୍ୟା ପ୍ରାୟ ୨.୧ ଲକ୍ଷ ଥିବା ଅନୁମାନ କରାଯାଉଛି । ଆମେରିକା ଓ ୟୁରୋପର ନୂତନ ନୀତି ଅନୁସାରେ ଭାରତୀୟ ଔଷଧ ଉପରେ ଦାମ୍ ନିୟନ୍ତ୍ରଣ ଲାଗୁ ହେବାରୁ ଏହି ଶିଳ୍ପର ଲାଭାଂଶ ଓ ନିଯୁକ୍ତି ଉପରେ ପ୍ରଭାବ ପଡ଼ିଛି । ଏହି ସେକ୍ଟରରେ ୨୦୨୩ ମଧ୍ୟରେ ନିଯୁକ୍ତିରେ ୩.୩% ହ୍ରାସ ହୋଇଛି (ଫିକି ରିପୋର୍ଟ) । ୨୦୨୩ ମଧ୍ୟରେ ଟ୍ରାଡିଶନାଲ ମିଡିଆ ଉପରେ ଆଧାରିତ କାମକୁ ନେଇ ୬% ନିଯୁକ୍ତି କମିଯାଇଛି ।

ଭାରତ ସରକାର ଏହି ଅସ୍ଥିର ବିଶ୍ୱ ବଜାର ପରିସ୍ଥିତିରେ ଏକ ସବଳ ସ୍ଥାନ ନେବା ପାଇଁ ବହୁତ କିଛି ପଦକ୍ଷେପ ଗ୍ରହଣ କରିଛନ୍ତି । ଭାରତରେ ତିଆରି ହେଉଥିବା ଉତ୍ପାଦକୁ ଅଧିକ ପ୍ରୋତ୍ସାହନ ଦେବାକୁ ନୀତି ଅଣାଯାଇଛି । ଏହାଦ୍ୱାରା ଦେଶୀ ଉତ୍ପାଦକର୍ତ୍ତା ଓ କର୍ମଜୀବୀମାନେ ଲାଭାନ୍ୱିତ ହେଉଛନ୍ତି । ଉତ୍ପାଦନ ସହିତ ସଂଯୁକ୍ତ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ମୋବାଇଲ, ହାର୍ଡୱେର, ଔଷଧ ଓ ଇଲେକ୍ଟ୍ରୋନିକ୍ସ ଭଳି ଶିଳ୍ପକୁ ଉତ୍ପାଦନ ବୃଦ୍ଧି ପାଇଁ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି । ୨୦୨୩ ମଧ୍ୟରେ ଏହି ଯୋଜନାରେ ପ୍ରାୟ ୨୦ହଜାର ନୂଆ ନିଯୁକ୍ତି ହୋଇଛି । ମୁକ୍ତ ବ୍ୟାପାର ଚୁକ୍ତିରେ ଭାରତ ଅନେକ ଦେଶ ସହ ବାଣିଜ୍ୟ ବୁଝାମଣା କରୁଛି ଯଥା ୟୁଏଇ, ଅଷ୍ଟ୍ରେଲିଆ, ବ୍ରିଟେନ, ଯାହାଦ୍ୱାରା ରପ୍ତାନୀ ବୃଦ୍ଧିପାଇ ନିଜ ଶ୍ରମଶକ୍ତିକୁ ବ୍ୟବହାର କରିବାର ଅବସର ବୃଦ୍ଧିପାଉଛି । ବିଶ୍ୱ ବାଣିଜ୍ୟଯୁଦ୍ଧ ଏକ ନୂଆ ବିଶ୍ୱ ଅର୍ଥନୀତି ଗଠନ କରୁଛି, ଯାହା ମଧ୍ୟରେ ଭାରତର କର୍ମଜୀବୀ ଶ୍ରେଣୀ ଏହି କ୍ଷେତ୍ରରେ ଆଗାମୀ ଦିନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବ, ଯଦି ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରାଯାଏ ।

**ବିଭାଗୀୟ ମୁଖ୍ୟ (ପ୍ରବନ୍ଧନ ବିଭାଗ),**
**ଗଙ୍ଗାଧର ମେହେର**
**ବିଶ୍ୱବିଦ୍ୟାଳୟ, ସମ୍ବଲପୁର**
**ମୋ:୯୮୫୩୧୩୨୯୦୪**

## ଏଇ ଭାରତରେ

ଆମ୍ବ ଉତ୍ପାଦନର ସମୟ ଆସିଲେ କେରଳର କାନ୍ନାପୁରମ ଗାଁ ଚର୍ଚ୍ଚାକୁ ଆସେ । ଏହି ଗାଁରେ ୨୦୮ କିସମର ଆମ୍ବ ଫଳୁଛି । ଗ୍ରାମବାସୀଙ୍କ ଉଦ୍ୟମରେ ଏହି ସଫଳତା ମିଳିଛି । ଏହି ଗାଁରେ ୨୦୦ ବର୍ଷର ଏକ ଭେଲାଥାନ କିସମ ଆମ୍ବ ଗଛ ଥିଲା, ଯାହା ଅତ୍ୟନ୍ତ ସ୍ୱାଦିଷ୍ଟ । କିନ୍ତୁ ତାହାକୁ ଜମିମାଲିକ କାଟିଦେବା ପରେ ଗ୍ରାମବାସୀ ଏକାଠି ହୋଇ ତାହାର ଶାଖାକୁ ସଂଗ୍ରହ କରି କଲମି କରି ୨୦୦ ଗଛ ଉତାରି ଥିଲେ ଓ ସେଗୁଡ଼ିକୁ ବି ଲଗାଇଛନ୍ତି । ଗାଁରେ କେବଳ ୨୦ଟି ପରିବାରର ମାଲିକାନାରେ ଥିବା ୩୭୨ଟି ଗଛରୁ ୧୦୦ କିସମର ଆମ୍ବ ଫଳୁଛି ଏବଂ ଅବଶିଷ୍ଟ ପରିବାରରେ ଆଉ ୧୦୦ କିସମ ଆମ୍ବ ମିଳୁଛି । ଏହି ସଫଳତା ପାଇବା ଲାଗି ସେମାନେ ଦୀର୍ଘଦିନ ପ୍ରୟାସ କରିଥିଲେ । ସେମାନେ ଏକ ଫେସବୁକ ପେଜ୍ ଖୋଲି ଭାରତର ବିଭିନ୍ନ ସ୍ଥାନରେ ଥିବା ବିଭିନ୍ନ କିସମର ଆମ୍ବ ଗଛ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ । ପରେ ସେଗୁଡ଼ିକୁ ସଂଗ୍ରହ କରି ଲଗାଇଥିଲେ । ଆମ୍ବ ଉତ୍ପାଦନ ସମୟରେ ସେମାନେ ଆମ୍ବ ବିକ୍ରି କରି ଲାଭବାନ୍ ହେବା ସହ ସେଥିରୁ ଆଚାର, ଜାମ୍, କେକ୍ ଆଦି ପ୍ରସ୍ତୁତ କରୁଛନ୍ତି । ଆମ୍ବର ରଙ୍ଗ, ରସ ତଥା ସ୍ୱାଦକୁ ନେଇ ସେଗୁଡ଼ିକର ନାମକରଣ କରାଯାଇଛି ।

## ୫୦ ବର୍ଷ ତଳର ଧରିତ୍ରୀ

୪ ଏପ୍ରିଲ ୧୯୭୬

- ଭାରତ-ବର୍ମା ସୀମାନ୍ତରେ ସଂଘଟିତ ସଂଘର୍ଷରେ ୨୦ ଜଣ ବିଦ୍ରୋହୀ ନାଗା ନିହତ ।
- ଡକ୍ଟର ସି.ଭି. ସୁବ୍ରମନ୍ୟମ ଓ ଡକ୍ଟର ଟି.ଏନ୍. ରାମଚନ୍ଦ୍ର ରାଓଙ୍କୁ ମିଳିତ ଭାବେ ରଫି ଅହମ୍ମଦ କିଦ୍ୱାଇ ପୁରସ୍କାର ପ୍ରଦାନ ।
- ଭାରତ ଓ ତୁର୍କୀ ମଧ୍ୟରେ ବିଜ୍ଞାନ ବୈଷୟିକ ସମ୍ପର୍କରେ ସହଯୋଗ ଲାଗି ଏକ ଚୁକ୍ତିନାମା ସ୍ୱାକ୍ଷରିତ ।

## su|do|ku
Puzzles by Srikant Ghosh
## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 5 | 3 | | | | | |
| | | 1 | 7 | | | 9 | | |
| | | | | | 2 | | 6 | |
| | | | | 9 | 1 | 4 | | |
| 6 | | | | | | | 5 | |
| | | 8 | | | | | 3 | |
| 8 | | | | | | | | |
| | 4 | | | | | 2 | 1 | 5 |
| | 7 | | 9 | 6 | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 7 | 3 | 2 | 1 | 4 | 5 | 6 |
| 2 | 6 | 4 | 7 | 5 | 8 | 9 | 3 | 1 |
| 3 | 1 | 5 | 6 | 4 | 9 | 2 | 7 | 8 |
| 8 | 3 | 2 | 5 | 7 | 4 | 1 | 6 | 9 |
| 5 | 4 | 6 | 9 | 1 | 3 | 7 | 8 | 2 |
| 7 | 9 | 1 | 2 | 8 | 6 | 3 | 4 | 5 |
| 4 | 2 | 3 | 8 | 9 | 5 | 6 | 1 | 7 |
| 1 | 7 | 8 | 4 | 6 | 2 | 5 | 9 | 3 |
| 6 | 5 | 9 | 1 | 3 | 7 | 8 | 2 | 4 |

ଗତକାଲିର ଉତ୍ତର

# ଦିବ୍ୟାଙ୍ଗ ପିଲାଙ୍କ ପାଇଁ ଶିକ୍ଷକ ଅଭାବ



ବରେଣ୍ୟ ଦାସ

ଭାରତୀୟ ଶିକ୍ଷା ବ୍ୟବସ୍ଥା ବିଶ୍ୱରେ ସଂଖ୍ୟା ଓ ବିବିଧତା ଦୃଷ୍ଟିରୁ ଅଗ୍ରଣୀ । କିନ୍ତୁ ଏହାର ଅନ୍ତରାଳରେ ରହିଛି ବିଶେଷ ଶିକ୍ଷକଙ୍କ ଅଭାବ, ଯାହା ସରକାରୀ ଓ ଘରୋଇ ବିଦ୍ୟାଳୟ ଉଭୟରେ ଦେଖାଯାଉଛି । ଏହା ବିଶେଷ ଆବଶ୍ୟକତା ଥିବା ପିଲାଙ୍କ (ସିଡବ୍ଲୁଏସ୍ଏନ୍) ଶିକ୍ଷା ଓ ଭବିଷ୍ୟତକୁ ପ୍ରଭାବିତ କରୁଛି । ବିଶେଷ ଶିକ୍ଷକମାନେ ଦୃଷ୍ଟିହୀନତା, ଶ୍ରବଣ ଅକ୍ଷମତା, ଅଟିଜମ ଥିବା ପିଲାଙ୍କୁ ଶିକ୍ଷାଦେବା ଆବଶ୍ୟକ । ଅକ୍ଷମ ବ୍ୟକ୍ତି ଅଧିକାର ଆଇନ (ଆର୍‌ପିଡବ୍ଲୁଡି ଆକ୍ଟ, ୨୦୧୬) ସମାନ ଶିକ୍ଷା ସୁଯୋଗକୁ ସମର୍ଥନ କରେ, କିନ୍ତୁ ସେଥିରେ ଏହାର କାର୍ଯ୍ୟକାରିତା ପାଇଁ ସ୍ପଷ୍ଟ ମାର୍ଗଦର୍ଶିକା ନାହିଁ । ୟୁନେସ୍କୋର ୨୦୨୧ ରିପୋର୍ଟ ଅନୁସାରେ, ୭୫% ଦିବ୍ୟାଙ୍ଗ ପିଲା ବିଦ୍ୟାଳୟରେ ପଢ଼ିପାରନ୍ତି ନାହିଁ । ସମଗ୍ର ଶିକ୍ଷା ଅଭିଯାନ ଓ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦, ସମାନ ଶିକ୍ଷାର ପ୍ରତିଶ୍ରୁତି ଦେଇଛି, କିନ୍ତୁ ବିଶେଷ ଶିକ୍ଷକଙ୍କ ଅଭାବ ଏହାକୁ ଅସମ୍ଭବ କରିଛି । ସମଗ୍ର ଶିକ୍ଷା ୨୦୨୩-୨୪ ତଥ୍ୟ ଅନୁସାରେ, ୨୫.୪୮ଲକ୍ଷ ସିଡବ୍ଲୁଏସ୍ଏନ୍ ଚିହ୍ନଟ ହୋଇଛନ୍ତି, କିନ୍ତୁ ବିଶେଷ ଶିକ୍ଷକ ମାତ୍ର୧୨,୦୦୦-୧୫,୦୦୦ ।



ଏହାର ପ୍ରଥମ କାରଣ ହେଲା ବିଶେଷ ଶିକ୍ଷା ପାଇଁ କମ୍ ପ୍ରଶିକ୍ଷଣ ବ୍ୟବସ୍ଥା । ରିହାବିଲିଟେଶନ କାଉନ୍ସିଲ ଅଫ୍ ଇଣ୍ଡିଆ (ଆର୍‌ସିଆଇ) ଅଧୀନରେ ୮୦୦ରୁ କମ୍ ଅନୁଷ୍ଠାନ ରହିଛି, ଯାହା ବାର୍ଷିକ ୫,୦୦୦ରୁ କମ୍ ଶିକ୍ଷକ ତିଆରି କରେ । ଏହା ଆବଶ୍ୟକ ତୁଳନାରେ ନଗଣ୍ୟ । ଅନେକ ସାଧାରଣ ଶିକ୍ଷକ ବିଶେଷ ଆବଶ୍ୟକତା ଥିବା ପିଲାଙ୍କୁ ଶିକ୍ଷାଦେବାରେ ଅସମର୍ଥ, କାରଣ ସେମାନଙ୍କୁ ଏହି କ୍ଷେତ୍ରରେ ପ୍ରଶିକ୍ଷଣ ମିଳିନାହିଁ । ଦ୍ୱିତୀୟତଃ,ସରକାରୀ ବିଦ୍ୟାଳୟଗୁଡ଼ିକରେ ଏସ୍ଏସ୍ଏ ଅଧୀନରେ କମ୍ ବେତନ ଦିଆଯାଏ । କମ୍ ବେତନ ଯୋଗୁ ଅନେକ ଶିକ୍ଷକ ଏହି ପେସା ଛାଡ଼ନ୍ତି । ତୃତୀୟତଃ, ସହରାଞ୍ଚଳରେ ବିଶେଷ ଶିକ୍ଷକଙ୍କ ସଂଖ୍ୟା ଅପେକ୍ଷାକୃତ ଅଧିକ, କିନ୍ତୁ ଗ୍ରାମାଞ୍ଚଳରେ ଏମାନଙ୍କ ଉପସ୍ଥିତିନାମମାତ୍ର । ଗ୍ରାମାଞ୍ଚଳରେଅଧିକାଂଶବିଶେଷ ଆବଶ୍ୟକତା ଥିବା ପିଲା ରହିଥାନ୍ତି, କିନ୍ତୁ ସେଠାକାର ସ୍କୁଲଗୁଡ଼ିକ ଯାହା ଶିକ୍ଷକଙ୍କ ଆବଶ୍ୟକତାକୁ ଆହୁରି ଜଟିଳ କରେ । ଅନେକ ବିଦ୍ୟାଳୟରେ ହୁଇଲ ଚେୟାର ରାମ୍ପ, ସ୍ୱତନ୍ତ୍ର ଶୌଚାଳୟ, ବ୍ରେଲ, ଶ୍ରବଣ ଉପକରଣ ଭଳି ମୌଳିକ ସୁବିଧା ନାହିଁ । ଏହା ବିଶେଷ ଆବଶ୍ୟକତା ଥିବା ପିଲାଙ୍କୁ ଶିକ୍ଷାରୁ ଦୂରେଇ ରଖେ ଏବଂ ଶିକ୍ଷକମାନେ ମଧ୍ୟ ଏପରି ପରିବେଶରେ କାମ କରିବାକୁ ଅସମର୍ଥ ହୁଅନ୍ତି । ଏହି ଅଭାବ ଯୋଗୁ ୪୫% ବିଶେଷ ଆବଶ୍ୟକତା ଥିବା ବ୍ୟକ୍ତି ନିରକ୍ଷର ରହିଯାଆନ୍ତି ଓ ମାତ୍ର ୯% ମାଧ୍ୟମିକ ଶିକ୍ଷା ସାରନ୍ତି (ଏନ୍ଏସ୍ଏସ୍, ୨୦୧୮), ଯାହା ସେମାନଙ୍କ ସାମାଜିକ-ଆର୍ଥିକ ଅଗ୍ରଗତିକୁ ବାଧା ଦିଏ ।

ଏହି ଗମ୍ଭୀର ସମସ୍ୟାଗୁଡ଼ିକର ଏକ ସ୍ଥାୟୀ ଓ କାର୍ଯ୍ୟକାରୀ ସମାଧାନ ଆବଶ୍ୟକ, ଯାହା ଶିକ୍ଷା ବ୍ୟବସ୍ଥାରେ ବିଶେଷ ଆବଶ୍ୟକତା ଥିବା ପିଲାଙ୍କୁ ଅନ୍ତର୍ଭୁକ୍ତ କରିପାରିବ । ଉଦାହରଣ ସ୍ୱରୂପ ପ୍ରତି ଜିଲାରେ ୬ ମାସ ବ୍ୟାପୀ ସ୍ୱଳ୍ପ ମିଆଦୀ ପ୍ରଶିକ୍ଷଣ ଚଲାଯାଇପାରେ, ଯେଉଁଠାରେ ସାଧାରଣ ଶିକ୍ଷକଙ୍କୁ ବିଶେଷ ଶିକ୍ଷା ପ୍ରଦାନରେ ଦକ୍ଷ କରାଯିବ । ଏହାର ଉଦ୍ଦେଶ୍ୟ ହେବ ଦ୍ରୁତ ବିଶେଷ ଶିକ୍ଷକ ସଂଖ୍ୟାବଢ଼ାଇବା । ପ୍ରଶିକ୍ଷଣରେ ଅକ୍ଷମତାର ପ୍ରକାର, ଶିକ୍ଷଣ ପଦ୍ଧତି (ଯେପରି ବ୍ରେଲ, ସାଙ୍କେତିକ ଭାଷା) ଏବଂ ବ୍ୟକ୍ତିଗତ ଶିକ୍ଷାଯୋଜନା ତିଆରି ଶିଖାଯିବ । ଏହା ସରକାରୀ ଓ ଘରୋଇ ସ୍କୁଲରେ କାର୍ଯ୍ୟକାରୀ ହେବ ଏବଂ ପ୍ରତିବର୍ଷ ୫୦,୦୦୦ ଶିକ୍ଷକ ତିଆରି ଲକ୍ଷ୍ୟ ରଖାଯିବ । ସ୍ଥାନୀୟ ଶିକ୍ଷା ଅଧିକାରୀମାନେ ଏହାର ତଦାରଖ କରିବେ । ଅନଲାଇନ ପ୍ଲାଟଫର୍ମ ମାଧ୍ୟମରେ ଶିକ୍ଷକଙ୍କୁ ପ୍ରଶିକ୍ଷଣ, ଶିକ୍ଷଣ ସାମଗ୍ରୀ (ଭିଡିଓ, ମଡ୍ୟୁଲ) ଓ ସହାୟତା ଦିଆଯାଇପାରେ । ଏକ କେନ୍ଦ୍ରୀୟ ପୋର୍ଟାଲ ମାଧ୍ୟମରେ ଶିକ୍ଷକମାନେ ନିଜ ସମସ୍ୟା ଉପସ୍ଥାପନ କରି ବିଶେଷଜ୍ଞଙ୍କ ପରାମର୍ଶ ପାଇପାରିବେ । ଏହା ଖର୍ଚ୍ଚ ହ୍ରାସ କରିବ, ସମୟ ବଞ୍ଚାଇବ ଓ ଦୂରବର୍ତ୍ତୀ ଅଞ୍ଚଳରେ ସମାନ ସୁଯୋଗ ସୃଷ୍ଟି କରିବ । ବିଶେଷ ଶିକ୍ଷକଙ୍କ ବେତନ ବଢ଼ାଇଲେ ତାହା ସେମାନଙ୍କୁ ଏହି ପେସାରେ ରହିବାକୁ ପ୍ରେରିତ କରିବ । ଗ୍ରାମୀଣ ଅଞ୍ଚଳରେ କାମ କରୁଥିବା ଶିକ୍ଷକଙ୍କ ପାଇଁ ଅତିରିକ୍ତ ଭତ୍ତା ସେମାନଙ୍କୁ ଦୂରବର୍ତ୍ତୀ ସ୍ଥାନରେ ସେବା ଦେବାକୁ ଉତ୍ସାହିତ କରିବ । ଘରୋଇ ସ୍କୁଲ ସ୍ଥାନୀୟ ସଂଗଠନ ଓ ଗଣମାଧ୍ୟମକୁ ସାମିଲ କରି ସଚେତନତା କାର୍ଯ୍ୟକ୍ରମ ଚଳା ଯାଇପାରେ । ଗ୍ରାମସ୍ତରୀୟ ସଭା, ପ୍ରଚାର ଅଭିଯାନ ଓ ଶିକ୍ଷାର ଗୁରୁତ୍ୱ ବିଷୟରେ ଆଲୋଚନା ମାଧ୍ୟମରେ ଅଭିଭାବକଙ୍କ ମନୋଭାବ ବଦଳା ଯାଇପାରେ । ଏହା ଦିବ୍ୟାଙ୍ଗ ପିଲାଙ୍କ ପାଇଁ ସାମାଜିକ ଗ୍ରହଣୀୟତା ବା ସ୍କୁଲରେ ନାମଲେଖା ବୃଦ୍ଧି କରିପାରିବ । ସରକାରୀ ଅନୁଦାନ ଓ ପିପିପି ମଡେଲ ଜରିଆରେ ଅର୍ଥଯୋଗାଡ଼, ସ୍ୱତନ୍ତ୍ର ଶୌଚାଳୟ, ବ୍ରେଲସାମଗ୍ରୀ, ଶ୍ରବଣ ଉପକରଣ ଭଳି ମୌଳିକ ସୁବିଧା ଯୋଗାଇଲେ ପିଲାଙ୍କୁ ସ୍କୁଲ ଆସିବା ପାଇଁ ପ୍ରୋତ୍ସାହନ ମିଳିବ ଓ ଶିକ୍ଷକଙ୍କୁ ସେମାନଙ୍କ କାର୍ଯ୍ୟ ସହଜରେ କରିବାକୁ ସହାୟତା ମିଳିବ ।

ଏହି ପ୍ରସ୍ତାବିତ ସମାଧାନର ଫଳାଫଳ ଯାଞ୍ଚ କରିବା ଓ ଏହାର ପ୍ରଗତି ଅନୁଧ୍ୟାନ କରିବା ଅତ୍ୟନ୍ତ ଜରୁରୀ । ସେଇଥି ପାଇଁ ପ୍ରତି ଜିଲାରେ କେତେ ଶିକ୍ଷକ ପ୍ରଶିକ୍ଷଣ ପାଇଲେ ଓ ନିଯୁକ୍ତ ହେଲେ, ତାହା ସରକାରୀ ରେକର୍ଡ ଜରିଆରେ ସଂଗ୍ରହ କରାଯିବା ଆବଶ୍ୟକ । ଏହାର ବିଶ୍ଳେଷଣ ପ୍ରଶିକ୍ଷଣର ପ୍ରଭାବ ଓ ଆବଶ୍ୟକତା ଅନୁସାରେ ଅଗ୍ରଗତି ଦର୍ଶାଇବ । ଏହା ସହିତ ବିଶେଷ ଆବଶ୍ୟକତା ଥିବା ପିଲାଙ୍କ ବିଦ୍ୟାଳୟ ଉପସ୍ଥିତି ଓ ଶିକ୍ଷା ସ୍ତରରେ ଉନ୍ନତି ପରିମାପ କରିବା ମଧ୍ୟ ଆବଶ୍ୟକ । ଏହା ପାଇଁ ସ୍କୁଲରୁ ନାମଲେଖା ରେକର୍ଡ, ଉପସ୍ଥିତି ହାର ଓ ପରୀକ୍ଷା ଫଳାଫଳ ସଂଗ୍ରହ କରାଯାଇପାରେ । ସର୍ଭେ ମାଧ୍ୟମରେ ଅଭିଭାବକଙ୍କ ମତାମତ ସଂଗ୍ରହ କରାଯାଇପାରେ, ଯେଉଁଠି ସେମାନଙ୍କ ସନ୍ତୁଷ୍ଟି, ସ୍କୁଲରେ ସୁବିଧା ଓ ପିଲାଙ୍କ ଅଗ୍ରଗତି ବିଷୟରେ ପ୍ରଶ୍ନରହିବ । ଏହା ସାମାଜିକ ସଚେତନତାର ସ୍ତର ଓ କାର୍ଯ୍ୟକ୍ରମର ଗ୍ରହଣୀୟତା ମଧ୍ୟ ମାପିବ । ବିଶେଷ ଶିକ୍ଷକଙ୍କ ଶିକ୍ଷାର ଗୁଣବତ୍ତା ମୂଲ୍ୟାଙ୍କନ ପାଇଁ ପିଲାଙ୍କ ଶିକ୍ଷଣ ଫଳାଫଳ, ଶିକ୍ଷକଙ୍କ ଶିକ୍ଷଣ ପଦ୍ଧତିର ପର୍ଯ୍ୟବେକ୍ଷଣ ଓ ଅଭିଭାବକଙ୍କ ମତାମତ ସଂଗ୍ରହ କରାଯାଇପାରେ । ଏପରି କି ପ୍ରତି ୬ମାସରେ ସମୀକ୍ଷା କରାଯାଇପାରେ । ପ୍ରାରମ୍ଭରେ୨୫% ନାମ ଲେଖା ହାର ଓ ୧୫% ଶିକ୍ଷକ ସଂଖ୍ୟା ବୃଦ୍ଧି ହେଲେ ଏହା ସଫଳ ଗଣାଯିବ ।

ବିଶେଷ ଶିକ୍ଷକଙ୍କ ଅଭାବ ଏକ ଗୁରୁତର ସମସ୍ୟା ହେଲେ ମଧ୍ୟ ଠିକ୍ ପଦକ୍ଷେପ ଓ ସମ୍ମିଳିତ ପ୍ରୟାସ ଦ୍ୱାରା ଏହାର ସମାଧାନ ସମ୍ଭବ । ସରକାର, ଘରୋଇ ଅନୁଷ୍ଠାନ ଓ ସମାଜର ଐକ୍ୟବଦ୍ଧ ଉଦ୍ୟମ ଦିବ୍ୟାଙ୍ଗ ପିଲାଙ୍କୁ ଶିକ୍ଷାର ମୁଖ୍ୟ ଧାରାରେ ସାମିଲ କରିପାରିବ ।

**କୋଲକାତା**
**ମୋ:୮୩୩୫୯୪୯୪୭୭**

## ପାଠକ ଶ୍ରେଷ୍ଠ ବିଚାରକ

### ଗଛ ପ୍ରତି ଯତ୍ନବାନ ହୁଅନ୍ତୁ

ମହାଶୟ,

ବୁଥ ସ୍ତରରେ ଭାଜପା କର୍ମୀ, ଗ୍ରାମାଞ୍ଚଳରେ ମିଶନ ଶକ୍ତି ମହିଳା, ସାଧାରଣ ଲୋକ, ବନ ବିଭାଗ, ସ୍କୁଲ-କଲେଜ ତଥା ବିଭିନ୍ନ ଅନୁଷ୍ଠାନ ମିଳିମିଶି ''ମା' ପାଇଁ ଗଛ ଟିଏ'' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବହୁ ସଂଖ୍ୟାରେ ଗଛ ଲଗାଇଛନ୍ତି । ଗଣମାଧ୍ୟମରେ ଏହି କାର୍ଯ୍ୟକ୍ରମର ଫଟୋ ଓ ଭିଡିଓ ଦେଖିବାକୁ ମିଳିଛି । କିନ୍ତୁ ପ୍ରଶ୍ନ ଉଠୁଛି – ସେହି ଗଛଗୁଡ଼ିକ ବଞ୍ଚିଛି କି ନାହିଁ ? ମାର୍ଚ୍ଚ ଓ ଏପ୍ରିଲ ମାସର ପ୍ରଚଣ୍ଡ ଖରାରେ ଗଛଗୁଡ଼ିକୁ ଜଳ ଅଭାବରୁ ମରିଯିବାକୁ ଛାଡ଼ିଦେଲେ କ'ଣ ସେଗୁଡ଼ିକ ଆମ ପାଇଁ ମା' ହୋଇ ରହିବ ? ସରକାରଙ୍କ ଯୋଜନା କିମ୍ବା ଏକ ବୃହତ୍ ମିଶନ ଭାବେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ କେବଳ ଫଟୋ ପାଇଁ ସୀମିତ ନ ରହି ଏକ ଦାୟିତ୍ୱଶୀଳ ପଦକ୍ଷେପ ହେବା ଉଚିତ । ଯେଉଁମାନେ ଗଛ ଲଗାଇଛନ୍ତି, ସେମାନଙ୍କୁ ଅନୁରୋଧ ଯେ ଏହି ଗଛଗୁଡ଼ିକ ପ୍ରତି ଯତ୍ନବାନ ହୁଅନ୍ତୁ । ଥରୁଟିଏ ଘରୁ ବାହାରି ଦେଖନ୍ତୁ ତ ଆମେ ଲଗାଇଥିବା ଗଛଗୁଡ଼ିକ କେଉଁ ଅବସ୍ଥାରେ ଅଛି । ଯଦି ଏବେ ଆମେ ଏହା ପ୍ରତି ଧ୍ୟାନ ନ ଦେବୁ, ତେବେ ଆଗାମୀ ଦିନରେ ପରିବେଶ ଆହୁରି ଅସମ୍ଭାଳ ହେବାର ସମ୍ଭାବନା ରହିଛି । ତେଣୁ ଫଟୋ ପାଇଁ ନୁହେଁ, ବରଂ ପରିବେଶ ଓ ଆମ ଭବିଷ୍ୟତ ପାଇଁ ଗଛଗୁଡ଼ିକୁ ବଞ୍ଚାଇ ରଖନ୍ତୁ ।

**–ସୁରଜ କୁମାର ବେହେରା, ଆଇ ଆଇ ଏମ ସି, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତନୁରେ ଲାଗେ କୋମଳ ବାଆ
କପୋଳେ ଲାଗେ ପାଦପ-ଛାୟା
ପାଦପ ଡାଳେ ଡାହୁକ ଡାକେ
ଡାକେ କପୋତ ପକ୍ଷୀ
ଗ୍ରାମର ବାଳା ଏ ପଥେ ପାଦ ରଖି !
-(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ହଜିଥିବା ୧୩ ମୋବାଇଲ ଫେରାଇଲା ପୋଲିସ

ବାଲିଅନ୍ତା,(ନୀଳମାଧବ ସାହୁ): ପାହାଳ ଥାନା ଅଞ୍ଚଳରେ ହଜିଯାଇଥିବା ୧୩ଟି ମୋବାଇଲକୁ ପୋଲିସ ବିଭିନ୍ନ ସ୍ଥାନରୁ ଚଢ଼ାଉ କରି ଜବତ କରିଥିଲା। ଥାନା ଅଧିକାରୀ ଅଶ୍ୱିନୀ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଗୁରୁବାର ଜବତ ୧୩ଟି ମୋବାଇଲର ପ୍ରକୃତ ମାଲିକଙ୍କୁ ଉପଯୁକ୍ତ ପ୍ରମାଣ ଦେଖି ଫେରସ୍ତ କରିଥିବା ଜଣାପଡ଼ିଛି।

# ଯୁବବର୍ଗ ଶିଳ୍ପ ଅଭିବୃଦ୍ଧିର ଇଞ୍ଜିନ: ମୁଖ୍ୟମନ୍ତ୍ରୀ

## ଖୋର୍ଦ୍ଧାରେ ୧୫ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ,ଉଦ୍‌ଘାଟନ

■ ୬ହଜାର କୋଟି ପୁଞ୍ଜି ବିନିଯୋଗ, ୩୭ ହଜାର ନିଯୁକ୍ତି ସୁଯୋଗ

ଖୋର୍ଦ୍ଧା/ ନିରାକାରପୁର, ୩।୪ (ପ୍ରଭାତ ପାଣିଗ୍ରାହୀ/ ମାନସ ଚନ୍ଦ୍ର ପଟ୍ଟନାୟକ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧାର ହଳଦୀପଦାଠାରେ ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ରାଜ୍ୟର ବିକାଶରେ ଖୋର୍ଦ୍ଧା ସର୍ବାଧିକ ଗୁରୁତ୍ୱବହନ କରିବ। ଜିଲାରେ ୬ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯାଇଛି। ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଜିଲାରେ ୩୭ହଜାର ବେକାର ଶିକ୍ଷିତ ଯୁବତୀଯୁବକ ନିଯୁକ୍ତି ସୁଯୋଗ ପାଇପାରିବେ। ବିକାଶ କ୍ଷେତ୍ରରେ ଖୋର୍ଦ୍ଧା ଆଗରେ ରହିବ। ଶିଳ୍ପସଂସ୍ଥାରେ ଯୁବଶକ୍ତିଙ୍କ ଆବଶ୍ୟକତା ରହିଛି। ଯୁବବର୍ଗ ହେଉଛନ୍ତି ଶିଳ୍ପ ଅଭିବୃଦ୍ଧିର ଇଞ୍ଜିନ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଗୁରୁବାର ଖୋର୍ଦ୍ଧା ହଳଦୀପଦା ଏବଂ ମୁଣ୍ଡାଆମ୍ବଠାରେ ୧୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ସମୃଦ୍ଧ ଶିଳ୍ପ ସ୍ୱପ୍ନ ସାକାର ପାଇଁ ଶିଳ୍ପ ଭିତ୍ତିଭୂମି ଆବଶ୍ୟକତା ରହିଛି। ଶିଳ୍ପ ଉଦ୍ୟୋଗପତିଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର ପରଠାରୁ ଆମ ସରକାର ନିରନ୍ତର ପ୍ରୟାସ ଜାରି ରଖିଥିଲେ, ତାହାର ପ୍ରଥମ ପାହାଚ ସଫଳ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ, ଦୂରଦୃଷ୍ଟି ଏବଂ ଓଡ଼ିଶା ପ୍ରତି ଭଲପାଇବା ଯୋଗୁ ଓଡ଼ିଶା ଆଜି ଶିଳ୍ପର କ୍ୟାପିଟାଲ ହବ୍ ହେବାକୁ ଯାଉଛି। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ୬୦ପ୍ରତିଶତ କୃଷି ଉପରେ ନିର୍ଭର ସତ୍ତ୍ୱେ ରାଜ୍ୟରେ ଏହାର ଅବଦାନମାତ୍ର ୨୧ପ୍ରତିଶତ ରହିଛି। ବିକଶିତ ଓଡ଼ିଶା ସଂକଳ୍ପକୁ ସାକାର କରିବାକୁ ହେଲେ କୃଷିର ପାରମ୍ପରିକ ଅର୍ଥନୀତିଠାରୁ ଊର୍ଦ୍ଧ୍ୱକୁ ଉଠିବାକୁ ପଡ଼ିବ। ଆଜିର ଯୁବପିଢ଼ି ଶିକ୍ଷିତ ହେବା ପରେ କୃଷି କାର୍ଯ୍ୟରୁ ମୁହଁ ଫେରାଇ ଚାକିରି ପଛରେ ଦୌଡ଼ୁଛନ୍ତି। କୃଷିର ଆଧୁନିକୀକରଣ, ଯାନ୍ତ୍ରିକକୌଶଳ ଯୋଗୁ ମାନବସମ୍ବଳ କମିଛି। ଆଜିର ଯୁବକ ଶିକ୍ଷିତ ହେବା ସତ୍ତ୍ୱେ ଆବଶ୍ୟକ ବୈଷୟିକ ଜ୍ଞାନ କୌଶଳ, ଦକ୍ଷତା ଅଭାବରୁ ଶିଳ୍ପସଂସ୍ଥାରେ କାର୍ଯ୍ୟ କରିବାରେ ବଞ୍ଚିତ ହେଉଛନ୍ତି। ଯୁବପିଢ଼ିଙ୍କୁ ବୈଷୟିକ ଜ୍ଞାନକୌଶଳ ସହ ଶିଳ୍ପସଂସ୍ଥାରେ ନିଯୁକ୍ତିର ସମ୍ଭାବନା ସୃଷ୍ଟି ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଶିଳ୍ପ ଅନୁଷ୍ଠାନ ପ୍ରସ୍ତୁତ ହେବା ସମୟରେ ଯୁବବର୍ଗଙ୍କୁ ଉନ୍ନତ ଜ୍ଞାନକୌଶଳ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇ ପ୍ରସ୍ତୁତ କରାଯିବ। ପ୍ରଧାନମନ୍ତ୍ରୀ ୨୦୨୪-୨୫ ଆର୍ଥିକ ବଜେଟରେ ଆଗାମୀ ୫ବର୍ଷ ମଧ୍ୟରେ ୧କୋଟି ଯୁବକଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ପିଏମ୍ ଇଣ୍ଟରସିପ୍ ପ୍ରୋଗ୍ରାମ ଯୋଜନା କରିଛନ୍ତି। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ୧୭ଲକ୍ଷ କୋଟି ଟଙ୍କା ପୁଞ୍ଜି ବିନିଯୋଗ ପ୍ରସ୍ତାବ ଆସିଥିବା ବେଳେ ୧୩ଲକ୍ଷ କୋଟି ଚୁକ୍ତିନାମା ସହିତ ନିଯୁକ୍ତି ସୃଷ୍ଟିର ଲକ୍ଷ୍ୟ ରହିଛି। ଏହାର ପ୍ରଥମ ସୋପାନ ଖୋର୍ଦ୍ଧାରେ ଶୁଭାରମ୍ଭ ହୋଇଛି। ୫ବର୍ଷ ଭିତରେ କୁଶଳୀ ଯୁବକ ପ୍ରସ୍ତୁତ କରାଯାଇ ଶିଳ୍ପସଂସ୍ଥାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ମାନବସମ୍ବଳ ପ୍ରସ୍ତୁତ ହୋଇଗଲେ, ଶିଳ୍ପସଂସ୍ଥାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଓଡ଼ିଶାରେ ଶିଳ୍ପ ଅଭିବୃଦ୍ଧିର ଯୁବବର୍ଗ ଇଞ୍ଜିନ ଭଳି କାମ କରିବେ। ଯୁବକମାନଙ୍କୁ କୌଳିକ ବୃତ୍ତି ଛାଡ଼ି ଦାଦନ ପାଇଁ ବାହାରକୁ ଯିବାକୁ ପଡିବ ନାହିଁ। ଏହିଠାରେ ନିଯୁକ୍ତି ସୁଯୋଗ ପାଇବେ। ମହିଳା ସଶକ୍ତୀକରଣ ଉପରେ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯାଉଛି। ଭାଜପା ସରକାର ଆସିବା ଦିନଠାରୁ ଓଡ଼ିଶାର ପ୍ରଗତି, ସମୃଦ୍ଧି ପାଇଁ ନିରନ୍ତର ପ୍ରୟାସ ଚାଲିଛି। ଶିଳ୍ପର ଅଭିବୃଦ୍ଧି ପାଇଁ ଦିଲ୍ଲୀ, ମୁମ୍ବାଇ, ସିଙ୍ଗାପୁରରେ ରୋଡ୍ ଶୋ ବେଳେ ବହୁ ବୃହତ ଶିଳ୍ପସଂସ୍ଥା ଯୋଗଦେଇଥିଲେ। ପୂର୍ବ ସରକାରରେ ଏମ୍‌ଓୟୁ ସତ୍ତ୍ୱେ କାମ ଆରମ୍ଭ ହୋଇପାରୁ ନ ଥିଲା, ଆମ ସରକାରରେ କୌଣସି ବାଧା ଓ ପ୍ରତିବନ୍ଧକ ନାହିଁ, ସମସ୍ତଙ୍କୁ ସ୍ୱାଗତ କରାଯାଉଛି। ପୂର୍ବ ସରକାର ପ୍ରଚାର ପ୍ରସାର କରୁଥିଲେ, କାମ ଶୂନ। ଶିଳ୍ପ ସଂସ୍ଥା ପାଇଁ ଯାହା ଭିତ୍ତିଭୂମି ଆବଶ୍ୟକ ଆମ ସରକାର ପକ୍ଷରୁ ଅବିଳମ୍ବେ ଯୋଗାଇ ଦିଆଯିବ।

ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଏବଂ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଗାମୀ ଦିନରେ ଓଡ଼ିଶା ଶିଳ୍ପରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହେବ। ଦୁଇମାସ ତଳେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଯେଉଁ ପ୍ରତିଶ୍ରୁତି ସରକାର ଦେଇଥିଲେ, ତାହା ଏଠାରୁ ଶୁଭାରମ୍ଭ ହୋଇଛି। ଶିଳ୍ପର ଅଭିବୃଦ୍ଧି ସହ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ରହିଛି। ବିକାଶର ପ୍ରଗତିପଥରେ ଯୁବବର୍ଗ ଏବଂ ମହିଳାଙ୍କୁ ସହଭାଗୀ ହେବାକୁ ମନ୍ତ୍ରୀ ସ୍ୱାଇଁ ଆହ୍ୱାନ କରିଥିଲେ। ଆଗକୁ ଓଡ଼ିଶାରେ ଏଫ୍‌ଡିଆଇ ପାର୍କ ପାଇଁ ସିଙ୍ଗାପୁର ସରକାରଙ୍କ ସହ ମଧ୍ୟ ଆଲୋଚନା କରାଯାଇଛି। ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ସ୍ୱପ୍ନକୁ ଓଡ଼ିଶା ସାକାର ରୂପ ଦେବା ସହ ୨୦୩୬ ସୁଦ୍ଧା ସମୃଦ୍ଧ, ପ୍ରଗତିଶୀଳ ଓଡ଼ିଶା ଗଠନ ଲକ୍ଷ୍ୟ ରହିଛି। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଓ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ଗୁରୁବାର ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ହଳଦୀପଦା ଅସ୍ଥାୟୀ ହେଲିପ୍ୟାଡରେ ଓହ୍ଲାଇ ସଭାସ୍ଥଳକୁ ଆସିଥିଲେ। ଏହି ଅବସରରେ ଭାଜପା ନେତା, କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ସଭାସ୍ଥଳକୁ ପାଛୋଟି ନେଇଥିଲେ।



@ ଦିପକ



@ ପପୁନ୍



@ ଶେଖ୍ ଅବଦୁଲ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଭୁଶୁଡ଼ିଲା ବିଦ୍ୟାଳୟ ପ୍ରାଚୀର

ବାଲିଅନ୍ତା,୩।୪(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ବେଣ୍ଟପୁରସ୍ଥିତ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟର ୧୦ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରାୟ ୬୦ ଫୁଟ ଲମ୍ବର ଏକ ପ୍ରାଚୀର ବୁଧବାର ବିଳମ୍ବିତ ରାତିରେ ଭୁଶୁଡ଼ି ପଡ଼ିଛି। ଏହି ପ୍ରାଚୀରଟି ବହୁ ବର୍ଷ ପୂର୍ବେ ତିଆରି ହୋଇଥିଲା। ଏକ ପୋଖରୀ ଓ ବିଲ ପାର୍ଶ୍ୱରେ ଏହି ପ୍ରାଚୀରଟି ଅବସ୍ଥିତ ଥିବାରୁ ବର୍ଷାଦିନେ ପାଣି ଜମିରହି ତାହା ଦୁର୍ବଳ ହୋଇପଡ଼ିଥିବା କୁହାଯାଉଛି। ବିଦ୍ୟାଳୟର ପ୍ରଶାସନିକ ପ୍ରକୋଷ୍ଠକୁ ଲାଗି ଏହି ପ୍ରାଚୀରଟି ନିର୍ମିତ ହୋଇଥିଲା। ପ୍ରାଚୀର ପାର୍ଶ୍ୱରେ ନଳକୂପ ଓ ଟ୍ୟାପ ରହିଥିଲେ ମଧ୍ୟ ଏହା କ୍ଷତିଗ୍ରସ୍ତ ହୋଇନାହିଁ। ଗୁରୁବାର ସକାଳ ୬ଟାରେ ବିଦ୍ୟାଳୟକୁ ଆସି ପ୍ରାଚୀର ଭୁଶୁଡ଼ି ପଡ଼ିଥିବା ଶିକ୍ଷୟିତ୍ରୀ ଶିକ୍ଷକ ଦେଖିବାକୁ ପାଇଥିଲେ। ଏନେଇ ପ୍ରଧାନଶିକ୍ଷକ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରିଥିଲେ। ସରପଞ୍ଚ ହୃଷୀକେଶ ପାତ୍ର ବିଦ୍ୟାଳୟକୁ ଆସି ଭୁଶୁଡ଼ି ପଡ଼ିଥିବା ପ୍ରାଚୀରକୁ ବୁଲି ଦେଖିବା ସହ ବିଡିଓଙ୍କୁ ଜଣାଇ ତୁରନ୍ତ ପ୍ରାଚୀର ନିର୍ମାଣ ଦିଗରେ ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରାଚୀର ଭାଙ୍ଗି ପଡ଼ିବା ଯୋଗୁ ବିଦ୍ୟାଳୟ ପରିସର ଭିତରକୁ ଗୋରୁଙ୍କ ପଶିଯିବାର ସମ୍ଭାବନା ରହିଛି। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରାଚୀରର ଭଗ୍ନ ଅଂଶକୁ ତୁରନ୍ତ ମରାମତି ପାଇଁ ପ୍ରଧାନଶିକ୍ଷକ ଗଣେଶ କରଣ ଗୁରୁବାର ବାଲିଅନ୍ତା ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀମାନେ ଗୁରୁବାର ଓଡ଼ିଶାର ପାରମ୍ପରିକ ପୋଷାକ ପରିଧାନ କରି 'ଆମ ପୋଷାକ, ଆମ ପରିଚୟ' ଅଭିଯାନରେ ସାମିଲ ହୋଇଛନ୍ତି।

## ଦାଦାବଟିଂକୁ ନେଇ ବେଣାପଞ୍ଜରୀରେ ବୋମାମାଡ଼

### ଖଣ୍ଡା ଆକ୍ରମଣରେ ଜଣେ ଗୁରୁତର

ଜଟଣୀ,୩।୪(ରବୀନ୍ଦ୍ରନାଥ ମହାକୁଡ଼)

ଦାଦାବଟିଂକୁ ନେଇ ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ବେଣାପଞ୍ଜରୀ ଗ୍ରାମରେ ଗୁରୁବାର ଦୁର୍ବୃତ୍ତମାନେ ବୋମାମାଡ଼ କରିବା ସହ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିଛନ୍ତି। ଆହତ ଏମ୍‌ଡି ଅକତାରଙ୍କୁ ଚିକିତ୍ସା ପାଇଁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଗୁରୁବାର ମଧ୍ୟାହ୍ନରେ କେତେଜଣ ଯୁବକଙ୍କ ସହ ଅକତାର ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ କେତେଜଣ ଦୁର୍ବୃତ୍ତ ପହଞ୍ଚି ଅକତାରଙ୍କୁ ବଟି ମାଗିଥିଲେ। ତେବେ ସେ ଅରାଜି ହେବାରୁ ଦୁର୍ବୃତ୍ତମାନେ ଗାଳିଗୁଲଜ କରିବା ସହ ତାଙ୍କ ମୁଣ୍ଡକୁ ବାଡ଼େଇ ଫଟାଇ ଦେଇଥିଲେ। ଆହତ ଅବସ୍ଥାରେ ଅକତାର ଖୋର୍ଦ୍ଧା ମେଡିକାଲରେ ଚିକିତ୍ସା ପରେ ଘରକୁ ଫେରିଥିଲେ। କେତେଜଣ ଗ୍ରାମବାସୀ ଘଟଣାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବାରୁ ଅକତାର ଥାନାରେ ଅଭିଯୋଗ କରିନଥିଲେ। ସନ୍ଧ୍ୟାରେ ଅକତର ଗ୍ରାମରେ ଥିବା ବଡି ମସଜିଦ ନିକଟରେ ବସିଥିବା ବେଳେ ସମ୍ପୃକ୍ତ ଦୁର୍ବୃତ୍ତମାନେ ବୋମାମାଡ଼ କରିବା ସହ ଅକତାରଙ୍କୁ ଖଣ୍ଡାରେ ହାଣି ଫେରାର ହୋଇଯାଇଥିଲେ। ପରିବାରଲୋକ ତାଙ୍କୁ ଚିକିତ୍ସା ପାଇଁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଚଳାଇଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ତେବେ ଘଟଣା ଉପରେ ନଜର ରଖାଯାଇଛି ବୋଲି ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି।

## ଜେଲ ଗଲେ ଯନ୍ତ୍ରୀ ନରେଶ ଦାସ

### ଲାଞ୍ଚ ଟଙ୍କା ସହ ମୋଟ ୩.୫୬ ଲକ୍ଷ ଜବତ

ଭୁବନେଶ୍ୱର, ୩।୪ (ସୂର୍ଯ୍ୟକାନ୍ତ ବେହେରା): ବିଲ୍ କରାଇଦେବା ପାଇଁ ଠିକାଦାରଙ୍କଠାରୁ ୧ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ବୁଧବାର ଗିରଫ ହୋଇଥିବା ଭୁବନେଶ୍ୱର ଗ୍ରାମ୍ୟ ନିର୍ମାଣ (ପିଏଚ୍) ଡିଭିଜନର ସହକାରୀ ଯନ୍ତ୍ରୀ ନରେଶ କୁମାର ଦାସଙ୍କ ଘରୁ ଭିଜିଲାନ୍ସ ଟିମ୍ ଆଉ ୧.୩୦ ଲକ୍ଷ ଟଙ୍କା ଜବତ କରିଛି। ଏହି ଟଙ୍କାକୁ ମିଶାଇ ମୋଟ ୩.୫୬ ଲକ୍ଷ ଟଙ୍କା ଜବତ ହୋଇଛି। ଏନେଇ ଭିଜିଲାନ୍ସ ଥାନାରେ ରୁଜୁ ହୋଇଥିବା ମାମଲାରେ ସହକାରୀ ଯନ୍ତ୍ରୀ ଦାସଙ୍କୁ ଗୁରୁବାର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ୪୦ ନୂତନ ଇ-ବସ୍‌ର ଶୁଭାରମ୍ଭ



ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ପତାକା ଦେଖାଇ ନୂତନ ଇ- ବସ୍ ସେବାର ଶୁଭାରମ୍ଭ କରୁଛନ୍ତି।

■ କ୍ୟାପିଟାଲ ହସ୍ପିଟାଲରୁ ଏସ୍‌ସିବି ମେଡିକାଲକୁ ଗଡ଼ିବ ମୋ ବସ୍

ଭୁବନେଶ୍ୱର, ୩।୪ (ବନ୍ଦନା ସେଠୀ)

ଜନସାଧାରଣଙ୍କ ଯାତାୟାତ ସୁବିଧା ପାଇଁ ୪୦ଟି ଇ-ବସ୍‌ର ଶୁଭାରମ୍ଭ କରାଯାଇଛି। କ୍ରୁଟ୍ ଅଧୀନରେ ଏହି ଇ-ବସ୍‌କୁ ଯୋଗକରି ମୋ ବସ୍ ସେବାର ପରିସରକୁ ବୃଦ୍ଧି କରାଯାଇଛି। ଗୁରୁବାର ଗାଡ଼କଣ ଆମ ବସ୍ ଡିପୋରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଏହି ବସ୍‌ଗୁଡିକର ଉଦ୍‌ଘାଟନକରି କହିଲେ, ଜନସାଧାରଣଙ୍କ ପାଇଁ ପରିବେଶ ଅନୁକୂଳ ଏବଂ ଗମନାଗମନ ସମସ୍ୟାର ସମାଧାନକୁ ସୁନିଶ୍ଚିତ କରି ସହରାଞ୍ଚଳ ପରିବହନକୁ ବୃଦ୍ଧି କରିବା ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ। ମୋ ବସ୍ ସେବାର ସମ୍ପ୍ରସାରଣ ବିକଶିତ ଓଡ଼ିଶା ଏବଂ ସବୁଜ ଭବିଷ୍ୟତ ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କ୍ୟାପିଟାଲ ହସ୍ପିଟାଲରୁ କଟକ ଏସ୍‌ସିବି ମେଡିକାଲକୁ ମୋ ବସ୍ ଗଡ଼ିବ। ରାଜ୍ୟ ସରକାର ବର୍ତ୍ତମାନ ଯୋଗାଯୋଗ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ମୋ ବସ୍ ସେବାରେ କ୍ରୁଟ୍‌ର ୫୬୦ଟି ବସ୍ ମଧ୍ୟରୁ ବର୍ତ୍ତମାନ ୧୮୦ଟି ଇ-ବସ୍ ରହିଛି। ଏଗୁଡିକ କଟକ, ଭୁବନେଶ୍ୱର, ପୁରୀ, ରାଉରକେଲା, ବ୍ରହ୍ମପୁର ଏବଂ ସମ୍ବଲପୁର ଭଳି ୬ଟି ପ୍ରମୁଖ ସହରରେ ଚଳାଚଳ କରୁଛି। ପ୍ରତିଦିନ ୩ଲକ୍ଷରୁ ଊର୍ଦ୍ଧ୍ୱ ଯାତ୍ରୀ ସେମାନଙ୍କ ଦୈନନ୍ଦିନ ଯାତାୟାତ ପାଇଁ ମୋ ବସ୍ ଉପରେ ନିର୍ଭରଶୀଳ। ତେଣୁ ଏହି ବସ୍‌ର ଶୁଭାରମ୍ଭ ପରେ ସାଧାରଣ ଯାତ୍ରୀମାନେ ଅଧିକ ଲାଭବାନ ହୋଇପାରିବେ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ।

ଏହି ବସ୍‌ଗୁଡ଼ିକ ଚଳାଚଳ ପରେ ରୁଟ୍ ନଂ. ୨୦, ୨୧, ୨୪/୨୪ଇ, ୩୨, ୩୩, ୩୭, ୩୮, ୪୦, ୪୧, ୪୩, ୪୪, ୪୭, ୬୪ ଏବଂ ୮୨ ଏପ୍ରିଲ ୪ରୁ ସମ୍ପ୍ରସାରଣ ହେବ। ସେହିପରି ରୁଟ୍ ନଂ. ୨୭ (ଭୁବନେଶ୍ୱର ରେଳଷ୍ଟେଶନ-ଭଗବାନପୁର ଭାୟା ଏମ୍‌ସ), ରୁଟ୍ ନଂ. ୪୦ (ଏମ୍‌ସ-ସାଇ ମନ୍ଦିର (କେଶୁରା) ଏବଂ ରୁଟ୍ ୮୨ (ଏସ୍‌ସିବି ହସ୍ପିଟାଲ କଟକ-ବିଜୁ ପଟ୍ଟନାୟକ ବିମାନବନ୍ଦର) ଏହି ୩ଟି ରୁଟ୍‌ରେ ବିଶେଷକରି ଜନସାଧାରଣଙ୍କୁ ହସ୍ପିଟାଲ ଯିବା ଆସିବା କରିବାରେ ଅଧିକ ସୁବିଧା ଯୋଗାଇବ। ଏଥିସହ କଟକ ଏସ୍‌ସିବି ଏବଂ ଭୁବନେଶ୍ୱରର ଏମ୍‌ସ ରୁଟ୍‌ରେ ଅଧିକ ବସ୍ ଯୋଗ କରାଯାଇଛି। ଆଗାମୀ ଦିନରେ ଆହୁରି ୧୦୦ଟି ଇ-ବସ୍ ଅଣାଯିବ। ସେହିପରି ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନା ଅନ୍ତର୍ଗତ ୪୦୦ଟି ଇ-ବସ୍ ରାଜ୍ୟକୁ ଆସିବ। ଭୁବନେଶ୍ୱର ପୋଖରୀପୁଟ, କଟକର ନରାଜଠାରେ ୨ଟି ଡିପୋ ନିର୍ମାଣର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଥିବାବେଳେ ରାଉରକେଲାର ଛେଣ୍ଡ, ସମ୍ବଲପୁରର ମୋଦିପଡ଼ାରେ ଆମ ବସ୍ ଡିପୋ ନିର୍ମାଣ କରାଯିବ।

# ଭାଙ୍ଗିଲା ମେଘନାଦ ପାଚେରିରେ ଥିବା ମଗରମୁଣ୍ଡ

■ ଭକ୍ତ,ସେବାୟତଙ୍କ ଅସନ୍ତୋଷ

■ କାର୍ଯ୍ୟାନୁଷ୍ଠାନ ନିଆଯିବ: ଏଏସ୍‌ଆଇ

ପୁରୀ,୩।୪(ଅଜିତ୍ କୁମାର ମହାନ୍ତି)



ଭାଙ୍ଗିଯାଇଥିବା ମେଘନାଦ ପାଚେରି ମଗରମୁଣ୍ଡ।



ଲାଗିଥିବା ପାଇପ୍।

ଶ୍ରୀମନ୍ଦିରକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଏକ ଭାବାବେଗ ଜଡ଼ିତ ରହିଛି। ମେଘନାଦ ପାଚେରିରେ ଥିବା ଏକ ମଗରମୁଣ୍ଡକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଛି। ଏହାକୁ ନେଇ ଭକ୍ତ ଓ ସେବାୟତ ଏପରି କି ଏଏସ୍‌ଆଇ ପକ୍ଷରୁ ମଧ୍ୟ କ୍ଷୋଭ ପ୍ରକାଶ କରାଯାଇଛି। ଏଏସ୍‌ଆଇର ବିନା ଅନୁମତିରେ ଐତିହ୍ୟ କୀର୍ତ୍ତିରାଜି ଭାଙ୍ଗିବା ଘଟଣାକୁ ସହଜରେ କେହି ଗ୍ରହଣ କରିପାରୁନାହାନ୍ତି। ଶ୍ରୀମନ୍ଦିର ଦକ୍ଷିଣପାର୍ଶ୍ୱ ମେଘନାଦ ପାଚେରିରେ ନାଳ କାର୍ଯ୍ୟ ଶ୍ରୀମନ୍ଦିର ୱାର୍କସ୍ ଡିପାର୍ଟମେଣ୍ଟ କରୁଥିବା ବେଳେ ମଗରମୁଣ୍ଡ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଶ୍ରୀମନ୍ଦିର ଭିତରେ ନାଳ ମରାମତି ହେଉଥିବା ବେଳେ ଏକ ବଡ଼ ପାଇପ ସାହାଯ୍ୟରେ ବର୍ଜ୍ୟଜଳକୁ ନିଷ୍କାସିତ କରିବା ପାଇଁ ଦକ୍ଷିଣ ଦ୍ୱାରରେ ସଂଯୋଗୀକରଣ କରାଯାଇଛି। ଶ୍ରୀମନ୍ଦିର ୱାର୍କସ ଡିପାର୍ଟମେଣ୍ଟ ପକ୍ଷରୁ ଶ୍ରୀମନ୍ଦିର ନାଳ ମରାମତି ଜାରି ରହିଥିବା ବେଳେ ଐତିହ୍ୟ କୀର୍ତ୍ତିରାଜି ଭାଙ୍ଗିଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଜାଣିଶୁଣି ଭଙ୍ଗାଯାଇଛି କି କାମ ବେଳେ ଭାଙ୍ଗିଛି ତାହା ସ୍ପଷ୍ଟ କରାଯାଇ ନାହିଁ। ଶ୍ରୀମନ୍ଦିର ପ୍ରଶାସନର ଏପରି ଦାୟିତ୍ୱହୀନ କାର୍ଯ୍ୟକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ଶ୍ରୀମନ୍ଦିରର ଏହା ଏକ ପୁରାତନ ଐତିହ୍ୟ କୀର୍ତ୍ତିରାଜି ହୋଇଥିବା ବେଳେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ବର୍ଜ୍ୟଜଳ ନିଷ୍କାସନ ପାଇଁ ଥିବା ମଗରମୁଣ୍ଡ ଭାଙ୍ଗିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ତଥା ମେଘନାଦ ପାଚେରିର ସୁରକ୍ଷା ସମ୍ପୂର୍ଣ୍ଣଭାବେ ଏଏସ୍‌ଆଇ ନିୟନ୍ତ୍ରଣରେ ରହିଛି। ମେଘନାଦ ପାଚେରିରେ କୌଣସି କାର୍ଯ୍ୟ କରିବା ପୂର୍ବରୁ ଏଏସ୍‌ଆଇ ଅନୁମତି ନେବାକୁ ପଡ଼ିଥାଏ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଭିତରେ ଗତ କିଛିଦିନ ହେଲା ନଳାଗୁଡ଼ିକ ମରାମତି ଚାଲିଛି। ଏହି ନଳା ମରାମତି ବେଳେ ଶ୍ରୀମନ୍ଦିରର ପୁରାତନ କୀର୍ତ୍ତିରାଜି ମଗରମୁଣ୍ଡକୁ ଏଏସ୍‌ଆଇର ବିନା ଅନୁମତିରେ ଭାଙ୍ଗି ସେଠାରେ ଏକ ପାଇପ ସଂଯୋଗ କରାଯାଇଛି। ତେବେ ଏଏସ୍‌ଆଇର ବିନା ଅନୁମତିରେ ନିର୍ମାଣ ନାମରେ ପୁରାତନ କୀର୍ତ୍ତିରାଜିକୁ ଭାଙ୍ଗିବାକୁ ନେଇ ଶ୍ରୀମନ୍ଦିର ଐତିହ୍ୟ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱ ଏଏସ୍‌ଆଇ ହାତରେ ରହିଛି। ତେଣୁ ଶ୍ରୀମନ୍ଦିରର କୌଣସି କାର୍ଯ୍ୟ ଏଏସ୍‌ଆଇର ବିନା ଅନୁମତିରେ ହୋଇପାରିବ ନାହିଁ। ମେଘନାଦ ପାଚେରିର ଐତିହ୍ୟ ସମ୍ପୂର୍ଣ୍ଣ ଭିନ୍ନ। ତାକୁ ଭାଙ୍ଗିବା ଓ କରିବା ପୂର୍ବରୁ ଆଲୋଚନାର ଆବଶ୍ୟକତା ରହିଥାଏ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲା ପ୍ରଶାସକ, ପରିଚାଳନା କମିଟି ମଧ୍ୟରେ ଆଲୋଚନା ହୋଇ ସମସ୍ତଙ୍କ ଜ୍ଞାତସାରରେ ହେବା ଦରକାର ବୋଲି ଦାସମହାପାତ୍ର ମତବ୍ୟକ୍ତ କରିଛନ୍ତି। ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ମଗରମୁଣ୍ଡ ସାହାଯ୍ୟରେ ଲୋକମାନେ ପୂର୍ବରୁ ପାଣି ପିଉଥିଲେ। ବର୍ତ୍ତମାନ ଦେଖିବାକୁ ମିଳୁଛି, ଉକ୍ତ ମଗରମୁଣ୍ଡକୁ ଭାଙ୍ଗି ଦିଆଯାଇ ଅନ୍ୟ ଏକ ପାଇପ ଯୋଗେ ଶ୍ରୀମନ୍ଦିର ବର୍ଜ୍ୟବସ୍ତୁ ନିଷ୍କାସନ ହେଉଛି, ଯାହା ଗ୍ରହଣୀୟ ନୁହେଁ। ସେହିପରି ପୁରୀ ବାସିନ୍ଦାଙ୍କ କହିବା ଅନୁଯାୟୀ, ବହୁ ପୁରାତନ କୀର୍ତ୍ତିରାଜି ଥିଲା। ତାହାରି ଉପରେ ନୂତନ ନିର୍ମାଣ ହୋଇଥିଲେ ହୋଇପାରିଥାନ୍ତା। ପୂର୍ବରୁ ମଧ୍ୟ ଏପରି କାର୍ଯ୍ୟ ହୋଇଥିଲା ଉକ୍ତ ମଗରମୁଣ୍ଡ ଦେଇ ପାଣି ଆସୁଥିଲା। ଏପରି ମଗରମୁଣ୍ଡକୁ ଭାଙ୍ଗିଦେବା ଗ୍ରହଣଯୋଗ୍ୟ ନୁହେଁ ବୋଲି କହିଛନ୍ତି। ଏନେଇ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି. ବି. ଗଡନାୟକ କହିଛନ୍ତି, ଶ୍ରୀମନ୍ଦିର ଦକ୍ଷିଣପାର୍ଶ୍ୱ ମେଘନାଦ ପାଚେରିରେ ଥିବା ଏକ ମଗରମୁଣ୍ଡ ଭଙ୍ଗାଯାଇଥିବା ନେଇ ଖବର ମିଳିଛି। ମେଘନାଦ ପାଚେରିରେ ଏକ ପାଇପ୍ ଲାଇନ ନିଆଯାଇଛି। ଯେଉଁମାନେ ଏପରି କାର୍ଯ୍ୟ କରିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି କାର୍ଯ୍ୟ ନେଇ ଏଏସ୍‌ଆଇକୁ କୌଣସି ସୂଚନା ଦିଆଯାଇ ନାହିଁ କି କୌଣସି ଖବର ନାହିଁ। ମଗରମୁଣ୍ଡ ଭଙ୍ଗାଯାଇଛି ବୋଲି ସାଇଡ୍ ଇନଚାର୍ଜ ରିପୋର୍ଟ ଦେଇଛନ୍ତି। ଏପରି ଦୃଶ୍ୟ ଦେଖି ବହୁତ ଖରାପ ଲାଗୁଛି। ସମସ୍ତଙ୍କ ମିଳିତ ଉଦ୍ୟମରେ ଶ୍ରୀମନ୍ଦିରର ସୁରକ୍ଷା କରିବା ଆବଶ୍ୟକ ରହିଛି। ତେଣୁ ମନମାନୀ କାର୍ଯ୍ୟ କରିବା ଠିକ୍ ନୁହେଁ ବୋଲି ଗଡ଼ନାୟକ ମତବ୍ୟକ୍ତ କରିଛନ୍ତି।

**ଆକ୍ରମଣ ଘଟଣା: ୪ ଧରାପଡ଼ିଲେ**

ଭୁବନେଶ୍ୱର, (ସୂର୍ଯ୍ୟକାନ୍ତ ବେହେରା): ଖଣ୍ଡଗିରି ଥାନା ଅଧୀନ ପାତ୍ରପଡ଼ାରେ ପୂର୍ବ ବିବାଦକୁ ନେଇ ଦୁଇଭାଇଙ୍କୁ ଆକ୍ରମଣ କରିବା ଘଟଣାରେ ଗୁରୁବାର ପୋଲିସ ଜଣେ ନାବାଳକଙ୍କ ସମେତ ୪ ଜଣଙ୍କୁ ଧରିଛି। ପାତ୍ରପଡ଼ା ଅଞ୍ଚଳର ଅଭିଯୁକ୍ତ ବିଜୟ ପାଟଶାଣୀ, ଓମ୍‌ପ୍ରକାଶ ବେହେରା ଓ ଆଦିତ୍ୟ ବେହେରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବାବେଳେ ଜଣେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଛି।



## ସଂକ୍ଷେପରେ

### ୫ରୁ ଲିଙ୍ଗରାଜ ମହୋତ୍ସବ
**ଯୋଗଦେବେ ୭ଶହରୁ ଊର୍ଦ୍ଧ୍ୱ କଳାକାର**

ପୁରୁଣା ଭୁବନେଶ୍ୱର,୩।୪ (ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚତୁର୍ଦ୍ଦଶ ଲିଙ୍ଗରାଜ ମହୋତ୍ସବ ଆସନ୍ତା ୫ରୁ ୧୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ୭ଶହରୁ ଊର୍ଦ୍ଧ୍ୱ କଳାକାର ଯୋଗଦେବେ ବୋଲି ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ ଓ ସମ୍ପାଦକ ସନତ୍ ମିଶ୍ର ସୂଚନା ଦେଇଛନ୍ତି। ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ପ୍ରତିଭା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା କଳାବିକାଶ କେନ୍ଦ୍ର ଓ ବୀଣାପାଣି କଳା ନିକେତନ ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିବେ। ସେହିପରି ବିଶାଖାପାଟଣାର ଭାରତନାଟ୍ୟମ, ହାଇଦ୍ରାବାଦର ଓଡ଼ିଶୀ ଏବଂ ଫ୍ୟୁଜନ, ବର୍ଦ୍ଧମାନର ଓଡ଼ିଶୀ ଶୋଲ, କୋଲକାତାର କଥକ ଡ୍ୟାନ୍ସ, ରାୟପୁରର ନୃତ୍ୟ ଶ୍ରୀଧାରା, ଚୌଦାରର ପଦ୍ମଶ୍ରୀ ଗୁରୁ ଉଚ୍ଛବ ଦାସଙ୍କ ବିଶ୍ୱ ପ୍ରସିଦ୍ଧ ଘୋଡ଼ାନାଚ, ରାୟଗଡ଼ାର ଥେସା ଟ୍ରାଇବଲ ଡ୍ୟାନ୍ସ, ବିଳାସପୁରର କ୍ରିଏଟିଭ, ଗଜପତିର ମାହାରିଗ୍ରୁପ ପଲ୍ଲୀନୃତ୍ୟ, ଆଠଗଡ଼ର ଫୋକ ଡ୍ୟାନ୍ସ, ଓଡ଼ିଶାର ୩୬ ଗ୍ରୁପ ସୁନାମଧନ୍ୟ କଳାକରମାନେ ବିଭିନ୍ନ ନୃତ୍ୟ ପରିବେଷଣ କରିବେ। ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତି, ଲିଙ୍ଗରାଜ ସାହୁ, ରତିକାନ୍ତ ମହାସୁଆର, କେଦାରନାଥ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, ଶ୍ରୀବତ୍ସ ପତି, ଲଲାଟେନ୍ଦୁ ମହାନ୍ତି, ପ୍ରମୋଦ କୁମାର ଦାସ, ବିଶ୍ୱନାଥ ମହାପାତ୍ର, ଗଣେଶ ପାଲ, ଦେବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### 'ଏକାନ୍ତ ରମାକାନ୍ତ' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୩।୪(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ମିଡ଼ିଆ ପ୍ରାଇଭେଟ୍ ଲିମିଟେଡ୍ ଏବଂ ପେନ୍ ଇନ୍ ବୁକ୍‌ର ମିଳିତ ଆନୁକୂଲ୍ୟରେ ରମାକାନ୍ତ ରଥ ସ୍ମୃତି ସନ୍ଧ୍ୟା ଗୁରୁବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପେନ୍ ଇନ୍ ବୁକ୍ ଦ୍ୱାରା ପ୍ରକାଶିତ 'ଏକାନ୍ତ ରମାକାନ୍ତ' ପୁସ୍ତକ ଲୋକାର୍ପଣ କରାଯାଇଛି। ଏହି ପୁସ୍ତକର ସମ୍ପାଦକ ହେଉଛନ୍ତି ଡ. ଗୌରହରି ଦାସ ଓ ଶୁଭ୍ରାଂଶୁ ପଣ୍ଡା। କାର୍ଯ୍ୟକ୍ରମରେ ଅତିଥିଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପଦ୍ମବିଭୂଷଣ କବି ଡ. ସୀତାକାନ୍ତ ମହାପାତ୍ର, କବି ଡ. ସୌଭାଗ୍ୟ କୁମାର ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର, କବି ହରପ୍ରସାଦ ଦାସ, ଗୀତିକାର ଦେବଦାସ ଛୋଟରାୟ, କଥାକାର ତରୁଣକାନ୍ତି ମିଶ୍ର, ଡ. ଗୌରହରି ଦାସ ପ୍ରମୁଖ ଯୋଗଦେଇ ପୁସ୍ତକକୁ ଲୋକାର୍ପଣ କରିଥିଲେ।

# ବିଡିଏରେ ଯୋଡ଼ିହେବ ୧୪୩ ନୂଆ ରାଜସ୍ୱ ଗ୍ରାମ

ଭୁବନେଶ୍ୱର, ୩।୪(ବନ୍ଦନା ସେଠୀ)

**୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧,୫୩୬.୦୮ କୋଟିର ବଜେଟ ଅନୁମୋଦନ**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୧୫୦ତମ କର୍ତ୍ତୃପକ୍ଷ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ ଆକଳନ ତଥା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସଂଶୋଧିତ ବଜେଟ ଆକଳନ ଉପସ୍ଥାପିତ ହୋଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସମୁଦାୟ ୧,୫୩୬.୦୮ କୋଟିର ବଜେଟ ଅନୁମୋଦନ କରାଯାଇଛି। ବିଡିଏ ପକ୍ଷରୁ ସହରର ସମ୍ପ୍ରସାରଣ ଏବଂ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି କ୍ରମରେ ସମୁଦାୟ ୧୪୩ଟି ନୂତନ ରାଜସ୍ୱ ଗ୍ରାମକୁ ବିଡିଏ ସହିତ ସାମିଲ କରାଯିବା ନେଇ ଅନୁମୋଦନ ମିଳିଛି। ବର୍ତ୍ତମାନ ବିଡିଏ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଖୋର୍ଦ୍ଧା ପୌର ପରିଷଦ, ଜଟଣୀ ପୌର ପରିଷଦ ଏବଂ ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଆଦି ୪ଟି ସହରାଞ୍ଚଳ ସହ ନିକଟବର୍ତ୍ତୀ ଗ୍ରାମପଞ୍ଚାୟତ ଅଞ୍ଚଳଗୁଡିକ ତଦାରଖ କରୁଛି। ଏହି ସହର ସମ୍ପ୍ରସାରଣ ଯୋଜନାବଦ୍ଧ ବିକାଶକୁ ପ୍ରୋତ୍ସାହନ କରିବା, ଭିତ୍ତିଭୂମିର ଉନ୍ନତି ତଥା ଦ୍ରୁତ ସହରୀକରଣରେ ବାଧକ ସାଜୁଥିବା ସମସ୍ୟାର ସମାଧାନ କରିବ ବୋଲି ସୂଚନା ଦିଆଯାଇଛି।

୧୯୮୩ ମସିହାରେ ୧୧୬ଟି ରାଜସ୍ୱ ଗ୍ରାମକୁ ନେଇ ବିଡିଏର ସହର ବିକାଶ ଚିନ୍ତାଧାରା ଆରମ୍ଭ ହୋଇଥିଲା। ୨୦୦୨, ୨୦୦୩ ଏବଂ ୨୦୧୧ରେ ଏହାର କଳେବରକୁ ସମ୍ପ୍ରସାରଣ କରାଯାଇଛି। ଏହି ନୂତନ ଯୋଜନାବଦ୍ଧ ସହର ସମ୍ପ୍ରସାରଣ ଯୋଜନା ସହର ସହ ଆଞ୍ଚଳିକ ସଂଯୋଗୀକରଣକୁ ଗୁରୁତ୍ୱ ଦେବା ସହ ଭିତ୍ତିଭୂମି ବିକାଶରେ ସହାୟକ ହେବ। ଏହି ନୂତନ ଗ୍ରାମଗୁଡ଼ିକ ମିଶିବା ପରେ ବିଡିଏ ଅଧିକାର କ୍ଷେତ୍ରରେ ଥିବା ମୋଟ୍ ଗ୍ରାମ ସଂଖ୍ୟା ୫୬୯ରୁ ବୃଦ୍ଧି ପାଇ ୭୧୨କୁ ପହଞ୍ଚିବ। କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ଏହି ପ୍ରସ୍ତାବ ଓ ଉନ୍ନୟନ କର୍ତ୍ତୃପକ୍ଷ, ୧୯୮୨ର ଧାରା-୩ ଅନୁଯାୟୀ ରାଜ୍ୟ ସରକାରଙ୍କ ନିକଟକୁ ବିଚାର ଓ ଅନୁମୋଦନ ପାଇଁ ପଠାଯିବ। ଏଥିସହ ବିଡିଏର ରାଜସ୍ୱ ସୃଷ୍ଟି କରିବା ଲାଗି କର୍ତ୍ତୃପକ୍ଷ ଜମି ମୁଦ୍ରୀକରଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ଉଦ୍ୟମକୁ ସମର୍ଥନ କରିବା ପାଇଁ ଅନେକ ଜମିଖଣ୍ଡକୁ ନିଲାମ ପାଇଁ ଚିହ୍ନଟ କରାଯାଇଛି। ସେହିପରି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଗୃହ ନିର୍ମାଣ ଓ ବାଣିଜ୍ୟିକ ବିକାଶ ଯୋଜନାରେ ଚନ୍ଦ୍ରଶେଖରପୁର, ଖୋର୍ଦ୍ଧାର ଜଗସାରା ଓ ସାନପଲ୍ଲାରେ ଗୃହ ନର୍ମାଣ ପ୍ରକଳ୍ପ ଆରମ୍ଭ କରାଯିବ। ସେହିପରି ପଟିଆରେ ବାଣିଜ୍ୟିକ ସ୍ଥାନର ବିକାଶ କରାଯିବ। ମାଷ୍ଟରକ୍ୟାଣ୍ଟିନ୍‌ରେ ଭୁବନେଶ୍ୱର ଟାଉନ ସେଣ୍ଟର (ବିଟିସି) ଏବଂ ବିଡିଏ ସିଟି ସେଣ୍ଟର (ନିକୋ ପାର୍କ)ର ବିକାଶକୁ ଅନୁମୋଦନ କରାଯାଇଛି।

ବିଡିଏ ସହର ମଧ୍ୟରେ ୨୪ଟି (ସମନ୍ୱିତ ଉନ୍ନୟନ ଯୋଜନା) ସିଡିପି ରାସ୍ତା ବିକାଶ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହାର ପ୍ରସ୍ତାବ କର୍ତ୍ତୃପକ୍ଷ ବୈଠକରେ ଉପସ୍ଥାପନ ହୋଇଥିଲା। ଜୟଦେବ ବିହାରରୁ ଭାୟା ରଘୁନାଥପୁର ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତା, ନୂଆ ଭୁବନେଶ୍ୱର ରେଳଷ୍ଟେଶନକୁ ଯିବା ଆପ୍ରୋଚ୍ ରୋଡ୍, ଟିପି ସ୍କିମ-୮ ଦେଇ ଅତିକ୍ରମ କରୁଥିବା ନୂଆଗାଁ-କାଟେଣି ରୋଡ୍, ନ୍ୟୁ-ସିଟି ପାଇଁ ଚିହ୍ନଟ ହୋଇଥିବା ରାସ୍ତା ଏବଂ ଚନ୍ଦକା-ଖଣ୍ଡଗିରି ରାସ୍ତାରୁ ପିତାପଲ୍ଲୀ-ବାରଙ୍ଗ ରାସ୍ତା ଟିପି ଯୋଜନା ନଂ. ୮ ଏବଂ ନ୍ୟୁ-ସିଟି ପାଇଁ ନିର୍ଦ୍ଦିଷ୍ଟ ଅଞ୍ଚଳ ଦେଇ ମଧ୍ୟ ଗତି କରୁଥିବା ରାସ୍ତାଗୁଡ଼ିକ ରହିଛି। ବିଡିଏ ଅଧ୍ୟକ୍ଷ ତଥା ଗୃହ ଓ ନଗର ଉନ୍ନୟନ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ, ବିଡିଏ ଉପାଧ୍ୟକ୍ଷ ଡ. ଏନ୍. ଥିରୁମାଲା ନାୟକ, ଜଟଣୀ ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା, ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଆୟୋଜନ ନେଇ ଗୁରୁବାର ସେବାୟତଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀମାନେ ଆଲୋଚନା କରୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

## ପ୍ରତି ୩ ମାସରେ ଜାରି ହେବ ଟିକସ ଖିଲାପକାରୀଙ୍କ ତାଲିକା

ଭୁବନେଶ୍ୱର, ୩।୪ (ବନ୍ଦନା ସେଠୀ)

**୨୦୨୪-୨୫ ଆର୍ଥିକ ବର୍ଷରେ ହୋଲ୍ଡିଂ ଟିକସ ବାବଦ ସର୍ବାଧିକ ୧୦୧ କୋଟି ଆଦାୟ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିଜର ରାଜସ୍ୱ ବୃଦ୍ଧି କରିବାକୁ ନୂଆ ତରିକା ଆପଣାଇଛି। ଏଣିକି ପ୍ରତ୍ୟେକ ୩ ମାସରେ ଟିକସ ଖିଲାପକାରୀଙ୍କ ତାଲିକା ଜାରି କରାଯିବ। ଏହି ଅନୁଯାୟୀ ଖିଲାପକାରୀଙ୍କ ବିରୋଧରେ ତନାଘନା କରାଯାଇ ସେମାନଙ୍କଠାରୁ ହୋଲ୍ଡିଂ ଟିକସ ଆଦାୟ କରିବାକୁ ଫୁଲ୍‌ପ୍ରୁଫ୍ ରଣନୀତି ପ୍ରସ୍ତୁତ କରାଯିବ। ଫଳରେ ବିଏମ୍‌ସିର ରାଜସ୍ୱ ବୃଦ୍ଧି ପାଇବ ଏବଂ ବର୍ଷ ଶେଷକୁ ଟିକସ ଆଦାୟର ବୋଝ କମିବ ବୋଲି ମେୟର ସୁଲୋଚନା ଦାସ ଗୁରୁବାର ସୂଚନା ଦେଇଛନ୍ତି। ବିଗତ ବର୍ଷଗୁଡ଼ିକରେ ବର୍ଷ ଶେଷ ଆଡ଼କୁ ବଡ଼ ବଡ଼ ଟିକସ ଖିଲାପକାରୀଙ୍କ ନାମ ଏବଂ ବକେୟା ଟିକସ ପରିମାଣର ଲମ୍ବା ତାଲିକା ପ୍ରକାଶ ପାଉଥିଲା। ପରେ ସେମାନଙ୍କୁ ତୁରନ୍ତ ଟିକସ ପଇଠ କରିବା ପାଇଁ ତନାଘନା କରାଯାଉଥିଲା। ଏହି ତାଲିକାକୁ ବିଭିନ୍ନ ମାଧ୍ୟମରେ ପ୍ରଚାରପ୍ରସାର କରାଯାଇ ଖିଲାପକାରୀଙ୍କ ବିରୋଧରେ ଚାପ ପକାଯାଉଥିଲେ ହେଁ ଆର୍ଥିକ ବର୍ଷ ଶେଷ ଆଡକୁ ଅତ୍ୟଧିକ ବକେୟା ରହୁଥିଲା। ତେଣୁ ଏହି ସମସ୍ୟାକୁ ଦୂରକରିବା ପାଇଁ ବିଏମ୍‌ସି ଏହି ଉପାୟ ଆପଣାଇବାକୁ ଯାଉଛି। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ହୋଲ୍ଡିଂ ଟିକସ ବାବଦରେ ସର୍ବାଧିକ ୧୦୧ କୋଟି ଟଙ୍କା ଆଦାୟ କରାଯାଇଥିବା ମେୟର ସୂଚନା ଦେଇଛନ୍ତି।



ଭୁବନେଶ୍ୱର ପିଏମ୍‌ଜିସ୍ଥିତ ଜିପିଓ କ୍ୟାମ୍ପସ୍ ସମ୍ମୁଖରେ 'ଜଏଣ୍ଟ ଫୋରମ୍ ଅଫ୍ ପେନସନର୍ସ ଆସୋସିଏଶନ' ପକ୍ଷରୁ ଧାରଣା। (ଫଟୋ: ବିକାଶ)

## ଡମି ସ୍କୁଲ୍ ବାୟୋମେଟ୍ରିକ ଉପସ୍ଥାନର ତଦନ୍ତ ଦାବି

**ସିବିଏସ୍‌ଇ ଆଞ୍ଚଳିକ ଅଧିକାରୀଙ୍କୁ ଭେଟିଲା ଓଡ଼ିଶା ଅଭିଭାବକ ମହାସଂଘ**

ଭୁବନେଶ୍ୱର,୩।୪(ସୁଚିସ୍ମିତା ସାହୁ)

ରାଜ୍ୟରେ ମାଳ ମାଳ କୋଚିଂ ସେଣ୍ଟର, ଟ୍ୟୁଟୋରିଆଲ ଇନ୍‌ଷ୍ଟିଚ୍ୟୁଟ୍ ଛତୁ ଫୁଟିଲା ଭଳି ଖୋଲିବାରେ ଲାଗିଛି। ଅଭିଭାବକଙ୍କୁ ମିଛ ପ୍ରଲୋଭନ ଦେଖାଇ ଡମି ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଇବା ସହିତ ଭଲ ର୍‍ୟାଙ୍କିଙ୍ଗ୍‌ର ପିଲାଙ୍କ ଫଟୋ ସେଣ୍ଟର ବାହାରେ ଲଗାଯାଉଛି। ଏହି ଡମି ସ୍କୁଲଗୁଡ଼ିକୁ ବନ୍ଦ କରିବା ସହ ବିଭିନ୍ନ ଦାବିରେ ଓଡ଼ିଶା ଅଭିଭାବକ ମହାସଂଘ ଗୁରୁବାର ସିବିଏସ୍‌ଇ କାର୍ଯ୍ୟାଳୟ ଅଧିକାରୀଙ୍କୁ ଭେଟିଛି। ମହାସଂଘର ସଭାପତି ବାସୁଦେବ ଭଟ୍ଟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ସତ୍ୟବ୍ରତ ପରିଜା, ମହାସଚିବ ଅଶୋକ ପାଇକରାୟ, ଭୁବନେଶ୍ୱର ଆବାହକ ପଦ୍ମନାଭ ସାହୁ ସିବିଏସ୍‌ଇ ଆଞ୍ଚଳିକ ଅଧିକାରୀ କେ. ଶ୍ରୀନିବାସଙ୍କୁ ଭେଟି ଭିତ୍ତିଭୂମି, ପିଲାଙ୍କ ସଂଖ୍ୟା ଓ ନିରନ୍ତର ବାୟୋମେଟ୍ରିକ ଉପସ୍ଥାନର ତଥ୍ୟ ନେଇ ଅନୁସନ୍ଧାନ କରିବାକୁ ଦାବି ଜଣାଇଥିଲେ। ଆଞ୍ଚଳିକ ଅଧିକାରୀ ଏହି ଦାବି ଉପରେ ଦିଲ୍ଲୀ ମୁଖ୍ୟ କାର୍ଯ୍ୟାଳୟକୁ ଜଣାଇବା ସହିତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରାଯିବ ବୋଲି ମହାସଂଘର ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ଅପହରଣ ପରେ ୫ ଲକ୍ଷ ମୁଣ୍ଡ ଜାମିନ: ୪ ଗିରଫ

ଭୁବନେଶ୍ୱର,୩।୪ (ସୂର୍ଯ୍ୟକାନ୍ତ ବେହେରା)

**କାର୍ ସହ ୩ ଟ୍ରକ୍ ଜବତ**

ପୋଲିସକୁ ଖବର ଦେଉଥିବା ସନ୍ଦେହରେ ଜଣେ ଯୁବକଙ୍କୁ ଅପହରଣକରି ୫ ଲକ୍ଷ ଟଙ୍କା ମୁଣ୍ଡଜାମିନ ରଖିବା ଅଭିଯୋଗରେ ଚନ୍ଦକା ପୋଲିସ ୪ ଜଣଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏହି ଥାନା ଅଞ୍ଚଳର ଅସୀମ କୁମାର ରାଉତରାୟ, ଅଭିଷେକ ରାଉତରାୟ, ବିଶ୍ୱଜିତ ରାଉତରାୟ ଓ ଗୌତମ କେଶରୀ ରାଉତରାୟ। ସେମାନଙ୍କଠାରୁ ଗୋଟିଏ କାର୍ ଓ ୩ ଟି ଟ୍ରକ୍ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଅଭିଯୋଗକାରୀ ସ୍ୱାଗତ ସେଠୀ ଚନ୍ଦକା ଥାନା ଅଧୀନ ପାଇକେରାପୁର ଗ୍ରାମର ବାସିନ୍ଦା। ଉକ୍ତ ଅଞ୍ଚଳରେ କେତେଜଣ ମୋରମ ମାଫିଆ ବେଆଇନ ଭାବେ ଖଣି ଖୋଳି ମାଟି, ମୋରମ ଚାଲାଣ କରିଥାନ୍ତି। ତେଣୁ ମାଟି, ମୋରମ ଧରପଗଡ଼ ବେଳେ ଏହି ୪ ଅଭିଯୁକ୍ତଙ୍କ ଗାଡ଼ି ଜବତ ହୋଇଛି। ବାରମ୍ବାର ଗାଡ଼ି ଜବତ ଘଟଣା ପରେ ମୋରମ ମାଫିଆମାନଙ୍କ ମନରେ ସ୍ୱାଗତଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା। ତେଣୁ ସେମାନେ ଯୋଜନାବଦ୍ଧ ଭାବେ ବୁଧବାର ଗ୍ରାମର ବାଟ ମଙ୍ଗଳା ମନ୍ଦିର ନିକଟକୁ ଯାଇଥିଲେ। ସେଠାରେ ସ୍ୱାଗତଙ୍କୁ ଏକୁଟିଆ ପାଇ ଏକ କାରରେ ଅପହରଣ କରିନେଇ ଏକ ଘରେ ରଖି ମାଡ଼ ମାରିଥିଲେ। ସ୍ୱାଗତଙ୍କ ଭାଇ ସୁକାନ୍ତଙ୍କୁ ଅଭିଯୁକ୍ତ ଗୌତମ ଫୋନ୍‌କରି ୫ ଲକ୍ଷ ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସୁକାନ୍ତ ଏହି ଖବର ସ୍ୱାଗତଙ୍କ ସ୍ତ୍ରୀଙ୍କୁ ଜଣାଇବାରୁ ସେ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଜଣାଇଥିଲେ। ଚନ୍ଦକା ପୋଲିସ ଏବଂ ପିସିଆର୍ ଗୌତମଙ୍କ ଫୋନ ଟ୍ରାକ୍ କରି ଅପହରଣକାରୀମାନଙ୍କୁ ଠାବ କରିବା ସହ ସ୍ୱାଗତଙ୍କୁ ଉଦ୍ଧାର କରିଥିଲେ। ଅଭିଯୁକ୍ତ ଅସୀମ ଏବଂ ଅଭିଷେକଙ୍କ ନାମରେ ଚନ୍ଦକା ଓ ଜଟଣୀ ଥାନାରେ ପୂର୍ବରୁ ମାମଲା ଥିବା ତଦନ୍ତରୁ ଜଣାପଡ଼ିଛି।

## ରେଳଷ୍ଟେଶନରେ ଛେପ, ଆବର୍ଜନା ପକାଇ ହଟହଟା

ଭୁବନେଶ୍ୱର,୩।୪(ଅନୁରାଧା ମହାରଣା)

**୫୮୧ ଜଣ ଗଣିଲେ ୧,୧୭,୧୦୦ ଟଙ୍କା ଜରିମାନା**

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅନ୍ତର୍ଗତ ଭୁବନେଶ୍ୱର ରେଳଷ୍ଟେଶନକୁ ଛେପ ଓ ଅଳିଆ ଆବର୍ଜନାମୁକ୍ତ କରିବା ପାଇଁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉଛି। ରେଳପଥ ସୁରକ୍ଷା ବଳ (ଆର୍‌ପିଏଫ୍) ଦ୍ୱାରା ୨୦୨୫ ମାର୍ଚ୍ଚରେ ରେଳଷ୍ଟେଶନରେ ଛେପ ଓ ଆବର୍ଜନା ପକାଇବା କାରଣରୁ ୫୮୧ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ମୋଟ ଜରିମାନା ପରିମାଣ ୧,୧୭,୧୦୦ ଟଙ୍କା ଥିବା ଆର୍‌ପିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ପରିଷ୍କାର ପରିଚ୍ଛନ୍ନତା ନିୟମାବଳୀ ଲାଗୁ କରିବା ଏବଂ ଯାତ୍ରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟବାହିନୀ ଗଠନ କରାଯାଇଛି। ଏହି କାର୍ଯ୍ୟବାହିନୀ ଷ୍ଟେଶନ ପରିଚାଳକ, ଟିକେଟ ସଂଗ୍ରହକାରୀ, ରେଳ ସୁରକ୍ଷା ବାହିନୀ (ଆର୍‌ପିଏଫ୍), ବାଣିଜ୍ୟିକ ଏବଂ ପରିଚାଳନା ବିଭାଗର ଅଧିକାରୀଙ୍କ ସହ ମିଶି କାର୍ଯ୍ୟ କରୁଛି। ଘୋଷଣା, ପୋଷ୍ଟର ଓ ବ୍ୟାନର ବଣ୍ଟନ ସମେତ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ମାଧ୍ୟମରେ ଯାତ୍ରୀଙ୍କୁ ସଚେତନ କରାଯାଉଛି। ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ରେଳ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତି ଯଥା-ଛେପ ପକାଇବା, ଅଳିଆ ପକାଇବା କିମ୍ବା ଅନ୍ୟାନ୍ୟ କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରିବା ଲାଗି କ୍ଷମତା ପ୍ରଦାନ କରାଯାଇଛି। ଏଥିରେ ରେଳ ପରିସର କିମ୍ବା କମ୍ପାର୍ଟମେଣ୍ଟରେ ଅଳିଆ ଓ ଛେପ ପକାଇଲେ, ରୋଷେଇ କଲେ, ଗାଧୋଇଲେ, ପରିସ୍ରା କିମ୍ବା ମଳତ୍ୟାଗ କଲେ ଜରିମାନା ଦେବାକୁ ପଡ଼ିବ।

## ୧୩ ଜଣ ପାଇବେ 'ରାଜଧାନୀ ଗୌରବ ସମ୍ମାନ'

ଭୁବନେଶ୍ୱର, ୩।୪ (ବନ୍ଦନା ସେଠୀ)

**୨ ଦିନ ଧରି ପାଳନ ହେବ ରାଜଧାନୀ ପ୍ରତିଷ୍ଠା ଦିବସ**

ଚଳିତ ବର୍ଷ ରାଜଧାନୀ ଭୁବନେଶ୍ୱରର ୭୭ତମ ପ୍ରତିଷ୍ଠା ଦିବସ ଏପ୍ରିଲ ୧୩ ଓ ୧୪ ତାରିଖରେ ପାଳନ କରାଯିବ। ସେହିପରି ୧୩ ଜଣଙ୍କୁ 'ରାଜଧାନୀ ଗୌରବ ସମ୍ମାନ'ରେ ସମ୍ମାନିତ କରାଯିବ। ଗୁରୁବାର ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଏପ୍ରିଲ ୧୨ରୁ କରାଯିବାକୁ ଆଲୋଚନା ହୋଇଥିଲା। ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ଚଳିତବର୍ଷ ବେସାମରିକ ପରେଡରେ ଛୋଟ ପିଲାଙ୍କୁ ସାମିଲ କରାଯିବନାହିଁ। ସହରର ସମସ୍ତ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟରୁ ପରେଡ୍ ଦଳଙ୍କୁ ଭାଗନେବାକୁ ଅନୁରୋଧ କରାଯିବ। ପାରମ୍ପରିକ ରୀତିରେ ୧୩ ତାରିଖ ସକାଳେ ଓଡ଼ିଶା ବିଧାନସଭା ସୌଧ ସମ୍ମୁଖସ୍ଥ ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସ ଫଳକରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯିବ। ଉତ୍ସବର ମୁଖ୍ୟ ଅତିଥି ପ୍ରତିଷ୍ଠା ଦିବସ ପତାକା ଉତ୍ତୋଳନ କରିବେ। ରବୀନ୍ଦ୍ର ମଣ୍ଡପରୁ ସୂଚନା ଭବନ ପର୍ଯ୍ୟନ୍ତ ବେସାମରିକ ପରେଡ୍ ପ୍ରଦର୍ଶନ ହେବ। ୧୩ ଓ ୧୪ ତାରିଖ ସନ୍ଧ୍ୟାରେ ଉତ୍କଳ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏହି ଅବସରରେ ୧୩ଜଣ ବ୍ୟକ୍ତିବିଶେଷଙ୍କୁ 'ରାଜଧାନୀ ଗୌରବ ସମ୍ମାନ' ପ୍ରଦାନ କରାଯିବ। ସେହିପରି ଭୁବନେଶ୍ୱରର ଐତିହ୍ୟ ସମ୍ବଳିତ ଫଟୋଚିତ୍ରକୁ ସ୍ଥାନିତ କରି ସୂଚନା ଭବନରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଟ୍ରାଫିକ ପରିଚାଳନା, ଆମ୍ବୁଲାନ୍ସ ବ୍ୟବସ୍ଥା ସହ ଲୋକସେବା ଭବନ, ବିଧାନସଭା ସମେତ ଶିଳାନ୍ୟାସ ଫଳକ, ରାଜଧାନୀର ଗୁରୁତ୍ୱପୂର୍ଣ୍ଣ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଅନ୍ୟ ଜାତୀୟ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଏବଂ ସଂଲଗ୍ନ ରାସ୍ତାଘାଟକୁ ଆଲୋକମାଳାରେ ସଜ୍ଜିତ କରାଯିବ। ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି ସମ୍ପର୍କରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀରବିକ୍ରମ ଯାଦବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ବିଡିଏ ଉପାଧ୍ୟକ୍ଷ ଡ.ଏନ.ଥିରୁମାଲା ନାୟକ, ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା ପ୍ରମୁଖ ଯୋଗଦେଇଥିଲେ।

## ରିହାବ୍‌ସ୍କେପ୍ ପକ୍ଷରୁ ୱାର୍ଲଡ ଅଟିଜମ୍ ସଚେତନତା ଦିବସ

ଭୁବନେଶ୍ୱର,୩।୪(ସୁଚିସ୍ମିତା ସାହୁ)

ରୋଟାରି କ୍ଲବ ସନ୍‌ରାଇଜ କ୍ଲବ ଏବଂ ସ୍ୱାର୍କ ଡ୍ରିମ୍‌ର ସହଯୋଗରେ ରିହାବ୍‌ସ୍କେପ୍ ପକ୍ଷରୁ ୱାର୍ଲଡ ଅଟିଜମ୍ ସଚେତନତା ଦିବସ ବୁଦ୍ଧମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଅଟିଜମ୍ ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ରିହାବ୍‌ସ୍କେପ୍‌ର ପ୍ରତିଷ୍ଠାତା ଡ. କୃଷ୍ଣେନ୍ଦୁ ସୁନ୍ଦର ସାହୁଙ୍କ ତତ୍ତ୍ୱାବଧାନରେ ଏହି ଦିବସ ପାଳନ ହୋଇଆସୁଛି। ମାନସିକସ୍ତରରେ ଦୁର୍ବଳ ଥିବା ଯେକୌଣସି ବର୍ଗର ଲୋକଙ୍କୁ ସାନ୍ତ୍ୱନା ଦେବା ଓ ସହାନୁଭୂତିର ହାତ ବଢ଼େଇବା, ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ରୋଟାରିଆନ ଯଜ୍ଞାଶିଷ ମହାପାତ୍ର, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଓଲିଉଡ୍ ଅଭିନେତା ପାର୍ଥସାରଥି ରାୟ, ଡ. ଅମ୍ରିତା ପାଇଯୋଶୀ ପ୍ରମୁଖ ଉପସ୍ଥିତ ରହି ଅଟିଜମ୍ ପିଲାଙ୍କ ମାତାପିତାଙ୍କ ମନୋବଳ ଦୃଢ଼ କରାଇଥିଲେ।

## କଳା, ସଂସ୍କୃତିର ବିକାଶ ଦିଗରେ ସଂକଳ୍ପବଦ୍ଧ ହୁଅନ୍ତୁ ଛାତ୍ରୀଛାତ୍ର

ଭୁବନେଶ୍ୱର,୩।୪ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା' ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ ପ୍ରତିଭାକୁ ପ୍ରତିଫଳିତ କରିବା ସହ ସେମାନଙ୍କୁ ଓଡ଼ିଶାର କଳା ଓ ସଂସ୍କୃତିର ବିକାଶ ଦିଗରେ ସଂକଳ୍ପବଦ୍ଧ ହେବା ନିମନ୍ତେ ଉତ୍ସାହିତ କରିବ ବୋଲି ମିଶ୍ର କହିଥିଲେ। ମୁଖ୍ୟ ଅତିଥି ଭାବେ କବି ତଥା ଅବସରପ୍ରାପ୍ତ ପ୍ରଶାସକ ଡ. ରବିନାରାୟଣ ସେନାପତି ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ କଳାର ପ୍ରଦର୍ଶନ ନିମନ୍ତେ ଏହିଭଳି ଅଭିନବ କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଓ ପୂର୍ବତନ କୁଳପତି ପ୍ରଫେସର ଅମିୟ କୁମାର ପଟ୍ଟନାୟକ ଓଡ଼ିଶାର କଳା ଓ ସଂସ୍କୃତିର ବିକାଶ ଦିଗରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପ୍ରଶଂସନୀୟ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୂର୍ବତନ ପ୍ରଶାସକ ମନୋରଞ୍ଜନ ପାଣିଗ୍ରାହୀ ଓଡ଼ିଶାର ନୃତ୍ୟ ଓ ସଙ୍ଗୀତର ଅନନ୍ୟତାକୁ ଛାତ୍ରୀଛାତ୍ରମାନେ ସେମାନଙ୍କ ପ୍ରଦର୍ଶନ ଜରିଆରେ ପ୍ରତିପାଦିତ କରିବାକୁ ପାଇଥିବା ସୁଯୋଗର ସଦୁପଯୋଗ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। କୁଳପତି ପ୍ରଫେସର ସ୍ୱାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ଓ ପ୍ରାସଙ୍ଗିକତା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ବିଶ୍ୱବିଦ୍ୟାଳୟ ପକ୍ଷରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶୀ କଣ୍ଠ ସଂଗୀତ ବିଭାଗ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ'ଚନ୍ଦନ ବାହୁଡ଼ା'କୁ ନେଇ ପାରମ୍ପରିକ ବୃନ୍ଦଗାନ ସଙ୍ଗୀତ ସହ ରାଗ- କାମୋଦୀ, ହଂସଧ୍ୱନି ଓ ଭୈରବୀ ପଲ୍ଲବୀ ଗୁରୁ ଡ. ଧୀରଜ କୁମାର ମହାପାତ୍ର ଏବଂ ଡ. ନୀଳାଦ୍ରି କଲ୍ୟାଣ ଦାସଙ୍କ ନିର୍ଦ୍ଦେଶନାରେ ପରିବେଷିତ ହୋଇଥିଲା। ଓଡ଼ିଶୀ ନୃତ୍ୟ ବିଭାଗ ପକ୍ଷରୁ 'ଶିବ ବନ୍ଦନା' ଓ 'ଦଶାବତାର' ନୃତ୍ୟାଭିନୟ ଗୁରୁ ଡ. ମନୋରଞ୍ଜନ ପ୍ରଧାନ ଓ ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ପରିବେଷିତ ହୋଇଥିଲା। ଛଉନୃତ୍ୟ ବିଭାଗ ପକ୍ଷରୁ ଗୁରୁ ଉତ୍ତମ କୁମାର ମହନ୍ତଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ଲୋକନୃତ୍ୟ 'କେଉଟ-କେଉତୁଣୀ' ସହ ଆଦିନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଏବଂ ଡ. ଜ୍ଞାନରଞ୍ଜନ ପଣ୍ଡା ସଂଯୋଜନା କରିଥିବାବେଳେ ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ପରିଚାଳନା କରିଥିଲେ।

## ଫଟୋରେ ଖବର





ସୂଚନା ଭବନରେ ଗୁରୁବାର 'ଉଇ ଫର୍ ୟୁ' ପକ୍ଷରୁ ଆୟୋଜିତ 'ବି ମାଇଁ ସ୍କ୍ରାଇବ୍' କାର୍ଯ୍ୟକ୍ରମ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ ଅନ୍ୟମାନେ।





ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ 'ସଂସ୍କୃତି ବିଚିତ୍ରା' କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି। (ଫଟୋ: ବିକାଶ ନାୟକ)

# ୪ ବର୍ଷ ବିତିଲା, ତଦନ୍ତ ସରିଲାନି

**ରାଉତପଡ଼ା ସମବାୟ ବ୍ୟାଙ୍କରୁ ୧.୫୦କୋଟି ଆତ୍ମସାତ୍ ଘଟଣା**

- ଅଫିସର ବଦଳିଲେ, ଇଓଡବ୍ଲ୍ୟୁ ପକ୍ଷରୁ ଯାଞ୍ଚ ହେଲାନି
- ଟଙ୍କା ଫେରିପାଇବା ଆଶାରେ ଜମାକାରୀ

ଖୋର୍ଦ୍ଧା,୩।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ରାଉତପଡ଼ା ଶାଖାରେ ୧କୋଟି ୫୦ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସେହି ସମୟରେ ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଏହି ଆର୍ଥିକ ଅନିୟମିତତା ତଦନ୍ତ ଲାଗି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଶାଖା ଇଓଡବ୍ଲ୍ୟୁକୁ ସୁପାରିସ କରିଥିଲେ। ଏଯାବତ୍ ଇଓଡବ୍ଲ୍ୟୁ ପକ୍ଷରୁ କୌଣସି ତଦନ୍ତ କରାଗଲା ନାହିଁ। ଘଟଣାକୁ ୪ବର୍ଷ ବିତିଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଗଲା ନାହିଁ। ଫଳରେ ଟଙ୍କା ଫେରିପାଇବା ଆଶାରେ ଜମାକାରୀ ଭାଗ୍ୟକୁ ଆଦରି ରହିଛନ୍ତି।

ସୂଚନାଥାଉ କି, ରାଉତପଡ଼ା ଶାଖାର ଜଣେ ପୂର୍ବତନ ହିସାବ ରକ୍ଷକ ଏହି ବ୍ୟାଙ୍କରୁ ଅବସର ଗ୍ରହଣ ପରେ ମଧ୍ୟ କାର୍ଯ୍ୟ କରୁଥିଲେ। ଫଳରେ ସେ ଲୋକଙ୍କ ବିଶ୍ୱାସଭାଜନ ହୋଇଥିଲେ। ସମ୍ପୃକ୍ତ ହିସାବ ରକ୍ଷକ ସେଠାରେ ଦୀର୍ଘ ଦିନ ଧରି କାର୍ଯ୍ୟ କରିବା ଏବଂ ଅବସର ପରେ ମଧ୍ୟ ଶାଖାକୁ ନିୟମିତ ଆସୁଥିବାରୁ ଲୋକଙ୍କ ବିଶ୍ୱାସ ଆସିଯାଇଥିଲା। ରାଉତପଡ଼ା ଗ୍ରାମର ଅଧିକାଂଶ ଗ୍ରାମବାସୀ ହେଉଛନ୍ତି ହସ୍ତତନ୍ତ କାରିଗର। ବ୍ୟାଙ୍କ କାର୍ଯ୍ୟରେ ଗ୍ରାମବାସୀଙ୍କ ଅନଭିଜ୍ଞତା କାରଣରୁ ବ୍ୟାଙ୍କ ସମ୍ପର୍କିତ ବିଭିନ୍ନ କାର୍ଯ୍ୟରେ ସହଯୋଗ କରୁଥିଲେ। ତେବେ ଗ୍ରାମବାସୀଙ୍କ ସରଳତାର ସୁଯୋଗ ନେଇ ସମ୍ପୃକ୍ତ ହିସାବ ରକ୍ଷକ ଜମାକାରୀଙ୍କ ସ୍ଥାୟୀ ଜମା ଏବଂ ସଞ୍ଚୟ ଜମା ପ୍ରମାଣପତ୍ର ଆଦି ନବୀକରଣ ଆଳରେ ବ୍ୟାଙ୍କର ଜାଲ ପ୍ରମାଣପତ୍ର ଓ ସ୍ୱାକ୍ଷର କରି କୋଟି କୋଟି ଟଙ୍କା ଆତ୍ମସାତ କରିଛନ୍ତି। ୨୦୨୧ ମାର୍ଚ୍ଚରେ କେତେଜଣ ଗ୍ରାମବାସୀ ଜମାପୁଞ୍ଜିର ବିବରଣୀ ଜାଣିବାକୁ ଶାଖା କାର୍ଯ୍ୟାଳୟକୁ ଯାଇଥିବା ବେଳେ କୌଣସି ବିବରଣୀ ପାଇ ନ ଥିଲେ। ଏନେଇ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଅଭିଯୋଗ ଉପରେ ବିଭାଗୀୟ ତଦନ୍ତ ସତ୍ତ୍ୱେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବାରୁ ଜମାକାରୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଦୀର୍ଘଦିନ ଧରି ଏଭଳି କେଲେଙ୍କାରୀ ଚାଲିଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଜମାକାରୀ କୋଟି କୋଟି ଟଙ୍କା ହରାଇବାକୁ ବସିଛନ୍ତି। ଏହି ଆର୍ଥିକ କାରବାର ପଛରେ ସମ୍ପୃକ୍ତ କର୍ମଚାରୀଙ୍କ ସମେତ କେତେଜଣ ବିଭାଗୀୟ ଅଧିକାରୀଙ୍କ ମଧ୍ୟ ସମ୍ପୃକ୍ତି ରହିଥିବା ଜଣାପଡିଛି। ଜଣେ ବ୍ୟକ୍ତି ଉକ୍ତ ଶାଖାରୁ ଅବସର ଗ୍ରହଣ ପରେ କିପରି ଏବଂ କାହା ପ୍ରୋତ୍ସାହନରେ ସେଠାରେ ରହି ବ୍ୟାଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରୁଥିଲେ, ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣାକୁ ଚାପି ଦେବା ଲାଗି ଷଡ଼ଯନ୍ତ୍ର ଚାଲିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ତତ୍କାଳୀନ କେସିସିବି ମୁଖ୍ୟ କାର୍ଯ୍ୟନିର୍ବାହୀ ଅନନ୍ତ ସାମଲ ବ୍ୟାଙ୍କ ପରିଦର୍ଶନ କରି ଘଟଣାର ସତ୍ୟାସତ୍ୟକୁ ଅନୁଧ୍ୟାନ କରିଥିଲେ। ସିଇଓଙ୍କ ପ୍ରାଥମିକ ରିପୋର୍ଟକୁ ଆଧାର କରି ଜିଲାପାଳ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ମାମଲା ରୁଜୁ ଲାଗି ନିର୍ଦ୍ଦେଶ ଦେଇଥିଲେ। ଜମାକାରୀ କିପରି ଟଙ୍କା ଫେରିପାଇବେ, ତାହାକୁ ନେଇ ବର୍ତ୍ତମାନ ପର୍ଯ୍ୟନ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ କିମ୍ବା ଜିଲାପାଳ ଗୁରୁତ୍ୱ ଦେଉ ନ ଥିବା ଗ୍ରାମବାସୀ ଗଣମାଧ୍ୟମ ଆଗରେ କହିଛନ୍ତି। ଇତି ମଧ୍ୟରେ ୨ଜଣ କେସିସିବି ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ୨ଜଣ ଜିଲାପାଳ ବଦଳି ସାରିଲେଣି। ହେଲେ କୌଣସି ଗୁରୁତ୍ୱ ଦିଆଗଲା ନାହିଁ। ଫଳରେ ଭାଗ୍ୟକୁ ଆଦରି ଜମାକାରୀ ରହିଛନ୍ତି।

## ରାମେଶ୍ୱର ଜଙ୍ଗଲରେ ନିଆଁ



ନିରାକାରପୁର,୩।୪
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ରାମେଶ୍ୱରଠାରେ ଥିବା ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି ପ୍ରାୟ ୭ଏକର ପୋଡ଼ିଯାଇଛି। ଏହି ଅଗ୍ନିକାଣ୍ଡରେ ଆକାଶିଆ, ପଟାସ, ନିମ୍ବ ସମେତ ଅନ୍ୟାନ୍ୟ ଗଛ ପୋଡ଼ି ନଷ୍ଟ ହୋଇଯାଇଛି। ସେହିପରି ଜୀବଜନ୍ତୁ ମଧ୍ୟ ପୋଡିଯାଇଥିବା ଆଶଙ୍କା କରାଯାଉଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ତେବେ ଖବରପାଇ ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ପରେ ନିଆଁକୁ ଆୟତ୍ତ କରିଥିଲେ। ତେବେ କେହି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇଦେଇଥିବା ଅନୁମାନ କରାଯାଉଛି।

## କେନାଲରୁ ଯୁବକଙ୍କ ମୃତଦେହ ଜବତ

ବାଲୁଗାଁ,୩।୪(ସଂଗ୍ରାମ ପାଇକରାୟ)

ବାଲୁଗାଁ ରେଲୱେ ଷ୍ଟେଶନର ଉତ୍ତର କ୍ୟାବିନ ସନ୍ନିକଟ ଏକ କେନାଲରୁ ଗୁରୁବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ବାଣପୁର ଥାନା ଅଧୀନ ଦାଶରଥିପୁରର ମୋହନ ନାୟକ (୩୫)। ସୂଚନା ମୁତାବକ, ଗୁରୁବାର ଭୋରୁ କେନାଲରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଘଟ ହେବାରୁ ବୁଧବାରଠାରୁ ନିଖୋଜ ଥିବା ମୋହନଙ୍କ ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଖବରପାଇ ବାଲୁଗାଁ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି କେନାଲରୁ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫/୨୫)ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ବୁଢ଼ା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ବସନ୍ତ ଉତ୍ସବ

ବାଣପୁର,୩।୪(ଦିଲୀପ କୁମାର ସ୍ୱାଇଁ)

ଚିଲିକା ବ୍ଲକ ଅନ୍ତର୍ଗତ ପ୍ରାଣଦେଇପୁରସ୍ଥିତ ସୋଲରୀ ପାହାଡ଼ ପାଦଦେଶରେ ବିଜେ ବୁଢ଼ା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ବସନ୍ତ ଉତ୍ସବ, ଯୋଗକେନ୍ଦ୍ର, ପାଠାଳୟ ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି। ପାଲା ଗାୟକ ଅରୁଣ ବିଗ୍ରହଙ୍କ ପରିଚାଳନା ଏବଂ ଅଞ୍ଚଳବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବନ୍ଧୁ ମିଳନ ସମାବେଶ ପରେ ଜନାର୍ଦ୍ଦନ ସୁବୁଦ୍ଧିଙ୍କ ପରିଚାଳନାରେ କଣ୍ଠଶିଳ୍ପୀମାନେ ଶିବ ବନ୍ଦନା ସହ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଗାୟକ ଦକ୍ଷିଣ କେଶରୀ ରାମଚନ୍ଦ୍ର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଚିଲିକା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ଭିକାରୀ ଚରଣ ପ୍ରଧାନ, ପ୍ରଦୋଷ କୁମାର ଦାସ, ମନୋଜ ବରାଳ, ଅକ୍ଷୟ କୁମାର ସାହୁ, କୁମାଣ୍ଡୋଳସ୍ଥିତ ଯୁବଜ୍ୟୋତି ହାଇସ୍କୁଲର ପ୍ରଧାନ ଶିକ୍ଷକ ଆଶିଷ କୁମାର ପତି, ବରିଷ୍ଠ ମଞ୍ଚ କଳାକାର ଓ ନିର୍ଦ୍ଦେଶକ ଲଳିତ କୁମାର ପଣ୍ଡା, ପୂର୍ବତନ ପ୍ରଧାନ ଶିକ୍ଷକ ତଥା ପାଲା ଗାୟକ ବିଭୂତି ଭୂଷଣ ଦାଶ ପ୍ରମୁଖ ବାବା ବାଲୁଙ୍କେଶ୍ୱର ଦେବଙ୍କ ମହିମା, ଚିଲିକା ଖଣ୍ଡକାବ୍ୟରେ ସ୍ଥାନର ଗୁରୁତ୍ୱ ଏବଂ ବସନ୍ତ ଉତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥି ଏବଂ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା।



ଜଟଣୀ କୁଦିଆରୀ ଗ୍ରାମସ୍ଥିତ ମା'ଜାଗୁଳାଇ ଏବଂ ରାମେଶ୍ୱରସ୍ଥିତ ମା' ବନଦୁର୍ଗାଙ୍କ କାତ୍ୟାୟନୀ ବେଶ। (ଫଟୋ: ରବୀନ୍ଦ୍ରନାଥ ମହାକୁଡ଼/ମାନସ ଚନ୍ଦ୍ର ପଟ୍ଟନାୟକ)

## କିଶୋରୀ ମେଳା

ଯାଁଳା,୩।୪(ବୁଲା ବାରିକ)

ଜଟଣୀ ବ୍ଲକ ଯାଁଳା ପଞ୍ଚାୟତ ପ୍ରାଙ୍ଗଣରେ ପଞ୍ଚାୟତସ୍ତରୀୟ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କିଶୋରୀମାନଙ୍କ ଦ୍ୱାରା ନାଚ, ଗୀତ, ମ୍ୟୁଜିକ ଚ୍ୟାୟାର, କୁଇଜ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିସହ ବିଭିନ୍ନ ପ୍ରକାର ଖାଦ୍ୟ, ପନି ପରିବାଠାରୁ ଆରମ୍ଭ କରି ଫଳ, ବିଭିନ୍ନ ପ୍ରକାର ପିଠା, ମିଠା ଆଦି ଷ୍ଟଲ ପଡିଥିଲା। କିଶୋରୀମାନଙ୍କ ଦ୍ୱାରା ଝୋଟି ମଧ୍ୟ ପକାଯାଇଥିଲା। ଏହି ମେଳାରେ ମଦନପୁର ଓ ଯାଁଳା ପଞ୍ଚାୟତର ୨୦ଜଣ ଅଙ୍ଗନୱାଡି ଦିଦି, ୧୦ରୁ ଊର୍ଦ୍ଧ୍ୱ କିଶୋରୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସିଡିପିଓ ସଞ୍ଜୁଲତା ନାୟକ, ସୁପରଭାଇଜର ସୁବାଶିନୀ ଦାସ, ସ୍ଥାନୀୟ ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ଧରିତ୍ରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ସଫଳ କିଶୋରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ମା'ଉଗ୍ରତାରାଙ୍କୁ ଦର୍ଶନକଲେ ବାଚସ୍ପତି



ମା'ଉଗ୍ରତାରାଙ୍କ ମନ୍ଦିର ପରିସରରେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟମାନେ।

ଟାଙ୍ଗୀ,୩।୪ (ରଘୁନାଥ ସାହୁ)

ବାଚସ୍ପତି ସୁରମା ପାଢ଼ୀ ଗୁରୁବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ମୁଳିଝରଗଡ଼ସ୍ଥିତ ମା'ଉଗ୍ରତାରାଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ମା'ଙ୍କ ପୀଠ ନିକଟରେ ବାଚସ୍ପତି ପହଞ୍ଚିବା ପରେ ସ୍ଥାନୀୟ ସାନରାଉତପଡା ସରପଞ୍ଚ କିଶୋର କୁମାର ରାଉତରାୟ, ଟାଙ୍ଗୀ ଓଜିଲ ସଂଘ ସଭାପତି ଭାସ୍କର ପ୍ରସାଦ ମହାନ୍ତି, ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଉପସଭାପତି ଦୁର୍ଗା ପ୍ରସାଦ ଦାଶ, ରାଜ୍ୟ ସମବାୟ ସେଲର ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ଭାଜପା ଟାଙ୍ଗୀ ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର କଳସ, ବଡ଼ପୋଖରିଆ ମଣ୍ଡଳର ଉପସଭାପତି ବିପିନ ପାଲଟାସିଂହ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବାଚସ୍ପତି ପାଢ଼ୀ ମା'ଙ୍କ ନିକଟରେ ଭୋଗ କରିବା ସହ ଦୀପଦାନ କରି ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି କାମନା କରିଥିଲେ। ମନ୍ଦିର ପରିସରରେ ନିର୍ମାଣାଧୀନ ଥିବା ଭୋଗ ମଣ୍ଡପ, ଯଜ୍ଞ ମଣ୍ଡପ, ପୁଷ୍କରିଣୀ ଆଦି ବୁଲି ଦେଖିବା ସହ ମନ୍ଦିର ସେବାୟତଙ୍କ ସହ ଆଲୋଚନା କରିଥିଲେ। ମନ୍ଦିର କମିଟିର କୁମର ପାତ୍ର, ସୁବ୍ରତ ସାମନ୍ତରା, ମନ୍ଦିର ପୂଜକ ଏବଂ ସ୍ଥାନୀୟ ପୋଲିସ ସହଯୋଗ କରିଥିଲେ।

**ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ**

## କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୋଲିସ

ଖୋର୍ଦ୍ଧା,୩।୪(ପ୍ରଭାତ ପାଣିଗ୍ରାହୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଖୋର୍ଦ୍ଧା ଗସ୍ତ କରି ହଳଦୀପଦା ଏବଂ ମୁଣ୍ଡାଆମ୍ବ କାଳିବେଡିଠାରେ ବିଭିନ୍ନ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହ ଉଦ୍‌ଘାଟନ କରିଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରି କଂଗ୍ରେସ ମୁଖପାତ୍ର ତଥା ଖୋର୍ଦ୍ଧା ବିଧାୟକ ପ୍ରାର୍ଥିନୀ ସୋନାଲି ସାହୁ ଜଟଣୀ ବାଇପାସ୍ ବାସଭବନଠାରେ କଳାପତାକା ଧରି ସଭାସ୍ଥଳକୁ ବାହାରୁଥିଲେ। ଏହି ସମୟରେ ପୋଲିସ ପହଞ୍ଚି ଆଇନଶୃଙ୍ଖଳା ଦୃଷ୍ଟିରୁ ସୋନାଲିଙ୍କ ସମେତ ୧୦ଜଣ ସହଯୋଗୀଙ୍କୁ ଉଠାଇ ନେଇଥିଲା। ସେହିପରି ଛାତ୍ର ନେତା ସୌମ୍ୟରଞ୍ଜନ ବରାଳ, ଅନ୍ୟ ଜଣେ ସହଯୋଗୀଙ୍କୁ ଗଡ଼ଖୋର୍ଦ୍ଧା ତରାବୋଇ ରାସ୍ତାରୁ ଶିଳ୍ପାଞ୍ଚଳ ପୋଲିସ ଉଠାଇ ନେଇଥିଲା। ସୌମ୍ୟ ବାଇକ୍‌ରେ ହଳଦୀପଦା ଅଭିମୁଖେ ଯାଉଥିବା ଖବରପାଇ ପୋଲିସ ଟିମ୍ ବରୁଣେଇ ରାସ୍ତାରେ ଜଗି ରହିଥିଲେ। ପରେ ପୋଲିସ ତାଙ୍କୁ ଉଠାଇ ନେଇଥିଲା। ସେହିପରି ବରିଷ୍ଠ କଂଗ୍ରେସ ନେତା ବିଶ୍ୱଭୂଷଣ ଛୋଟରାୟଙ୍କୁ ଜଙ୍କିଆ ପୋଲିସ ଉଠାଇ ନେଇଥିଲା। ପରେ ପୋଲିସ ସେମାନଙ୍କୁ ଛାଡ଼ିଦେଇଥିଲା।



କଂଗ୍ରେସ ମୁଖପାତ୍ର ସୋନାଲି ସାହୁଙ୍କୁ ପୋଲିସ ନେଉଛି।

ଏନେଇ କଂଗ୍ରେସ ମୁଖପାତ୍ର ସୋନାଲି କହିଛନ୍ତି, ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଚାଲିଛି। କଂଗ୍ରେସ ଏହାର ଦୃଢ଼ ପ୍ରତିବାଦ କରୁଛି। ରାଜ୍ୟରେ ଆଇନଶୃଙ୍ଖଳା, ନାରୀ ସୁରକ୍ଷା ନେଇ କଂଗ୍ରେସର ଲଢ଼େଇ ଜାରି ରହିବ। ସେହିପରି ଛାତ୍ର ନେତା ବରାଳ କହିଛନ୍ତି, ବିରୋଧ କରାଯିବା ଭୟରେ ମୁଖ୍ୟମନ୍ତ୍ରୀ ସଡ଼କପଥରେ ନ ଆସି ହେଲିକପ୍ଟରରେ ଆସିଲେ। ସରକାର ଭୟଭୀତ ହୋଇପଡ଼ିଛନ୍ତି। ଆଗାମୀ ଦିନରେ ସବୁଠି ବିରୋଧ କରାଯିବ।

## ସରିଲା ବିଜୟା ରଥ ନିର୍ମାଣ

ନିରାକାରପୁର,୩।୪
(ମାନସ ଚନ୍ଦ୍ର ପଟ୍ଟନାୟକ)

ଆସନ୍ତା ୫ତାରିଖରେ ଶ୍ରୀକପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ରଥଯାତ୍ରା। ତେବେ ରଥଯାତ୍ରା ପାଇଁ ନିର୍ମାଣ ଚାଲିଥିବା ବିଜୟା ରଥର ନିର୍ମାଣ କାର୍ଯ୍ୟ ବୁଧବାର ଶେଷ ହୋଇଛି। ବିଶ୍ୱକର୍ମାମାନେ ମାଜଣା କରି କପିଳେଶ୍ୱର ଦେବଙ୍କ ପରିଚାଳନା କମିଟିକୁ ରଥକୁ ହସ୍ତାନ୍ତର କରବା ସହ କମିଟି ପକ୍ଷରୁ ସମ୍ବର୍ଦ୍ଧିତ ହୋଇ ଫେରିଛନ୍ତି। ପଡୋଶୀ ରାମେଶ୍ୱର ପଞ୍ଚାୟତ ମଧୁବନ ଗ୍ରାମର ୧୫ରୁ ଊର୍ଦ୍ଧ୍ୱ ବିଶ୍ୱକର୍ମାମାନେ ୨୦ଦିନ ଧରି ଏହି ରଥକୁ ନିର୍ମାଣ କରିଛନ୍ତି। ଏଥିସହ ରଥରେ ରଙ୍ଗ ଲଗାଇବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଠାକୁରଙ୍କ ପରିଚାଳନା କମିଟି ପକ୍ଷରୁ ଏହି କାର୍ଯ୍ୟ କିଭଳି ସରୁଖୁରରେ ହେବ ସେଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କମିଟିର ମୁଖ୍ୟ କିଶୋର କୁମାର ଦାଶ ସୂଚନା ଦେଇଛନ୍ତି।



**ମହାବୀର ଦେବ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ**

## ମହାବୀର ସ୍ପୋର୍ଟିଂ ଫାଇନାଲରେ

ବୋଲଗଡ଼,୩।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ୧୩ଗ୍ରାମ ଅଧିବାସୀଙ୍କ ମିଳିତ ସହଯୋଗରେ ନାରାୟଣୀପଡ଼ା ସ୍କୁଲ ପଡିଆରେ ଅନୁଷ୍ଠିତ ମହାବୀର ଦେବ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଠଣାପଲ୍ଲୀର ସେଭେନ-୨ କ୍ଲବକୁ ୨-୧ ଗୋଲରେ ହରାଇ କୁହୁଡ଼ିର ମହାବୀର ସ୍ପୋର୍ଟିଂ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ରେଫରି ଭାବେ ଏମ୍.ଏସ୍.ବେଗ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍ସରେ ଶରତ ଚନ୍ଦ୍ର ଛୋଟରାୟ ଓ ବୈକୁଣ୍ଠ ମହାପାତ୍ର ସହଯୋଗ କରିଥିଲେ। ମ୍ୟାଚ କମିଶନରଭାବେ ସୁଶାନ୍ତ ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ। ଅତିଥିଭାବେ ସାମାଜିକକର୍ମୀ ଡ.ଶିଶିର ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ବ୍ରଜରାଜ ରାଉତ, ସଭାପତି ପୁରସ୍ତମ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଚିକିତ୍ସାରେ ଅର୍ଥ ସାଜିଛି ବାଧକ



ସ୍ମୃତିମୟୀ

**ବେଗୁନିଆ,୩।୪(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଦଲକ ଗ୍ରାମର ସୌମ୍ୟରଞ୍ଜନ ବଲିୟାରସିଂହଙ୍କ ଝିଅ ସ୍ମୃତିମୟୀ (୮)। ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ସ୍ମୃତିମୟୀ ଏକ ବର୍ଷ ହେବ ଚିକିତ୍ସିତ ହେଉଛନ୍ତି। ତେବେ ଚିକିତ୍ସାରେ ଏବେ ଅର୍ଥ ସାଜିଛି ବାଧକ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସ୍ମୃତିମୟୀ ଚିକିତ୍ସିତ ହେଉଥିବା ବେଳେ ଅସ୍ଥିମଜ୍ଜା ପ୍ରତିରୋପଣ ପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଛି। ଫଳରେ ଏତେ ଟଙ୍କା କେଉଁଠି ଆଣିବେ ପରିବାରଙ୍କୁ ଚିନ୍ତା ଘାରିଛି। ବିଏସ୍‌କେୱାଇ କାର୍ଡରେ ଚିକିତ୍ସା ନିମିତ ଯେତିକି ଅର୍ଥ ରହିଛି ତାଠାରୁ ଅଧିକ ଅର୍ଥର ଆବଶ୍ୟକତା ପଡୁଛି। ଏନେଇ ସୌମ୍ୟରଞ୍ଜନ ଦୁଇ ମାସ ପୂର୍ବେ ଜିଲା ପ୍ରଶାସନ ନିକଟରେ ଲିଖିତ ନିବେଦନ କରିଥିଲେ ମଧ୍ୟ ତତ୍କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବା ସହ ସହାୟତା ଯୋଗାଇଦେବା ପାଇଁ ସୌମ୍ୟରଞ୍ଜନ ନିବେଦନ କରିଛନ୍ତି।



ଓଡ଼ିଆ ପକ୍ଷ ପାଳନର ତୃତୀୟ ଦିବସରେ ପାରମ୍ପରିକ ପୋଷାକ ପରିଧାନ ଅଭିଯାନରେ ସାମିଲ ହୋଇଥିବା ଖୋର୍ଦ୍ଧା ଜିଲା କାର୍ଯ୍ୟାଳୟ ସମେତ ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ।

## ଖୋର୍ଦ୍ଧା ଗାମୁଛା, ହସ୍ତତନ୍ତ ପରିଧାନ ପାଇଁ ଆହ୍ୱାନ

ଖୋର୍ଦ୍ଧା,୩।୪(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ପ୍ରସାର କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନକ୍ରମେ ଏପ୍ରିଲ ୧ ଓଡ଼ିଶା ଦିବସରୁ ୧୪ତାରିଖ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ପ୍ରଥମଥର ପାଇଁ ପାଳନ ହେଉଛି 'ଓଡ଼ିଆ ପକ୍ଷ-୨୦୨୫'। ଏହି ପରିପ୍ରେକ୍ଷୀରେ ତୃତୀୟ ଦିବସରେ ଗୁରୁବାର ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ଖୋର୍ଦ୍ଧା ଜିଲା ପକ୍ଷରୁ ଖଦି ଦୋକାନରୁ ଖୋର୍ଦ୍ଧା ଗାମୁଛା କିଣିବା, ବୁଣାକାରମାନଙ୍କୁ ସଶକ୍ତ ସହିତ ସବୁବେଳେ ଲୋକମାନଙ୍କୁ ହସ୍ତତନ୍ତ ପରିଧାନ କରିବା ନିମନ୍ତେ ସଚେତନ କରାଯାଇଥିଲା। ଓଡ଼ିଶା ହସ୍ତତନ୍ତ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ସମ୍ବଲପୁରୀ, ସୋନପୁରୀ, ବୋମକାଇ, ମାଣିଆବନ୍ଧ ସହିତ ଖୋର୍ଦ୍ଧା ଗାମୁଛା ରାଜ୍ୟ ବାହାରେ ମଧ୍ୟ ବେଶ ଆଦୃତ ଲାଭ କରିଛି। ଏହି କାର୍ଯ୍ୟକ୍ରମରେ ୪୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ହସ୍ତତନ୍ତ ପରିଧାନ ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ ତଥା ରାଜ୍ୟ ବାହାରେ ମଧ୍ୟ ଖୋର୍ଦ୍ଧାର ନାଲି ଗାମୁଛା, ହସ୍ତତନ୍ତର ଚାହିଦା ରହିଛି। ଏହା ଆମ ଅସ୍ମିତା, ସ୍ୱାଭିମାନର ପରିଚୟ ବହନ କରେ ବୋଲି କହିଥିଲେ। ଯୁବମୋର୍ଚ୍ଚା ଜିଲା ସମ୍ପାଦକ ଗୋପବନ୍ଧୁ ଜେନା, ବିଶ୍ୱଦୀପ ପ୍ରଧାନ, ଉପସଭାପତି ଶୁଭ୍ରଜିତ୍ ମଙ୍ଗରାଜ, ନଗର ସଭାପତି ମାନସ ରଞ୍ଜନ ସାହୁ, ପ୍ରଦୀପ ସ୍ୱାଇଁ, ସମରେଶ ପାଇକରାୟ, ଦୀପକ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।




ପାରମ୍ପରିକ ପୋଷାକ ପରିଧାନ ଦିବସ ଅବସରରେ ଭାଜପା କର୍ମକର୍ତ୍ତାମାନେ।




୩।୪।୨୦୨୫

| | |
|---|---|
| ୩,୨୬,୫୧୦ ଟଙ୍କା | |
| ସୁନା | ୭୫୦ ମିଲିଗ୍ରାମ୍ |
| ରୁପା | ୧୫ ଗ୍ରାମ୍ |

# ଶାନ୍ତିଶୃଙ୍ଖଳାର ସହ ସାହିଯାତ ପାଳନ ପାଇଁ ପ୍ରସ୍ତୁତି

ପୁରୀ,୩।୪(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୬ ତାରିଖ ରାମନବମୀ ତିଥିରୁ ପୁରୀର ପାରମ୍ପରିକ ମହୋତ୍ସବ ସାହିଯାତ ଆରମ୍ଭ ହେବ। ଏହା ଏପ୍ରିଲ ୨୨ ତାରିଖ ଶ୍ରୀରାମଙ୍କ ରାଜ୍ୟାଭିଷେକ ପର୍ଯ୍ୟନ୍ତ ଚାଲିବ। ସାହିଯାତକୁ ଶାନ୍ତିଶୃଙ୍ଖଳା ଓ ଭବ୍ୟ ଭାବେ ଆୟୋଜନ କରିବାକୁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଗୁରୁବାର ମା' ରାମଚଣ୍ଡୀ ଠାକୁରାଣୀ ବିସୁନି ଜାଗା ରାମଚଣ୍ଡୀ ସାହିରେ ଗୁରୁବାର ସନ୍ଧ୍ୟାରେ ଆଠସାହି ଆଖଡ଼ା ମିଳିତ ସମନ୍ୱୟ ସମିତି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର ଶ୍ରୀକ୍ଷେତ୍ର ସାହିଯାତ ପରମ୍ପରାକୁ ଅକ୍ଷୁଣ୍ଣ ରଖି ସରସ ସୁନ୍ଦର ଭାବେ ପାଳନ କରିବା, ସମସ୍ତଙ୍କ ସହଯୋଗ ଓ ସମନ୍ୱୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ରାସ୍ତା ମରାମତି, ସ୍ୱଚ୍ଛତା ଓ ସୁସ୍ଥ ପରିବେଶ ପାଇଁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଟାଉନ୍ ଥାନା ଆଇଆଇସି ଗୋକୁଳାନନ୍ଦ ଦାସ, ଟ୍ରାଫିକ୍ ଇନ୍ସପେକ୍ଟର ଜୟଦୀପ ମହାନ୍ତି, ବାସେଳିସାହି ଆଇଆଇସି ବିକ୍ରମ କୁମାର ଜେନା ଓ କୁମ୍ଭାରପଡ଼ା ଆଇଆଇସି ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଆଇନଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ସାହିଯାତର ପ୍ରଚାର ପ୍ରସାର ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିଥିଲେ।

ଆଠସାହି ଆଖଡ଼ା ସମନ୍ୱୟ ସମିତି ସଭାପତି ରବୀନ୍ଦ୍ର ନାଥ ସେନାପତି ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ତଲୁଛୁ ନୀଳକଣ୍ଠ ମହାପାତ୍ର ସାହିଯାତ ସମ୍ପର୍କରେ ଆଲୋଚନା କରି ପ୍ରଥମ ଥର ରାଜ୍ୟ ସରକାରଙ୍କ ପକ୍ଷରୁ ସାହିଯାତ ପାଇଁ ସହଯୋଗର ହାତ ବଢ଼ାଇଥିବାରୁ ସମନ୍ୱୟ ସମିତି ପକ୍ଷରୁ ଆଇନ ବିଭାଗ, ସଂସ୍କୃତି ବିଭାଗ, ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସକ ଓ ସମସ୍ତ ବିଭାଗକୁ ଧନ୍ୟବାଦ ଦେଇଥିଲେ। ଭବିଷ୍ୟତରେ ଏହାକୁ ମାନ୍ୟତା ଦେଇ ସଂସ୍କୃତି ବିଭାଗର ବାର୍ଷିକ କ୍ୟାଲେଣ୍ଡରରେ ସାମିଲ କରିବା, ଧନୁଯାତ୍ରା ପରି ଆର୍ଥିକ ସହଯୋଗ ଯୋଗାଇବାକୁ ସମସ୍ତ ସଦସ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ସାମାଜିକ କର୍ମୀ ଚକ୍ରଧର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଉପସଭାପତି ନାରାୟଣ ମହାସୁଆର, ବରିଷ୍ଠ ସଭ୍ୟ ରବି ଦାସ, ଜଗନ୍ନାଥ ମହାପାତ୍ର, ବିଶ୍ୱଜିତ୍ ସେନାପତି, ରାମଚନ୍ଦ୍ର ମହାପାତ୍ର, ନରେନ୍ଦ୍ର ମହାନ୍ତି, ଗଣେଶ୍ୱର ମହାସୁଆର, କୃଷ୍ଣଚନ୍ଦ୍ର ଦାସ, ଜିତେନ୍ଦ୍ର ମହାପାତ୍ର, ନାରାୟଣ ମହାପାତ୍ର, ନାରାୟଣ କୋଠାରୀ, ଜ୍ୟୋତି ମହାପାତ୍ର, ଅନିରୁଦ୍ଧ ରାଉତ, ବିଜୟକୃଷ୍ଣ ବର୍ମା, ହରିମୋହନ ଖୁଣ୍ଟିଆ, ପ୍ରଶାନ୍ତ କୁମାର ମହାନ୍ତି, ମନୋଜ କୁମାର ମହାପାତ୍ର, ଲକ୍ଷ୍ମୀକାନ୍ତ ରଥ, ପ୍ରଫୁଲ୍ଲ କୁମାର ଖୁଣ୍ଟିଆ, ରଘୁନାଥ ଖୁଣ୍ଟିଆ, ରବିନାରାୟଣ ସୂପକାର, ମୋହନ ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର ଓ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ। ସାହିଯାତର ସୂଚନା ଫର୍ଦ୍ଦକୁ ଅତିଥିମାନେ ଉନ୍ମୋଚନ କରିଥିଲେ।



ପ୍ରସ୍ତୁତି ବୈଠକରେ ଆଠ ସାହି ଆଖଡା ମିଳିତ ସମନ୍ୱୟ ସମିତିର କର୍ମକର୍ତ୍ତା ଓ ଅନ୍ୟ ଅଧିକାରୀମାନେ ।

# ରାସ୍ତା ପ୍ରଶସ୍ତୀକରଣ ନେଇ ମାରପିଟ: ଜଣେ ମୃତ

ସାକ୍ଷୀଗୋପାଳ,୩।୪
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ରାସ୍ତା ପ୍ରଶସ୍ତୀକରଣ କାମ ନେଇ ମାରପିଟ ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ସତ୍ୟବାଦୀ ପୋଲିସ୍ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସତ୍ୟବାଦୀ ଥାନା ଧାନକେରା ପାଞ୍ଚମାଣ ଗ୍ରାମର ମାଧବ ଚନ୍ଦ୍ର ପ୍ରଧାନ ଓ ଦାଦା ହଜାରୀ ପ୍ରଧାନ।

ସତ୍ୟବାଦୀ ଥାନା ଧନକେରା ପାଞ୍ଚମାଣ ଛକରେ ମୁଦାଲା ମାଧବ ଚନ୍ଦ୍ର ପ୍ରଧାନଙ୍କ ଏକ ଚା' ଦୋକାନ ରହିଛି। ପାଞ୍ଚମାଣ ଗ୍ରାମ ରାସ୍ତା ପ୍ରଶସ୍ତୀକରଣ ହେଲେ ମାଧବଙ୍କ ଦୋକାନ ଭଙ୍ଗାଯିବ। ତେଣୁ ଜେସିବି ଦ୍ୱାରା କାମ ଚାଲିଥିବା ବେଳେ ସେ ବିରୋଧ କରିବାରୁ ଗ୍ରାମର ଲକ୍ଷ୍ମୀଧର ପ୍ରଧାନ ତାଙ୍କୁ ବିରୋଧ କରିଥିଲେ। ପରେ ମାଧବ ଓ ଲକ୍ଷ୍ମୀଧରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ମାଧବ ଓ ତାଙ୍କ ଦାଦା ହଜାରୀ ପ୍ରଧାନ ଲକ୍ଷ୍ମୀଧରଙ୍କୁ ଗାଳି କରି ଏକ ଶକ୍ତଧକ୍କା ଦେଇଥିଲେ। ସେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଏକ ମାଙ୍କଡ଼ା ପଥର ମାଡ଼ ହେବାରୁ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲକ୍ଷ୍ମୀଧରଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସତ୍ୟବାଦୀ ଥାନା କେସ ନଂ. ୯୯/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

# ଏସ୍‌ସିଏସ୍ କଲେଜ ଆଲୁମ୍‌ନି ଆସୋସିଏଶନର ନୂଆ କମିଟି ଗଠିତ

ପୁରୀ,୩।୪(ଅଜିତ୍ କୁମାର ମହାନ୍ତି)

ପୁରୀ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ନୂତନ କମିଟି ଗଠିତ ହୋଇଛି। ଗୁରୁବାର ପୁରାତନ ଛାତ୍ରୀଛାତ୍ରମାନଙ୍କର ଆଲୁମ୍‌ନି ଆସୋସିଏଶନର ନୂତନ କର୍ମକର୍ତ୍ତାଙ୍କର ନାମ ପ୍ରକାଶିତ ହୋଇଛି। ସଭାପତି ଭାବେ ପୂର୍ବତନ ଉପାଧ୍ୟକ୍ଷ ଶଙ୍କର୍ଷଣ ଦାଶ, ଉପସଭାପତି ଭାବେ ବିଶିଷ୍ଟ ଶିଳ୍ପପତି ରାଜକିଶୋର ପାତ୍ର ଓ ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀଧର ମିଶ୍ର, ସାଧାରଣ ସମ୍ପାଦକ ଭଗବାନ ପଡ଼ିଆରୀ, ଯୁଗ୍ମ ସମ୍ପାଦକ ନାରାୟଣ ପ୍ରସାଦ ସିଂହ ଓ ପୂର୍ବତନ କାଉନସିଲର ପ୍ରୀତମ ଜଗଦେବ, କୋଷାଧ୍ୟକ୍ଷ ଭାବେ ବିଭୁଦାନନ୍ଦ ମହାନ୍ତି ମନୋନୀତ ହୋଇଛନ୍ତି। ଆଲୁମ୍‌ନି ଆସୋସିଏଶନର ଉପଦେଷ୍ଟା ଭାବେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାହୁ, ସାମାଜିକକର୍ମୀ ସୁକାନ୍ତ ପ୍ରଧାନ, ଆଡ୍‌ଭୋକେଟ ରମେଶ ପ୍ରସାଦ ସିହ୍ନା, ପ୍ରେମାନନ୍ଦ ମହାନ୍ତି ରହିଛନ୍ତି। ସେହିପରି ମିଡିଆ ସଂଯୋଜକ ଭାବେ ସୌମିତ୍ର ରଞ୍ଜନ ହରିଚନ୍ଦନ, ବିଶ୍ୱଜିତ ମିଶ୍ର, ପ୍ରଦ୍ୟୁମ୍ନ ସାଥୁଆ ଓ ଭିସାଲ ମହାନ୍ତି ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ସୁରେନ୍ଦ୍ର ନାଥ ଦାଶ, ସିତେନ୍ଦ୍ର ନାଥ ଦାସ, ନିରଞ୍ଜନ ଦାସ, ପ୍ରଫୁଲ କୁମାର ମହାନ୍ତି, ପ୍ରାଣନାଥ ମିଶ୍ର, ହିମାଂଶୁ ଚନ୍ଦ୍ର ସାହୁ, ରବି ନାରାୟଣ ନାୟକ, ଜିବେଶ କୁମାର ରଥ ଓ ସଂଜୀବ ମହାନ୍ତି ପ୍ରମୁଖ ମନୋନୀତ ହୋଇଛନ୍ତି। କର୍ମକର୍ତ୍ତାମାନେ ଆଗାମୀ ୨ବର୍ଷ ପାଇଁ ଦାୟିତ୍ୱ ନେଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଆଲୁମ୍‌ନି ଆସୋସିଏଶନର ଏକ୍ସ ଅଫିସିଓ ଅଧ୍ୟକ୍ଷ ପଦବୀରେ ରହିଥିବା ଜଣାପଡ଼ିଛି। ଏ ନେଇ ଗୁରୁବାର ମହାବିଦ୍ୟାଳୟ ପକ୍ଷରୁ ବିଧିବଦ୍ଧ ନୋଟିସ ଜାରି ହୋଇଥିବା ବେଳେ ଆଲୁମ୍‌ନି ଆସୋସିଏଶନର ନୂତନ କମିଟି ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଏହି ପୁରାତନ ମହାବିଦ୍ୟାଳୟକୁ ଏକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ବହୁଦିନ ଧରି ହେଉଥିବା ଦାବିକୁ ନେଇ ଆସୋସିଏଶନ ତା'ର ଆଗାମୀ କାର୍ଯ୍ୟପନ୍ଥା ପ୍ରସ୍ତୁତ କରୁଥିବା ସଭାପତି ଶଙ୍କର୍ଷଣ ଦାସ ମତ ରଖିଛନ୍ତି।


ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀମାନେ ହସ୍ତତନ୍ତ ପୋଷାକ ପରିଧାନ କରିଛନ୍ତି ।

## ସଂକ୍ଷେପରେ

### ପ୍ରାଚୀଗୁରୁ ଧର୍ମ କ୍ଷେତ୍ରରେ ଯମୁନା ସ୍ନାନ ଉତ୍ସବ

ଯୋଗେଶ୍ୱରପୁର,୩।୪(ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ଅଧୀନ ନୟାହାଟସ୍ଥିତ ପ୍ରାଚୀଗୁରୁ ଧର୍ମ କ୍ଷେତ୍ରସ୍ଥ ପ୍ରଭୁ ଗୁରୁକୃଷ୍ଣ ଓ କୃଷ୍ଣ ଉପାସକ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଶ୍ରୀ ବିଗ୍ରହ ଓ ପାଦୁକା ଶହ ଶହ ଭକ୍ତଙ୍କ ଗହଣରେ ନିପାଣିଆଗଡ଼ସ୍ଥିତ ପ୍ରାଚୀନଦୀର ଯମୁନା ଘାଟରେ ସ୍ନାନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ମୁଖ୍ୟ ବାବାଜି ଦାମୋଦର ଦାସ ଏଥିରେ ତତ୍ତ୍ୱାବଧାନ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ, ୧୯୫୯ ମସିହା ଗୋବିନ୍ଦ ଦ୍ୱାଦଶୀ ତିଥିରେ କୃଷ୍ଣ ଉପାସକ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ କେତେଜଣ ଭକ୍ତଙ୍କୁ ସଙ୍ଗରେ ନେଇ ଏହି ମହାନ୍ ପୁଣ୍ୟ ସ୍ନାନ ଆରମ୍ଭ କରିଥିଲେ। ଏହି ସ୍ମୃତିକୁ ଭକ୍ତଙ୍କ ହୃଦୟରେ ଜାଗ୍ରତ କରିବାକୁ ଅଞ୍ଚଳର ବୟୋଜ୍ୟେଷ୍ଠ ଭକ୍ତ ବାବାଜି ବିଶ୍ୱାଳ ଓ ଜୟ ଦୁର୍ଗା କ୍ଲବର ସମସ୍ତ ସଭ୍ୟ ତଥା ନିପାଣିଆଗଡ଼ର ବୁଦ୍ଧିଜୀବୀଙ୍କ ମିଳିତ ଉଦ୍ୟମରେ ଏକ ଆଧାତ୍ମିକ ପରିବେଶ ହୋଇପାରିଥିଲା। ଅଞ୍ଚଳରେ ସମସ୍ତ ଘର ଆଗରେ ଦୀପ ଲାଗି ହୋଇଥିଲା। ସେଠାରେ ଗୁରୁକୃଷ୍ଣ ଭଗବାନ୍, ଶ୍ରୀ ଗୁରୁଦେବଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରାଚୀନଦୀରେ ସ୍ନାନ କରିବା ପରେ, ମା'ମାନେ ବନ୍ଦାପନା କରିଥିଲେ। ସମସ୍ତେ ଭାବରେ ନର୍ତ୍ତକୀ ଭଳି ନାଚୁଥିଲେ। ଏହି ମହତ୍ କାର୍ଯ୍ୟରେ ଡାକ୍ତର ରତ୍ନାକର ମହାନ୍ତି, ସେବିକା ସବିତା ଦାସ, ନୀଳମଣି ସାହୁ, ପ୍ରଚାର ପ୍ରସାର ସେବକ ପ୍ରୀତିରଞ୍ଜନ ଦାସ, ରମେଶ ତନ୍ତୀଙ୍କ ସମେତ ରାଜ୍ୟର ବିଭିନ୍ନ ଆଶ୍ରମର ଭକ୍ତ ଉପସ୍ଥିତ ଥିଲେ। ବାବାଜି ଅକ୍ଷୟ କୁମାର ଦାସ, ରବୀନ୍ଦ୍ର ଦାସ ପୂଜାର୍ଚ୍ଚନା କରିଥିଲେ। ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ହୋଇଥିଲା।

### ଖଡ଼ିଛୁଆଁ, ପ୍ରବେଶ ଉତ୍ସବ

କଣାସ,୩।୪(ବିଭୂତି ଭୂଷଣ ତ୍ରିପାଠୀ)

ନୂତନ ଶିକ୍ଷାବର୍ଷ ୨୦୨୫-୨୬ର ପ୍ରଥମ ଦିବସରେ କଣାସ ବ୍ଲକର ସମସ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଅଭିମୁଖୀ କରିବା ଓ ଏଥିପାଇଁ ଜନସାଧାରଣଙ୍କୁ ସଚେତନ ଉଦ୍ଦେଶ୍ୟରେ ବ୍ଲକରେ ଶିକ୍ଷା ସଚେତନତା ରଥ ଗଡ଼ିଥିଲା। ସ୍ଥାନୀୟ ସିରେଇ ସଂଯୁକ୍ତ ଉ.ପ୍ରା. ବିଦ୍ୟାଳୟ ପରିସରରେ ଆୟୋଜିତ ବ୍ଲକସ୍ତରୀୟ ଶିକ୍ଷା ସଚେତନତା ରଥ ଉଦ୍‌ଘାଟନରେ ମୁଖ୍ୟ ଅତିଥି ଭାବେ କଣାସ ବ୍ଲକ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ ଯୋଗଦେଇ ପତାକା ଦେଖାଇ ଶିକ୍ଷା ସଚେତନତା ରଥ ଶୁଭାରମ୍ଭ କରିଥିଲେ।

# ସାମିଲ ହେବେ ୧୦୦୦ରୁ ଉର୍ଦ୍ଧ୍ୱ ସାଧୁ, ସନ୍ଥ, ମହନ୍ତ

ପୁରୀ,୩।୪(ଅଜିତ୍ କୁମାର ମହାନ୍ତି)

**ମେ' ୨ରେ ଜଗତଗୁରୁ ରାମାନୁଜାଚାର୍ଯ୍ୟଙ୍କ ଜୟନ୍ତୀ**

ଶ୍ରୀରାମଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ତଥା ଜିୟରସ୍ୱାମୀ ମଠ ମହନ୍ତ ଇନ୍ଦିରା ରମଣ ରାମାନୁଜ ଦାସଙ୍କ ମାର୍ଗଦର୍ଶନରେ ପୁରୀ ବାଲିସାହିସ୍ଥିତ ଜିୟରସ୍ୱାମୀ ମଠ ପରିସରରେ ମେ' ୨ରେ ଜଗଦ୍‌ଗୁରୁ ରାମାନୁଜାଚାର୍ଯ୍ୟଙ୍କ ଜୟନ୍ତୀ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ପ୍ରଥମ ପ୍ରସ୍ତୁତି ବୈଠକ ଟ୍ରଷ୍ଟର ସଦସ୍ୟ ତଥା କଟକୀ ମଠ ମହନ୍ତ ଡ. ବିଜୟ ନାରାୟଣ ରାମାନୁଜ ଦାସଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତରପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସ, ଗୌରବିହାର ଆଶ୍ରମର ସଭାପତି ମହନ୍ତ ସୁବଳ ଚରଣ ଦାସ, ଟ୍ରଷ୍ଟର ସଦସ୍ୟ ସୁଦର୍ଶନ ରାମାନୁଜ ଦାସ, ସୁରେଶ ଶର୍ମା, ମହିପ୍ରକାଶ ମଠ ମହନ୍ତ ଶୁଭାନନ୍ଦ ପୁରୀ, ଶିକ୍ଷାବିତ୍ ପ୍ୟାରୀମୋହନ ପଟ୍ଟନାୟକ, କବି ବଦ୍ରି ମିଶ୍ର, ଉତ୍କଳ ବିଦ୍ୱତ୍ ପରିଷଦର ଅଧ୍ୟକ୍ଷ ମନୋଜ ରଥ, ସାମାଜିକ କର୍ମୀ ଜିତେନ୍ଦ୍ର ମହାପାତ୍ର, ବରିଷ୍ଠ ଖବରଦାତା ବିଷ୍ଣୁଦତ୍ତ ଦାସ ଉପସ୍ଥିତ ଥିଲେ। ମେ' ୨ରେ ଲୋକନାଥ ମନ୍ଦିର ନିକଟ ବାଲାଜୀ ମନ୍ଦିର ପରିସରରେ ଆଧ୍ୟାତ୍ମିକ ସଭା ଆୟୋଜିତ ହେବା ସହ ଜିୟରସ୍ୱାମୀ ମଠରୁ ଜଗଦ୍‌ଗୁରୁ ରାମାନୁଜାଚାର୍ଯ୍ୟଙ୍କ ଭବ୍ୟ ଆଧ୍ୟାତ୍ମିକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିବେ। କାର୍ଯ୍ୟକ୍ରମରେ ଭାରତ ବର୍ଷର ବିଭିନ୍ନ ରାଜ୍ୟରୁ ୧୦୦୦ରୁ ଉର୍ଦ୍ଧ୍ୱ ସାଧୁ, ସନ୍ଥ, ମହନ୍ତଙ୍କ ଆଗମନର କାର୍ଯ୍ୟକ୍ରମ ରହିଥିବା ବେଳେ ବିହାର ବକ୍ସରରୁ ଜଗଦ୍‌ଗୁରୁ ଲକ୍ଷ୍ମୀ ପପନ୍ନା ଜିୟର ଶ୍ରୀଦଣ୍ଡି ସ୍ୱାମୀ ପଦାର୍ପଣ କରିବେ ବୋଲି ସଭାପତି ଡ. ବିଜୟ ନାରାୟଣ ରାମାନୁଜ ଦାସ ସୂଚନା ଦେଇଛନ୍ତି।


ବୈଠକରେ ଉପସ୍ଥିତ ସାଧୁସନ୍ଥ ଓ ଅନ୍ୟ କର୍ମକର୍ତ୍ତାମାନେ ।

# ପାରମ୍ପରିକ ପୋଷାକ ପରିଧାନ ଅଭିଯାନ

ବଳଙ୍ଗା/ଅସ୍ତରଙ୍ଗ,୩।୪
(କେଦାରେଶ୍ୱର ନନ୍ଦ/ପ୍ରଦୀପ୍ତ କୁମାର ଦୀକ୍ଷିତ)

ବଳଙ୍ଗା ଥାନା ଅଧୀନ ତନ୍ତୁବାୟ ସହଯୋଗ ସମିତି ମୌଜିବେଗରେ ପାରମ୍ପରିକ ପୋଷାକ ପରିଧାନ ଉତ୍ସବ ଗୁରୁବାର ପାଳନ କରାଯାଇଛି। ଏଥିରେ ସମିତି ସଭାପତି ଶରତଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ସଭାକୁ ସମିତି ସମ୍ପାଦକ ନରେଶ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ। ସଭାରେ ୧୦୦ରୁ ଉର୍ଦ୍ଧ୍ୱ ବୁଣାକାର ସଭ୍ୟମାନେ ପାରମ୍ପରିକ ବସ୍ତ୍ର ପରିଧାନ କରି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ପାରମ୍ପରିକ ପୋଷାକ ପରିଧାନ ଅଭିଯାନ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଶିକ୍ଷାବିତ୍ ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ, ରବୀନ୍ଦ୍ର ମହାନ୍ତି, ସହକାରୀ ଯନ୍ତ୍ରୀ ସନ୍ତୋଷ ସେଠୀ, ବ୍ଲକ ବଡ଼ବାବୁ ଭୁବନେଶ୍ୱର ରଥ, କ୍ୟାସିୟର ସନ୍ତୋଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଦୀପ୍ତ ତ୍ରିପାଠୀ, ଶଙ୍କର ଦାଶ, ନଟକିଶୋର ମହାନ୍ତି, ଅଲେଖ ବଡ଼ିଆ, ରାଜକିଶୋର ବେହେରା, ରମେଶ ଚନ୍ଦ୍ର ସ୍ୱାଇଁ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ପିପିଡବ୍ଲ୍ୟୁଓ ପକ୍ଷରୁ ଅଟିଜମ୍ ସଚେତନତା



ଅତିଥିମାନଙ୍କ ଗହଣରେ ଅଟିଜମ୍ ଶିଶୁ ବୃନ୍ଦ ।

ନିମାପଡ଼ା,୩।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ପକ୍ଷରୁ ଦ୍ୱାରା ପରିଚାଳିତ ସେଣ୍ଟର ଫର୍ ଅଟିଜମ ଅନୁଷ୍ଠାନ ପକ୍ଷରୁ ପିପିଡବ୍ଲ୍ୟୁଓର ପ୍ରଶାସନିକ ଭବନଠାରେ ବିଶ୍ୱ ଅଟିଜିମ ସଚେତନତା ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସମାରୋହରେ ଅତିଥି ଭାବେ ପିପିଡବ୍ଲ୍ୟୁଓର ସଭାପତି ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ଗଗନବିହାରୀ ଦାସ, ସ୍ପିଚ ଥେରାପିଷ୍ଟ ପ୍ରମୋଦ ପ୍ରଧାନ, ଅକୁପେସନାଲ ଥେରାପିଷ୍ଟ ତପସ୍ୱିନୀ ରଥ, ସ୍ୱତନ୍ତ୍ର ଶିକ୍ଷିକା ସୌମ୍ୟାଦର୍ଶିନୀ ପ୍ରଧାନ ପ୍ରମୁଖ ଯୋଗଦେଇ ଅଟିଜମ୍‌ର ଚିକିତ୍ସା ପଦ୍ଧତି ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ୩୦ରୁ ଉର୍ଦ୍ଧ୍ୱ ଅଟିଜମ ଶିଶୁ ଓ ସେମାନଙ୍କ ଅଭିଭାବକଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଭିଭାବଙ୍କ ସଚେତନତା ନିମନ୍ତେ ନ୍ୟାଶନାଲ ଟ୍ରଷ୍ଟ ଦ୍ୱାରା ବିଶେଷଜ୍ଞଙ୍କ ପ୍ରଦତ୍ତ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଗୀତିନନ୍ଦା ପଟ୍ଟନାୟକ, ଲିଲି ବଳ, ଜୟଶ୍ରୀ ବେହେରା, ସ୍ମିତହସ ନାୟକ, ଆଇ ସାଇକ୍ରିଷ୍ଣା ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା ପରିଚାଳନା କରିଥିଲେ।

# ସଂସ୍କାର, ଅନ୍ତର୍ନିହିତ ଗୁଣ ଉପରେ ଗୁରୁତ୍ୱକୁ ପରାମର୍ଶ

ଗୋପ,୩।୪(ଭାରତୀ ଭୂଷଣ ଉପାଧ୍ୟାୟ)

**ସତ୍ୟସାଇ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ**

ସଂସ୍କାର ମାନବିକତା ଓ ଅନ୍ତର୍ନିହିତ ଗୁଣ ଉପରେ ଆଜିକାଲିର ଛାତ୍ରୀଛାତ୍ର ଦୂରେଇ ଯାଉଛନ୍ତି। କେବଳ ଅଭିଭାବକମାନେ ଛାତ୍ରୀଛାତ୍ରଙ୍କ ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିବାରୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଅଧିକ ମାତ୍ରାରେ ଗୁରୁତ୍ୱ ଦେବା ଉଚିତ୍। ଗୋପ ମହାବିଦ୍ୟାଳୟସ୍ଥିତ ସତ୍ୟସାଇ ବିଦ୍ୟା ମନ୍ଦିରର ୧୦ମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କସ୍ତୁରୀବାଳା ଫାଉଣ୍ଡେଶନ ପ୍ରତିଷ୍ଠାତା କସ୍ତୁରୀବାଳା ସ୍ୱାଇଁ ଯୋଗଦେଇ ଏହି ପରାମର୍ଶ ଦେଇଥିଲେ। ବରିଷ୍ଠ ଶିକ୍ଷାବିତ୍ ଦୟାନିଧି ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ, ଗୋପ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ସଂସ୍କୃତି ଗବେଷକ ସଞ୍ଜୟ ବରାଳ, ସ୍କୁଲ ଅଧ୍ୟକ୍ଷ ପ୍ରଦିପ୍ତ ଖଟୋଇ, ସ୍କୁଲ ସମ୍ପାଦିକା ସୁଧାମୟୀ ଖଟୋଇ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହ ଅନ୍ୟାନ୍ୟ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଏଥିସହ ମୋବାଇଲ ବାରଣ କରିବା ନିମନ୍ତେ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍କୁଲର କ୍ରୀଡ଼ା ସହ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସାର୍ଟିଫିକେଟ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଦୀନକୃଷ୍ଣ ଜେନା, ସତ୍ୟବ୍ରତ ଭୋଇ, ମୋନାଲିସା ରଥ, ରୋଜାଲିନ ବଲିୟାରସିଂ, ସୁନିତା ସ୍ୱାଇଁ, ଲଳିତାରାଣୀ ଦେ, ଶୁଭତୋଷ ସିହ୍ନା, ଦୀପାଞ୍ଜଳି କାଣ୍ଡି, ଅନସୂୟା ଜେନା ପ୍ରମୁଖ ପରିଚାଳନା କରିଥିଲେ।


ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ କୃତି ପ୍ରତିଯୋଗୀ ।

# ପାରମ୍ପରିକ ପୋଷାକ ପରିଧାନ କଲେ ଅଧିକାରୀ, କର୍ମଚାରୀ

ପୁରୀ,୩।୪(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ପକ୍ଷ ପାଳନ ଅବସରରେ ଗୁରୁବାର ପୁରୀ ଜିଲାରେ ଅଧିକାରୀ ଓ କର୍ମଚାରୀମାନେ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ସମ୍ବଲପୁରୀ ଓ ଖଦି ବସ୍ତ୍ର ପିନ୍ଧି ଅଧିକାରୀ ଏବଂ କର୍ମଚାରୀମାନେ କାର୍ଯ୍ୟାଳୟକୁ ଆସିଥିଲେ। ସରକାର ପ୍ରଥମଥର ପାଇଁ ଏପ୍ରିଲ୍ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହି ଆଧାରରେ ଆଜିର ଦିବସ ଥିଲା ପାରମ୍ପରିକ ପୋଷାକ ପରିଧାନ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ବସନ୍ତ ହାତୀ, ମନୀଷା ଷଡ଼ଙ୍ଗୀ, ସହଦେବ ସାହୁ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସହକାରୀ ଜିଲାପାଳ ତନ୍ମୟ ଦାସ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ, ପ୍ରୋଗ୍ରାମ ଅଫିସର ଚନ୍ଦ୍ରପ୍ରଭା ଦେଈ, ଅନ୍ୟାନ୍ୟ କର୍ମଚାରୀମାନେ ପୋଷାକ ପରିଧାନପୂର୍ବକ ଫଟୋ ପ୍ରଦର୍ଶନ କରିଥିଲେ।

# ବ୍ୟକ୍ତିଗତ ପୋଖରୀକୁ ଗ୍ରାମ୍ୟର ଦର୍ଶାଇ ଖନନ

କୋଣାର୍କ,୩।୪(ଜ୍ୟୋତିରାଜ ମହାନ୍ତି)

- **ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ହଡ଼ପ ପାଇଁ ମସୁଧା**
- **ଜିଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ**

କୋଣାର୍କ ଥାନା ଅଧୀନ ସିମିଳି ପଞ୍ଚାୟତର ଶିରିପୁର ଗ୍ରାମରେ ବ୍ୟକ୍ତିଗତ ପୋଖରୀକୁ ଗ୍ରାମ୍ୟ ପୋଖରୀ ଦର୍ଶାଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ମେଶିନ ଲଗାଇ ଖନନ କରାଯାଉଥିବା ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଶ୍ରମିକ ବଦଳରେ ରାତିଅଧିଆ ମେଶିନ ଲଗାଇ ଟଙ୍କା ହଡ଼ପ ପାଇଁ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଚକ୍ରାନ୍ତ ଚଳାଇଛନ୍ତି।

ପ୍ରକାଶ ଯେ, ଜବ୍‌କାର୍ଡ ହିତାଧିକାରୀଙ୍କୁ ୧୦୦ ଦିନର କର୍ମସଂସ୍ଥାନ ଯୋଗାଇ ଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ସିମିଳି ପଞ୍ଚାୟତର ଶିରିପୁର ଗ୍ରାମରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ଗ୍ରାମରେ ଶ୍ରମିକ ବଦଳରେ ରାତିଅଧରେ ମେଶିନ ଲଗାଯାଇ ୨ଟି ପୋଖରୀ ନାମକୁମାତ୍ର ଖନନ କରାଯାଇ ଲକ୍ଷାଧିକ ଟଙ୍କା ହାତେଇବା ପାଇଁ ଗ୍ରାମର କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଚକ୍ରାନ୍ତ କରିବା ଘଟଣାକୁ ନେଇ ଗ୍ରାମର ଜନ୍ମେଜୟ ରାଉତରାୟ, କର୍ଣ୍ଣ ରାଉତରାୟ, ପବିତ୍ର ରାଉତରାୟ, ଗଣେଶ ଚନ୍ଦ୍ର ରାଉତରାୟ ଓ ରଶ୍ମିରଞ୍ଜନ ରାଉତରାୟ ପ୍ରମୁଖ ପୁରୀ ଜିଲାପାଳଙ୍କୁ ଅଭିଯୋଗ କରି ଏହି ବେଆଇନ କାର୍ଯ୍ୟ ଉପରେ ରୋକ୍ ଲଗାଇବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି।

ଅଭିଯୋଗପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି ଯେ, ଜଣେ ମୁଷ୍ଟିମେୟ ବ୍ୟକ୍ତିଗତ ପୋଖରୀକୁ ଗ୍ରାମ୍ୟ ପୋଖରୀ ଦର୍ଶାଇ ବିଭିନ୍ନ ସମୟରେ ଲକ୍ଷାଧିକ ଟଙ୍କା ହରିଲୁଟ୍ କରିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ସେହି ପୋଖରୀକୁ ଗ୍ରାମ୍ୟ ପୋଖରୀ ଦର୍ଶାଇ ଜବ୍‌କାର୍ଡହିତାଧିକାରୀଙ୍କୁ ଉପେକ୍ଷାକରି ରାତିଅଧରେ ମେଶିନ ଲଗାଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଖନନ କାର୍ଯ୍ୟ କରୁଛନ୍ତି। ଏହି ଘଟଣାକୁ ନେଇ କୋଣାର୍କ ଥାନାରେ ଶିରିପୁର ଗ୍ରାମର କର୍ଣ୍ଣ ରାଉତରାୟ ନାମକ ଜଣେ ଜବ୍‌କାର୍ଡଧାରୀ ବେଆଇନ ପୁଷ୍କରିଣୀ ଖନନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଏହି ବେଆଇନ କାର୍ଯ୍ୟ ଉପରେ ରୋକ୍ ଲଗାଇବା ସହ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଜିଲାପାଳ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଶିରିପୁର ଗ୍ରାମର ଜନ୍ମେଜୟ ରାଉତରାୟ, କର୍ଣ୍ଣ ରାଉତରାୟ, ପବିତ୍ର ରାଉତରାୟ, ଗଣେଶ ଚନ୍ଦ୍ର ରାଉତରାୟ ଓ ରଶ୍ମିରଞ୍ଜନ ରାଉତରାୟଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସିମିଳି ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ମହାପାତ୍ର କହିଛନ୍ତି, ଅଭିଯୋଗ ହସ୍ତଗତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

**ଛାତ୍ରୀଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ**

ଚୌଦ୍ୱାର,(ଆଶୁତୋଷ ଦାସ): କଲେଜ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଚୌଦ୍ୱାର ପୌରପାଳିକା ଅଧୀନ ୨ ନମ୍ବର ୱାର୍ଡର ଶୁଭରଞ୍ଜନ ନାୟକ। ତାଙ୍କଠାରୁ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଅଭିଯୁକ୍ତ ଜଣକ ବିଭିନ୍ନ ସମୟରେ ସମ୍ପୃକ୍ତା ଛାତ୍ରୀଙ୍କୁ ଅସଦାଚରଣ କରିଆସୁଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୦୯/୨୫) ରୁଜୁ କରିଥିଲା।

## ସଂକ୍ଷେପରେ

### ବିବାହର ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ବଳାତ୍କାର, ଯୁବକ ଗିରଫ

କଟକ,୩।୪(କାର୍ତ୍ତିକ ସାହୁ)

ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ମହିଳା ଥାନା ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ନେମାଳର ରୋହନ ପୁହାଣ(୨୯)। ସୂଚନା ଅନୁଯାୟୀ, ରୋହନ ଭବାନୀପାଟଣାର ଏକ ମସଲା କମ୍ପାନୀରେ ଏରିଆ ମ୍ୟାନେଜର ଭାବେ କାମ କରନ୍ତି। କଟକରେ ଥିବା ସେହି କମ୍ପାନୀର ଏକ କାର୍ଯ୍ୟାଳୟ ରିସେପ୍ସନରେ ଜଣେ ୨୫ ବର୍ଷୀୟା ଯୁବତୀ କାମ କରନ୍ତି। ୨୦୨୨ରେ ମସଲା କମ୍ପାନୀ ପକ୍ଷରୁ ପୁରୀର ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ଉଭୟଙ୍କ ମଧ୍ୟରେ ଭେଟ ହୋଇଥିଲା। ସେବେଠାରୁ ଦୁହିଙ୍କ ମଧ୍ୟରେ ବନ୍ଧୁତା ଓ ପରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ରୋହନ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ସେବେଠାରୁ କଟକ, ଭୁବନେଶ୍ୱର ଓ ପୁରୀର ବିଭିନ୍ନ ହୋଟେଲରେ ରହି ଶାରୀରିକ ସମ୍ପର୍କ ରଖିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଯୁବତୀ ବିବାହ କଥା କହିବାରୁ ରୋହନ ମନା କରିଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏନେଇ ଯୁବତୀ ଜଣକ ଗତ ୨୭ ତାରିଖରେ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

### ମନ୍ଦିରରୁ ଚୋରି ଅଭିଯୋଗ: ଯୁବକ ଗିରଫ

ବାଙ୍କୀ,୩।୪ ( ଶୁଭେନ୍ଦୁ ମହାପାତ୍ର)

ବାଙ୍କୀର ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ ନାଟେରୀ ଗ୍ରାମର ମା' ମଙ୍ଗଳା ମନ୍ଦିରରୁ ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ନାଟେରୀ ଗ୍ରାମର ବସନ୍ତ କୁମାର ମହାନ୍ତି। ବୁଧବାର ବିଳମ୍ବିତ ରାତିରେ ସେ ମନ୍ଦିରରୁ ଠାକୁରାଣୀଙ୍କ ଟଙ୍କା, ପିତ୍ତଳ ବାସନ ସମେତ ଅନ୍ୟ ସାମଗ୍ରୀ ଚୋରି କରି ନେଇଯାଉଥିବାବେଳେ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ. ୬୬/୨୫) ରୁଜୁ କରିଛି। ଏଥିସହ ଚୋରି ସାମଗ୍ରୀ ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଆଇଆଇସି ସଞ୍ଜୟ କୁମାର ଜେନା କହିଛନ୍ତି।

### ଗାଡ଼ିର ବେଗ ନିୟନ୍ତ୍ରଣ ପାଇଁ ଷ୍ଟପ୍‌ବୋର୍ଡ ଲଗାଇବାକୁ ଦାବି

କଟକ,୩।୪(ଶିଲ୍ପା ପ୍ରିୟଦର୍ଶିନୀ)

ରାସ୍ତାରେ ଦ୍ରୁତବେଗରେ ଗାଡ଼ି ଚଳାଚଳ କରିବା ଦ୍ୱାରା ଅନେକ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗାଡ଼ିର ବେଗ ନିୟନ୍ତ୍ରଣ ପାଇଁ କଟକ ତିନିଘରିଆ ସାହି ଗଡା, ଭଗବତୀ ମନ୍ଦିର ଗଡା ଓ ମଦନମୋହନ ନଗର ଗଡାଠାରେ ଷ୍ଟପ୍‌ବୋର୍ଡ ଲଗାଇବା ନିମନ୍ତେ କଂଗ୍ରେସ ପକ୍ଷରୁ ଦାବି ହୋଇଛି। ଏନେଇ କଟକ ମହାନଗର ନିଗମ ଅଧୀନ ୫୧ ନମ୍ବର ୱାର୍ଡ ସଭାପତି ରଜନୀକାନ୍ତ ବସ୍ତିଆଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ମଧୁପାଟଣା ଟ୍ରାଫିକ୍ ଟାୱାରଠାରେ ଟ୍ରାଫିକ୍ ଏସିପି ଜୟନ୍ତ କୁମାର ଦୋରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏସିପି ଦୋରା ଉକ୍ତ ଦାବିପତ୍ର ଗ୍ରହଣ କରି ଏଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ଶିଶିର ରଥ ସୂଚନା ଦେଇଛନ୍ତି। ଦାବିପତ୍ର ପ୍ରଦାନବେଳେ ଉପସଭାପତି ମନୋଜ ବିଶ୍ୱାଳ, କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ, କଟକ ନଗର(ଜିଲା)କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ଜୟନାରାୟଣ ତ୍ରିପାଠୀ, ରାଜେଶ ସ୍ୱାଇଁ, ସଚ୍ଚିଦାନନ୍ଦ ରାଉତ, ସନ୍ତୋଷ ବିଶ୍ୱାଳ ଉପସ୍ଥିତ ଥିଲେ।

# 'ଏନ୍‌ସିସି କ୍ୟାଡେଟ୍‌ଙ୍କ ଉତ୍ସର୍ଗୀକୃତ ମନୋଭାବ ପ୍ରଶଂସନୀୟ'

କଟକ,୩।୪(କାର୍ତ୍ତିକ ସାହୁ)


କାର୍ଯ୍ୟକ୍ରମରେ ରାଜ୍ୟପାଳ ହରି ବାବୁ କମ୍ଭମପାଟି ଓ ଅନ୍ୟମାନେ।

- ଏନ୍‌ସିସିର ସାଇକେଲ ଶୋଭାଯାତ୍ରା ଉଦ୍‌ଯାପିତ
- ୭୭ତମ ପ୍ରତିଷ୍ଠା ଦିବସ

ଏନ୍‌ସିସି ଗ୍ରୁପ ମୁଖ୍ୟାଳୟର ୭୭ତମ ପ୍ରତିଷ୍ଠା ଦିବସ ସହ ୨୩ ଦିନ ବ୍ୟାପୀ ଚାଲିଥିବା ସାଇକେଲ ଶୋଭାଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କଟକ କ୍ୟାଣ୍ଟେନମେଣ୍ଟ ରୋଡ୍‌ସ୍ଥିତ ଏନ୍‌ସିସି ଗ୍ରୁପ୍ ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ହରି ବାବୁ କମ୍ଭମପାଟି ଯୋଗଦେଇ କହିଛନ୍ତି, ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ଉତ୍ସର୍ଗୀକୃତ ମନୋଭାବ ପ୍ରଶଂସନୀୟ। ସେମାନେ ୧୫ଟି ଜିଲାରେ ଦୀର୍ଘ ୨୩ ଦିନ ବ୍ୟାପୀ ସାଇକେଲ ଶୋଭାଯାତ୍ରା କରି ୮୫୦ କିମି ପଥ ଅତିକ୍ରମ କରିଛନ୍ତି। ପରିବେଶ ସଂରକ୍ଷଣ, ମହିଳା ସଶକ୍ତିକରଣ, ନିଶାସେବନ ନିରାକରଣ, ଡିଜିଟାଲ ସାକ୍ଷରତା, ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଜନସାଧାରଣଙ୍କ ପାଖରେ ପହଞ୍ଚାଇ ସେମାନେ ନିଷ୍ଠା, ଉଦ୍ୟମ, ଦେଶପ୍ରେମ ପ୍ରଦର୍ଶନ କରିଛନ୍ତି। ଓଡ଼ିଶାର ଯୁବକଙ୍କ ମଧ୍ୟରେ ନେତୃତ୍ୱ, ଏକତା ଅନୁଶାସନ ଏବଂ ଚରିତ୍ର ପ୍ରତିପୋଷଣର ସମୃଦ୍ଧ ପରମ୍ପରା ବଜାୟ ରଖିବା ପାଇଁ ଏନ୍‌ସିସି ଗ୍ରୁପକୁ ରାଜ୍ୟପାଳ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ଏହି ଅବସରରେ ରାଜ୍ୟପାଳ ନବନିର୍ମିତ ଏନ୍‌ସିସି ମୁଖ୍ୟାଳୟ ଭବନକୁ ଉଦ୍‌ଘାଟନ କରିଥିଲେ। ନବୀକରଣ ହୋଇଥିବା ଏନ୍‌ସିସି କାର୍ଯ୍ୟାଳୟର ଭିତ୍ତିଭୂମି, ଏନ୍‌ସିସି କ୍ୟାଡେଟ୍, ଏନ୍‌ସିସିରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଏବଂ ବହୁବିଧ ସେବା ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ରାଜ୍ୟପାଳ ପୁରୁଣା ସଚିବାଳୟ ପରିସରରେ ସମ୍ପ୍ରସାରିତ ଏନ୍‌ସିସି କ୍ୟାଣ୍ଟିନ ପରିଦର୍ଶନ କରି ଏହାର ସ୍ୱଚ୍ଛତା, ପରିମଳ ତଥା ସାମରିକ କର୍ମଚାରୀଙ୍କୁ ଯୋଗାଉଥିବା ଅତ୍ୟାବଶ୍ୟକ ସେବା ସାମଗ୍ରୀ ବିଷୟରେ ଅବଗତ ହୋଇଥିଲେ। ଏଥିସହ ବିଭିନ୍ନ ଏନ୍‌ସିସି ୟୁନିଟ୍ ପରିଦର୍ଶନ କରି ଏନ୍‌ସିସି କର୍ମଚାରୀଙ୍କ ପାଇଁ ଉପଲବ୍ଧ ଭିତ୍ତିଭୂମି ଏବଂ ନିଆଯାଇଥିବା ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର ଉପମହାନିର୍ଦ୍ଦେଶକ କମୋଡର ମହେଶ ରାହଙ୍ଗଡ଼ାଲେ ଯୋଗଦେଇଥିଲେ। ଗ୍ରୁପ୍ କମାଣ୍ଡର କଲୋନେଲ ସତ୍ୟବ୍ରତ ସ୍ୱାଇଁ ସାଇକେଲ ଶୋଭାଯାତ୍ରାକୁ ସଫଳ କରିବାରେ ଏନ୍‌ସିସି କ୍ୟାଡେଟ୍, ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଓଡ଼ିଶା ଯୁବ ପ୍ରଶିକ୍ଷଣ ସଂସ୍ଥାର ଭୂମିକାକୁ ପ୍ରଶଂସା କରିଥିଲେ।

## ଲାଞ୍ଚ ମାମଲା: କନିଷ୍ଠ କିରାଣିଙ୍କୁ ୪ ବର୍ଷ ଜେଲଦଣ୍ଡ

କଟକ,୩।୪(କାର୍ତ୍ତିକ ସାହୁ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ତହସିଲର ପୂର୍ବତନ କନିଷ୍ଠ କିରାଣି ତଥା ବର୍ତ୍ତମାନ ଜଗତସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ କନିଷ୍ଠ କିରାଣି ଭାବେ କାର୍ଯ୍ୟରତ ସୁକାନ୍ତ କୁମାର ଦାସ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ଲାଞ୍ଚ ନେବା ମାମଲାରେ କଟକ ଭିଜିଲାନ୍ସ ଅଦାଲତ ତାଙ୍କୁ ୪ ବର୍ଷ କାରାଦଣ୍ଡ ସହ ଜରିମାନା କରିଛନ୍ତି। ଅଦାଲତଙ୍କ ରାୟ ଗୁରୁବାର ପ୍ରକାଶ ପାଇବା ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ତାଙ୍କୁ ଚାକିରିରୁ ବରଖାସ୍ତ କରିବା ନିମନ୍ତେ ଭିଜିଲାନ୍ସ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ନିକଟକୁ ଯିବ ବୋଲି ଜଣାପଡ଼ିଛି।

ସୂଚନାନୁସାରେ, ଅଭିଯୁକ୍ତ କନିଷ୍ଠ କିରାଣି ଦାସ କୁଜଙ୍ଗ ତହସିଲରେ ୨୦୧୭ରେ କାର୍ଯ୍ୟରତ ଥିବା ସମୟରେ ଜଣେ ବ୍ୟକ୍ତିଙ୍କଠାରୁ ଏକ ଲିଜ୍ ମାମଲାରେ ପଟ୍ଟା ପ୍ରଦାନ କରିବା ନିମନ୍ତେ ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏନେଇ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ. ୧୫/୨୦୧୭) ରୁଜୁ ହୋଇଥିଲା। ପୂର୍ବତନ ଇନ୍ସପେକ୍ଟର ଯାଜ୍ଞସେନୀ ପ୍ରଧାନ ମାମଲାର ତଦନ୍ତ କରିଥିଲେ। ଭିଜିଲାନ୍ସ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ସର୍ବେଶ୍ୱର ବାରିକ ମାମଲା ପରିଚାଳନା କରୁଥିଲେ।

## ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାବୃତ୍ତି ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ


ମଣିପାଲ ଫାଉଣ୍ଡେଶନ ଓ ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି।

କଟକ,୩।୪(କାର୍ତ୍ତିକ ସାହୁ)

**ଉପକୃତ ହେବେ ମୟୂରଭଞ୍ଜର ୨୦ ଛାତ୍ରୀଛାତ୍ର**

ଆଦିବାସୀ ଛାତ୍ରୀଛାତ୍ରଙ୍କୁ ବୃତ୍ତିଗତ ଶିକ୍ଷା ଉପଲବ୍ଧ କରାଇବା ନିମନ୍ତେ ମଣିପାଲ ଫାଉଣ୍ଡେଶନ ଓ ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ମଧ୍ୟରେ ବେଙ୍ଗାଲୁରୁଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ମୟୂରଭଞ୍ଜ ଜିଲାର ଆଦିବାସୀ ଛାତ୍ରୀଛାତ୍ରଙ୍କ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ଆସ୍ପାୟାର ଆଣ୍ଡ୍ ଆଚିଭ୍ ସ୍କଲାରଶିପ ପ୍ରୋଗ୍ରାମ ଶୁଭାରମ୍ଭ କରାଯିବ। ଆଦିବାସୀ ଛାତ୍ରୀଛାତ୍ରମାନେ ଆଲାଇଡ୍ ହେଲ୍‌ଥ, ବିବିଏ ଓ ବିସିଏରେ ବିଏସ୍‌ସି ପାଠ୍ୟକ୍ରମ ପଢ଼ିବାର ସୁବିଧା ପାଇବେ। ଏଥର ୨୦ ଜଣ ଅର୍ଥନୈତିକ ଅନଗ୍ରସର ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଏହି ବୃତ୍ତି ପ୍ରଦାନ କରାଯିବ।

ପ୍ରକାଶ ଯେ, ମଣିପାଲ ଫାଉଣ୍ଡେଶନ ହେଉଛି ମଣିପାଲ ଏଜୁକେସନ ଆଣ୍ଡ୍ ମେଡିକାଲ ଗ୍ରୁପ୍‌ର ଏକ ଶାଖା। ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିର ଉନ୍ନତି ନିମନ୍ତେ ମୟୂରଭଞ୍ଜ ଓ ଅନ୍ୟାନ୍ୟ ଅଞ୍ଚଳରେ ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କ ପାଇଁ ନିରନ୍ତର କାର୍ଯ୍ୟ କରିଆସୁଛି। ଦୁର୍ଗମ ଅଞ୍ଚଳରେ ଏହାର ଶିକ୍ଷାକେନ୍ଦ୍ର ମାଧ୍ୟମରେ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଚୟନ କରିବା ଉପରେ ଟ୍ରଷ୍ଟ ଗୁରୁତ୍ୱ ଦେଇଆସିଛି। ମଣିପାଲ ଫାଉଣ୍ଡେଶନ୍‌ର ଟ୍ରଷ୍ଟି ଡ. ରଞ୍ଜନ ଆର୍. ପାଇ କହିଛନ୍ତି, ଏହି ବୃତ୍ତି ଦ୍ୱାରା ଗରିବ ଛାତ୍ରୀଛାତ୍ରମାନେ ସ୍ନାତକୋତ୍ତର ପରେ ସେମାନଙ୍କ ପରିବାର ଏବଂ ସମୁଦାୟକୁ ସହାୟତା କରିପାରିବେ। ଏସ୍‌ଏଲ୍‌ଏସ୍ ଟ୍ରଷ୍ଟର ଅଧ୍ୟକ୍ଷା ଇତିଶ୍ରୀ ମୁର୍ମୁ କହିଛନ୍ତି, ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷିତ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିକାଶରେ ସହାୟକ ହୋଇପାରିବେ। ଏସ୍‌ଏଲ୍‌ଏସ୍ ଟ୍ରଷ୍ଟର ଉନ୍ନୟନ ସଂଯୋଜକ ସୁବୋଧ କୁମାର କହିଛନ୍ତି, ମଣିପାଲ ଫାଉଣ୍ଡେଶନ୍‌ର ସହଯୋଗ ପାଇଁ କେବଳ ଏହି ୨୦ ଜଣ ଛାତ୍ରୀଛାତ୍ର ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ଜୀବନରେ ପରିବର୍ତ୍ତନ ଆସିବ। ଏପରି କି ସେମାନେ ଅନ୍ୟମାନଙ୍କ ପାଇଁ ମଧ୍ୟ ଆଦର୍ଶ ପାଲଟିବେ।

# ମିନି ବାଲିଯାତ୍ରାରେ ପରିଣତ ହୋଇଛି ସାଲେପୁର ମହୋତ୍ସବ


ଅତିଥିଙ୍କ ଗହଣରେ କଳାକାର ଓ ଅନ୍ୟମାନେ।

ସାଲେପୁର,୩।୪(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ବ୍ୟାରେଜ ପଡ଼ିଆରେ ଚାଲିଥିବା ସାଲେପୁର ମହୋତ୍ସବ ଏବଂ ଓଡ଼ିଶା ଦିବସ ସମାରୋହର ଦ୍ୱିତୀୟ ସନ୍ଧ୍ୟା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାଲେପୁର ମଧୁସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ସନ୍ଧ୍ୟାରେ ରାଜ୍ୟର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ନାଚ ଓ ଗୀତ ପରିବେଷଣ କରାଯାଇଥିଲା। ମଧୁସ୍ମୃତି ପରିଷଦର ସଦସ୍ୟ ନାରାୟଣ ପତି ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବିଧାୟକ ସୁବାଷିନୀ ଜେନା ଯୋଗଦେଇ ସାଲେପୁର ମହୋତ୍ସବ ଏବେ ମିନି ବାଲିଯାତ୍ରାରେ ପରିଣତ ହୋଇଛି ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧ୍ୟକ୍ଷା ମୀନାକ୍ଷୀ ଦାସ, ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମଧୁସ୍ମୃତି ପରିଷଦ ସମ୍ପାଦକ ଦିଲୀପ କୁମାର ଦାଶ, ପୂର୍ବତନ ଉପାଧ୍ୟକ୍ଷ ରମେଶ ଜେନା, ତୃପ୍ତିରେଖା ପରିଡା, ରାଜଶ୍ରୀ ଜେନା, ଜ୍ୟୋତିରେଖା ନାୟକ, ରାକେଶ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବରେ ମିଶନ ଶକ୍ତି ପକ୍ଷରୁ ଶତାଧିକ ହସ୍ତଶିଳ୍ପ ଷ୍ଟଲ ସହ ବହୁ ଅସ୍ଥାୟୀ ଦୋକାନ ଖୋଲାଯାଇଛି। ଏନେଇ ପ୍ରତି ସନ୍ଧ୍ୟାରେ ଲୋକଙ୍କ ଭିଡ଼ ଜମୁଛି। ମହୋତ୍ସବ ସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳିତ

କଟକ,୩।୪(କାର୍ତ୍ତିକ ସାହୁ)

ଅପ୍ରେଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ଅବସରରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ପାରମ୍ପରିକ ପୋଷାକ ପରିଧାନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଅତିରିକ୍ତ ଜିଲାପାଳ ଶିବ ଟପୋଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ ପୂର୍ବକ କାର୍ଯ୍ୟାଳୟକୁ ଆସିଥିଲେ। ମୋ' ପୋଷାକ ମୋ' ପରିଚୟ ସ୍ଲୋଗାନକୁ ସମ୍ମାନ ଜଣାଇ ସଭିଏଁ ଖଦି, ସମ୍ବଲପୁରୀ, ସୋନପୁରୀ, କୋଟପାଡ଼, ମାଣିଆବନ୍ଧ, ନୂଆପାଟଣା, ବୋମକାଇ ହସ୍ତତନ୍ତ ବୁଣା ପୋଷାକ ପରିଧାନ କରିଥିଲେ। ଆମ ବସ୍ତ୍ର ହେଉଛି ଆମ ସ୍ୱାଭିମାନ ଓ ଆମ ପରିଚୟ। ବିଶ୍ୱରେ ଓଡ଼ିଶା ହସ୍ତତନ୍ତର ପ୍ରସିଦ୍ଧି ରହିଛି। ଏଣୁ କେବଳ ଓଡ଼ିଆ ପକ୍ଷ ପାଳନ ନୁହେଁ, ଦୈନନ୍ଦିନ ଜୀବନରେ ସମସ୍ତେ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଅଭ୍ୟାସରେ ପରିଣତ କରି ଆମ ବୁଣାକାର ଓ ଗ୍ରାମ୍ୟ ଅର୍ଥନୀତିକୁ ସଶକ୍ତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି।

## ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ

କଟକ,୩।୪(କାର୍ତ୍ତିକ ସାହୁ)

**ନାବାଳିକା ଅସଦାଚରଣ ମାମଲା**

ନିଆଳି ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ଅସଦାଚରଣ ମାମଲାରେ କଟକ ପୋକ୍‌ସୋ କୋର୍ଟ ଜଣେ ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଏଥିସହ ଅଦାଲତ ପୀଡ଼ିତାଙ୍କୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ କଟକ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ନିଆଳି ଟମପଡ଼ା ଅଞ୍ଚଳରେ ରହୁଥିବା ବିହାର ଟିକାମାଝୀ ଥାନା ଅଧୀନ ଭାଗଲପୁରର ବବ୍‌ଲୁ ବର୍ମା। ସୂଚନାନୁସାରେ, ୨୦୨୩ ଜୁଲାଇ ୨୩ ତାରିଖରେ ଅଭିଯୁକ୍ତ ଜଣକ ଜଣେ ୯ ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ନିଆଳି ଥାନାରେ ଏତଲା ଦିଆଯିବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୨୦୨୩ ଅଗଷ୍ଟ ୩୧ରେ କୋର୍ଟରେ ପୋଲିସ ଅଭିଯୋଗପତ୍ର ଦାଖଲ କରିଥିଲା। ୨୦୨୪ ଫେବୃଆରୀ ୧୩ ତାରିଖରେ କୋର୍ଟରେ ଚାର୍ଜଫ୍ରେମ୍ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ପୋଲିସ ଗାଡ଼ି ଛାଡ଼ିଦେବାରୁ ଗ୍ରାମବାସୀଙ୍କ ରାସ୍ତାରୋକୋ

ବାଙ୍କୀ,୩।୪(ଶୁଭେନ୍ଦୁ ମହାପାତ୍ର)


ରାସ୍ତାରୋକୋ ଯୋଗୁ ଟ୍ରାଫିକ୍ ଜାମ୍ ହୋଇଛି।

- ମାସେ ହେବ ସେତୁ ନିର୍ମାଣ କାର୍ଯ୍ୟ ବନ୍ଦ
- ନିର୍ମାଣ ପାଇଁ ଅଣାଯାଇଥିବା ସରଞ୍ଜାମ ନେଇଯାଉଥିବାରୁ ବଢୁଥିଲା ଅସନ୍ତୋଷ

ବାଙ୍କୀ ଥାନା କଇଁମୁଣ୍ଡି ଫାଣ୍ଡି ନିକଟ କଇଁମୁଣ୍ଡି ଗ୍ରାମରେ ଏକ ସେତୁ ନିର୍ମାଣ କରାଯାଉଛି। ମାତ୍ର ମାସେ ହେବ ଏହି କାମ ବନ୍ଦ ରହିଛି। ଅପରପକ୍ଷେ ଠିକା ସଂସ୍ଥା ସେତୁ ନିର୍ମାଣ ପାଇଁ ଆଣିଥିବା ସରଞ୍ଜାମ ଗାଡ଼ିରେ ମଝିରେ ମଝିରେ ଉକ୍ତ ସ୍ଥାନରୁ ନେଇଯାଉଥିଲା। ଏନେଇ ଗ୍ରାମବାସୀ ଅସନ୍ତୁଷ୍ଟ ଥିଲାବେଳେ ଗୁରୁବାର ଏସବୁ ସରଞ୍ଜାମ ଲୋଡ୍ ହୋଇଥିବା ଏକ ଗାଡ଼ିକୁ ଅଟକାଇ କଇଁମୁଣ୍ଡି ଫାଣ୍ଡିରେ ଜିମା ଦିଆଯାଇଥିଲା। ମାତ୍ର ପୋଲିସ ଉକ୍ତ ଗାଡ଼ି ଛାଡ଼ିଦେଇଥିବା ଅଭିଯୋଗ କରି ରାତିରେ ଉତ୍ୟକ୍ତ ଲୋକେ କଇଁମୁଣ୍ଡି ଫାଣ୍ଡି ଆଗରେ ରାସ୍ତା ଅବରୋଧ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଠିକାଦାର ଏଠାରେ ମନମୁଖିଭାବେ କାର୍ଯ୍ୟ କରୁଥିଲେ। ଦୀର୍ଘ ଏକ ମାସ ହେବ ସେତୁ ନିର୍ମାଣ କାର୍ଯ୍ୟ ବନ୍ଦ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ମାତ୍ର ଠିକାଦାର ଏଥିପ୍ରତି ଧ୍ୟାନ ନ ଦେଇ ନିର୍ମାଣାଧୀନ ସ୍ଥାନରୁ ଧୀରେ ଧୀରେ ନିଜର ସାମଗ୍ରୀ ନେଇଯାଉଥିଲେ। ଗୁରୁବାର ଏକ ଟ୍ରେଲର ଯୋଗେ ନିର୍ମାଣ ପାଇଁ ଠିକାସଂସ୍ଥା ଆଣିଥିବା ସରଞ୍ଜାମକୁ ନିର୍ମାଣସ୍ଥଳରୁ ନେଇଯାଉଥିବାବେଳେ ଗ୍ରାମବାସୀ ଖବରପାଇ ଉକ୍ତ ଗାଡ଼ିକୁ ଅଟକାଇଥିଲେ। ଏଥିସହ ଉକ୍ତ ଗାଡ଼ିକୁ ନେଇ ଫାଣ୍ଡିରେ ଜିମା ଦେଇଥିଲେ। ମାତ୍ର ପରେ ଉକ୍ତ ଗାଡ଼ିକୁ ପୋଲିସ ଛାଡ଼ି ଦେଇଥିବା ଶୁଣି ରାତି ପ୍ରାୟ ୧୦ଟା ବେଳେ କଇଁମୁଣ୍ଡି ଫାଣ୍ଡି ଆଗରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ପହଞ୍ଚି ବାଙ୍କୀ-କଟକ ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ବାଙ୍କୀ ଏସ୍‌ଡିପିଓ ବାଳକୃଷ୍ଣ କହଁର ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଥିଲା।

## ଫଟୋରେ ଖବର



ସର୍ବନିମ୍ନ ଭତ୍ତା ପ୍ରଦାନ ଦାବି ନେଇ ଭତ୍ତା ବୃଦ୍ଧି ଅଭିଯାନ ଓଡ଼ିଶା ପକ୍ଷରୁ ଗୁରୁବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ।



ବିଭିନ୍ନ ଦାବି ନେଇ ଅଲ୍ ଇଣ୍ଡିଆ ପୋଷ୍ଟାଲ ଆଣ୍ଡ୍ ଆର୍‌ଏମ୍‌ଏସ୍ ପେନ୍‌ସନର୍ସ ଆସୋସିଏଶନ ଷ୍ଟେଟ୍ କମିଟି ପକ୍ଷରୁ କଟକ ବକ୍ସିବଜାରସ୍ଥିତ ପ୍ରଧାନ ଡାକଘର ସମ୍ମୁଖରେ ବିକ୍ଷୋଭ।

# ବଜାରରେ ମାରୁତି ସୁଜୁକିର ଅଲ୍ ନ୍ୟୁ ଇ-ଭିଟାରା

**ଭୁବନେଶ୍ୱର,୩।୪(ଅଭୟ ଦାଶ)**

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍‌ଏସ୍‌ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ ଇ-ଭିଟାରାର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏପରିକି କମ୍ପାନୀର ଏହି ନୂତନ ମଡେଲ ବ୍ରାଣ୍ଡର ନେକ୍ସା ଡିଲର ପଏଣ୍ଟଗୁଡ଼ିକ ଜରିଆରେ କାରବାର କରାଯାଉଛି। ଏହି ପରିପ୍ରେକ୍ଷୀରେ ଏମ୍‌ଏସ୍‌ଆଇଏଲ୍‌ର ସ୍ୱୀକୃତିପ୍ରାପ୍ତ ଡିଲର ନେକ୍ସା ଟୁଇନ ସିଟି (ସ୍କାଏ ଅଟୋମୋବାଇଲ) ନହରକଣ୍ଟା ଭୁବନେଶ୍ୱର ଶୋ'ରୁମ୍ ପକ୍ଷରୁ ଗୁରୁବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଲ୍ ନ୍ୟୁ ଇ-ଭିଟାରାକୁ ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନେକ୍ସା (ଏସ୍‌ଏସ୍‌ଆଇଏଲ୍)ର ଟିଏସ୍‌ଏମ୍ ଦିବ୍ୟା ବିବେକାନନ୍ଦନ, ଟିଏସ୍‌ଏମ୍ କ୍ରିଷ୍ଣା ବଂଶଲ ଏବଂ ନେକ୍ସା ଟୁଇନ୍ ସିଟି (ସ୍କାଏ ଅଟୋମୋବାଇଲ)ର ସିଇଓ ଅବିନାଶ ସିଂଘାନିଆଙ୍କ ସମେତ ସିଓଓ ପ୍ରବୀଣ ଲାଠ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଅଲ ନ୍ୟୁ ଇ-ଭିଟାରାରେ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ ଅତ୍ୟାଧୁନିକ ଫିଚର ଓ ଏକ ଶକ୍ତିଶାଳୀ ବ୍ୟାଟେରି ସାମିଲ ରହିଛି। ସେହିଭଳି ଏହାର ଉଭୟ ଇଣ୍ଟେରିଅର ଏବଂ ଏକ୍ସଟେରିଅରରେ ଅନେକ ପ୍ରକାର ସୁବିଧା ଉପଲବ୍ଧ।



ନେକ୍ସା ଟୁଇନ୍ ସିଟି ଶୋ'ରୁମ୍‌ରେ ଅଲ ନ୍ୟୁ ଇ-ଭିଟାରାର ଅନାବରଣ ହୋଇଯାଇଛି। ଏହି ଅବସରରେ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୩।୪**

ଦିନକ ପରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ୩୨୨ (୩୨୨.୦୮) ପଏଣ୍ଟ ହ୍ରାସ ଘଟି ୭୬,୨୯୫ (୭୬,୨୯୫.୩୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୮୨(୮୨.୨୫) ପଏଣ୍ଟ କମି ୨୩,୨୫୦ (୨୩,୨୫୦.୧୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ବିଏସ୍‌ଏସ୍‌ସିସିଆର୍‌ଆଇର ପ୍ରଥମ ବାର୍ଷିକୀ ଉତ୍ସବ

**ଭୁବନେଶ୍ୱର,୩।୪**

- ସିସିଆର୍‌ଆଇର ସମ୍ପ୍ରସାରଣ
- ଖୁବ୍‌ଶୀଘ୍ର ବିଏମ୍‌ଟି ସେଣ୍ଟରର ଶୁଭାରମ୍ଭ

ରାଜ୍ୟର ପ୍ରମୁଖ ଘରୋଇ କ୍ୟାନ୍‌ସର ଚିକିତ୍ସାଳୟ ତଥା ଶ୍ରୀ ଶଙ୍କରା କ୍ୟାନ୍‌ସର ଫାଉଣ୍ଡେଶନ୍ ଚାରିଟେବୁଲ୍ ଟ୍ରଷ୍ଟର ପ୍ରମୁଖ ୟୁନିଟ୍ ବାଗ୍‌ଚୀ ଶ୍ରୀ ଶଙ୍କରା କ୍ୟାନ୍‌ସର ସେଣ୍ଟର ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ବା ବିଏସ୍‌ଏସ୍‌ସିସିଆର୍‌ଆଇ ଭୁବନେଶ୍ୱରର ପ୍ରଥମ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ବି ଏ ସ୍ ଏ ସ୍ ସି ସି ଆ ର୍ ଆ ଇ ର କ୍ୟାନ୍‌ସର କେୟାର ଆଣ୍ଡ ରିସର୍ଚ୍ଚ ଇନ୍‌ଫ୍ରାଷ୍ଟ୍ରକ୍ଚର (ସିସିଆର୍‌ଆଇ)ର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଖୁବ୍‌ଶୀଘ୍ର ବିଏସ୍‌ଏସ୍‌ସିସିଆର୍‌ଆଇରେ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ (ବିଏମ୍‌ଟି) ସେଣ୍ଟରର ଶୁଭାରମ୍ଭ କରାଯାଉଛି ବୋଲି ଚିକିତ୍ସାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଏସ୍‌ଏସ୍‌ସିସିଆର୍‌ଆଇ ପକ୍ଷରୁ ଗୁରୁବାର ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନସ୍ଥିତ ପ୍ରେସ୍‌କ୍ଲବରେ ଏକ ସ୍ୱତନ୍ତ୍ର ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ବିଏସ୍‌ଏସ୍‌ସିସିଆର୍‌ଆଇର ବରିଷ୍ଠ ଅଧିକାରୀ ନାଗରାଜଙ୍କ ସମେତ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ, ଡା. ବି.ଏସ୍. ଶ୍ରୀନାଥ ଏବଂ ଡା. ବି.କେ. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ କହିଥିଲେ, ଆମେ ନିକଟରେ ପ୍ରଥମ ପୂର୍ତ୍ତି ଉତ୍ସବ ପାଳନ କରିଛୁ। ଏହି ବର୍ଷକ ମଧ୍ୟରେ ଆମେ ଅନେକ ଉପଲବ୍ଧ ହାସଲ ସହ କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ। ବର୍ଷକ ମଧ୍ୟରେ ଆମେ ୫୦୦୦ରୁ ଅଧିକ ରୋଗୀଙ୍କୁ ଗୁଣାତ୍ମକ ଚିକିତ୍ସା ଓ ସେବା ଯୋଗାଇଦେଇଛୁ। ଆଗାମୀ ଦିନରେ ଆମେ ନୂଆ ନୂଆ ସେବା ଓ ସୁବିଧା ମଧ୍ୟ ଉପଲବ୍ଧ କରାଇବୁ। ଫଳରେ ଓଡ଼ିଶା ଓ ଓଡ଼ିଶା ନିକଟବର୍ତ୍ତୀ ରାଜ୍ୟର ରୋଗୀ ବାହାର ରାଜ୍ୟକୁ ଆଉ ଯାଇ ଅତିରିକ୍ତ ଖର୍ଚ୍ଚ ଓ ଅନ୍ୟାନ୍ୟ ସମସ୍ୟାରେ ସମ୍ମୁଖୀନ ହେବେ ନାହିଁ ବୋଲି ପ୍ରୟାସ ଆରମ୍ଭ କରିଛୁ।



ଖବରଦାତା ସମ୍ମିଳନୀକୁ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ ସମ୍ବୋଧିତ କରୁଛନ୍ତି। ଏହି ଅବସରରେ ବିଏସ୍‌ଏସ୍‌ସିସିଆର୍‌ଆଇ ଭୁବନେଶ୍ୱରର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# ବ୍ୟବସାୟ ନୁହେଁ, ସାଲିସ୍‌ବିହୀନ ଶିକ୍ଷାକୁ ପ୍ରାଧାନ୍ୟ ଦିଏ

**ଯୁବୋଦୟ ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଅମ୍ବରୀଶ ଦାଶ ସମ୍ବଲପୁରରେ ୧୯୭୧ରେ ଜନ୍ମଗ୍ରହଣ କରିଥିଲେ। କଟକରେ ପଦାର୍ଥ ବିଜ୍ଞାନରେ ସ୍ନାତକ ଏବଂ ଦିଲ୍ଲୀରେ ଏମ୍‌ବିଏ କରିବା ପରେ ସେଠାରେ ଏକ କମ୍ପାନୀରେ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ନିଜ ଜନ୍ମମାଟିରେ ଓଡ଼ିଶାରେ କିଛି କରିବାକୁ ଚାହୁଁଥିଲେ। ଅମ୍ବରୀଶଙ୍କ ଜେଜେବାପା ଜଣେ ଶିକ୍ଷକ ହୋଇଥିବାବେଳେ ତାଙ୍କଠାରୁ ଅନେକ ସଫଳ ଆଇପିଏସ୍, ଆଇଏଏସ୍ ଅଫିସରଙ୍କ ଆତ୍ମଜୀବନୀ ଶୁଣି ଅମ୍ବରୀଶ ବଡ଼ ହୋଇଥିଲେ। ସେହିପରି ନିଜ ମା'ଙ୍କର ଉପଦେଶକୁ ପାଥେୟ କରି ସମାଜକୁ ଶିକ୍ଷା କ୍ଷେତ୍ରରେ ସମୃଦ୍ଧ କରିବାକୁ ପ୍ରେରିତ ହୋଇଥିବା ଅମ୍ବରୀଶଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ବାର୍ତ୍ତାଳାପ...**


ଅମ୍ବରୀଶ ଦାଶ

**ପ୍ର- ଆପଣଙ୍କ ବ୍ୟବସାୟିକ ଯାତ୍ରା କିଭଳି ରହିଛି?**

ଉ- ଯୁବପିଢ଼ିଙ୍କ ବିକାଶ ପାଇଁ ଶିକ୍ଷା କ୍ଷେତ୍ରରେ ବ୍ୟବସାୟିକ ଯାତ୍ରା ଆରମ୍ଭ କରିଥିଲି। ବିଶେଷକରି କଳାହାଣ୍ଡି, ବଲାଙ୍ଗୀର ଏବଂ କୋରାପୁଟ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ଚାହୁଁଥିଲି। ୧୯୯୮ରେ ଏନ୍‌ଆଇଆଇ ଲିମିଟେଡ୍‌ର ବିଜନେଶ୍ ପାର୍ଟନର ଭାବେ ପ୍ରଥମେ ବଲାଙ୍ଗୀର ଓ ପରେ ବ୍ରହ୍ମପୁରରେ ଏନ୍‌ଆଇଆଇଟି ସେଣ୍ଟର ପ୍ରତିଷ୍ଠା କରିଥିଲୁ। ୨୦୦୬ରେ ପଶ୍ଚିମ ଓଡ଼ିଶାରେ ବିସିଏ, ବିବିଏ ଓ ଏମ୍‌ଏସ୍‌ଡବ୍ଲ୍ୟୁ ଭଳି ବୈଷୟିକ ଶିକ୍ଷା ଦେବା ଆରମ୍ଭ କରିଥିଲୁ। ୨୦୦୯ରେ ବଲାଙ୍ଗୀରରେ ଏକ +୨ ବିଜ୍ଞାନ ମହାବିଦ୍ୟାଳୟ ଆରମ୍ଭ କଲି ଏବଂ ଧୀରେ ଧୀରେ ଆଇଆଇଟି ଏବଂ ମେଡିକାଲ କୋଚିଂ କ୍ଷେତ୍ରରେ ବ୍ୟବସାୟ ବିସ୍ତାର କରିଥିଲି। ବର୍ତ୍ତମାନ ଆମେ ପ୍ରତିବର୍ଷ ଶତାଧିକ ଏମ୍‌ବିବିଏସ୍ ଏବଂ ପ୍ରାୟ ୫୦ ଆଇଆଇଟି ତଥା ଏନ୍‌ଆଇଟିରେ ଶିକ୍ଷାଲାଭ ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିପାରୁଛୁ। ୨୦୧୮ରେ ସିବିଏସ୍‌ଇ ଶାଖା ଖୋଲିବା ସହ ୨୦୨୨ରେ ଭୁବନେଶ୍ୱର ଓ ବ୍ରହ୍ମପୁରରେ ଆମେ ଶିକ୍ଷାନୁଷ୍ଠାନ ବିସ୍ତାର କରିଥିଲୁ।

**ପ୍ର- ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ କିପରି ଆକୃଷ୍ଟ କରିଥା'ନ୍ତି? ଆଗକୁ କ'ଣ ଯୋଜନା ରହିଛି?**

ଉ- +୨ ବିଜ୍ଞାନରେ ପ୍ରଥମବର୍ଷର ପରୀକ୍ଷାଫଳରୁ ହିଁ ଅନବରତ ଭାବେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ଯୁବୋଦୟର ଛାତ୍ରୀଛାତ୍ର ସ୍ଥାନ ପାଇଥା'ନ୍ତି। ପ୍ରଥମ ସୁଯୋଗରେ ହିଁ ଛାତ୍ରୀଛାତ୍ର ଆଇଆଇଟି, ଏନ୍‌ଆଇଟି ତଥା ସରକାରୀ ମେଡିକାଲ କଲେଜରେ ସ୍ଥାନ ପାଇଥା'ନ୍ତି। ଏହିପରି ଧାରାକୁ ପ୍ରବର୍ତ୍ତନ କରିବାରେ ଯୁବୋଦୟ ସମଗ୍ର ରାଜ୍ୟରେ ଅଗ୍ରଣୀ ଭୂମିକା ବହନ କରିଛି। ବୋର୍ଡ ପରୀକ୍ଷା ହେଉ କି ପ୍ରବେଶିକା ପରୀକ୍ଷା, ଯୁବୋଦୟର ଛାତ୍ରୀଛାତ୍ରଙ୍କ ଅପୂର୍ବ ସଫଳତା ହିଁ ଅଭିଭାବକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିପାରିଛି। ଉତ୍ତମ ବ୍ୟବହାର, ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ଦ୍ୱାରା ଅଭିଭାବକ ଓ ଛାତ୍ରୀଛାତ୍ର ଆକର୍ଷିତ ହୋଇଥା'ନ୍ତି। ଏମ୍‌ବିବିଏସ୍ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପରେ ଏବେ ଆଇଆଇଟି କ୍ଷେତ୍ରରେ ଯୁବୋଦୟର ଶିକ୍ଷାନୁଷ୍ଠାନ ସମ୍ପ୍ରସାରଣ ଯୋଜନା ରହିଛି। ବିଶେଷକରି ଆର୍ଥିକ ଅନଗ୍ରସର ପିଲାଙ୍କୁ ଗୁଣାତ୍ମକ ଆଇଆଇଟି କୋଚିଂ ପ୍ରଦାନ ପାଇଁ ଚେଷ୍ଟା କରାଯାଉଛି।

**ପ୍ର- ଉତ୍ତମ ଶିକ୍ଷା ଓ ବ୍ୟବସାୟରେ କିପରି ସମନ୍ୱୟ ରକ୍ଷା କରିପାରନ୍ତି?**

ଉ- ମୋ ମା' ପ୍ରିୟଲତା ଦାଶ ସମାଜ ପାଇଁ କିଛି କରିବା ଲାଗି ପ୍ରେରଣା ଦେଇଥା'ନ୍ତି। ମୁଁ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସବୁବେଳେ ଗୁରୁତ୍ୱ ଦେଇଆସିଛି। ଜୀବନରେ ଖୁସି ରହିବା ପାଇଁ ଏକ ଘର, ଏକ ପରିବାର ସହ କିଛି ମୌଳିକ ଆବଶ୍ୟକତା ପୂରଣ ହେଉଥିବା ଦରକାର। ସେସବୁ ମୋ ପାଖରେ ଅଛି। ତେଣୁ ଅଧିକ ଧନୀ ହେବା ଆଶା ମୋର ନାହିଁ। ମୁଁ ବ୍ୟବସାୟ ସମ୍ପ୍ରସାରଣ ନୁହେଁ, ଶିକ୍ଷାର ସମ୍ପ୍ରସାରଣକୁ ପ୍ରାଧାନ୍ୟ ଦିଏ।

**ପ୍ର- ନୂତନ ଜାତୀୟ ଶିକ୍ଷା ନୀତି ଉପରେ ଆପଣଙ୍କର କ'ଣ ମତ ରହିଛି?**

ଉ-ନୂତନ ଶିକ୍ଷାନୀତି ଲାଗୁ କରାଗଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିବାକୁ ବହୁତ ସମୟ ଲାଗିବ। ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଶିକ୍ଷକ ତଥା ଶିକ୍ଷା ବିଭାଗର କର୍ମଚାରୀମାନେ ପ୍ରକୃତ ପଦ୍ଧତି ବର୍ତ୍ତମାନ ଯାଏ ଜାଣନାହାନ୍ତି। ଏହି ବ୍ୟବସ୍ଥାର ସଫଳତା କେବଳ ଏହାର କାର୍ଯ୍ୟକାରିତା ଉପରେ ନିର୍ଭର କରୁଛି।

**ପ୍ର- ଶିକ୍ଷା ବ୍ୟବସ୍ଥାରେ କେଉଁ ସବୁ ଆହ୍ୱାନ ରହିଛି? ଶିକ୍ଷାକ୍ଷେତ୍ରରେ ଏଆଇର ଭୂମିକାକୁ କିପରି ଦେଖୁଛନ୍ତି?**

ଉ-ଶିକ୍ଷା ବ୍ୟବସ୍ଥାରେ ସରକାର ଓ ଘରୋଇ କ୍ଷେତ୍ରରେ ଯେଉଁ ବ୍ୟବଧାନ ରହୁଛି, ତାହା ବର୍ତ୍ତମାନ ପାଇଁ ଏକ ବଡ଼ ଆହ୍ୱାନ। ଏହି ବ୍ୟବଧାନ ଦୂର ହେବା ଦ୍ୱାରା ଶିକ୍ଷା ବ୍ୟବସ୍ଥାରେ ଅନେକ ସୁଧାର ଆସିପାରିବ। ଏଆଇ ହେଉଛି ଆଣବିକ ଶକ୍ତି ପରି। ଆମ ଉପରେ ନିର୍ଭର କରେ ଆମେ ତାକୁ କିପରି ବ୍ୟବହାର କରୁଛେ। ଏଆଇ ବ୍ୟବହାର କରି ଛାତ୍ରୀଛାତ୍ର ଅନେକ କ୍ଷେତ୍ରରେ ଉପକୃତ ହେଉଥିବାବେଳେ ଏହାର ଦୁରୁପଯୋଗ ଦ୍ୱାରା ଏହା କ୍ଷତିକାରକ ସାବ୍ୟସ୍ତ ହୋଇପାରେ।

**ପ୍ର-ଛାତ୍ର ସମାଜକୁ ଆପଣଙ୍କର କ'ଣ ବାର୍ତ୍ତା ରହିବ?**

ଉ-ଏକ ଗୀତ ଅଛି 'ରୁକ୍ ଜାନା ନହିଁ ତୁ କହିଁ ହାର୍‌କେ'। ତେଣୁ ଛାତ୍ରୀଛାତ୍ରଙ୍କୁ କହିବି ସେମାନେ ନିଜର ଭବିଷ୍ୟତ ନିଷ୍ପତ୍ତି ଭାବିଚିନ୍ତି ନିଅନ୍ତୁ। ଥରେ ନିଷ୍ପତ୍ତି ନେବା ପରେ ସମସ୍ୟା ଆସିଲେ ଅଧାରେ ଅଟକି ନ ଯାଇ ଲକ୍ଷ୍ୟ ପ୍ରାପ୍ତି ପାଇଁ ଲାଗି ପଡ଼ନ୍ତୁ।

-ସାକ୍ଷାତ୍‌କାର: **ଅନୁରାଧା ମହାରଣା,** ଭୁବନେଶ୍ୱର

# ବିଏସ୍‌ଏନ୍‌ଏଲ୍‌ର ଗ୍ରାହକ ସେବା ମାସ

**ଭୁବନେଶ୍ୱର,୩।୪(ଅନୁରାଧା ମହାରଣା)**

ରାଷ୍ଟ୍ରାୟତ୍ତ ଟେଲିକମ ପ୍ରଦାନକାରୀ ସଂସ୍ଥା- ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସଏନଏଲ) ଏପ୍ରିଲ ମାସକୁ ଗ୍ରାହକ ସେବା ମାସ ଭାବେ ଘୋଷଣା କରିଛି। ଏହା ଏକ ଦେଶବ୍ୟାପୀ ପଦକ୍ଷେପ, ଯାହା ଗ୍ରାହକଙ୍କ ଅଭିଜ୍ଞତାକୁ ବୃଦ୍ଧି କରିବା ରିବା ଏବଂ ବ୍ୟବହାରୀଙ୍କ ସହିତ ଦୃଢ଼ ସଂଯୋଗ ସ୍ଥାପ ସ୍ଥାପନ ପାଇଁ ଉତ୍ସର୍ଗୀକୃତ। ସେବା ଉତ୍କର୍ଷତା ଉପରେ ବିଏସଏନଏଲର ନୂତନ ଅଭିଯାନ ଏବଂ 'ଗ୍ରାହକ ପ୍ରଥମ' ପ୍ରତି ଏହାର ଦୀର୍ଘ ଦିନର ପ୍ରତିବଦ୍ଧତାର ଅଂଶବିଶେଷ ଭାବରେ, ବିଏସଏନଏଲର ସମସ୍ତ ପରିମଣ୍ଡଳ, ବ୍ୟବସାୟୀ କ୍ଷେତ୍ର ଏବଂ ୟୁନିଟ ଏହି ମାସବ୍ୟାପୀ ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବେ। ଗ୍ରାମାଞ୍ଚଳ, ସହରାଞ୍ଚଳ, ଉଦ୍ୟୋଗ ତଥା ସମସ୍ତ କ୍ଷେତ୍ରରେ ଗ୍ରାହକମାନଙ୍କୁ ପୁନଃସଂଯୁକ୍ତ କରିବା ଏହି ପଦକ୍ଷେପର ଉଦ୍ଦେଶ୍ୟ ରହିଛି। ଚଳିତ ମାସରେ ବିଏସଏନଏଲ ଏହାର ସମସ୍ତ ମୋବାଇଲ ଗ୍ରାହକ, ଏଫଟିଟିଏଚ, ବ୍ରଡବ୍ୟାଣ୍ଡ, ଲ୍ୟାଣ୍ଡଲାଇନ ଏବଂ ଇବି ଗ୍ରାହକମାନଙ୍କୁ ସେମାନଙ୍କର ମତାମତ, ଅଭିଜ୍ଞତା ଏବଂ ପରାମର୍ଶ ବିଏସଏନଏଲ ଗ୍ରାହକ ସେବା କେନ୍ଦ୍ର, ବିଏସଏନଏଲ ୱେବ ସାଇଟ, ସୋସିଆଲ ମିଡିଆ ଚ୍ୟାନେଲ, ସ୍ୱତନ୍ତ୍ର ଗ୍ରାହକ ପୋର୍ଟାଲ ଜରିଆରେ ଦେବାପାଇଁ ପରାମର୍ଶ ଦେଇଛି।

# ଟିପିସିଓଡିଏଲ୍‌ର ସର୍ପେଶ୍ୱର ଫିଡର କାର୍ଯ୍ୟକ୍ଷମ

**ଭୁବନେଶ୍ୱର,୩।୪**

ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ କଟକ ବ୍ରଜବିହାରୀପୁର ଓପିଟିସିଏଲ ଗ୍ରୀଡ୍‌ଠାରୁ ନୂଆପାଟଣା ପର୍ଯ୍ୟନ୍ତ ଦୀର୍ଘ ୫.୪ କି.ମି . ଲମ୍ବର ୩୩ କେଭି ଫିଡର୍ ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଇଛି। ନୂତନ ଫିଡର୍ କାର୍ଯ୍ୟକ୍ଷମ ହେବା ଦ୍ୱାରା ସର୍ପେଶ୍ୱର, ଖୁଣ୍ଟୁଣୀ, ଆଠଗଡ ଓ ଗୁରୁଡ଼ିଝାଟିଆ ପ୍ରାଇମେରୀ ସବ୍‌ଷ୍ଟେଶନ୍ ଅନ୍ତର୍ଗତ ଅଞ୍ଚଳର ୩୦ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ଉନ୍ନତ ବିଦ୍ୟୁତ୍ ସେବା ପାଇପାରିବେ। ଗ୍ରାମାଞ୍ଚଳର ଉପଭୋକ୍ତାଙ୍କ ସମେତ ଅନେକ ଶିଳ୍ପାନୁଷ୍ଠାନ ଏହା ଦ୍ୱାରା ଉପକୃତ ହେବେ। ସେହିପରି ଏହି ଫିଡର୍ କାର୍ଯ୍ୟକ୍ଷମ ହେବା ଦ୍ୱାରା ଅଞ୍ଚଳର ଭୋଲ୍ଟେଜ୍ ସମସ୍ୟାର ସମାଧାନ ହୋଇ ପାରିବ। ଏହି ଫିଡର୍ ନିର୍ମାଣରେ ଅନେକ ପ୍ରତିବନ୍ଧକ ଥିଲା। ମହାନଦୀ ଉପରେ ନିର୍ମାଣ କାର୍ଯ୍ୟ କରିବାକୁ ପଡିଥିଲା। ଦୀର୍ଘ ୫.୪ କି.ମି. ମଧ୍ୟରୁ କେବଳ ମହାନଦୀ ମଧୁସୂଦନ ପୋଲର ଏକ ପାର୍ଶ୍ୱକୁ ଲାଗି ୨.୬ କିମି ଲମ୍ବର ଏହି ଫିଡର୍ ନିର୍ମାଣ କରାଯାଇଛି। ବେଶ୍ କଠିନ ପରିସ୍ଥିତିରେ ମଧୁସୂଦନ ପୋଲରେ ଏହି ନିର୍ମାଣ କାର୍ଯ୍ୟ କରାଯାଇଛି ଓ ଏଥି ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇଥିଲା। ନିର୍ମାଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦେଇ ଟିପିସିଓଡିଏଲ୍ ପକ୍ଷରୁ ନିର୍ମାଣ ସମୟରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ଏକ ସ୍ୱତନ୍ତ୍ର ବୋଟର ବ୍ୟବସ୍ଥା କରାଯାଇଥିଲା। ଗ୍ରୀଷ୍ମଋତୁରେ ଉପଭୋକ୍ତାଙ୍କ ବର୍ଦ୍ଧିତ ବିଦ୍ୟୁତ୍ ଚାହିଦାକୁ ଦୃଷ୍ଟିରେ ରଖି ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶକୁ ପ୍ରାଥମିକତା ଦିଆଯାଉଛି। ଏହି ଭିତ୍ତିଭୂମି ବିକାଶ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ବର୍ଷ ବର୍ଷ ଧରି ଲାଗି ରହିଥିବା ବିଦ୍ୟୁତ୍ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହୋଇଛି।

# ବର୍ଷକରେ ୭,୧୩୪ କୋଚ୍ ଉତ୍ପାଦନ

**ଭୁବନେଶ୍ୱର,୩।୪(ଅନୁରାଧା ମହାରଣା)**

ଭାରତୀୟ ରେଳପଥ ୨୦୨୪-୨୫ ଆର୍ଥିକ ବର୍ଷରେ ୭,୧୩୪ଟି କୋଚ୍ ନିର୍ମାଣ କରି ଏକ ମାଇଲଖୁଣ୍ଟ ହାସଲ କରିଛି। ଏହି ସଂଖ୍ୟା ଗତବର୍ଷ ୬,୫୪୧ କୋଚ୍ ଉତ୍ପାଦନ ତୁଳନାରେ ପ୍ରାୟ ୯% ଅଧିକ। ଗତ ଆର୍ଥିକ ବର୍ଷରେ ୪,୬୦୧ଟି ନନ୍-ଏସି କୋଚ୍ ଉତ୍ପାଦନ କରାଯାଇଥିଲା। ସୂଚନା ଥାଉକି, ଭାରତୀୟ ରେଳପଥର ୩ଟି କୋଚ୍ ନିର୍ମାଣ ୟୁନିଟ୍ ରହିଛି। ଏଥିରେ ତାମିଲନାଡୁର ଚେନ୍ନାଇରେ ଥିବା ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି (ଆଇସିଏଫ୍), ପଞ୍ଜାବର କପୁରଥଲାସ୍ଥିତ ରେଲ୍ କୋଚ୍ ଫ୍ୟାକ୍ଟ୍ରି (ଆର୍‌ସିଏଫ୍) ଏବଂ ଉତ୍ତରପ୍ରଦେଶର ରାଏବରେଲିରେ ଥିବା ମଡର୍ନ କୋଚ୍ ଫ୍ୟାକ୍ଟ୍ରି (ଏମ୍‌ସିଏଫ୍) ଅନ୍ତର୍ଭୁକ୍ତ। ୨୦୨୪-୨୫ ବର୍ଷରେ ଚେନ୍ନାଇସ୍ଥିତ ଇଣ୍ଟିଗ୍ରାଲ କୋଚ ଫ୍ୟାକ୍ଟ୍ରି ୩,୦୦୭ କୋଚ୍ ଉତ୍ପାଦନ କରିଛି, ଯାହା ପୂର୍ବ ଉତ୍ପାଦନ ରେକର୍ଡ ଭାଙ୍ଗିଛି। କୋଚ୍ ନିର୍ମାଣ କ୍ଷେତ୍ରରେ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି ୨୦୨୩-୨୪ ବର୍ଷରେ ୨୮୨୯ କୋଚ୍ ଉତ୍ପାଦନ କରିଥିବାବେଳେ ୨୦୨୪-୨୫ ବର୍ଷରେ ଆହୁରି ୧୭୮ଟି କୋଚ୍ ନିର୍ମାଣ ବୃଦ୍ଧି କରାଇ ୩,୦୦୭ କୋଚ୍ ଉତ୍ପାଦନ କରିଛି। ସେହିଭଳି ଆର୍‌ସିଏଫ୍ କପୁରଥଲା ୨୦୨୩-୨୪ ବର୍ଷରେ ୧୯୦୧ କୋଚ୍ ଉତ୍ପାଦନ କରିଥିବାବେଳେ ୨୦୨୪-୨୫ ବର୍ଷରେ ୨୧୦୨ଟି କୋଚ୍ ନିର୍ମାଣ କରିଛି। ୨୦୦୪ରୁ ୨୦୧୪ ମଧ୍ୟରେ ପ୍ରତିବର୍ଷ ହାରାହାରି ପ୍ରାୟ ୩,୩୦୦ କୋଚ୍ ଥିଲା। ୨୦୧୪ରୁ ୨୦୨୪ ମଧ୍ୟରେ କୋଚ୍ ଉତ୍ପାଦନ ସଂଖ୍ୟା ୫୪,୮୦୯ରେ ପହଞ୍ଚିଛି।

# ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ୯ମ ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ଅବସରରେ ନିମନ୍ତ୍ରିତ ଅତିଥି ଏବଂ ବିଶ୍ୱବିଦ୍ୟାଳୟର ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୩।୪**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ୯ମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀ ଓ ଅନ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ଅହମ୍ମଦାବାଦ ୟୁନିଭର୍ସିଟିର ଏକ୍‌ଜିକ୍ୟୁଟିଭ ପ୍ରୋଭୋଷ୍ଟ ଏବଂ ଆଇଆଇଏମ୍ ବାଙ୍ଗାଲୋର ଏବଂ ଆଇଆଇଏମ୍ ଅହମ୍ମଦାବାଦର ପୂର୍ବତନ ପ୍ରଫେସର ଦେବନାଥ ତିରୁପତି ପ୍ରତିଷ୍ଠା ଦିବସ ଉପରେ ନିଜର ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ। ଦେଶରେ ଉଚ୍ଚଶିକ୍ଷାର ବିକାଶ ଉପରେ ବିସ୍ତୃତ ବର୍ଣ୍ଣନା କରିବା ସହ ସ୍ୱାଧୀନତା ପୂର୍ବରୁ ଏବଂ ପରେ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ଏହାର ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ। ସେ ମଧ୍ୟ ଦେଶରେ ଶିକ୍ଷାର ଅଭିବୃଦ୍ଧି କ୍ଷେତ୍ରରେ ବିର୍ଲା ପରିବାରର ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଜିୟୁ କୁଳପତି ପ୍ରଫେସର କୁଳଭୂଷଣ ବାଲୁନି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ସହ ୟୁନିଭର୍ସିଟିର ପ୍ରତିଷ୍ଠାତାମାନଙ୍କର ପ୍ରଶଂସା କରିଥିଲେ। ବିଜିୟୁ ରେଜିଷ୍ଟ୍ରାର ଡ. ବି.କେ. ଦାସ ସ୍ୱାଗତ ଭାଷଣ ଦେଇଥିବା ସହ ୟୁନିଭର୍ସିଟି ପରିବର୍ତ୍ତନଶୀଳ ଯାତ୍ରା ଉପରେ ଗୁରୁତ୍ୱାରୋପକରି ଏହାର ଅଭିବୃଦ୍ଧି ଓ ସଫଳତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜିୟୁ ପକ୍ଷରୁ ୪୧ ଜଣ ଫାକଲ୍ଟି ଏବଂ କର୍ମଚାରୀଙ୍କୁ ସେମାନଙ୍କର ଦୀର୍ଘ ୧୦ ବର୍ଷର ସେବା ପାଇଁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ୟୁନିଭର୍ସିଟିର ମାଗାଜିନ୍ ଇନ୍ଦ୍ରଧନୁଷ୍‌ର ତୃତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ବିଜିୟୁ ଆସିଷ୍ଟାଣ୍ଟ ପ୍ରଫେସର ଲୋପାମୁଦ୍ରା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଜିୟୁ ପକ୍ଷରୁ ୪୧ଟି ବୃକ୍ଷରୋପଣ କରାଯାଇଥିଲା ଯାହା ପରିବେଶ ସୁରକ୍ଷା ଓ ସବୁଜ ଭବିଷ୍ୟତର ପ୍ରତୀକ ଥିଲା। ଏହି ପ୍ରତିଷ୍ଠା ଦିବସ ସମାରୋହ ବିଜିୟୁର ସମୃଦ୍ଧ ଐତିହ୍ୟ, ଶୈକ୍ଷିକ ଉତ୍କର୍ଷ ଓ ଶିକ୍ଷାଗତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।

# ଆଇଏମ୍‌ଆଇଟିରେ ୨ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୩।୪**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଇନ୍‌ଫର୍ମେଶନ ଟେକ୍ନୋଲୋଜି (ଆଇଏମ୍‌ଆଇଟି) କଟକର କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗ ଆନୁକୂଲ୍ୟରେ ଏକ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଭୁବନେଶ୍ୱରସ୍ଥିତ ୱାର୍ଲଡ ସ୍କିଲ୍ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଆଇଏମ୍‌ଆଇଟିର ଦ୍ୱିତୀୟ ଅନ୍ତର୍ଜାତୀୟ ସମ୍ମିଳନୀ ଏବଂ ଗବେଷଣା ଆଲୋଚନାଚକ୍ର 'ଇଣ୍ଟରନ୍ୟାଶନାଲ କନ୍‌ଫରେନ୍ସ ଅନ୍ କଟିଂ ଏଜ୍ ଟେକ୍ନୋଲୋଜି ଇନ୍ କମ୍ପ୍ୟୁଟିଂ, କମ୍ୟୁନିକେଶନ ଆଣ୍ଡ ଇଣ୍ଟେଲିଜେନ୍ସ(ଆଇସିସିଟିସିସିଆଇ-୨୦୨୫) ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି(ବିପିୟୁଟି) ରାଉରକେଲାର କୁଳପତି ପ୍ରଫେସର ଅମିୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଗୁରୁ ଘାସି ଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଲୋକ କୁମାର ଚକ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏପରିକି ଆଇଏମ୍‌ଆଇଟିର ଅଧ୍ୟକ୍ଷ ପ୍ରଫେସର ଡ. ମାନସ ରଞ୍ଜନ କବାଟ ସ୍ୱାଗତ ଅଭିଭାଷଣ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଚକ୍ରୱାଲ ଆଧୁନିକ ଜୀବନଶୈଳୀରେ ନୂତନ ପ୍ରଯୁକ୍ତିବିଦ୍ୟାର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ସୁକାନ୍ତ କୁମାର ପ୍ରଧାନ ପ୍ରଯୁକ୍ତି ବିଦ୍ୟାକୁ ସାମ୍ପ୍ରତିକ ସମସ୍ୟାର ସମାଧାନର ସୂତ୍ର ହିସାବରେ ବ୍ୟବହାର କରିବା ପାଇଁ ଉପସ୍ଥିତ ଗବେଷକ ଏବଂ ଶିକ୍ଷାର୍ଥୀମାନଙ୍କୁ ଉପଦେଶ ଦେଇଥିଲେ। ଅପରପକ୍ଷରେ ଜାପାନର ଟୋକିଓସ୍ଥିତ ରାକୁଟେନ କମ୍ପାନୀର ବରିଷ୍ଠ ଡାଟା ବୈଜ୍ଞାନିକ ଇଞ୍ଜିନିୟର କାଳିପଦ ତ୍ରିପାଠୀ ଏବଂ ମାଲେସିଆର କେଲାନ୍ତାନସ୍ଥିତ ୟୁନିଭର୍ସିଟି ଅଫ୍ ମାଲେସିଆର ସହଯୋଗୀ ପ୍ରଫେସର ଡ. ଜୁଲକର୍ଣ୍ଣ ଖିଡ ଜିରକିନୋଟ ବକ୍ତା ଭାବେ ଆଭାସି ମାଧ୍ୟମରେ ଯୋଗଦେଇ ଶିକ୍ଷାର ଗୁଣାତ୍ମକ ମାନ ଓ ଗବେଷଣାଜନିତ ଜ୍ଞାନର ଅଭିବୃଦ୍ଧି ନିମନ୍ତେ ଆଲୋଚନାଚକ୍ର ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ମୁଖ୍ୟ ଅତିଥି ପ୍ରଫେସର ଆଲୋକ କୁମାର ଚକ୍ରୱାଲଙ୍କ ଦ୍ୱାରା ସମ୍ମିଳନୀର 'ପ୍ରୋସିଡିଂସ ଅଫ୍ ଆବ୍‌ଷ୍ଟ୍ରାକ୍ଟସ' ଉନ୍ମୋଚିତ ହୋଇଥିଲା। ହାଇବ୍ରିଡ୍ ମୋଡ୍‌ରେ ହୋଇଥିବା ଏହି ସମ୍ମିଳନୀରେ କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ତଥା ସମ୍ମିଳନୀର ଆବାହକ ଡ. ଶୁଭେନ୍ଦ୍ର କୁମାର ଜୟସିଂହ ସଂଯୋଜନାକରି କର୍ମଶାଳାର ଆବଶ୍ୟକତା ବିଷୟରେ ମତବ୍ୟକ୍ତ କରିଥିଲେ। କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗର ସହଯୋଗୀ ପ୍ରଫେସର ତଥା ସହ ଆବାହକ ଡ. ଆଲୋକ ରଞ୍ଜନ ତ୍ରିପାଠୀ, ଅଧ୍ୟାପକ ଡ. ସତ୍ୟପ୍ରକାଶ ସ୍ୱାଇଁ,ଡ.କୁନାଲ ପଟ୍ଟନାୟକ ଅନ୍ୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନେ ମଞ୍ଚ ପରିଚାଳନା କରିଥିଲେ।



ପ୍ରଫେସର ଆଲୋକ କୁମାର ଚକ୍ରୱାଲଙ୍କ ସମେତ ଅନ୍ୟମାନେ ସମ୍ମିଳନୀର 'ପ୍ରୋସିଡିଂସ ଅଫ୍ ଆବ୍‌ଷ୍ଟ୍ରାକ୍ଟସ' ଉନ୍ମୋଚିତ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଡିଭିଜନ 'ଏ'ରେ ଓଡ଼ିଶା, ହରିୟାଣା

ଝାନ୍‌ସୀ, ୩।୪ (ପି.ଟି.)

ହକି ଇଣ୍ଡିଆ ଜାତୀୟ ସିନିୟର ପୁରୁଷ ଚାମ୍ପିୟନଶିପ୍‌ର ୧୫ତମ ସଂସ୍କରଣ ଏଠାରେ ଶୁକ୍ରବାରଠାରୁ ଖେଳାଯିବ। ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ନୂଆ ଫର୍ମାଟରେ ଖେଳାଯିବ। ପୁରୁଷ ଟୁର୍ନାମେଣ୍ଟ ପ୍ରଥମ ଥର ମେଜର ଧ୍ୟାନଚାନ୍ଦ ହକି ଷ୍ଟାଡିୟମରେ ପୁଣି ନୂଆ ୩ଡିଭିଜନ ବିଶିଷ୍ଟ ଫର୍ମାଟରେ ଅନୁଷ୍ଠିତ ହେବ। ମାର୍ଚ୍ଚରେ ଜାତୀୟ ସିନିୟର ମହିଳା ଚାମ୍ପିୟନଶିପ୍ ସମାନ ନୂଆ ଫର୍ମାଟରେ ଖେଳାଯାଇଥିଲା। ଘରୋଇ ପ୍ରତିଯୋଗିତାରେ ଏଣିକି ପ୍ରମୋଶନ ଓ ରିଲିଗେଶନ ଲଢ଼େଇ ସାମିଲ କରାଯାଇଛି। ଏହାକୁ ତିନୋଟି ଡିଭିଜନ 'ଏ', 'ବି' ଓ 'ସି'ରେ ବିଭକ୍ତ କରାଯାଇଛି। ଡିଭିଜନ 'ଏ'ରେ ଶ୍ରେଷ୍ଠ ଦଳଗୁଡ଼ିକ ସ୍ଥାନ ପାଇଛନ୍ତି। ଡିଭିଜନ 'ବି'ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ଆସନ୍ତା ସିଜନରେ ଡିଭିଜନ 'ଏ'ରେ ସ୍ଥାନ ପାଇବା ପାଇଁ ଚେଷ୍ଟା କରିବେ। ଡିଭିଜନ 'ବି'ରେ ଥିବା ଦଳଗୁଡ଼ିକ ପରବର୍ତ୍ତୀ ସଂସ୍କରଣରେ ଡିଭିଜନ 'ବି'ରେ ସ୍ଥାନ ପାଇବା ପାଇଁ ଚେଷ୍ଟା କରିବେ। ଡିଭିଜନ 'ବି' ଓ 'ସି' ମ୍ୟାଚଗୁଡ଼ିକ ଏପ୍ରିଲ ୪ରୁ ଆରମ୍ଭ ହେବାକୁଥିବା ବେଳେ ଡିଭିଜନ 'ଏ' ମ୍ୟାଚ ଏପ୍ରିଲ ୮ରୁ ଖେଳାଯିବ। ଡିଭିଜନ 'ଏ'ରେ ଗତଥରର ଚାମ୍ପିୟନ ଓ ରନର ଅପ୍ ହରିୟାଣା ସ୍ଥାନ ପାଇଛନ୍ତି। ବର୍ଷ ବର୍ଷ ଧରି ସେମାନଙ୍କ ଓଭରଅଲ୍ ପ୍ରଦର୍ଶନ ଭିତ୍ତିରେ ସେମାନଙ୍କୁ ସ୍ଥାନ ମିଳିଛି। ଡିଭିଜନ 'ଏ'ରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡ଼ିକ ହେଲେ ପଞ୍ଜାବ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ତାମିଲନାଡୁ, ବେଙ୍ଗଲ, ହକି କର୍ନାଟକ ଓ ପୁଡୁଚେରୀ।

### ନୂଆ ଫର୍ମାଟରେ ପୁରୁଷ ହକି ଆଜିଠାରୁ

HOCKEY INDIA

ସେମାନଙ୍କୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଦଳ ସେମାନଙ୍କ ଗ୍ରୁପ୍‌ର ପ୍ରତ୍ୟେକ ଦଳ ସହିତ ଥରେ ଲେଖାଏ ଖେଳିବେ। ଏହା ଏକମାତ୍ର ଡିଭିଜନ, ଯେଉଁଥିରେ ଏକ ନକ୍‌ଆଉଟ ପର୍ଯ୍ୟାୟ ରହିଛି। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ କ୍ୱାର୍ଟରଫାଇନାଲରେ ପ୍ରବେଶ କରିବେ। ଏହା ଏପ୍ରିଲ ୧୨ରେ ଖେଳାଯିବ। ଏପ୍ରିଲ ୧୩ରେ ସେମିଫାଇନାଲ ଏବଂ ଫାଇନାଲ ଓ ୩ୟ/୪ର୍ଥ ସ୍ଥାନ ପାଇଁ ମୁକାବିଲା ଏପ୍ରିଲ ୧୫ରେ ହେବ। ଡିଭିଜନ 'ଏ'ର ନିମ୍ନ ସ୍ଥାନରେ ରହିଥିବା ଦୁଇ ଦଳ ତଳପାହ୍ୟାକୁ ଖସି ପରବର୍ତ୍ତୀ ସଂସ୍କରଣରେ ଡିଭିଜନ 'ବି'ରୁ ଖେଳିବେ। ଡିଭିଜନ 'ବି'ରେ ସ୍ଥାନ ପାଇଥିବା ୧୦ଟି ଦଳ ଡିଭିଜନ 'ଏ'ରେ ସ୍ଥାନ ପାଇଁ ଲଢ଼େଇ କରିବେ। ଏଥିରେ ସ୍ଥାନ ପାଇଥିବା ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଏଥିରେ ଗୋଟିଏ ଗ୍ରୁପ୍‌ରେ ଚଣ୍ଡିଗଡ଼ ଗୋଆ, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, ଉତ୍ତରାଖଣ୍ଡ ସ୍ଥାନ ପାଇଥିବା ବେଳେ ଅନ୍ୟଟିରେ ଦିଲ୍ଲୀ, ମିଜୋରାମ, ଦାଦ୍ରା ନଗର ହାବେଳୀ ଓ ଡାମନ ଡିଉ, କେରଳ, ଆସାମ ଆଦି ସ୍ଥାନ ପାଇଛନ୍ତି। ଡିଭିଜନର 'ବି'ର ଶ୍ରେଷ୍ଠ ଦୁଇ ଦଳ ପଦୋନ୍ନତି ପାଇ ପରବର୍ତ୍ତୀ ସଂସ୍କରଣରେ ଡିଭିଜନ 'ଏ'ରୁ ଖେଳିବେ। ଡିଭିଜନ 'ସି'ରେ ୮ଟି ଦଳ ପ୍ରତିଯୋଗିତାରେ ଭାଗ ନେବେ। ସେମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗୋଟିଏ ଗ୍ରୁପ୍‌ରେ ରାଜସ୍ଥାନ, ଅରୁଣାଚଳ ପ୍ରଦେଶ, ଜମ୍ମୁ କଶ୍ମୀର ଓ ତ୍ରିପୁରା ରହିଥିବା ବେଳେ ଅନ୍ୟଟିରେ ଛତିଶଗଡ଼, ହିମାଚଳ ପ୍ରଦେଶ, ବିହାର ଓ ଗୁଜରାଟ ରହିଛନ୍ତି। ଡିଭିଜନ 'ସି'ର ଶ୍ରେଷ୍ଠ ଦୁଇ ଦଳ ଡିଭିଜନ 'ବି'କୁ ପଦୋନ୍ନତି ପାଇବେ। ତିନୋଟି ଡିଭିଜନରେ ପଏଣ୍ଟ ବ୍ୟବସ୍ଥା ସମାନ ରହିଛି। ଗୋଟିଏ ବିଜୟ ଲାଗି ୩ ଏବଂ ଡ୍ର ପାଇଁ ୧ପଏଣ୍ଟ ବ୍ୟବସ୍ଥା ରହିଥିବା ବେଳେ ପରାଜିତ ଦଳକୁ ପଏଣ୍ଟ ମିଳିବ ନାହିଁ।

# ମନୀଷ, ହିତେଶ, ଅବିନାଶ ସେମିରେ

ନୂଆଦିଲ୍ଲୀ, ୩।୪ (ପି.ଟି.)

ଭାରତର ମନୀଷ ରାଠୋର, ହିତେଶ ଓ ଅବିନାଶ ଜାମୱାଲ ସେମାନଙ୍କ କାଟେଗୋରୀରେ ବିଜୟ ସହ ବିଶ୍ୱକପ୍ ବକ୍ସିଂ ବ୍ରାଜିଲ ୨୦୨୫ର ସେମିରେ ପ୍ରବେଶ କରିଛନ୍ତି। ଜାମୱାଲ ୬୫ କେଜି କାଟେଗୋରୀରେ ଜର୍ମାନୀର ଡେନିସ ବ୍ରିଲ୍‌ଙ୍କୁ ଏକ ସର୍ବସମ୍ମତି ନିଷ୍ପତ୍ତିରେ ପରାସ୍ତ କରିଥିବା ବେଳେ ୭୦କେଜି କାଟେଗୋରୀରେ ହିତେଶ ସମାନ ଢଙ୍ଗରେ ଇଟାଲୀର ଗାବ୍ରିଏଲ୍ ଗୁଇଡି ରୋଣ୍ଟାନିଙ୍କୁ ହରାଇ ଦେଇଛନ୍ତି। ୫୫ କେଜି କାଟେଗୋରୀ ଲଢ଼େଇରେ ରାଠୋର ଅଷ୍ଟ୍ରେଲିଆର ୟୁସୁଫ୍ ଚୋଥିଆଙ୍କୁ ପରାସ୍ତ କରିଛନ୍ତି। ଦୁଇ ବକ୍ସରଙ୍କ ମଧ୍ୟରେ ୩ ରାଉଣ୍ଡ ଲଢ଼େଇ କଡ଼ା ଟକ୍କର ହୋଇଥିଲା। ୩ଜଣ ଜଜ୍ ରାଠୋରଙ୍କ ସପକ୍ଷରେ ମତ ଦେଇଥିବା ବେଳେ ଦୁଇଜଣ ସମାନ ପଏଣ୍ଟ ଦେଇଥିଲେ। ସେମିଫାଇନାଲରେ ରାଠୋର କାଜାଖସ୍ତାନର ନୁର୍‌ସୁଲ୍‌ତାନ ଅଲ୍‌ଟିନବେକ୍‌ଙ୍କୁ ଭେଟିବାକୁ ଥିବା ବେଳେ ହିତେଶ ମାକାନ ଟ୍ରାଓରଙ୍କୁ ଏବଂ ଜାମୱାଲ ଇଟାଲୀର ଜିଆନଲୁଇଗି ମାଲାଙ୍ଗାଙ୍କ ସହ ଲଢ଼େଇ କରିବେ।

# ଚତୁର୍ଥ ରାଉଣ୍ଡ ସୁଦ୍ଧା କିଶନ ଅଗ୍ରଣୀ



ସୌନ୍ଦର୍ଯ୍ୟ କୁମାର ପ୍ରଧାନ ଓ କ୍ରିଷ୍ଣା ଉଦୁପାଙ୍କ ମଧ୍ୟରେ ମୁକାବିଲା।

### ଜାତୀୟ ଦୃଷ୍ଟିବାଧିତ ଚେସ୍

ଭୁବନେଶ୍ୱର, ୩।୪ (ତପନ ସ୍ୱାଇଁ)

ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ (ଏଆଇସିଏଫ୍‌ବି) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଫର୍ ଭିଜୁଆଲି ଚ୍ୟାଲେଞ୍ଜ୍‌ଡ (ଓସିଏଭିସି)ର ମିଳିତ ଆନୁକୂଲ୍ୟରେ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲ ପରିସରରେ ଚାଲିଥିବା ୧୮ଶ ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାମ୍ପିୟନଶିପ୍‌ର ୨ ରାଉଣ୍ଡ ଖେଳ ଗୁରୁବାର ଅନୁଷ୍ଠିତ ହୋଇଛି। ଚତୁର୍ଥ ରାଉଣ୍ଡ ଖେଳ ଶେଷରେ କର୍ନାଟକର କିଶନ ଗାଙ୍ଗୋଲି ପୂରା ୪ ପଏଣ୍ଟ ପାଇ ଏକକ ଅଗ୍ରଣୀ ଲାଭ କରିଛନ୍ତି। ଗୁଜରାଟର ଦର୍ପନ ଇନାନୀ, ମହାରାଷ୍ଟ୍ରର ଆର୍ଯ୍ୟନ ବି. ଜୋଶୀ ଓ ଦିଲ୍ଲୀର ସୋମେନ୍ଦର ବି.ଏଲ୍. ୩.୫ ପଏଣ୍ଟ ଲେଖାଏ ପାଇ ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଶାର ଦୁଇ ଭ୍ରାତା ସୌନ୍ଦର୍ଯ୍ୟ କୁମାର ପ୍ରଧାନ ଓ ପ୍ରାଚୁର୍ଯ୍ୟ କୁମାର ପ୍ରଧାନଙ୍କ ସମେତ ୬ ଖେଳାଳି ୩ ପଏଣ୍ଟ ଲେଖାଏ ପାଇଛନ୍ତି। ଓଡ଼ିଶାର ଅନ୍ୟ ଖେଳାଳିଙ୍କ ମଧ୍ୟରେ ଶୁଭେନ୍ଦୁ କୁମାର ପାତ୍ର ୨.୫ ଓ ଦୀପକ କୁମାର ଭୋଇ ୧ ପଏଣ୍ଟ ପାଇଛନ୍ତି। ଆଇଆରଏସ୍ ଦିଲୀପ ସାମନ୍ତରାୟ ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ରାଉଣ୍ଡ ଖେଳର ଶୁଭାରମ୍ଭ କରିଥିଲେ। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତା ୬ ତାରିଖରେ ଉଦ୍‌ଯାପିତ ହେବ।

# ବାଲେଶ୍ୱର, କେନ୍ଦ୍ରାପଡ଼ା, ଭଦ୍ରକ, ଗଞ୍ଜାମ, ସୋନପୁର ବିଜୟୀ

ଭୁବନେଶ୍ୱର, ୩।୪ (ବିଜୟ ରଣା)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲା ସିନିୟର ପୁରୁଷ କ୍ରିକେଟ ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁବାର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚଗୁଡ଼ିକରେ ବାଲେଶ୍ୱର, ସୋନପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଗଞ୍ଜାମ ଓ ସମ୍ବଲପୁର 'ବି' ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି।

କଟକର ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ବାଲେଶ୍ୱର ୬୧ ରନରେ ଝାରସୁଗୁଡ଼ାକୁ ପରାସ୍ତ କରିଛି। ଏଥିରେ ଶ୍ରେଷ୍ଠ ଖେଳାଳି ବିବେଚିତ କମଲେଶ ପାତ୍ର ୧୬ ରନ ବିନିମୟରେ ୩ ଉଇକେଟ ନେଇଛନ୍ତି।

ରେଭେନ୍ସା ଗ୍ରାଉଣ୍ଡ-୨ରେ ଶୁଭମ ବିସ୍ତଙ୍କ ଅଲରାଉଣ୍ଡ ପ୍ରଦର୍ଶନ ସହାୟତାରେ ସୋନପୁର ୯୦ରନରେ ବରଗଡ଼କୁ


ଅଭିନବ ନନ୍ଦ


ଶୁଭମ ବିସ୍ତ

ହରାଇ ଦେଇଛି। ଶୁଭମ ୭୪ ରନ (୫୦ ବଲ୍) କରିଥିବା ବେଳେ ୩୧ ରନ ଦେଇ ୪ଉଇକେଟ ନେଇଛନ୍ତି। ରେଭେନ୍ସା ଗ୍ରାଉଣ୍ଡ-୧ରେ ମାଲକାନଗିରି ବିପକ୍ଷରେ କେନ୍ଦ୍ରାପଡ଼ା ୨୭ ରନରେ ବିଜୟ ହାସଲ କରିଛି। ବିଜୟୀ ଦଳର ଅଭିଜିତ ରାଉତ ୧୭ରନ ବିନିମୟରେ ୩ ଉଇକେଟ ହାସଲ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛି।

ସେହିପରି ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଭଦ୍ରକ ୨୭ ରନରେ ଢେଙ୍କାନାଳକୁ ପରାସ୍ତ କରିଛି। ଏଥିରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କ୍ଷମାସାଗର ବଳ ୩୬ ରନ ବିନିମୟରେ ୪ ଉଇକେଟ ନେଇଛନ୍ତି। ସନ୍‌ସାଇନ ଗ୍ରାଉଣ୍ଡରେ ଗଞ୍ଜାମ ୩ ଉଇକେଟରେ କିଟ୍‌କୁ ହରାଇ ଦେଇଛି। ଏଥିରେ ବିଜୟୀ ଦଳର କାଳିଆ ସାହୁ ୩୨ ରନରେ ୪ ଉଇକେଟ ହାସଲ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

### କଳାହାଣ୍ଡି କପ୍ କ୍ରିକେଟ

ସେହିପରି ରେଲୱେ ଷ୍ଟାଡିୟମ ଗ୍ରାଉଣ୍ଡରେ ରାୟଗଡ଼ା ବିପକ୍ଷରେ ସମ୍ବଲପୁର 'ବି' ୨୦୯ରନରେ ବୃହତ୍ ବିଜୟ ହାସଲ କରିଛି। ଏଥିରେ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ବିଜୟୀ ଦଳର ଅଭିନବ ନନ୍ଦ ୫୬ରନ କରିବା ସହ ୧୮ରନ ବିନିମୟରେ ୪ ଉଇକେଟ ହାସଲ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

## Classified Everyday
0674-2580101, 9692975378


AUTOMOBILE SALE

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D-76254

Tata Ultra 41 Seater Bus for sale. Contact Details: 7077714312. D-026


REAL ESTATE SALE

Duplex sale with gated Society near AIIMS Hospital, Bhubaneswar. 9777433701. D-76253

Independent house valued 1.5 crore near K.E.C, Uttara Square, Bhubaneswar. Call- 8917520527. D-015

HEALTH CARE

Positively health benefited spa by expert female therapist, Bapujinagar. 8018429809 D-76906

AFFIDAVIT

By virtue of an affidavit sworn before Executive Magistrate, Cuttack, I, Rita Biswal, Gatirautpatana, Cuttack changed my sur name Nayak to Biswal. Henceforth, I shall be known as Rita Biswal for all purpose. D-021

By virtue of an affidavit sworn before the Executive Magistrate, Dharmasala, Dated 03.04.2025, I, Khirabdhi Tanaya Mallick, Address: At-Narasinghapur, P.O.- Nahangapatana, P.S.- Dharmasala, Dist.-Jajpur, Odisha-755008 declare that I have changed my name from Khirabdhi Tanaya Mallik to Khirabdhi Tanaya Mallick. Henceforth, I shall be known as Khirabdhi Tanaya Mallick for all purposes. D-022

I, Saban Murmu, S/o-Late Bhagan Murmu, resident of At/P.O.-Gholmunha, P.S.- Morada, Dist.- Mayurbhanj, PIN-757018, Odisha declare by this affidavit No.- 2084 dt. 02.04.2025. My actual name is "Saban Murmu" as mentioned in the respective Caste Certificate vide No.- ESTO/2024/742175. In the Aadhaar card bearing No. xxxx xxxx 6823 it has been wrongly mentioned as "DL Murmu." But both are same person belongs to my name. D-023

By virtue of an affidavit sworn before the Executive Magistrate, Uditnagar, Rourkela, I, Jamrit Dung Dung resident of Village Jaidega, P.O.- Jhunmur, P.S.- Raiboga, Dist.- Sundargarh, Odisha-770033 declare that my name has been wrongly mentioned as Zamrick Dung Dung instead of Jamrit Dung Dung in my Aadhaar Card bearing No.- xxxx xxxx 2413. Hence, this affidavit I shall be known as Jamrit Dung Dung for all future purposes. D-024

By virtue of an affidavit sworn before dated 02.04.2025, I Langa Dindrigudaka, At- Grahibandha, P.O.- Siriguda, Dist.- Rayagada, I have changed my daughter's name Kaberi Dindrigudaka to Tara Dindrigudaka. Today onwards she will be known as Tara Dindrigudaka for all purpose.
Langa Dindirigudaka
D-017

I, Ajay Prasad Pattanaik S/o-Late Godavari Prasad Pattanaik, resident of Plot No.- 303, Ganga Nagar, Ekamra Marg, Unit- 6, Bhubaneswar- 751001, Dist.-Khurda, Odisha declare by this affidavit No.- 72AA878086, Dated- 03.04.2025 that now onwards I shall be known as Ajaya Prasad Pattanaik for all future purposes. D-027

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


✓ସହଦେବ ଜେନା
ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ: ୦୫.୦୩.୧୯୩୭,
ତିରୋଧାନ: ୨୫.୦୩.୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ । ଆପଣଙ୍କର ଶୋକାପ୍ଳୁତ ସନ୍ତୋଷ କୁମାର ଜେନା, ସରୋଜ କୁମାର ଜେନା, ସଞ୍ଜୟ କୁମାର ଜେନା, କୁଟୁମ୍ବ ଓ ଶୋକସନ୍ତପ୍ତ ପରିବାରବର୍ଗ ।

ଏକାଦଶାହ ଉପଲକ୍ଷେ


✓ ପଦ୍ମାବତୀ ବିଶ୍ୱାଳ
ଆବିର୍ଭାବ : ୧୯୩୮
ତିରୋଧାନ : ୨୫.୦୩.୨୦୨୫
ବୋଉ ଆପଣଙ୍କର ଆଦର୍ଶ, ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା, ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିବ । ଆଜି ଏକାଦଶାହରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ଦିବାକର ବିଶ୍ୱାଳ, ମାନସ ରଞ୍ଜନ ବିଶ୍ୱାଳ, ବିନୋଦ କୁମାର ବିଶ୍ୱାଳ, ସୃଷ୍ଟିଧର ବିଶ୍ୱାଳ, ସନ୍ଧ୍ୟାରାଣୀ ଓ ପରିବାରବର୍ଗ
ଧ-୦୧୨

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ


ସ୍ୱର୍ଗତା ସସ୍ମିତା ରାଉତରାୟ
ଶ୍ରୀହରି ବିହାର, ରାଉତରାୟ
ଆବିର୍ଭାବ: ୦୬।୦୬।୧୯୬୨
ତିରୋଧାନ: ୨୫।୦୩।୨୦୨୫
ବୋଉଲୋ, ତୁ ଚାଲିଗଲୁ ଅଫେରନ୍ତା ପଥର ପଥିକଟିଏ ହୋଇ। ଅନେକ ଅଳି ଅର୍ଦଳି ସହି ଆମକୁ ଶାବକରୁ ଯୁବକ କରିଥିଲୁ। ଆମକୁ ଅନେକ ବାତ୍ସଲ୍ୟତା ଦେଇ ମଣିଷ କଲୁ, କିନ୍ତୁ ଆମଠାରୁ କିଛି ପାଇବା ବେଳକୁ କାଳ ରୋଗଟା ତୋତେ ଆମଠାରୁ ଛଡ଼େଇ ନେଲା। ତୋର ସେ ବାତ୍ସଲ୍ୟତାକୁ ସ୍ମରଣ କରି ପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ ତୋ ଆତ୍ମାକୁ ଶାନ୍ତି ମିଳୁ।
ପୁଅ, ବୋହୂ, ଝିଅ, ଜ୍ୱାଇଁ, ପୁତୁରା, ପୁତୁରାବୋହୂ ଓ ଆତ୍ମୀୟସ୍ୱଜନ
ଧ-୦୧୨

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


✓ନୀଳମାଧବ ମହାପାତ୍ର
ତୁଷୁରା, ବଲାଙ୍ଗୀର,
ଆବିର୍ଭାବ: ୦୪।୦୫।୧୯୫୭
ତିରୋଧାନ: ୨୭।୦୩।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରର୍ଥନା।
ତା୦୫।୦୪।୨୦୨୫ ଶନିବାର– ଦଶାହ
ତା୦୬।୦୪।୨୦୨୫ ରବିବାର– ଶୁଦ୍ଧକ୍ରିୟା
ଶୋକାର୍ତ୍ତକ: ଡ. ସମରେନ୍ଦ୍ର ମହାପାତ୍ର ଏବଂ ମହାପାତ୍ର ପରିବାରବର୍ଗ ।
ଧ-୦୨୫

### ରାଜ୍ୟ ଖବର

# ୨୨ ବିଭାଗରେ ୧୮.୪୫ କୋଟି ଆତ୍ମସାତ୍

ଭୁବନେଶ୍ୱର,୩।୪ (ରବିନାରାୟଣ ଜେନା)

### ସିଏଜି ରିପୋର୍ଟ
### ଜଳସମ୍ପଦ ବିଭାଗରେ ସର୍ବାଧିକ ୨୨୦ ମାମଲା

ରାଜ୍ୟ ସରକାରଙ୍କ ୨୨ଟି ବିଭାଗରେ ପ୍ରାୟ ୧୯କୋଟି ଟଙ୍କା ଚୋରି ତଥା ଆତ୍ମସାତ୍ ହୋଇଛି। ହେଲେ ସଂପୃକ୍ତ ବିଭାଗ ପକ୍ଷରୁ ଆତ୍ମସାତ୍‌ରେ ଲିପ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଏପର୍ଯ୍ୟନ୍ତ ତଦନ୍ତ ଶେଷ ହେଉ ନାହିଁ କି ଆପରାଧିକ ମାମଲା ରୁଜୁ ହୋଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତେବେ ୪୯୦ଟି ମାମଲା ୨୫ବର୍ଷ ପୁରୁଣାର ହୋଇଥିଲେ ହେଁ ତାହା ଏବେ ବି ସରକାରୀ ନଥିରେ ଗଡୁଛି ବୋଲି ସିଏଜିଙ୍କ ପକ୍ଷରୁ କୁହାଯାଇଛି।

ବୁଧବାର ଖବରଦାତା ସମ୍ମିଳନୀରେ ସିଏଜିଙ୍କ ପକ୍ଷରୁ ମହାଲେଖାକାର ଅତୁଲ୍ୟ ପ୍ରକାଶ କହିଥିଲେ, ଓଜିଏଫ୍‌ଆର୍ ନିୟମକୁ ୨୨ଟି ବିଭାଗରେ ଠିକଣା ଭାବେ କାର୍ଯ୍ୟକାରୀ ହୋଇନାହିଁ। ସରକାରଙ୍କ ନିୟମ ଅନୁଯାୟୀ, ଯେଉଁଠାରେ ୫୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ଅର୍ଥ ସରକାରୀ ଅଧିକାରୀମାନେ ଅର୍ଥ, ବିଭାଗୀୟ ରାଜସ୍ୱ, ଷ୍ଟୋର କିମ୍ବା ଅନ୍ୟାନ୍ୟ ସମ୍ପତ୍ତି ହାନି କରିଥିବେ ସେକ୍ଷେତ୍ରରେ ତୁରନ୍ତ ବରିଷ୍ଠ ଅଧିକାରୀ ତଥା ମହାଲେଖାକାରଙ୍କୁ ଜଣାଇବାର ଅଧିକାର ରହିଛି। ଏହାବ୍ୟତୀତ ଉପରୋକ୍ତ ନିୟମ ଅନୁଯାୟୀ, ଅବକ୍ଷୟ ଏବଂ କ୍ଷତିର ମାମଲାଗୁଡ଼ିକ ସିଏଜିକୁ ରିପୋର୍ଟ କରିବାର ଆବଶ୍ୟକତା ଅଛି। ହେଲେ ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ଦେଖାଗଲା ଯେ ୧୮.୪୫କୋଟି ଟଙ୍କା ଆତ୍ମସାତ୍ ତଥା ଚୋରି ହୋଇଛି। ୭୧୧ଟି ମାମଲା ଏପର୍ଯ୍ୟନ୍ତ ବିଚାରାଧୀନ ରହିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୩୩ଟି ମାମଲା ୫ରୁ ୧୦ବର୍ଷ ହେଲା ବିଭାଗଗୁଡ଼ିକରେ ଗଡୁଥିବାବେଳେ ୧୦ଟି ମାମଲା ୧୦ରୁ ୧୫ ବର୍ଷ ମଧ୍ୟରେ ରହିଛି। ସେହିପରି ୧୫ରୁ ୨୦ ବର୍ଷ ମଧ୍ୟରେ ୫୨ଟି ମାମଲା ଗଡୁଥିବାବେଳେ ୨୦ରୁ ୨୫ବର୍ଷ ମଧ୍ୟରେ ୧୨୬ଟି ମାମଲା ରହିଛି।

ଅତୁଲ୍ୟ କହିଛନ୍ତି, ସମୁଦାୟ ୭୧୧ ମାମଲା ମଧ୍ୟରୁ ୪କୋଟି ଟଙ୍କାର ୩୮୯ଟି ମାମଲା ସରକାରୀ ଟଙ୍କା ଚୋରି ସମ୍ପର୍କିତ ରହିଥିବାବେଳେ ଅବଶିଷ୍ଟ ସରକାରୀ ଅର୍ଥର ଆତ୍ମସାତ୍ ସହ ଜଡ଼ିତ। ତଥ୍ୟ ଅନୁଯାୟୀ, ଜଳସମ୍ପଦ ବିଭାଗରେ ସରକାରୀ ଅର୍ଥ ଚୋରି ମାମଲା ସର୍ବାଧିକ ୨୨୦ଟି ରହିଥିବାବେଳେ ନିର୍ମାଣ ବିଭାଗରେ ୮୧, କୃଷି ବିଭାଗରେ ୬୪, ଜଙ୍ଗଲ ଓ ପରିବେଶ ବିଭାଗରେ ୪୫, ଗ୍ରାମ୍ୟ ଉନ୍ନୟନ ବିଭାଗରେ ୫୩ଟି ମାମଲା ରହିଛି। ଏଥିସହିତ ରାଜସ୍ୱ, ଆଇନ, ଶକ୍ତି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଏମ୍‌ଏସ୍‌ଏମ୍‌ଇ, ଅନୁସୂଚିତ ଜାତି ଓ ଜନଜାତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବାଣିଜ୍ୟ ଓ ପରିବହନ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ପଞ୍ଚାୟତିରାଜ, ଗୃହ, ନଗର ଉନ୍ନୟନ ପ୍ରଭୃତି ବିଭାଗରେ ବିପୁଳ ପରିମାଣର ଟଙ୍କା ସରକାରୀ ଅଧିକାରୀମାନେ ଚୋରି କରିଛନ୍ତି। ଏହାକୁ ନେଇ କେତେକ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲେ ମଧ୍ୟ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାବେଳେ ଆଉ କେତେକ ବିଭାଗରେ ଆପରାଧିକ ପ୍ରକ୍ରିୟା ବୃତାନ୍ତ ହୋଇ ମଧ୍ୟ ଟଙ୍କା ପୁନରୁଦ୍ଧାର ବିଚାରାଧୀନ ରହିଛି ବୋଲି ଅତୁଲ୍ୟ କହିଛନ୍ତି।

# ବଧୂହତ୍ୟା ଅଭିଯୋଗ

ଭୋଗରାଇ, ୩।୪(ପ୍ରଦୀପ ଦାସ)

### ମୃତା ମହିଳା ୩ ମାସର ଗର୍ଭବତୀ

ବାଲେଶ୍ୱର ଜିଲା ଭୋଗରାଇ ଥାନା ଭୋଗରାଇ ମୌଲାନା ବସ୍ତିରେ ବୁଧବାର ଜଣେ ନବବଧୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ବାପଘର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି କମର୍ଦ୍ଦା ପୋଲିସ ମାମଲା(ନଂ.୫୨/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତ ମହିଳା ହେଲେ କଟୁଆଡ଼ି ଗ୍ରାମର ଚନ୍ଦନ ସିଂଙ୍କ ସ୍ତ୍ରୀ ବନ୍ଦନା ସିଂ। ସେ ୩ ମାସର ଗର୍ଭବତୀ ଥିଲେ। ନୀଳପୁରା ଗ୍ରାମର ରବୀନ୍ଦ୍ର ସିଂଙ୍କ ଝିଅ ବନ୍ଦନାଙ୍କୁ ଚନ୍ଦନ ୨୦୨୪ରେ ବିବାହ କରିଥିଲେ। ଚନ୍ଦନ ଅନ୍ୟ ରାଜ୍ୟକୁ କାମ କରିବାକୁ ଯିବାପରେ ଶାଶୁ, ଶ୍ୱଶୁର ଓ ଦେଢ଼ଶୁର ବନ୍ଦନାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଗୁରୁବାର ବନ୍ଦନାଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଥିଲା। ଶାଶୁଘର ଲୋକେ ତାଙ୍କୁ ହତ୍ୟା କରଥିବା ଏତଲାରେ ଦର୍ଶାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଆଇପିଏଲ୍‌ର ଯୁବ ପ୍ରତିଭା

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୮ଶ ସଂସ୍କରଣ ୨ ସପ୍ତାହ ଅତିକ୍ରମ କରିଛି । ଇତିମଧ୍ୟରେ କେତେଜଣ ଯୁବ ପ୍ରତିଭା ସୁଯୋଗ ପାଇଥିବାବେଳେ ଆଉ କେତେକେ ଅପେକ୍ଷାରେ ରହିଛନ୍ତି । ଆଇପିଏଲ୍‌ର ପ୍ରତିଭାସମ୍ପନ୍ନ କେତେଜଣ ଯୁବ ପ୍ରତିଭାଙ୍କୁ ନେଇ ଏହି ଉପସ୍ଥାପନା...



ନିର୍ମଳ କୁମାର ମିଶ୍ର

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୮ଶ ସଂସ୍କରଣ ଇତିମଧ୍ୟରେ ୨ ସପ୍ତାହ ଅତିକ୍ରମ କରିଛି । ପ୍ରତିଯୋଗିତା ଆଗକୁ ବଢ଼ିବା ସହ ମୁକାବିଲା କ୍ରମେ ରୋମାଞ୍ଚକ ହେବାରେ ଲାଗିଛି । ଅନେକ ଯୁବ ପ୍ରତିଭା ପ୍ରଭାବୀ ପ୍ରଦର୍ଶନ ମାଧ୍ୟମରେ ଚର୍ଚ୍ଚାକୁ ଆସିଥିବାବେଳେ ଆଉ କେତେକ ସୁଯୋଗ ଅପେକ୍ଷାରେ ରହିଛନ୍ତି । ଖେଳାଳି ନିଲାମ ସମୟରେ ଫ୍ରାଞ୍ଚାଇଜମାନେ ଯୁବ ପ୍ରତିଭାଙ୍କ ପ୍ରତି ବିଶେଷ ଆଗ୍ରହ ଦେଖାଇଥିଲେ । ସେଥିରୁ ଅନେକ ସେମାନଙ୍କ ଫ୍ରାଞ୍ଚାଇଜ୍‌କୁ ନିରାଶ କରିନାହାନ୍ତି । ଆରମ୍ଭରୁ ଖୁବ୍ ଭଲ ପ୍ରଦର୍ଶନ କରିଛନ୍ତି । ସେମାନଙ୍କ ମଧ୍ୟରେ ରହିଛନ୍ତି କେରଳର ୨୪ ବର୍ଷୀୟ ମିଷ୍ଟ୍ରି ସ୍ପିନର ବିଘ୍ନେଶ ପୁଥୁର । ଚେନ୍ନାଇ ଚେପକ ଷ୍ଟାଡିୟମରେ ଏହି ଯୁବ ସ୍ପିନରଙ୍କର ଚମତ୍କାର ବୋଲିଂ ଯଦିବା ମୁମ୍ବାଇ ଇଣ୍ଡିଆନ୍ସକୁ ବିଜୟ ଦେଇପାରି ନ ଥିଲା, ତଥାପି ତାଙ୍କର ଦକ୍ଷତା ମହେନ୍ଦ୍ର ସିଂ ଧୋନୀଙ୍କ ସମେତ ଅନେକ ସିନିୟର ଖେଳାଳିଙ୍କୁ ବେଶ୍ ପ୍ରଭାବିତ କରିଥିଲା । ୩ଟି ଉଇକେଟ୍ ନେଇ ସେ ଚର୍ଚ୍ଚାରେ ରହିଥିଲେ । ତାଙ୍କର ଏହି ପ୍ରଦର୍ଶନ ଫ୍ୟାନ୍‌ମାନଙ୍କୁ ବେଶ୍ ପ୍ରଭାବିତ କରିଥିଲା । ଜଣେ ଉଦୀୟମାନ ଖେଳାଳିଭାବେ ବାମହାତୀ ସ୍ପିନ ଯାଦୁ ମାଧ୍ୟମରେ ବ୍ୟାଟର୍ସଙ୍କ ଦବ୍‌ଦବା ଥିବା ପିଚ୍‌ରେ ମଧ୍ୟ ସେ ସଫଳ ରହିଥିଲେ । କେରଳ ଟି୨୦ ମ୍ୟାଚଗୁଡ଼ିକରେ ଭଲ ଖେଳି ସେ ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜର ଦୃଷ୍ଟି ଆକର୍ଷଣ କରିଥିଲେ । ନିଜର ପ୍ରଥମ ମ୍ୟାଚରେ ସେ ଋତୁରାଜ ଗାଏକ୍ୱାର୍ଡ, ଶିଭମ ଦୁବେ ଓ ଦୀପକ ହୁଡାଙ୍କ ଉଇକେଟ ନେଇ ଚେନ୍ନାଇ ଶିବିରରେ ନୈରାଶ୍ୟ ଖେଳାଇ ଦେଇଥିଲେ । ନିଜର ଅନ୍‌ଅର୍ଥୋଡକ୍ସ ବୋଲିଂ ପାଇଁ ବେଶ୍ ଜଣାଶୁଣା ପୁଥୁର ତାଙ୍କ ବୋଲିଂ ଶୈଳୀରେ ଭିନ୍ନତା ଯୋଗୁ ବଡ ନାମୀ ବ୍ୟାଟର୍ସଙ୍କୁ ବେଶ୍ ଅସୁବିଧାରେ ପକାଇବାର ଦେଖାଯାଏ । ଶ୍ରୀଲଙ୍କାର ଷ୍ଟାର ସ୍ପିନର ଅଜନ୍ତା ମେଣ୍ଡିସଙ୍କ ବୋଲିଂ ଶୈଳୀର କାର୍ବନ କପି ରୂପେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି ।

ତାଙ୍କ ବୋଲିଂରେ ବିବିଧତା ପ୍ରତିପକ୍ଷ ବ୍ୟାଟରମାନଙ୍କୁ ବିଶେଷ ଅସୁବିଧାରେ ପକାଇଥାଏ । ସେ ଗୋଟିଏ ଓଭରରେ ଲେଗବ୍ରେକ୍, ଅଫ୍ ବ୍ରେକ, ଗୁଗ୍‌ଲି ଓ ଟପ୍ ସ୍ପିନ ବୋଲିଂ କରିବାର ଦକ୍ଷତା ରଖିଛନ୍ତି । ସଞ୍ଜୁ ସାମ୍‌ସନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିବା ଜଣେ ଅଟୋରିକ୍ସା ଚାଳକଙ୍କ ପୁଅ ଏବେ ସମସ୍ତଙ୍କ ହୃଦୟ ଜିତିବାରେ ସକ୍ଷମ ହୋଇଛନ୍ତି ।

ଆଉ ଜଣେ ଯୁବ ପ୍ରତିଭା ହେଲେ ବୈଭବ ସୂର୍ଯ୍ୟବଂଶୀ । ରାଜସ୍ଥାନ ରୟାଲସ ଫ୍ରାଞ୍ଚାଇଜ ତାଙ୍କୁ ୧.୧ କୋଟିରେ ନିଜ ଦଳରେ ସାମିଲ କରିଛି । ବିହାରର ଏହି ବାମହାତୀ ବ୍ୟାଟରଙ୍କ ବୟସକୁ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଥିବାବେଳେ ସେ ଆଇପିଏଲ୍ ଡେବ୍ୟୁ ଅପେକ୍ଷାରେ ରହିଛନ୍ତି । ମାତ୍ର ୧୨ବର୍ଷ ବୟସରେ ବିହାର ପାଇଁ ରଣଜୀ ଟ୍ରଫି ଖେଳିବା ଆରମ୍ଭ କରିଥିଲେ । ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ୫୮ ବଲରେ ଶତକ ହାସଲ କରି ସେ ଚର୍ଚ୍ଚାରେ ରହିଥିଲେ । ଆଇପିଏଲ ଇତିହାସରେ ସର୍ବକନିଷ୍ଠ ଖେଳାଳି ଭାବେ ଇତିହାସ ରଚିବାକୁ ଯାଉଥିବା ବୈଭବଙ୍କର ବୟସ ଏବେ ୧୪ ବର୍ଷ । ଏହି ଯୁବ ପ୍ରତିଭାବାନ ଖେଳାଳି ବାମହାତୀ ଅର୍ଥଡୋକ୍ସ ବୋଲିଂ କରିବାର ମଧ୍ୟ ଦକ୍ଷତା ରଖିଛନ୍ତି । ଭାରତୀୟ ଘରୋଇ କ୍ରିକେଟରେ ଯୁବରାଜ ସିଂ ମାତ୍ର ୧୫ବର୍ଷ ବୟସରେ ମୁମ୍ବାଇ ବିପକ୍ଷରେ ନିଜର ରଣଜୀ ଡେବ୍ୟୁ କରିଥିଲେ । ଏବେ ସୁଯୋଗ ଅପେକ୍ଷାରେ ଥିବା ବୈଭବଙ୍କର ଭାରତୀୟ କ୍ରିକେଟରେ ଏକ ଉଜ୍ଜ୍ୱଳ ଭବିଷ୍ୟତ ରହିଛି ବୋଲି କୁହାଯାଇପାରେ । ଅନ୍ୟତମ ଯୁବ ତାମିଲନାଡୁ ଖେଳାଳି ଆନ୍ଦ୍ରେ ସିଦ୍ଧାର୍ଥ ଏଥର ମଧ୍ୟ ଆଇପିଏଲ ଖେଳିବା ପାଇଁ ସୁଯୋଗ ପାଇଛନ୍ତି । ବିସ୍ଫୋରକ ବ୍ୟାଟିଂ ପାଇଁ ବେଶ୍ ଜଣାଶୁଣା ଏହି ଯୁବ ବ୍ୟାଟରଙ୍କୁ ଚେନ୍ନାଇ ସୁପର କିଙ୍ଗ୍ସ ନିଜ ଦଳରେ ସାମିଲ କରିଛି । ସେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଟି୨୦ ମ୍ୟାଚ ଖେଳି ନ ଥିବା ବେଳେ ଘରୋଇ କ୍ରିକେଟରେ ରଣଜୀ ଟ୍ରଫିରେ ୬୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଛନ୍ତି । ତାମିଲନାଡୁ ପ୍ରିମିୟର ଲିଗ୍‌ରେ ଚମତ୍କାର ପ୍ରଦର୍ଶନ କରି ଚେନ୍ନାଇ ସୁପର କିଙ୍ଗ୍ସର ଫ୍ରାଞ୍ଚାଇଜର ଦୃଷ୍ଟି ଆକର୍ଷଣ କରିଥିଲେ । ୩୦ ଲକ୍ଷ ବେସ୍ ପ୍ରାଇସରେ ଚେନ୍ନାଇ ତାଙ୍କୁ ଦଳରେ ସାମିଲ କରିଛି । ମ୍ୟାଚ ଖେଳିବାକୁ ସୁଯୋଗ ଅପେକ୍ଷାରେ ରହିଛନ୍ତି ଏହି ଯୁବ ଖେଳାଳି ।

୧୯ ବର୍ଷୀୟ ସ୍ୱସ୍ତିକ ଚିକାରା ଆଉ ଜଣେ ଯୁବ ବ୍ୟାଟର । ଚାପରେ ଭଲ ଖେଳୁଥିବା ଚିକାରା ଟପ ଅର୍ଡରରେ ମଧ୍ୟ ଭଲ ବ୍ୟାଟିଂ କରିପାରନ୍ତି । ଭାରତୀୟ ଘରୋଇ ଟୁର୍ନାମେଣ୍ଟରେ ନିଜର ଦକ୍ଷତା ପ୍ରତିପାଦନ କରିବା ସହିତ ସେ ସୁଯୋଗ ଅପେକ୍ଷାରେ ରହିଛନ୍ତି । ଘରୋଇ ମୁସ୍ତାକ ଅଲ୍ଲୀ ଟ୍ରଫିରେ ୪ଟି ମ୍ୟାଚ ଖେଳି ଭଲ ପ୍ରଦର୍ଶନ କରିଛନ୍ତି । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଫ୍ରାଞ୍ଚାଇଜ ଏହି ଯୁବ ଖେଳାଳିଙ୍କୁ ୩୦ ଲକ୍ଷ ଟଙ୍କାରେ ଦଳରେ ସାମିଲ କରିଛି ।

ୱେନା ମାଫାକା ଦକ୍ଷିଣ ଆଫ୍ରିକାର ଅନ୍ୟତମ ଯୁବ ପେସ୍ ବୋଲର । ୧୫୦ କିମି ବେଗରେ ବୋଲିଂ କରିପାରୁଥିବା ଏହି ଯୁବ ଫାଷ୍ଟ ବୋଲର ୨୦୨୪ରେ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ । ରାଜସ୍ଥାନ ରୟାଲ୍ସ ସହିତ ଚୁକ୍ତିବଦ୍ଧ ଏହି ଯୁବ ଫାଷ୍ଟ ବୋଲର ୧.୫ କୋଟିରେ ବିକ୍ରି ହୋଇଛନ୍ତି । ପୂର୍ବ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳିଥିବା ଏହି ପ୍ରତିଭାସମ୍ପନ୍ନ ଖେଳାଳି ଆଇପିଏଲ୍‌ରେ ୨ ମ୍ୟାଚ ଖେଳି ଗୋଟିଏ ଉଇକେଟ ନେବା ସହ ୮୯ ରନ୍ କରିଛନ୍ତି । ଏବେ ସୁଯୋଗ ଅପେକ୍ଷାରେ ଏହି ଯୁବ ଅଲରାଉଣ୍ଡର ।

ସେହିପରି ଭାରତୀୟ ଖେଳାଳି ମୁସୀର ଖାନ୍‌ଙ୍କୁ ପଞ୍ଜାବ କିଙ୍ଗ୍ସ ଦଳରେ ସାମିଲ କରିଛି । ଭାରତୀୟ ଯୁବଦଳ ଗତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଚାମ୍ପିୟନ ହେବାରେ ତାଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ୨୦ ବର୍ଷୀୟ ଏହି ଯୁବ ଅଲରାଉଣ୍ଡର ଘରୋଇ କ୍ରିକେଟରେ ୯ଟି ପ୍ରଥମ ଶ୍ରେଣୀ ମ୍ୟାଚରେ ୩ଟି ଶତକ ଓ ଗୋଟିଏ ଦ୍ୱିଶତକ ସହ ଦମଦାର ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି । ତାଙ୍କର ବେଶ୍ ପ୍ରାଇସ୍ ଥିଲା ୩୦ ଲକ୍ଷ ଟଙ୍କା । ଏପରି ଅନେକ ଯୁବ ଖେଳାଳି ଚଳିତ ଆଇପିଏଲ୍‌ରେ ସୁଯୋଗ ଅପେକ୍ଷାରେ ରହିଥିବା ବେଳେ ଏକମାତ୍ର ବିଘ୍ନେଶ ପୁଥୁରଙ୍କୁ ସୁଯୋଗ ମିଳିଛି । ଅନ୍ୟମାନେ ସୁଯୋଗ ଅପେକ୍ଷାରେ ରହିଛନ୍ତି । ଆଶା କରାଯାଉଛି ସେମାନେ ସୁଯୋଗ ପାଇଲେ ଚମତ୍କାର ପ୍ରଦର୍ଶନ କରିବେ ।




# ଭାଗ୍ୟ ବଦଳିବା ଆଶାରେ ଭାଗ୍ୟଶ୍ରୀ

ଟୋକିଓ ୨୦୨୦ ଓ ପ୍ୟାରିସ୍ ୨୦୨୪ ପାରାଲିମ୍ପିକ୍ସରେ ଭାରତରୁ ପ୍ରତିନିଧିତ୍ୱ କରିଥିବା ଭାଗ୍ୟଶ୍ରୀ ଯାଦବ ଗତ ଖେଲୋ ଇଣ୍ଡିଆ ପାରା ଗେମ୍ସର ଶଟପୁଟ ଓ ଜାଭେଲିନରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଦୁଇ ପାରାଲିମ୍ପିକ୍ସରେ ପଦକ ହାସଲ କରିବାରେ ବିଫଳ ହୋଇଥିଲେ ମଧ୍ୟ ୨୦୨୮ରେ ତାଙ୍କ ଭାଗ୍ୟ ଚମକିବ ବୋଲି ଆଶା ରଖିଛନ୍ତି ଏହି ପାରା ଆଥ୍‌ଲେଟ...

ସଫଳତାରେ ପହଞ୍ଚିବାର ରାସ୍ତା ଲମ୍ବା ଓ ବାଧାପୂର୍ଣ୍ଣ ହୋଇଥାଇପାରେ । କିନ୍ତୁ ଅସଲ ଧୈର୍ଯ୍ୟ ବଳରେ ଚାମ୍ପିୟନ୍ସ ତିଆରି ହୁଅନ୍ତି । ପ୍ୟାରିସ ପାରାଲିମ୍ପିକ୍ସରେ ସୁମତ ଆଣ୍ଟିଲଙ୍କ ସହିତ ଭାରତୀୟ ପତାକା ବହନ କରିଥିବା ଭେଟେରାନ ମହିଳା ଶଟ ପୁଟର ଓ ଜାଭେଲିନ ଥ୍ରୋୟର ଭାଗ୍ୟଶ୍ରୀ ଯାଦବ ଲସ୍ ଏଞ୍ଜେଲ୍ସ ୨୦୨୮ ପାରାଲିମ୍ପିକ୍ସରେ ପଦକ ଜିତିବାକୁ ଲକ୍ଷ୍ୟ ରଖିଛନ୍ତି । ଟୋକିଓ ୨୦୨୦ ଓ ପ୍ୟାରିସ ୨୦୨୪ ପାରାଲିମ୍ପିକ୍ ଗେମ୍ସରେ ଭାରତକୁ ପ୍ରତିନିଧିତ୍ୱ କରିଥିବା ଭାଗ୍ୟଶ୍ରୀ ଗତ ଖେଲୋ ଇଣ୍ଡିଆ ପାରା ଗେମ୍ସ(କେଆଇପିଜି)ରେ ଶଟ ପୁଟ ଓ ଜାଭେଲିନରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଟୋକିଓ ୨୦୨୦ ଓ ପ୍ୟାରିସ ୨୦୨୪ ଗେମ୍ସରେ ପଦକ ହାସଲ କରିବାରେ ବିଫଳ ହୋଇଥିବା ଏହି ପାରା ଆଥ୍‌ଲେଟ ୨୦୨୮ରେ ତାଙ୍କ ଭାଗ୍ୟ ଚମକିବ ବୋଲି ଆଶା ରଖିଛନ୍ତି ।

ମହାରାଷ୍ଟ୍ରର ୩୭ ବର୍ଷୀୟ ଭାଗ୍ୟଶ୍ରୀ ଜବାହରଲାଲ ନେହରୁ ଷ୍ଟାଡିୟମ ଦେଖି ଖେଳ ପ୍ରତି ଆକର୍ଷିତ ହୋଇଥିଲେ । ହୁଇଲ ଚେୟାର ସାହାରାରେ ଚଳପ୍ରଚଳ କରୁଥିବା ଭାଗ୍ୟଶ୍ରୀ ଖେଲୋ ଇଣ୍ଡିଆରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଏଫ୍‌୩୩-୩୪ (ଜଙ୍ଘ ତଳକୁ ଅକ୍ଷମ) କାଟେଗୋରିରେ ସେ ଗତ ସାଢ଼େ ୩ ବର୍ଷରେ ୬ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଜବାହରଲାଲ ନେହରୁ ଷ୍ଟାଡିୟମ ସମ୍ପର୍କରେ ସେ କୁହନ୍ତି ଯେ ଏହା ଏକ ଐତିହାସିକ ଭେନ୍ୟୁ । ମୋ ମତରେ ମୁଁ ଏଠାରେ ମୋର ଶ୍ରେଷ୍ଠ ପ୍ରଦର୍ଶନ ଦେଇପାରିବି । ଏହି ଷ୍ଟାଡିୟମ ଭାରତୀୟ ଆଥ୍‌ଲେଟିକ୍ସର ଇତିହାସ ଦେଖିଛି । ପ୍ରଥମ ଖେଲୋ ଇଣ୍ଡିଆ ପାରା ଗେମ୍ସ ସଂସ୍କରଣରେ ମୁଁ ଏଠାରେ ପାଦ ରଖିବା ପରେ କିଛି ଭିନ୍ନ ଅନୁଭବ କରିଥିଲି । ଏହି ଭେନ୍ୟୁ ପାରା ଆଥ୍‌ଲେଟଙ୍କ ଲାଗି ଖୁବ୍ ଉପଯୋଗୀ । ଏଠାରେ ଆମେ ବିନା କୌଣସି ଚିନ୍ତାରେ ଆମ ପ୍ରଦର୍ଶନ ଉପରେ ଫୋକସ କରିପାରିଛୁ ବୋଲି ପ୍ରକାଶ କରିଛନ୍ତି । ଭାଗ୍ୟଶ୍ରୀ ଶଟ ପୁଟରେ ୭.୩୦ ମିଟର ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ଜିତିଥିଲେ । ସେ ଦ୍ୱିତୀୟ ସ୍ଥାନରେ ରହିଥିବା କର୍ନାଟକର ମେଧା ଜୟନ୍ତଙ୍କୁ ୪.୬୫ ମିଟର ବ୍ୟବଧାନରେ ପଛରେ ଛାଡ଼ିଥିଲେ । ଏଥି ପୂର୍ବରୁ ଭାଗ୍ୟଶ୍ରୀ ଜାଭେଲିନ ଥ୍ରୋ ପ୍ରତିଯୋଗିତାରେ ୧୩.୫୭ ମିଟର ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଉତ୍ତର ପ୍ରଦେଶର ଦୀପିକା ରାନୀ (୧୦.୪୨ ମି.) ରୌପ୍ୟ ପଦକ ଜିତିଥିଲେ । ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକକୁ ଭାଗ୍ୟଶ୍ରୀ ୩ ମିଟର ବ୍ୟବଧାନରେ ଜିତି ନେଇଥିଲେ । ପୂର୍ବରୁ ୨୦୨୩ କେଆଇପିଜିରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ ।

୨୦୧୭ରେ ପାରା ସ୍ପୋର୍ଟ୍ସରେ ପ୍ରବେଶ କରିବା ପୂର୍ବରୁ ଭାଗ୍ୟଶ୍ରୀ ଜବାହରଲାଲ ନେହରୁ ଷ୍ଟାଡିୟମରେ ସେହି ବର୍ଷ ମାର୍ଚ୍ଚରେ ଅନୁଷ୍ଠିତ ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଗ୍ରାଁ ପ୍ରିରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ । ଏହି ସଫଳତା ପରେ ସେ ପାରାଲିମ୍ପିକ୍ସରେ ଭାଗ ନେବାକୁ ପ୍ରସ୍ତୁତି କରିଥିଲେ । ମୋ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ପାରାଲିମ୍ପିକ୍ସ । ଯଦିଓ ଏହାକୁ ଆହୁରି ୩ ବର୍ଷ ଅଛି, ମୁଁ ତୃତୀୟ ଥର ପାଇଁ ଭାଗ ନେବାକୁ ଚାହେଁ । ଟୋକିଓ ଅଲିମ୍ପିକ୍ସରେ ମୁଁ ଶଟ ପୁଟରେ ସପ୍ତମ ସ୍ଥାନରେ ରହିଥିବା ବେଳେ ପ୍ୟାରିସ ଗେମ୍ସରେ ମୁଁ ପଞ୍ଚମ ସ୍ଥାନରେ ରହିଥିଲି । କିନ୍ତୁ ଏଥର ଦେଶ ପାଇଁ ପଦକ ଜିତିବା ମୋର ଲକ୍ଷ୍ୟ ବୋଲି ସେ କହିଛନ୍ତି ।

ତାଙ୍କ ସଫଳତା ପୂର୍ବରୁ ମହାରାଷ୍ଟ୍ରର ହନଭାଡାଜ ନାମକ ଛୋଟିଆ ଗାଁରେ ପାରା ସ୍ପୋର୍ଟ୍ସ ବିଷୟରେ କେହି ଜାଣି ନ ଥିଲେ । ଭାଗ୍ୟଶ୍ରୀ ଏକ ଯୌଥ ପରିବାରରେ ରୁହନ୍ତି । ୨୦୦୬ରେ ଏକ ଦୁର୍ଘଟଣା ଯୋଗୁ ସେ କୋମାକୁ ଚାଲିଯାଇଥିଲେ ଏବଂ ଦୀର୍ଘଦିନ ପର୍ଯ୍ୟନ୍ତ ଭେଣ୍ଟିଲେଟରରେ ରହିଥିଲେ । ଏହି ସମୟରେ ତାଙ୍କ ପରିବାର ତାଙ୍କ ସହ ଛିଡ଼ା ହୋଇଥିଲା । ''ମୋ ସଫଳତା ପଛରେ ମୋ ପରିବାର ରହିଛି । ଦୁର୍ଘଟଣା ଯୋଗୁ ଦୀର୍ଘ ଦିନ ପର୍ଯ୍ୟନ୍ତ ଭେଣ୍ଟିଲେଟରରେ ଥିଲି । ମୁଁ ଜୀବନ ଓ ମୃତ୍ୟୁ ମଧ୍ୟରେ ଝୁଲୁଥିଲି । ସ୍ନାୟୁଗତ ସମସ୍ୟା ଯୋଗୁ କୋମାରେ ଥିଲି । ଦୁର୍ଘଟଣା ପୂର୍ବରୁ ମୋ ଗୋଡ଼ ଠିକ୍ ଭାବେ କାମ କରୁଥିଲା । ହଠାତ୍ ଦୁର୍ଘଟଣା ପରେ ମୁଁ କୋମାକୁ ଚାଲିଯାଇଥିବାବେଳେ ପୂରା ପରିବାର ମୋ ସପକ୍ଷରେ ଛିଡ଼ା ହୋଇଥିଲା । ମୁଁ ସେହି ଦୁର୍ଘଟଣାକୁ ମନେ ପକାଇବାକୁ ଚାହୁଁ ନାହିଁ । କାରଣ ତାହା ଖୁବ୍ ଯନ୍ତ୍ରଣା ଦାୟକ ଥିଲା । କିନ୍ତୁ ମୁଁ ସେହି ଦୁର୍ଘଟଣାରୁ ଖୁବ୍ ଆଗକୁ ଚାଲି ଆସିଛି । ବର୍ତ୍ତମାନ ମୁଁ ମୋ ପରିବାର, ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିବାକୁ ଚାହେଁ'' ବୋଲି ଭାଗ୍ୟଶ୍ରୀ ପ୍ରକାଶ କରିଛନ୍ତି ।

ପାରା ସ୍ପୋର୍ଟ୍ସରେ ତାଙ୍କ ଅଭିଯାନ ପାଇଁ ଭାଗ୍ୟଶ୍ରୀ ତାଙ୍କ ଭାଇ ଜର୍ନାଲିଷ୍ଟ ପ୍ରକାଶ ଯାଦବ କାମ୍ବଲେଙ୍କୁ ଶ୍ରେୟ ଦେଇଛନ୍ତି । ''ମୋ ଭାଇ ମୋତେ ଭିନ୍ନକ୍ଷମ ଖେଳରେ ଭାଗ୍ୟ ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ଏଣୁ ମୁଁ ଏଥିରେ ପ୍ରବେଶ କରିଥିଲି । ୨୦୧୭ଠାରୁ ପାରା ସ୍ପୋର୍ଟ୍ସରେ ସକ୍ରିୟ ଅଛି । ଶଟ ପୁଟ ଓ ଜାଭେଲିନରେ କ୍ୟାରିୟର ଆରମ୍ଭ କରିଥିଲି । ୨୦୧୭ରେ ପୁଣେଠାରେ ମେୟର୍ସ କପ୍ ମୋର ପ୍ରଥମ ଟୁର୍ନାମେଣ୍ଟ ଥିଲା, ଯେଉଁଠାରେ ମୁଁ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲି'' ବୋଲି ପ୍ରକାଶ କରିଛନ୍ତି ଦକ୍ଷ ପାରା ଆଥ୍‌ଲେଟ ଭାଗ୍ୟଶ୍ରୀ ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଭାଗ୍ୟଶ୍ରୀ ଯାଦବ ।

## ଅବସର ନେବେ ଗୈଟେନ ଥିନି

ଫ୍ରାନ୍ସ ମହିଳା ମିଡ୍‌ଫିଲ୍ଡର ଗୈଟେନ ଥିନି ଚଳିତ ସିଜନ ଶେଷରେ ଫୁଟ୍‌ବଲରୁ ଅବସର ନେବେ । ଫ୍ରାନ୍ସ ଦଳ ପାଇଁ ୧୬୩ ମ୍ୟାଚ୍‌ରେ ୫୮ ଗୋଲ କରିଥିବା ଥିନି ଏ ନେଇ ବୁଧବାର ସୂଚନା ଦେଇଛନ୍ତି । ୩୯ ବର୍ଷୀୟା ଥିନି ଆସନ୍ତା ମାସରେ ପ୍ୟାରିସ୍ ସେଣ୍ଟ-ଜର୍ମେନ ବିପକ୍ଷରେ ହେବାକୁଥିବା ଫ୍ରେଞ୍ଚ୍ କପ୍ ଫାଇନାଲ ମ୍ୟାଚ ପରେ ଅବସର ନେବେ ବୋଲି ଅନୁମାନ କରାଯାଉଛି । ପ୍ରତ୍ୟେକ କାହାଣୀର ଅନ୍ତ ଥାଏ । ଜଣେ ଶୀର୍ଷସ୍ତର ଖେଳାଳି ଭାବେ ମୋ ଅଭିଯାନ ଚଳିତ ବର୍ଷ ଶେଷହେବ ବୋଲି ଥିନି କହିଛନ୍ତି । ଫ୍ରାନ୍ସ ଦଳ ପକ୍ଷରୁ ସେ ୨୦୧୨ ଅଲିମ୍ପିକ୍ସ ଏବଂ ୨୦୧୧, ୨୦୧୫ ଓ ୨୦୧୯ ବିଶ୍ୱକପ୍ ଖେଳିଥିଲେ ।



# କେକେଆର୍‌ର ବଡ଼ ବିଜୟ



ଶଟ୍ ଖେଳିବା ଅବସରରେ ଭେଙ୍କଟେଶ ଆୟର।

**କୋଲକାତା,୩।୪**

ଚଳିତ ଆଇପିଏଲ୍‌ରେ ଗୁରୁବାର ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ୮୦ ରନର ବଡ଼ ବ୍ୟବଧାନରେ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍)କୁ ପରାସ୍ତ କରିଛି। ଏହା କୋଲକାତାର ଚତୁର୍ଥ ମ୍ୟାଚରେ ଦ୍ୱିତୀୟ ବିଜୟ ହୋଇଥିବା ବେଳେ ହାଇଦ୍ରାବାଦ ଲାଗି ଏହା ଚତୁର୍ଥ ମ୍ୟାଚରେ ତୃତୀୟ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୦୦ ରନ କରିଥିଲା। ଦଳ ପକ୍ଷରୁ ଭେଙ୍କଟେଶ ଆୟର ୨୯ ବଲରେ ୬୦ (୭ ଚୌକା ଓ ୩ ଛକା) ଓ ଅଙ୍ଗକ୍ରିଶ ରଘୁବଂଶୀ ୩୨ ବଲରେ ୫୦ (୫ ଚୌକା ଓ ୨ ଛକା) ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଅଜିଙ୍କ୍ୟ ରାହାନେ ୨୭ ବଲରେ ୧ ଚୌକା ଓ ୪ ଛକା ସହ ୩୮ ଓ ରିଙ୍କୁ ସିଂ ୧୭ ବଲରେ ୪ ଚୌକା ଓ ୧ ଛକା ସହିତ ୩୨ ରନ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ମହମ୍ମଦ ଶାମି, କମିନ୍ସ, ଜିଶାନ ଅନସାରୀ ଓ କାମିଣ୍ଡୁ ମେଣ୍ଡିସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ହାଇଦ୍ରାବାଦ ୧୬.୪ ଓଭରରେ ୧୨୦ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ହେନରିଚ କ୍ଲାସେନ ୩୩, କାମିଣ୍ଡୁ ମେଣ୍ଡିସ ୨୭ ଓ ନୀତିଶ କୁମାର ରେଡ୍ଡୀ ୧୯ ରନ କରିଥିଲେ। ବିଜୟୀ କୋଲକାତା ପାଇଁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବୈଭବ ଆରୋରା ଓ ବରୁନ ଚକ୍ରବର୍ତ୍ତୀ ୩ ଲେଖାଏ ଉଇକେଟ ନେଇଥିବା ବେଳେ ଆନ୍ଦ୍ରେ ରସେଲ ୨ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ: ୨୦ ଓଭରରେ ୨୦୦/୬ (ଭେଙ୍କଟେଶ ଆୟର–୬୦, ଅଙ୍ଗକ୍ରିଶ ରଘୁବଂଶୀ–୫୦, ଅଜିଙ୍କ୍ୟ ରାହାନେ–୩୮, ରିଙ୍କୁ ସିଂ–୩୨*, ମହମ୍ମଦ ଶାମି–୧/୨୯, କାମିଣ୍ଡୁ ମେଣ୍ଡିସ–୧/୪)। ସନରାଇଜର୍ସ ହାଇଦ୍ରାବାଦ: ୧୬.୪ ଓଭରରେ ୧୨୦/ଅଲଆଉଟ୍ (ହେନରିଚ କ୍ଲାସେନ–୩୩, କାମିଣ୍ଡୁ ମେଣ୍ଡିସ–୨୭, ବରୁଣ ଚକ୍ରବର୍ତ୍ତୀ–୩/୨୨, ବୈଭବ ଆରୋରା–୩/୨୯, ଆନ୍ଦ୍ରେ ରସେଲ–୨/୨୧)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ଲକ୍ଷ୍ନୌ ବନାମ ମୁମ୍ବାଇ
ସ୍ଥାନ: ଲକ୍ଷ୍ନୌ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୨ | ୨ | ୦ | ୪ | +୧.୪୮୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୨ | ୦ | ୪ | +୧.୩୨୦ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୩ | ୨ | ୧ | ୪ | +୧.୧୪୯ |
| ଗୁଜରାଟ ଟାଇଟନ୍ସ | ୩ | ୨ | ୧ | ୪ | +୦.୮୦୭ |
| କୋଲକାତା ନାଇଟ ରାଇଡର୍ସ | ୪ | ୨ | ୨ | ୪ | +୦.୦୭୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୨ | +୦.୩୦୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୧ | ୨ | ୨ | –୦.୧୫୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୧ | ୨ | ୨ | –୦.୭୭୧ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | –୧.୧୧୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୪ | ୧ | ୩ | ୨ | –୧.୬୧୨ |

# ସୂର୍ଯ୍ୟକୁମାର ମୁମ୍ବାଇ ଛାଡ଼ିବେ ନାହିଁ

**ମୁମ୍ବାଇ,୩।୪(ପି.ଟି.)**



ଭାରତୀୟ ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମୁମ୍ବାଇ ଛାଡ଼ି ଯାଉ ନାହାନ୍ତି। ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ପକ୍ଷରୁ ଗୁରୁବାର ଏହା କୁହାଯାଇଛି। ଯଶସ୍ୱୀ ଜୟସ୍ୱାଲ ଆଗାମୀ ଘରୋଇ ସିଜନ ଲାଗି ମୁମ୍ବାଇ ଛାଡ଼ି ଗୋଆ ଦଳରେ ଯୋଗଦେବା ପରେ ସୂର୍ଯ୍ୟକୁମାର ମଧ୍ୟ ସମାନ ବାଟ ବାଛିପାରନ୍ତି ବୋଲି କିଛି ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ଏମ୍‌ସିଏ ପକ୍ଷରୁ ରିପୋର୍ଟକୁ ଖଣ୍ଡନ କରାଯାଇଛି। ସୂର୍ଯ୍ୟକୁମାର ମୁମ୍ବାଇ ବଦଳରେ ଗୋଆ ପାଇଁ ଆଗାମୀ ଘରୋଇ ସିଜନରେ ଖେଳିବାକୁ ଯାଉଥିବା ନେଇ ସୋସିଆଲ ମିଡିଆରେ ହେଉଥିବା ଗୁଜବ ସମ୍ପର୍କରେ ଏମ୍‌ସିଏକୁ ଜଣାଅଛି। ଏମ୍‌ସିଏ ଅଧିକାରୀ ଗୁରୁବାର ସକାଳେ ସୂର୍ଯ୍ୟଙ୍କ ସହ କଥା ହୋଇଥିଲେ ଏବଂ ଏସବୁ ରିପୋର୍ଟରେ କୌଣସି ସତ୍ୟତା ନ ଥିବା ସେ ସ୍ପଷ୍ଟ କରିଛନ୍ତି। ସୂର୍ଯ୍ୟ କୁମାର ମୁମ୍ବାଇ ପାଇଁ ଖେଳିବା ଲାଗି ପ୍ରତିବଦ୍ଧ ଏବଂ ମୁମ୍ବାଇ ଲାଗି ଖେଳୁଥିବାରୁ ଗର୍ବିତ। ଆମେ ସଭିଙ୍କୁ ମିଥ୍ୟା ଖବର ପ୍ରସାର କରିବାଠାରୁ ଦୂରେଇ ରହିବାକୁ ଅନୁରୋଧ କରୁଛୁ ବୋଲି ଏମ୍‌ସିଏ ସମ୍ପାଦକ ଅଭୟ ହଡପ କହିଛନ୍ତି।

# ଘରୋଇ କଣ୍ଡିଶନ ଉପରେ ଦଳର ନିୟନ୍ତ୍ରଣ ରହିବା ଦରକାର

**ନୂଆଦିଲ୍ଲୀ,୩।୪**

**ଆଇପିଏଲ୍‌ରେ ପିଚ୍ ବିବାଦ**

ପୂର୍ବତନ ଭାରତୀୟ କ୍ରିକେଟର ତଥା ବର୍ତ୍ତମାନ ଭାଷ୍ୟକାର ଆକାଶ ଚୋପ୍ରାଙ୍କ ମତରେ ପିଚ୍ ପ୍ରସ୍ତୁତି ଘରୋଇ ଦଳର ନିୟନ୍ତ୍ରଣରେ ରହିବା ଦରକାର। କାରଣ ଦର୍ଶକଙ୍କ ସମର୍ଥନ ଭଳି ଘରୋଇ ଗ୍ରାଉଣ୍ଡର ଫାଇଦା ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ।

'ମୋ ମତରେ ପ୍ରତ୍ୟେକ ଘରୋଇ ଦଳ ପାଖରେ ସେମାନେ ଚାହୁଁଥିବା ସର୍ଫେସ ବାଛିବାର ଅଧିକାର ରହିବା ଦରକାର। ସେମାନେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ପିଚ ଲାଗି ଅନୁରୋଧ କରିପାରିବେ। କାରଣ ଘରୋଇ ଗ୍ରାଉଣ୍ଡର ଫାଇଦା ଉଠାଇବା ଗୁରୁତ୍ୱପୂର୍ଣ୍ଣ। ଘରୋଇ ଗ୍ରାଉଣ୍ଡରେ ଖେଳିବାର ଦୁଇଟି ଫାଇଦା ରହିଥାଏ। ଗୋଟିଏ ହେଲା ପିଚର କଣ୍ଡିଶନ ଓ ଦର୍ଶକଙ୍କ ସମର୍ଥନ। ନ ହେଲେ ପ୍ରତ୍ୟେକ ମ୍ୟାଚ ବାହାରେ ଖେଳିବା ଭଳି ଅନୁଭବ ହେବ। କିନ୍ତୁ ସର୍ଫେସ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଦର୍ଶକଙ୍କ ସମର୍ଥନ ଦ୍ୱିତୀୟରେ। ଯଦି ଏକ ଦଳ ପିଚ କଣ୍ଡିଶନ ଉପରେ ନିୟନ୍ତ୍ରଣ ହରାଇବ, ତେବେ ସେମାନଙ୍କ ପୂରା ଷ୍ଟ୍ରାଟେଜି ନଷ୍ଟ ହୋଇଯାଇପାରେ' ବୋଲି ଆକାଶ ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ କହିଛନ୍ତି। ଚଳିତ ଆଇପିଏଲ୍‌ର ପ୍ରାରମ୍ଭିକ ପର୍ଯ୍ୟାୟରେ ପିଚ୍ କଣ୍ଡିଶନ ଏକ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଇଡେନ ଗାର୍ଡେନ୍ସରେ ପିଚ ପ୍ରସ୍ତୁତିରେ ସେମାନଙ୍କ ପ୍ରଭାବ ରହୁ ନ ଥିବା କୋଲକାତା ନାଇଟ୍ ରାଇଡର୍ସ (କେକେଆର) ମୁଖ୍ୟ କୋଚ୍ ଚନ୍ଦ୍ରକାନ୍ତ ପଣ୍ଡିତ ଦାବି କରିଥିଲେ। ସେହିଭଳି ଚେନ୍ନାଇ ସୁପର କିଙ୍ଗ୍ସ ମୁଖ୍ୟ କୋଚ ଷ୍ଟିଫେନ ଫ୍ଲେମିଂ ତାଙ୍କ ଦଳକୁ ଅତ୍ୟଧିକ ଘରୋଇ ଗ୍ରାଉଣ୍ଡର ଫାଇଦା ମିଳୁଥିବା ନେଇ ଚର୍ଚ୍ଚାକୁ ଖଣ୍ଡନ କରିବା ସହ ନିକଟରେ ତାଙ୍କ ଦଳ ଘରୋଇ ପିଚ୍‌କୁ ପଢ଼ିବାରେ ସଂଘର୍ଷ କରୁଥିବା କହିଥିଲେ।

# ଆଥ୍‌ଲେଟ୍‌ଙ୍କୁ ଗୋଟିଏ ଇଭେଣ୍ଟରେ ଭାଗ ନେବା ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୩।୪(ପି.ଟି.)**

ଆଥ୍‌ଲେଟିକ୍ସ ଫେଡେରେଶନ ଅଫ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ୨୦୨୫ ସିଜନର ପ୍ରଥମ ଜାତୀୟ ଚାମ୍ପିୟନଶିପ ଫେଡେରେଶନ କପ୍‌ରେ ଅଂଶଗ୍ରହଣ କରିବା ପାଇଁ ଆଥ୍‌ଲେଟଙ୍କୁ ଅତିକମରେ ଏକ ଆଞ୍ଚଳିକ ପ୍ରତିଯୋଗିତା କିମ୍ବା ଗ୍ରାଁ ପ୍ରି ଭଳି ଇଭେଣ୍ଟରେ ଭାଗ ନେବା ବାଧ୍ୟତାମୂଳକ କରାଯାଇଛି। ଆଥଲେଟ୍‌ଙ୍କ ପ୍ରସ୍ତୁତି ଓ ପ୍ରଦର୍ଶନରେ ସ୍ଥିରତା ନିଶ୍ଚିତ କରିବା ଲାଗି ଏହା କରାଯାଇଛି। ମେ' ୨୭ରୁ ୩୧ ପର୍ଯ୍ୟନ୍ତ କୋରିଆରେ ଏସିଆନ ଚାମ୍ପିୟନଶିପ୍ ହେବାକୁ ଯାଉଛି। ଏଥିଲାଗି ଚଳିତ ମାସ ୨୧ରୁ ୨୪ ପର୍ଯ୍ୟନ୍ତ କୋଚିଠାରେ ହେବାକୁ ଥିବା ଫେଡେରେଶନ୍ କପ୍‌ରେ ପ୍ରଦର୍ଶନ ଆଧାରରେ ଭାରତୀୟ ଦଳ ଚୟନ କରାଯିବ। କିନ୍ତୁ ଏଏଫ୍‌ଆଇ ଦ୍ୱାରା ଟ୍ରେନିଂ ଲାଗି ବିଦେଶ ପଠାଯାଇଥିବା ଦୁଇ ଥରର ଅଲିମ୍ପିକ ପଦକଧାରୀ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରାଙ୍କ ଭଳି ଆଥଲେଟ୍‌ଙ୍କୁ ଏହି ନିୟମରୁ ଛାଡ଼ ପ୍ରଦାନ କରାଯାଇଛି।

ଫେଡେରେଶନ କପ୍‌ରେ ଭାଗ ନେବା ପାଇଁ ଆଥ୍‌ଲେଟଙ୍କୁ ଚଳିତବର୍ଷ ଏଏଫ୍‌ଆଇ ଦ୍ୱାରା ସିଧାସଳଖ ଆୟୋଜନ କରାଯାଇଥିବା ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ। ଅତିକମ୍‌ରେ ଗୋଟିଏ ଆଞ୍ଚଳିକ ପ୍ରତିଯୋଗିତା (ଇଣ୍ଡିଆନ ଓପନ ଆଥଲେଟିକ୍ସ ମିଟ ପଞ୍ଜାବ, ଗୁଜରାଟ, ଝାଡ଼ଖଣ୍ଡ, ତାମିଲନାଡୁ) କିମ୍ବା ଚତୁର୍ଥ ଇଣ୍ଡିଆନ ଓପନ ଥ୍ରୋସ/ଜମ୍ପ୍ସ, ଷଷ୍ଠ ଇଣ୍ଡିଆନ ଓପନ ୪୦୦ ମିଟର/ଇଣ୍ଡିଆନ ଗ୍ରାଁ ପ୍ରିରେ ଭାଗନେବା ବାଧ୍ୟତାମୂଳକ କରାଯାଇଛି। କୌଣସି ପୁରୁଣା ପ୍ରଦର୍ଶନକୁ ହିସାବକୁ ନିଆଯିବ ନାହିଁ। କେବଳ ୨୦୨୫ରେ ଅନୁଷ୍ଠିତ ଇଭେଣ୍ଟର ପ୍ରଦର୍ଶନ ଆଧାରରେ ଚୟନ କରାଯିବ ବୋଲି ଏଏଫ୍‌ଆଇ ପକ୍ଷରୁ ଜାରି କରାଯାଇଥିବା ସର୍କ୍ୟୁଲାରରେ କୁହାଯାଇଛି।

ଚଳିତବର୍ଷ ଆଥଲେଟ୍‌ଙ୍କୁ ସେମାନଙ୍କ ଅଞ୍ଚଳରେ ଭାଗ ନେବା ପାଇଁ ସୁଯୋଗ ପ୍ରଦାନ କରିବା ଲାଗି ୮ଟି ଇଣ୍ଡିଆନ ଓପନ ପ୍ରତିଯୋଗିତା ଆୟୋଜନ କରାଯିବ। ଏଭଳି ଏକ ପ୍ରତିଯୋଗିତା ଗତ ୧ ତାରିଖରେ ପଞ୍ଜାବର ସାଙ୍ଗରୁରଠାରେ ହୋଇଥିଲା। ଫେଡେରେଶନ କପ ପୂର୍ବରୁ ଗୁଜରାଟ (ଏପ୍ରିଲ ୫), ରାଞ୍ଚି (ଏପ୍ରିଲ ୧୦) ଓ ଚେନ୍ନାଇ (ଏପ୍ରିଲ ୧୫)ରେ ୩ଟି ଇଭେଣ୍ଟ ହେବ।

# ପ୍ରଥମ ଲେଗ୍ ସେମିରେ ଜାମଶେଦପୁର ବିଜୟୀ



ଜାମଶେଦପୁର ଏଫ୍‌ସି ଓ ମୋହନ ବାଗାନ ସୁପର ଜାଏଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଜାମଶେଦପୁର, ୩।୪ (ପି.ଟି.)**

**ଇଣ୍ଡିଆନ ସୁପର ଲିଗ୍**

ଇଞ୍ଜୁରୀ ଟାଇମ୍‌ରେ ଜାଭି ହର୍ନାଣ୍ଡେଜ୍‌ଙ୍କ ଗୋଲ୍ ସହାୟତାରେ ଜାମଶେଦପୁର ଏଫ୍‌ସି ଏଠାରେ ଗୁରୁବାର ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଏକ ପ୍ରଥମ ଲଗ୍ ସେମିଫାଇନାଲରେ ମୋହନ ବାଗାନ ସୁପର ଜାଏଣ୍ଟ୍ସକୁ ୨–୧ ଗୋଲ୍‌ରେ ପରାସ୍ତ କରିଛି। ସ୍ଥାନୀୟ ଜେ.ଆର୍.ଡି. ଟାଟା ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଲିଗ୍ ଶିଲ୍ଡ ବିଜେତା ବିପକ୍ଷ ମ୍ୟାଚରେ ଖଲିଦ ଜମିଲଙ୍କଠାରୁ କୋଚିଂ ନେଉଥିବା ଦଳ ନିକଟରେ ବଲ୍ ମାତ୍ର ୨୬.୯% ସମୟ ଅକ୍ତିଆରରେ ରହିଥିଲା। ମାତ୍ର ସେମାନଙ୍କୁ ମିଳିଥିବା ୪ ଗୋଲ ସୁଯୋଗ ମଧ୍ୟରୁ ୨ଟି କାର୍ଯ୍ୟକାରୀ କରିବାରେ ସଫଳ ରହିଥିଲେ। ହର୍ନାଣ୍ଡେଜ ଇଞ୍ଜୁରୀ ଟାଇମିଂରେ ଗୋଲ ସ୍କୋରକରି ଦଳକୁ ଜିତାଇଥିଲେ। ଜାଭି ସିଭେରିଓ (୨୪ତମ ମିନିଟ) ମ୍ୟାଚର ପ୍ରଥମ ଗୋଲ ସ୍କୋର କରି ଜାମଶେଦପୁରକୁ ଅଗ୍ରଣୀ କରାଇଥିଲେ। ବିପକ୍ଷ ଦଳର ଜାସନ କମିନ୍ସ ୩୬ତମ ମିନିଟରେ ଗୋଲ ଦେଇ ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ହର୍ନାଣ୍ଡେଜ ୯୦+୧ତମ ମିନିଟରେ ଗୋଲ୍ ସ୍କୋର କରି ଆୟୋଜକ ଦଳକୁ ବିଜୟୀ କରାଇଥିଲେ। ଦୁଇ ଦଳ ସେମିଫାଇନାଲର ଦ୍ୱିତୀୟ ଲେଗ୍‌ରେ ପରସ୍ପରକୁ ଏପ୍ରିଲ ୭ରେ କୋଲକାତାଠାରେ ପରସ୍ପର ଭେଟିବେ।

# ସ୍ୱଦେଶ ଫେରିଲେ କାଗିସୋ ରାବାଡା

**ନୂଆଦିଲ୍ଲୀ,୩।୪(ପି.ଟି.):** ଦକ୍ଷିଣ ଆଫ୍ରିକୀୟ ପେସ ବୋଲର କାଗିସୋ ରାବାଡା ବ୍ୟକ୍ତିଗତ କାରଣ ଯୋଗୁ ସ୍ୱଦେଶ ଫେରି ଯାଇଛନ୍ତି। ଏ ନେଇ ତାଙ୍କ ଆଇପିଏଲ୍ ଫ୍ରାଞ୍ଚାଇଜ ଗୁଜରାଟ ଟାଇଟନ୍ସ (ଜିଟି) ପକ୍ଷରୁ ଗୁରୁବାର କୁହାଯାଇଛି। ତେବେ ରାବାଡା କେତେ ସମୟ ପର୍ଯ୍ୟନ୍ତ ଆଇପିଏଲ୍‌ରୁ ଦୂରେଇ ରହିବେ, ସେ ସମ୍ପର୍କରେ କିଛି କୁହାଯାଇ ନାହିଁ। ଚଳିତ ଆଇପିଏଲ୍‌ରେ ସେ ଦୁଇଟି ମ୍ୟାଚ ଖେଳିଛନ୍ତି। ରାବାଡାଙ୍କ ଅନୁପସ୍ଥିତିରେ ଜିଟି ତାଙ୍କ ଦକ୍ଷିଣ ଆଫ୍ରିକୀୟ ସାଥି ଜେରାଲ୍ଡ କୋଜି କିମ୍ବା ଆଫଗାନିସ୍ତାନର ଅଲରାଉଣ୍ଡର କରିମ ଜନତଙ୍କୁ ଖେଳାଇପାରେ।

# କୋହଲି ଫିଟ୍ ଅଛନ୍ତି

**ବେଙ୍ଗାଲୁରୁ, ୩।୪:** ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଆଇକନ ଖେଳାଳି ବିରାଟ କୋହଲି ବୁଧବାର ଗୁଜରାଟ ଟାଇଟନ୍ସ (ଜିଟି) ବିପକ୍ଷ ମ୍ୟାଚରେ ଆହତ ହୋଇଥିଲେ। ହେଲେ ସେ ଠିକ୍ ଥିବା ଦଳର ମୁଖ୍ୟ କୋଚ ଆଣ୍ଡି ଫ୍ଲାୱର ଆଶ୍ୱାସନା ଦେଇଛନ୍ତି। କୋହଲି ଫିଲ୍ଡିଂ କରୁଥିବା ବେଳେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। କିନ୍ତୁ ଚିନ୍ତା କରିବାର କିଛି ନ ଥିବା ଫ୍ଲାୱର କହିଛନ୍ତି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ